# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୬/୨୦୨୫ (୧୬ ପୃଷ୍ଠା) Bhubaneswar, Thursday, June 26/2025 Page 16 ₹ 7.00

୫୧ଶ ଭାଗ ୨୧୧ ସଂଖ୍ୟା VOLUME 51 ISSUE 211 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul


# ବର୍ଷକୁ ୨ ଥର ସିବିଏସ୍‌ଇ ୧୦ମ ପରୀକ୍ଷା

## ■ ୨୦୨୬ ଶିକ୍ଷାବର୍ଷରୁ ଲାଗୁହେବ ■ ପ୍ରଥମ ପରୀକ୍ଷା ବାଧ୍ୟତାମୂଳକ, ୨ୟ ପର୍ଯ୍ୟାୟ ଇଚ୍ଛାଧୀନ


SIKSHA 'O' ANUSANDHAN

SAAT-2025

Empowering students for a brighter future

COMPUTER APPLICATIONS PROGRAMMES
- Bachelor of Computer Applications (BCA)
- Master of Computer Applications (MCA)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


**ନୂଆଦିଲ୍ଲୀ,୨୫।୬**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ୍ (ସିବିଏସ୍‌ଇ) ଦଶମ ବୋର୍ଡ ପରୀକ୍ଷା ବର୍ଷକୁ ୨ ଥର ଅନୁଷ୍ଠିତ ହେବ। ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦)ରେ ସୁପାରିସ କରାଯାଇଥିବା ଏ ସମ୍ପର୍କିତ ନିୟମକୁ ବୁଧବାର ସିବିଏସ୍‌ଇ ପକ୍ଷରୁ ଅନୁମୋଦନ କରାଯାଇଛି। ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ଫଳରେ ୨୦୨୬ ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ବର୍ଷକୁ ୨ ଥର ପରୀକ୍ଷା ଦେଇପାରିବେ। ତେବେ ଫେବୃଆରୀରେ ☞ପୃଷ୍ଠା-୪



ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

ଲଣ୍ଡା ମଣିଷ





DSPL - 144



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ଅନ୍ନ ଅଭିଯାନ

ଲିଙ୍ଗଗତ ସମାନତା, ଜଳବାୟୁ ସହନଶୀଳ, ପୋଷଣ ନିରାପତ୍ତା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ଚାଷୀଙ୍କୁ ସହାୟତା ପ୍ରଦାନ

- ସଘନ ପ୍ରଣାଳୀ, ଧାଡ଼ି ରୁଆ, ଧାଡ଼ି ବୁଣା ପଦ୍ଧତିକୁ ଆପଣେଇବା ନିମନ୍ତେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ରାଜ୍ୟର ୧୭୭ଟି ବ୍ଲକରେ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା
- ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କ୍ଷେତ୍ର ପ୍ରଦର୍ଶନ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ
- ଚାଷୀମାନଙ୍କୁ ଚାଷ ସମ୍ପର୍କିତ ତାଲିମ ଓ ମାର୍ଗଦର୍ଶନ ପ୍ରଦାନ କରାଯାଉଅଛି
- ଶ୍ରୀ ଅନ୍ନ ଅଭିଯାନରେ ସାମିଲ ହେବା ପାଇଁ କୃଷକ ଓଡ଼ିଶା ପୋର୍ଟାଲ୍ (krushak.odisha.gov.in) ରେ ନିଜ ନାମ ପଞ୍ଜିକରଣ କରିବା ଆବଶ୍ୟକ
- ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ଯୋଜନା ଅଧିନସ୍ଥ କୃଷକ ଉତ୍ପାଦକ ସଂଗଠନ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ

ପୁଷ୍ଟିଶସ୍ୟ ଚାଷ କରିବା, କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା

OIPR-01510/13/0057/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର | କୃଷି ସମୃଦ୍ଧି ହେଲ୍ପ ଲାଇନ୍ ନମ୍ବର ୧୫୫୩୩୩

# ଆକ୍ସିଓମ୍-୪: ଶୁଭାଂଶୁଙ୍କ ମହାକାଶଯାତ୍ରା


ଶୁଭାଂଶୁ ଶୁକ୍ଳା

**➪ ସଫଳ ଲଞ୍ଚ୍‌ରୁ ଗଗନୟାନ ମିଶନ ପାଇଁ ପ୍ରସ୍ତୁତି**

**➪ ଆଇଏସ୍ଏସ୍‌କୁ ପ୍ରଥମ, ମହାକାଶ ଯିବାରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ**

ଫ୍ଲୋରିଡା/ଲକ୍ଷ୍ନୌ, ୨୫।୬

ବହୁ ପ୍ରତୀକ୍ଷିତ ମହାକାଶ ମିଶନ 'ଆକ୍ସିଓମ୍-୪'ର ଲଞ୍ଚିଂ ବୁଧବାର ସଫଳତାର ସହ ହୋଇଛି। ଏହାସହ ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ୪୧ ବର୍ଷ ପରେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶରେ ପହଞ୍ଚିଛନ୍ତି। ପୂର୍ବରୁ ୧୯୮୪ରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ମହାକାଶରେ ପହଞ୍ଚିଥିଲେ। ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରର 'ଲଞ୍ଚ୍ କମ୍ପ୍ଲେକ୍ସ-୩୯ଏ'ରୁ ବୁଧବାର ଭାରତୀୟ ସମୟ ମଧ୍ୟାହ୍ନ ୧୨.୦୧ରେ ଫାଲ୍‌କନ୍-୯ ରକେଟ ଯୋଗେ ଏହି ଲଞ୍ଚିଂ ହୋଇଛି। ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ପେଗୀ ହ୍ୱିଟ୍‌ସନ୍, ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଏବଂ ହଙ୍ଗେରୀର ଟିବୋର କାପୁଙ୍କୁ ଧରି ଆମେରିକୀୟ ସ୍ପେସ୍ ଟେକ୍ନୋଲୋଜି କମ୍ପାନୀ ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶ ଯାନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଅଭିମୁଖେ ଗତି କରୁଛି। ଲଞ୍ଚିଂର ୮ ମିନିଟ୍ ପରେ ଫାଲ୍‌କନ୍-୯ ରକେଟ ସୁରକ୍ଷିତ ଭାବେ ପୃଥିବୀ ଫେରିଆସିଛି। ଆମେରିକୀୟ ମହାକାଶ ସଂସ୍ଥା ନାସାର ସୂଚନା ଅନୁଯାୟୀ, ଲଞ୍ଚିଂର ୨୮ ଘଣ୍ଟା ମଧ୍ୟରେ ମିଶନର ୪ କ୍ରିଉ ସଦସ୍ୟଙ୍କୁ ଧରି ଡ୍ରାଗନ୍ କ୍ୟାପ୍‌ସୁଲ୍ ଆଇଏସ୍ଏସ୍‌ର ହାରମୋନି ମଡ୍ୟୁଲରେ ପହଞ୍ଚିବ। ଗୁରୁବାର ଭାରତୀୟ ସମୟ ଅପରାହ୍ନ ୪ଟା ୩୦ରେ ଶୁଭାଂଶୁଙ୍କ ସମେତ ମିଶନର ୪ କ୍ରିଉ ସଦସ୍ୟ ଆଇଏସ୍ଏସ୍‌ରେ ପହଞ୍ଚିବେ। ଏହାସହ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଆଇଏସ୍ଏସ୍‌ରେ ପହଞ୍ଚି ଶୁଭାଂଶୁ ଇତିହାସ ରଚିବେ।

ନାସା ଏବଂ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଏହି ମିଳିତ ମିଶନରେ ଶୁକ୍ସ ନାମରେ ଜଣାଶୁଣା ଶୁଭାଂଶୁ ପାଇଲଟ ଭୂମିକା ନିର୍ବାହ କରିବେ। ୨ ସପ୍ତାହର ଏହି ମିଶନରେ ନାସାର ପୂର୍ବତନ ମହାକାଶଚାରୀ ତଥା ଆକ୍ସିଓମ୍ ସ୍ପେସ୍‌ର ମାନବ ମହାକାଶ ଉଡ଼ାଣର ନିର୍ଦ୍ଦେଶିକା ପେଗୀ ହ୍ୱିଟ୍‌ସନ୍ ମିଶନ କମାଣ୍ଡର ଭାବେ ଦାୟିତ୍ୱ ନିର୍ବାହ କରିବେ। ସେହିପରି ପୋଲାଣ୍ଡର ସ୍ଲାଓଜ୍ ଏବଂ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର ମିଶନ ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରିବେ। ଆଇଏସ୍ଏସ୍‌ରେ ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍‌ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିବେ। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷା କରିବେ। ନାସାର ମାନବ ଗବେଷଣା କାର୍ଯ୍ୟକ୍ରମର ଅଂଶ ଭାବେ ମଧ୍ୟ ସେ ଆହୁରି ୫ଟି ପରୀକ୍ଷଣରେ ସାମିଲ ହେବେ। ନିମ୍ନ ପୃଥିବୀ କକ୍ଷପଥରେ ମାଇକ୍ରୋଗ୍ରାଭିଟି ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ ଏହି ମିଶନ ସହାୟକ ହେବ। ଏହି ଅଧ୍ୟୟନ ମାଧ୍ୟମରେ ମିଶନରେ ସାମିଲ ଥିବା ଭାରତ, ପୋଲାଣ୍ଡ, ହଙ୍ଗେରୀ ଏବଂ ଆମେରିକାର ମହାକାଶ ଗବେଷଣା କ୍ଷମତା ସୁଦୃଢ଼ ହେବ।

ଏହି ମିଶନ ଭାରତ ଏବଂ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୨୬ରେ ଲଞ୍ଚିଂ ପାଇଁ ଲକ୍ଷ୍ୟ ରଖାଯାଇଥିବା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ 'ଆକ୍ସିଓମ୍-୪' ମିଶନ ଗୁରୁତ୍ୱ ବହନ କରୁଛି। ସୁରକ୍ଷା ନିୟମକୁ ଅନୁପାଳନ କରିବା ସହ ମହାକାଶରେ ରହିବା ଏବଂ ପରୀକ୍ଷଣ କରିବା ଆଦି ନେଇ ଶୁଭାଂଶୁଙ୍କର ଅଭିଜ୍ଞତା ଗଗନୟାନ ମିଶନ ପାଇଁ ପ୍ରସ୍ତୁତ ହେବାକୁ ଇସ୍ରୋକୁ ସାହାଯ୍ୟ କରିବ। ଗଗନୟାନ ମିଶନରେ ମହାକାଶ ଯିବାକୁ ଥିବା ୪ ମହାକାଶଚାରୀଙ୍କ ମଧ୍ୟରେ ଶୁଭାଂଶୁ ମଧ୍ୟ ରହିଛନ୍ତି। ତେଣୁ ମହାକାଶରେ ବିଭିନ୍ନ ଜରୁରିକାଳୀନ ପରିସ୍ଥିତିର କିପରି ମୁକାବିଲା କରାଯିବ, ଆଇଏସ୍ଏସ୍‌ରେ ବିଭିନ୍ନ ଉପକରଣର କିପରି ବ୍ୟବହାର କରାଯିବ ଆଦି ନେଇ ଶୁଭାଂଶୁଙ୍କ ଅନୁଭବ ଗଗନୟାନ ମିଶନରେ ଭାରତକୁ ଲାଭଦାୟକ ହେବ। ସେହିପରି ଆକ୍ସିଓମ-୪ ମିଶନ ଦ୍ୱାରା ନାସା, ଆକ୍ସିଓମ୍ ସ୍ପେସ୍, ସ୍ପେସ୍ ଏକ୍ସ' ଆଦି ସଂସ୍ଥା ସହ ଭାରତ ଦୃଢ଼ ସମ୍ପର୍କ ସ୍ଥାପନ କରିପାରିଛି, ଯାହା ଭାରତକୁ ଉନ୍ନତ ପ୍ରଯୁକ୍ତି ବିଦ୍ୟା ସହ ମହାକାଶ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହେବାକୁ ସୁଯୋଗ ପ୍ରଦାନ କରିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଆକ୍ସିଓମ୍-୪ ମିଶନ ପାଇଁ ଭାରତ ୭୦ ମିଲିୟନ ୟୁଏସ୍ ଡଲାର (ପ୍ରାୟ ୬୦୦ କୋଟି ଟଙ୍କା) ଖର୍ଚ୍ଚ କରିଛି। ନାସା ଏବଂ ଆକ୍ସିଓମ ସ୍ପେସ୍ ଦ୍ୱାରା ଭାରତର ୨ ଆଷ୍ଟ୍ରୋନଟ୍‌ଙ୍କୁ ମିଳିଥିବା ତାଲିମ, ଲଞ୍ଚ୍ ଲଜିଷ୍ଟିକ୍ସ, ଆଇଏସ୍ଏସ୍‌ରେ ଶୁଭାଂଶୁଙ୍କ ରହଣି ଏବଂ ସେଠାରେ ବିଭିନ୍ନ ଗବେଷଣା ଏବଂ ବୈଜ୍ଞାନିକ ପରୀକ୍ଷଣ ପାଇଁ ଇସ୍ରୋ ଏହି ଖର୍ଚ୍ଚ କରିଥିବା ରିପୋର୍ଟରେ କୁହାଯାଇଛି।


ଆକ୍ସିଓମ-୪ ମିଶନର ଲଞ୍ଚିଂ ସଫଳତା ପରେ ଲକ୍ଷ୍ନୌରେ ସେଲ୍‌ଫି ନେଉଛନ୍ତି ଲୋକେ।

## କାନ୍ଧରେ ତ୍ରିରଙ୍ଗା..

ବୁଧବାର ଆକ୍ସିଓମ୍-୪ ମିଶନର ଲଞ୍ଚିଂ ପରେ ଶୁଭାଂଶୁ ଡ୍ରାଗନ୍ ମହାକାଶଯାନରୁ ଦେଶବାସୀଙ୍କ ପାଇଁ ସନ୍ଦେଶ ପଠାଇଛନ୍ତି। ଏହି ସନ୍ଦେଶରେ ସେ କହିଛନ୍ତି, ମହାକାଶରେ ଭାରତ ୪୧ ବର୍ଷ ପରେ ପହଞ୍ଚିଛି। ସେକେଣ୍ଡ ପ୍ରତି ୭.୫ କି.ମି. ବେଗରେ ଆମେ ପୃଥିବୀ ଚାରିପାଖରେ ପରିକ୍ରମା କରୁଛୁ। ଭାରତୀୟ ତ୍ରିରଙ୍ଗା ମୋ କାନ୍ଧରେ ରହିଛି। ଏହି ଯାତ୍ରା କେବଳ ମୋର ନୁହେଁ, ବରଂ ଏହା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ଯାତ୍ରା। ଏକାଠି ହୋଇ ଭାରତର ମାନବ ମହାକାଶ କାର୍ଯ୍ୟକ୍ରମକୁ ଆରମ୍ଭ କରିବାର ସମୟ ଆସିଛି।

## ୪୧ ବର୍ଷ ପରେ ଅନ୍ତରୀକ୍ଷରେ ଇତିହାସ

ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ୧୯୮୪ରେ ଏକ ସୋଭିଏଟ୍ ମହାକାଶ କାର୍ଯ୍ୟକ୍ରମ ଅଧୀନରେ ମହାକାଶ ଯାଇଥିଲେ। ସୋଭିଏଟ୍ ରକେଟ 'ସୋୟୁଜ୍ ଟି-୧୧' ସାହାଯ୍ୟରେ ଉକ୍ତ ମିଶନର ଲଞ୍ଚିଂ ହୋଇଥିଲା। ପ୍ରଥମ ଭାରତୀୟ ଭାବେ ରାକେଶ ମହାକାଶକୁ ଯାଇ ଇତିହାସ ରଚିଥିଲେ। ସେ ମହାକାଶରେ ମୋଟ ୭ ଦିନ ୨୧ ଘଣ୍ଟା ୪୦ ମିନିଟ୍ ରହିଥିଲେ। ମହାକାଶରୁ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ କଥା ହୋଇଥିଲେ। ରାକେଶଙ୍କ ପରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ ଭାବେ ବୁଧବାର ମହାକାଶରେ ପହଞ୍ଚି ଇତିହାସ ରଚିଛନ୍ତି।


ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶଯାନ।

## ଫାଇଟର ପାଇଲଟରୁ ମହାକାଶଚାରୀ

ଉତ୍ତରପ୍ରଦେଶର ଲକ୍ଷ୍ନୌ ନିବାସୀ ଶୁଭାଂଶୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ (ଆଇଆଇଏସ୍) ବେଙ୍ଗାଲୁରୁରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ୨୦୦୬ ଜୁନ୍‌ରେ ସେ ଭାରତୀୟ ବାୟୁସେନାର ଫ୍ଲାଇଙ୍ଗ୍ ବ୍ରାଞ୍ଚ୍ ପାଇଁ ମନୋନୀତ ହୋଇଥିଲେ। ଭାରତୀୟ ବାୟୁସେନା ଏକାଡେମୀ ସେ ତାଲିମ ନେଇଥିଲେ। ପରେ ସେ ବାୟୁସେନାର ଫାଇଟର ଷ୍ଟ୍ରିମ୍‌ରେ ଜଣେ ଫ୍ଲାଇଙ୍ଗ ଅଫିସର୍ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ନିକଟରେ ଏମ୍ଆଇଜି-୨୧, ଏମ୍ଆଇଜି-୨୯, ଜାଗୁଆର ଆଦି ବିଭିନ୍ନ ବିମାନରେ ପ୍ରାୟ ୨ ହଜାର ଘଣ୍ଟାରୁ ଅଧିକ ଉଡ଼ାଣର ଅଭିଜ୍ଞତା ରହିଛି। ସେ ମହାକାଶଚାରୀ ଭାବେ ଭାରତ ସମେତ ରୁଷିଆ, ୟୁରୋପ ଏବଂ ଜାପାନରେ ବ୍ୟାପକ ତାଲିମ ନେଇଛନ୍ତି।

## ସପ୍ତମ ଉଦ୍ୟମରେ ସଫଳତା

ବୁଧବାର ସପ୍ତମ ଉଦ୍ୟମରେ ଆକ୍ସିଓମ୍-୪ ମିଶନକୁ ସଫଳତାର ସହ ଲଞ୍ଚ୍ କରାଯାଇଛି। ଏହା ପୂର୍ବରୁ ଭିନ୍ନ ଭିନ୍ନ କାରଣ ପାଇଁ ଆକ୍ସିଓମ୍-୪ ମିଶନର ଲଞ୍ଚିଂକୁ ୬ ଥର ସ୍ଥଗିତ ରଖାଯାଇଥିଲା। ପ୍ରଥମେ ମେ' ୨୯ରେ ଏହି ମିଶନର ଲଞ୍ଚିଂ ହେବ ବୋଲି ସ୍ଥିର ହୋଇଥିଲା। ପରେ ଏହାକୁ ଜୁନ୍ ୮, ୯, ୧୧, ୧୯ ଏବଂ ୨୨ ତାରିଖକୁ ଘୁଞ୍ଚାଯାଇଥିଲେ। କେତେବେଳେ ଫ୍ଲୋରିଡାରେ ଖରାପ ପାଗ ପାଇଁ ତ ଆଉ କେତେବେଳେ ଫାଲ୍‌କନ୍-୯ ରକେଟରେ ଲିକ୍ୟୁଇଡ୍ ଅକ୍ସିଜେନ୍ ଲିକ୍ ପାଇଁ ଏହି ମିଶନର ଲଞ୍ଚିଂକୁ ସ୍ଥଗିତ ରଖାଯାଇଥିଲା। ସେହିପରି ଆଇଏସ୍ଏସ୍‌ର ଜେଭେଜ୍‌ଦା ସର୍ଭିସ୍ ମଡ୍ୟୁଲର ପଛ ପାର୍ଶ୍ୱରେ ମରାମତି କାର୍ଯ୍ୟ ହୋଇଥିବାରୁ ଏହାର ମୂଲ୍ୟାଙ୍କନ ପାଇଁ ନାସା ଅଧିକ ସମୟ ଆବଶ୍ୟକ କରୁଥିବାରୁ ଆକ୍ସିଓମ୍-୪ ମିଶନର ଲଞ୍ଚିଂକୁ ବହୁବାର ସ୍ଥଗିତ ରଖାଯାଇଥିଲା।


କେନେଡି ସ୍ପେସ୍ ସେଣ୍ଟରରେ ଫାଲ୍‌କନ୍-୯ ରକେଟ ଯୋଗେ ଆକ୍ସିଓମ-୪ ମିଶନର ଲଞ୍ଚିଂ ହୋଇଛି।

## ଶୁଭାଂଶୁଙ୍କ ପ୍ଲେଲିଷ୍ଟରେ 'ୟୁ ହିଁ ଚଲା ଚଲ୍'

ଆକ୍ସିଓମ୍ ୪ ମିଶନ ଅନ୍ତର୍ଗତ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଏବଂ ମିଶନର ୩ ଅନ୍ୟ କ୍ରିଉ ସଦସ୍ୟ ବୁଧବାର ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ଯୋଗେ ଆଇଏସ୍ଏସ୍ ଅଭିମୁଖେ ବାହାରିଛନ୍ତି। ଏହି ଅବସରରେ ଆକ୍ସିଓମ୍ ସ୍ପେସ୍ ପକ୍ଷରୁ ମିଶନର ୪ ଆଷ୍ଟ୍ରୋନଟଙ୍କ ସମ୍ପୂର୍ଣ୍ଣ ପ୍ଲେଲିଷ୍ଟକୁ ଏକ୍ସ'ରେ ଶେୟାର କରାଯାଇଛି। ଶୁଭାଂଶୁଙ୍କ ପ୍ଲେଲିଷ୍ଟରେ ଅଭିନେତା ଶାହରୁଖ ଖାନ୍‌ଙ୍କ ପ୍ରସିଦ୍ଧ ଗୀତ 'ୟୁ ହିଁ ଚଲା ଚଲ୍' ରହିଥିବାର ଦେଖିବାକୁ ମିଳିଛି। ୨୦୦୪ରେ ରିଲିଜ୍ ହୋଇଥିବା 'ସ୍ୱଦେଶ' ଫିଲ୍ମର ଏହି ଗୀତକୁ ଉଦିତ ନାରାୟଣ, କୈଲାଶ ଖେର୍ ଏବଂ ହରିହରନ୍ ଗାଇଥିଲେ। ଉକ୍ତ ଫିଲ୍ମରେ ଶାହରୁଖ ଇସ୍ରୋର ଜଣେ ବୈଜ୍ଞାନିକଙ୍କ ଭୂମିକା ନିଭାଇଥିଲେ।


ଲଞ୍ଚିଂ ପୂର୍ବରୁ (ବାମରୁ) ଶୁଭାଂଶୁ ଶୁକ୍ଳାଙ୍କ ସହ ମହାକାଶଚାରୀ ଟିବୋର କାପୁ (ହଙ୍ଗେରୀ), ପେଗୀ ହ୍ୱିଟ୍‌ସନ୍ (ଆମେରିକା), ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ (ପୋଲାଣ୍ଡ) ।

" ମହାକାଶ କ୍ଷେତ୍ରରେ ଭାରତ ପାଇଁ ଶୁଭାଂଶୁ ଶୁକ୍ଳା ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି। ତାଙ୍କର ଏହି ଯାତ୍ରା ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବ ଅନୁଭବ କରୁଛନ୍ତି।
**-ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ**

" ଶୁଭାଂଶୁ ନିଜ ସହ ୧୪୦ କୋଟି ଭାରତୀୟଙ୍କ ଆଶା ଏବଂ ଆକାଂକ୍ଷା ନେଇ ମହାକାଶକୁ ଯାଇଛନ୍ତି। ତାଙ୍କୁ ଅଭିନନ୍ଦନ ଜଣାଉଛି।
**- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି**

" ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ମିଶନ ଦ୍ୱାରା ଭାରତ ମହାକାଶ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇପାରିଛି।
**- ଜିତେନ୍ଦ୍ର ସିଂ, କେନ୍ଦ୍ର ମନ୍ତ୍ରୀ**

" ଶୁଭାଂଶୁଙ୍କ ଐତିହାସିକ ମହାକାଶ ଯାତ୍ରାରେ ପ୍ରତ୍ୟେକ ଭାରତୀୟ ଗର୍ବିତ। ତାଙ୍କର ଏହି ସଫଳତା ଅନେକଙ୍କୁ ପ୍ରେରଣା ଯୋଗାଇଛି। ଶୁଭାଂଶୁଙ୍କ ସୁରକ୍ଷିତ ଏବଂ ସଫଳ ଯାତ୍ରା ପାଇଁ କାମନା କରୁଛି।
**- ରାହୁଲ ଗାନ୍ଧୀ, ବିରୋଧୀ ଦଳ ନେତା, ଲୋକ ସଭା**

ଫୁର୍‌ସତ୍

# ପାଟି ସାହାଯ୍ୟରେ ପେଣ୍ଟିଂ

**ଉତ୍କୃଷ୍ଟ ଚିତ୍ରକର ଭାବେ ଖ୍ୟାତି ଅର୍ଜନ କରିଛନ୍ତି**

ସାହାରନପୁର

ଉତ୍ତର ପ୍ରଦେଶର ସାହାରନପୁର ବାସିନ୍ଦା ଶାହ ଆଲମ (୪୦) ହେଉଛନ୍ତି ଏପରି ଜଣେ ବ୍ୟକ୍ତି, ଯିଏ ତାଙ୍କ ଜୀବନର ସବୁଠାରୁ ବଡ଼ ଦୁର୍ବଳତାକୁ ସଫଳତାର ସହ ସବୁଠାରୁ ବଡ଼ ଶକ୍ତିରେ ପରିଣତ କରିଛନ୍ତି। ପିଲାଦିନେ ପୋଲିଓ ଯୋଗୁ ତାଙ୍କର ୨ ହାତ ଅଚଳ ହୋଇଯାଇଥିଲା, ଫଳରେ ବଞ୍ଚିବା ତାଙ୍କୁ ଏକ ବୋଝ ପରି ଅନୁଭବ ହୋଇଥିଲା। ତେବେ କେବେ ହାର୍ ନ ମାନିବାକୁ ସେତେବେଳେ ତାଙ୍କୁ ତାଙ୍କ ମା' ପ୍ରେରଣା ଦେଇଥିଲେ। ଏହି ପ୍ରେରଣା ଆଲାମଙ୍କୁ ସାହସ ଯୋଗାଇଥିଲା। ସମ୍ପ୍ରତି ସେ ଜଣେ ଉତ୍କୃଷ୍ଟ ଚିତ୍ରକର ଭାବେ ପରିଚୟ ହାସଲ କରିଛନ୍ତି।

ଆଲମ କହିଛନ୍ତି, ମାତ୍ର ବର୍ଷକର ହୋଇଥିବା ସମୟରେ ତାଙ୍କୁ ପୋଲିଓ ହୋଇଥିଲା। ଫଳରେ ତାଙ୍କର ୨ ହାତ କାମ କରିବା ବନ୍ଦ କରିଦେଇଥିଲା। ତେବେ ମାତ୍ର ଅଢ଼େଇ ବର୍ଷ ବୟସରେ ସେ ତାଙ୍କ ପାଟି ସାହାଯ୍ୟରେ ଚିତ୍ର ଆଙ୍କିବା ଆରମ୍ଭ କରିଦେଇଥିଲେ। ୫ ବର୍ଷ ବୟସରେ ସେ ଏହି କଳାରେ ଏତେ ଦକ୍ଷ ହୋଇଯାଇଥିଲେ ଯେ, କାଗଜରେ ଏକ ଫିଲ୍ମର ଦୃଶ୍ୟକୁ ଅନୁରୂପ ଭାବେ ଆଙ୍କିଦେଇଥିଲେ। ଏହା ଦେଖି ସେତେବେଳେ ତାଙ୍କ ପରିବାର ଏବଂ ସମ୍ପର୍କୀୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିବା ଆଲମ କହିଛନ୍ତି। ଧୀରେ ଧୀରେ ସେ ଜଣେ ଉତ୍କୃଷ୍ଟ ଚିତ୍ରକର ଭାବେ ଖ୍ୟାତି ଅର୍ଜନ କରିଥିଲେ।



ଆଲମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଅଭିନେତା ସଲ୍‌ମାନ ଖାନ୍, ସୈଫ ଅଲ୍ଲୀ ଖାନ୍‌ଙ୍କ ପରି ଅନେକ ପ୍ରସିଦ୍ଧ ବ୍ୟକ୍ତିଙ୍କ ଅବିକଳ ଚିତ୍ର ଆଙ୍କି ବହୁ ପ୍ରଶଂସା ସାଉଁଟିଛନ୍ତି। ତାଙ୍କର ଚିତ୍ରଗୁଡ଼ିକ ମୁମ୍ବାଇରୁ ଆମେରିକା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ସେ ତାଙ୍କ ପାଟି ସାହାଯ୍ୟରେ ଗ୍ରିଟିଂ କାର୍ଡ ମଧ୍ୟ ତିଆରି କରିପାରନ୍ତି। ଆଲମ କହିଛନ୍ତି, ସେ ଅନେକ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ସେଥିରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଅନେକ ଅସୁବିଧା, ଆର୍ଥିକ ପ୍ରତିବନ୍ଧକ, ସାମାଜିକ ଚ୍ୟାଲେଞ୍ଜ ଏବଂ ଶାରୀରିକ ସୀମାବଦ୍ଧତାର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ କେବେ ମଧ୍ୟ ହାର୍ ମାନିନାହାନ୍ତି। ଜଣେ ସଫଳ ଚିତ୍ରକର ଭାବେ ବିଶ୍ୱବ୍ୟାପୀ ଖ୍ୟାତି ଅର୍ଜନ କରିବା ପାଇଁ ସେ ସ୍ୱପ୍ନ ଦେଖିଛନ୍ତି।



# ସୌରଭ ଗାଙ୍ଗୁଲିଙ୍କ ଭୂମିକାରେ ରାଜକୁମାର

ମୁମ୍ବାଇ

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଜୀବନୀ ଉପରେ ଆଧାରିତ ବହୁ ପ୍ରତୀକ୍ଷିତ ବାୟୋପିକ୍ ଫିଲ୍ମ ଆସନ୍ତା ବର୍ଷ ରିଲିଜ୍ ହେବ। ଏହି ଫିଲ୍ମରେ ଅଭିନେତା ରାଜକୁମାର ରାଓ ଗାଙ୍ଗୁଲିଙ୍କ ଭୂମିକାରେ ଅଭିନୟ କରିବେ। ଏନେଇ ପୂର୍ବରୁ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିବା ବେଳେ ମଙ୍ଗଳବାର ରାଜକୁମାର ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ସମୟରେ ଏହାକୁ ସ୍ୱୀକାର କରିଛନ୍ତି। ତେବେ ଏହି ଭୂମିକା ପାଇଁ ସେ ନର୍ଭସ ଥିବା କହିଛନ୍ତି। ରାଜକୁମାର କହିଛନ୍ତି, ସୌରଭଙ୍କ ଚରିତ୍ରକୁ ନିଭାଇବା ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଏହି ସାକ୍ଷାତ୍‌କାର ସମୟରେ ରାଜକୁମାର ନିଜ ବଙ୍ଗଳା କହିବା ଦକ୍ଷତା ମଧ୍ୟ ଦେଖାଇଛନ୍ତି। ସେ କହିଛନ୍ତି, ତାଙ୍କ ସ୍ତ୍ରୀ ପତ୍ରଲେଖା ଜଣେ ବେଙ୍ଗଲି। ତେଣୁ ତାଙ୍କ ସହାୟତାରେ ସେ ଅତି ଶୀଘ୍ର ବଙ୍ଗଳା ଶିଖିପାରିଛନ୍ତି। ନିଜ ବାୟୋପିକ୍‌କୁ ନେଇ ଗାଙ୍ଗୁଲି କହିଛନ୍ତି, ତାଙ୍କ ଚରିତ୍ରକୁ ରାଜକୁମାର ଭଲ ଭାବେ ନିଭାଇ ପାରିବେ। ଏହି ବିଶ୍ୱାସ ତାଙ୍କର ରହିଛି। ଏହି ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବିକ୍ରମାଦିତ୍ୟ ମୋଟ୍‌ୱାନେଙ୍କ ନିର୍ଦ୍ଦେଶନା ଏବଂ ଲଭ୍ ଫିଲ୍ମସ୍‌ର ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନାହିଁ।

# ଲୋକଙ୍କ ନିକଟତର ହେଲା ରାଜସ୍ୱ ସେବା

## ଇ-ରେଜିଷ୍ଟ୍ରେଶନ ମୋବାଇଲ ଆପ୍ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)

ରାଜସ୍ୱ ସେବା ଏବେ ସରଳୀକରଣ ହୋଇଛି। ଲୋକମାନଙ୍କୁ ଆଉ ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ୱା ଲାଇନ ଲଗାଇବା କିମ୍ୱା ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଘରେ ବସି ଲୋକମାନେ ଅନ୍‌ଲାଇନ ମାଧ୍ୟମରେ ଡକ୍ୟୁମେଣ୍ଟ ଦାଖଲଠାରୁ ଆରମ୍ଭ କରି ଜମିଜମା ପଞ୍ଜୀକରଣ ପାଇଁ ଦିନ ଏବଂ ସମୟ ଧାର୍ଯ୍ୟ କରିପାରିବେ। ଏପରି କି ସମ୍ପତ୍ତିର ମୂଲ୍ୟ ଆଦି ମଧ୍ୟ ଜାଣିପାରିବେ। ଏହି ଅନ୍‌ଲାଇନ ଆପ୍‌ରେ ଅଧିକରୁ ଅଧିକ ସ୍ୱଚ୍ଛତା ଅବଲମ୍ବନ କରାଯିବା ସହ କମ୍ ଲୋକଙ୍କ ହସ୍ତକ୍ଷେପରେ କାର୍ଯ୍ୟର ତ୍ୱରିତ ସମାଧାନ ବ୍ୟବସ୍ଥା ହୋଇପାରିବ। ଏହାଦ୍ୱାରା ଦୁର୍ନୀତି ମଧ୍ୟ ହ୍ରାସ ହୋଇପାରିବ। ଏଥିପାଇଁ ରାଜ୍ୟ ସରକାର ଇ-ରେଜିଷ୍ଟ୍ରେଶନ ଆପ୍‌ର ବୁଧବାର ଶୁଭାରମ୍ଭ କରିଛନ୍ତି। ଏଥିସହିତ ବାତ୍ୟା, ବନ୍ୟା ଆଦି ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଖୁବ୍ ସଫଳ ହୋଇଛି। ଗତବର୍ଷ ହୋଇଥିବା ବାତ୍ୟା 'ଦାନା' ସମୟରେ ରାଜ୍ୟ ସରକାର ଜିରୋ କାଜୁଆଲିଟି ଲକ୍ଷ୍ୟ ହାସଲ କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ଅଛି। ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବୁଧବାର ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେଶନ ମୋବାଇଲ ଆପ୍‌ର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏକ ବର୍ଷର ସଫଳତା ପୁସ୍ତିକା ଉନ୍ମୋଚନ କରି ଇ-ରେଜିଷ୍ଟ୍ରେଶନ ଆପ୍ ଡିଜିଟାଲ ସେବା ପ୍ରଦାନ ରାଜ୍ୟ ସରକାରଙ୍କ ଏକ ବଡ଼ ମାଇଲଖୁଣ୍ଟ ବୋଲି କହିଥିଲେ। ଏହି ଆପ୍ ମାଧ୍ୟମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ଫୋନ୍ ମାଧ୍ୟମରେ ରେଜିଷ୍ଟ୍ରେଶନ ଡିଡ୍ ବା ଦଲିଲ୍ ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଂ, ସାର୍ଟିଫାଏଡ୍ କପି ଓ ଇସି ଲାଗି ଆବେଦନ କରିପାରିବେ। ଜମିର ବେଞ୍ଚମାର୍କ ଭାଲ୍ୟୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ। ଏହି ଆପ୍‌ରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ। ଏହାଦ୍ୱାରା ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ଏବଂ କ୍ୟାଶ୍‌ଲେସ୍ ହୋଇପାରିଛି। ଏହାଯୋଗୁ ସବ୍ ରେଜିଷ୍ଟ୍ରାର ଅଫିସ୍‌ରେ ଅଯଥା ଭିଡ଼ ମଧ୍ୟ ହ୍ରାସ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଗତ ବର୍ଷକ ମଧ୍ୟରେ ବସୁନ୍ଧରା ଯୋଜନାରେ ସରକାର ୧୬,୭୨୭ ଜଣ ବାସଗୃହବିହୀନ ଲୋକଙ୍କୁ ଘରବାଡ଼ି ପଟ୍ଟା ଯୋଗାଇ ଦେଇଛନ୍ତି। ୨୦,୩୮୫ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଏବଂ କଲେଜ ନାମରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୪,୬୧,୬୦୨ ଖାତାକୁ ସର୍ବେକ୍ଷଣ କରାଯାଇ ୧,୧୬,୪୮୬ ମୃତ ଲୋକଙ୍କ ରେକର୍ଡକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ କରାଯାଇଛି। ଏହାଦ୍ୱାରା ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇପାରୁଛନ୍ତି।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମକୁ ଅଧିକ ଉତ୍ସାହ ଏବଂ ପ୍ରତିବଦ୍ଧତାର ସହ କାମ କରିବାକୁ ପଡ଼ିବ। ଲୋକମାନେ ଆମ ଉପରେ ଅନେକ ଆଶା ଓ ଭରସା ରଖିଛନ୍ତି, ତାହାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆମକୁ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ଲୋକଙ୍କ ସରକାର ଲୋକମାନଙ୍କ କାମ କରୁଛନ୍ତି। ଲୋକଙ୍କ ପାଇଁ ରାଜ୍ୟ ସରକାର ଯେପରି ସଫଳତାର ସହ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସେ କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ, ବାତ୍ୟା ଦାନା ସମୟରେ ମୁଖ୍ୟମନ୍ତ୍ରୀ ୭ଦିନ ଧରି ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସିଧାସଳଖ ତଦାରଖ କରିଛନ୍ତି। ତାଙ୍କ କାର୍ଯ୍ୟଧାରା ନିଷ୍ଠା ଓ ପ୍ରତିବଦ୍ଧତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛି। ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶଂସା କରି ସେ କହିଲେ, ବର୍ଷକ ମଧ୍ୟରେ ଆମେ ଯେଉଁ ସଫଳତା ହାସଲ କରିଛୁ, ସେଥିପାଇଁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

- ଘରେ ବସି ସୁବିଧା ପାଇପାରିବେ ଲୋକେ
- ୨୦,୩୮୫ ସରକାରୀ ଶିକ୍ଷାନୁଷ୍ଠାନକୁ ମିଳିଛି ସ୍ଥାୟୀ ପଟ୍ଟା
- ବସୁନ୍ଧରାରେ ୧୬,୭୨୭ ବାସହୀନଙ୍କୁ ଘରବାଡ଼ି ପଟ୍ଟା

### ଇ-ରେଜିଷ୍ଟ୍ରେଶନ ଆପ୍ ଦ୍ୱାରା ମିଳିବାକୁ ଥିବା ସୁବିଧା

- ଜମି ପଞ୍ଜୀକରଣ ପାଇଁ ସ୍ଲଟ ବୁକିଂ ସୁବିଧା
- ସ୍ଲଟ ବୁକିଂର ଷ୍ଟାଟସ ମିଳିପାରିବ
- କୌଣସି ଦଲିଲ ବା ପ୍ରମାଣପତ୍ରର ନକଲ ବା ସାର୍ଟିଫାଏଡ୍ କପି ଆବେଦନ ସୁବିଧା
- ଜମିଜମା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଅନ୍‌ଲାଇନ ଜରିଆରେ ମିଳିପାରିବ
- କୌଣସି ପ୍ରକାର ଜମିର ସରକାରୀ ଧାର୍ଯ୍ୟ ମାର୍କେଟ ମୂଲ୍ୟ ବା ବେଞ୍ଚ ମାର୍କ ଭ୍ୟାଲୁଏଶନ ଯାଞ୍ଚ ସୁବିଧା
- ନିକଟସ୍ଥ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ପର୍କରେ ସୂଚନା ସୁବିଧା
- ବିଶେଷ କ୍ଷେତ୍ରରେ ଘରକୁ ଆସି ପଞ୍ଜୀକରଣ ସେବା ଯୋଗାଇବା ନିମନ୍ତେ ଆବେଦନ
- ମିଳୁଥିବା ସେବା ସମ୍ପର୍କରେ ନିଜର ମତାମତ ଜଣାଇବାର ସୁବିଧା




# ରାଖୀ ପୂର୍ଣ୍ଣିମାରେ ସୁଭଦ୍ରା ୩ୟ କିସ୍ତି

ଭୁବନେଶ୍ୱର,୨୫।୬ (ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ୩ୟ କିସ୍ତି ଆସନ୍ତା ରାଖୀ ପୂର୍ଣ୍ଣିମା ଅଗଷ୍ଟ ୯ରେ ହିତାଧିକାରୀମାନଙ୍କୁ ମିଳିବ। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ସୁଭଦ୍ରା ସୋସାଇଟିର ୪ର୍ଥ ପରିଚାଳନା ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ୍ୟ ଏହି ବୈଠକରେ ଅନୁମୋଦନ ଦିଆଯାଇଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେଶନ (ଆଇଆଇପିଏ) ନୂଆଦିଲ୍ଲୀ ଦ୍ୱାରା ଓଡ଼ିଶାର ଜିଲ୍ଲାଗୁଡ଼ିକରେ ସୁଭଦ୍ରାର ପ୍ରଭାବ ବିଷୟରେ ହେବାକୁ ଥିବା ଅଧ୍ୟୟନର ପ୍ରସ୍ତୁତି ଓ ପ୍ରକ୍ରିୟା ଉପରେ ଉପସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସବୁ ବର୍ଗର ସୁଭଦ୍ରା ହିତାଧିକାରୀଙ୍କ ଉପରେ ସୁଭଦ୍ରା ସହାୟତାର ପ୍ରଭାବ, ଏହାର ଉପଯୋଗ ଓ ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଛି। ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆଇଆଇଏମ୍ ସମ୍ବଲପୁର ସହଯୋଗରେ ଜୁଲାଇ ପ୍ରଥମ ସପ୍ତାହରୁ କଲେଜ ଝିଅ(ସୁଭଦ୍ରା ସମୀକ୍ଷା)ମାନଙ୍କ ଦ୍ୱାରା କ୍ଷେତ୍ର ସର୍ବେକ୍ଷଣ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆଇଏମ୍ ସମ୍ବଲପୁର ତଥ୍ୟ ଅଧ୍ୟୟନ, ଉପକରଣ, ତାଲିମ ଏବଂ ବିଶ୍ଳେଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ।

ADMISSION OPEN
DIPLOMA (REGULAR)
Eligiblity: 10th, Duration: 3yrs.
Branches: • Civil Engineering
• Computer Science & Engineering
• Electrical Engineering • Mechanical Engineering
• Electronics & Communication Engineering
DIPLOMA (LATERAL ENTRY)
Eligiblity: ITI, Duration : 2yrs.
B-TECH (REGULAR)
Eligiblity: +2 Sc., Duration: 4yrs.
Branches: • Civil Engineering
• Computer Science & Engineering
• Electrical Engineering • Mechanical Engineering
• Electronics & Communication Engineering
B-TECH (LATERAL ENTRY)
Eligiblity: Diploma, Duration : 04yrs.
B.C.A.
Eligiblity: +2 Sc. with Math. & Static., Duration: 04 Years
B.Sc. (Bio-Tech.), B.Sc.(Comp.Sc.)
Eligiblity: +2 Sc., Duration: 04 Years
B.B.A., B.S.W., B.J.M.C.
Eligiblity: +2 Arts, Duration: 04 Years
M.Sc. (Bio-Tech.), M.Sc.(Com.Sc.) & M.S.W.
Duration: 02 Years
P.M.I.R.
Eligiblity: Any Graduation, Duration: 02 Years
P.G.D.M.
Eligiblity: Any Graduation, Duration: 02 Years
B.H.M. & B.T.T.M.
Eligiblity: +2 Any Stream, Duration: 04 years
SOPHITORIUM PUBLIC SCHOOL (A CBSE Model English Medium School)
SOPHITORIUM GROUP OF INSTITUTION
Baniatangi, Khordha, Odisha - 752060
Web.: www.sophitorium.net, E-mail: info@sophitorium.org
Contact: 9777533653, 9437286554

# କରଞ୍ଜିଆ: ଯୁବତୀଙ୍କୁ ଗଣବଳାତ୍କାର

କରଞ୍ଜିଆ,୨୫।୬(କବିତା ମହାନ୍ତ)

ମୟୂରଭଞ୍ଜର କରଞ୍ଜିଆ ଥାନା ଅଧୀନ କୁଇତା ଢାବାଠାରେ ମଙ୍ଗଳବାର ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୨୧୯/୨୫) ରୁଜୁ କରି ଜଣଙ୍କୁ ଅଟକ ରଖିଛି। ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ଯୁବତୀ ଜଣକ ମାମୁ ଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନ ୪ଟା୩୦ରେ ନିକଟସ୍ଥ ହନୁମାନ ମନ୍ଦିରରେ ପୂଜା ସାରି ମାମୁ ଘରକୁ ଫେରୁଥିଲେ। ବାଟରେ ଏକ କାଜୁ ଜଙ୍ଗଲ ନିକଟରେ ୪ଜଣ ଯୁବକ ତାଙ୍କୁ ଏକୁଟିଆ ଦେଖି ପଲ୍‌ସର ବାଇକ୍‌ରେ ବସାଇ କୋଇତା ଢାବାକୁ ନେଇ ଗଣବଳାତ୍କାର କରିଥିଲେ। ଯୁବତୀ ଜଣକ ବହୁକଷ୍ଟରେ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ରାତି ୨ଟା୩୦ରେ ଥାନାରେ ଅଭିଯୋଗ କରିଥିଲେ।

# ମୁକୁଳା ଡ୍ରେନ୍‌ରେ ଭାସି ଜୀବନ ଗଲା

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରେ ମୁକୁଳା ଡ୍ରେନ୍‌ରେ ଭାସିଯାଇ ପୁଣି ଏକ ଜୀବନ ଯାଇଛି। ବୁଧବାର ଡ୍ରେନ୍‌ରେ ଭାସିଯାଇଥିବା ବ୍ୟକ୍ତିଙ୍କ ମୃତଦେହ ବି.ଏନ.ପୁର ଥାନା ଅନ୍ତର୍ଗତ ମେଡିକାଲ ଖେଳପଡିଆ ନିକଟ ନାଳରୁ ମିଳିଛି। ମୃତକ ହେଲେ ନିମଖଣ୍ଡି ଥାନା ଖାରବେଳ ନଗରର ମହେନ୍ଦ୍ର ପାଣିଗ୍ରାହୀ (୫୫)। ବର୍ଷକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଗତ ଅଗଷ୍ଟ ୨୧ ତାରିଖରେ ଟିଉଶନରୁ ସାଇକେଲରେ ଫେରୁଥିବା ଜଣେ ଛାତ୍ର ବର୍ଷା ପାଣିରେ ରାସ୍ତା ଜାଣି ନ ପାରି ଡ୍ରେନ୍‌ରେ ଭାସି ଯାଇଥିଲେ। ଦିନକ ପରେ ତାଙ୍କ ମୃତଦେହ ମିଳିଥିଲା। ବ୍ରହ୍ମପୁର ସହରରେ ଅନେକ ଡ୍ରେନ୍ ମୁକୁଳା ପଡିଛି। ପୂର୍ତ୍ତ ବିଭାଗ କିମ୍ବା ମହାନଗର ନିଗମ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ତେଣୁ ଏଭଳି ଅଘଟଣ ଘଟୁଛି।

ବୁଧବାର ବ୍ରହ୍ମପୁର ସହରରେ ଲଗାଣ ବର୍ଷା ଚାଲିଥିବାବେଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ମେଡିକାଲ ଖେଳପଡିଆ ପାର୍ଶ୍ୱରେ ଥିବା ନାଳରେ ଭାସୁଥିବା ଦେଖାଯାଇଥିଲା। ପଥଚାରୀମାନେ ମୃତକଙ୍କୁ ଉଦ୍ଧାର କରି ଅଟୋରେ ମେଡିକାଲକୁ ଆଣିଥିଲେ। ଘଟଣାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୃତକଙ୍କ ପୁଅ ସିଦ୍ଧାନ୍ତ ପାଣିଗ୍ରାହୀ ଓ ପରିବାର ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ମହେନ୍ଦ୍ର ସନ୍ଧ୍ୟାରେ ସ୍କୁଟିରେ କୌଣସି କାମରେ ଘରୁ ବାହାରିଥିଲେ। ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ପାଣି ସୁଅ ଛୁଟୁଥିବାରୁ ସେ ଜାଣି ନ ପାରି ଡ୍ରେନ୍‌ରେ ପଶିଯାଇଥିବା କୁହାଯାଉଛି। ତେବେ ସେ କେଉଁଠି ଡ୍ରେନ୍‌ରେ ପଡିଲେ, ତାଙ୍କ ସ୍କୁଟି କେଉଁଠାରେ ରହିଛି ସେ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ଆଜି ମହାପ୍ରଭୁଙ୍କ ନେତ୍ର ଉତ୍ସବ, ନବଯୌବନ ଦର୍ଶନ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ୧୫ ଦିନ ଅଣସରରେ ରହି ଗୁପ୍ତସେବା ହେବା ପରେ ଗୁରୁବାର ନେତ୍ର ଉତ୍ସବରେ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିସହ ମହାପ୍ରଭୁ ନବଯୌବନ ବେଶରେ ସଜେଇ ହେବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅମାବାସ୍ୟା ଅବସରରେ ବୁଧବାର ଅଣସର ଘରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି କରାଯାଇଛି।

ଆଷାଢ଼ ଶୁକ୍ଳ ପ୍ରତିପ୍ରଦା ତିଥିରେ ଗୁରୁବାର ଭକ୍ତଙ୍କୁ ଦର୍ଶନ ଦେବେ ଦାରୁଦିଅଁ। ପରମ୍ପରା ଅନୁସାରେ ପ୍ରଥମେ ଶ୍ରୀବିଗ୍ରହମାନଙ୍କ ଚକା ଅପସର ନୀତି ଅନୁଷ୍ଠିତ ହେବ। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ସକାଳ ୬ଟାରେ ଚକା ଅପସର, ୬ଟା ୧୦ରେ ମଙ୍ଗଳ ଆଳତି, ୬ଟା୨୫ରେ ମଇଲମ, ୭ଟାରେ ଅବକାଶ ହୋଇ ୭ଟା ୩୦ରେ ଦଶାବତାର ଠାକୁରଙ୍କ ବାହୁଡ଼ାବିଜେ ନୀତି ହେବ। ୮ଟାରେ ଟାଟିଫିଟା ପରେ ୯ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ଚାଲିବ। ଟିକେଟଧାରୀଙ୍କୁ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ପଟେ ଭିତରକୁ ଛଡ଼ାଯିବ। ଭିଆଇପିଙ୍କୁ ମଧ୍ୟ ପରମାଣିକ ଦର୍ଶନ ଲାଗି ଭକ୍ତଙ୍କ ସହ ଛଡ଼ାଯିବ। ଏହାପରେ ସିଂହଦ୍ୱାରରେ ଅପେକ୍ଷାରତ ଭକ୍ତ ମହାପ୍ରଭୁଙ୍କୁ ସାହାଣମେଳାରେ ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଦର୍ଶନ କରିବେ। ଏହାପରେ ମହାପ୍ରଭୁଙ୍କ ଅନ୍ୟ ନୀତି ଆରମ୍ଭ କରାଯିବ। ତେବେ ଭକ୍ତମାନେ ଶ୍ରୀମନ୍ଦିର ଭିତରବେଢା ବୁଲି ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିପାରିବେ। ପୂର୍ବାହ୍ନ ୧୧ଟା ୩୦ରେ ଧୂଆଧୋଇ ହୋଇ ଚୂନ ପଡ଼ିବା ପରେ ସର୍ବାଙ୍ଗ, ବନ୍ଦାପନା ଅନୁଷ୍ଠିତ ହୋଇ ନେତ୍ର ଉତ୍ସବ ବନ୍ଦାପନା ସମ୍ପନ୍ନ ହେବ। ରୋଷ ହୋମ, ରାଜନୀତି, ଯାତ୍ରାଙ୍ଗୀ ମହାସ୍ନାନ, ମଇଲମ, ଘଣ୍ଟ ଛତା ସର୍ବାଙ୍ଗ ପରେ ଅନ୍ୟାନ୍ୟ ନୀତି ବଢ଼ିବ। ରାତିରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ସେନାପଟା ଲାଗି କରିବେ।




DSPL - 143





ବିଶ୍ୱ ନିଶା ନିବାରଣ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଜୁନ ୨୬ ତାରିଖରେ ସମଗ୍ର ବିଶ୍ୱରେ "ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ" ପାଳନ କରାଯାଇ, "ନିଶା ନିବାରଣ" ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି ।

ନିଶା ନିବାରଣ ନିମନ୍ତେ ରାଜ୍ୟ ସରକାର "ଦିଶା" ଯୋଜନା ମାଧ୍ୟମରେ ୧୧ଟି ନିଶାମୁକ୍ତି କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି ଏବଂ ଭବିଷ୍ୟତରେ ସମସ୍ତ ୩୦ଟି ଜିଲ୍ଲାରେ ସ୍ଥାପନ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି । ନିଶାସକ୍ତ ବ୍ୟକ୍ତିମାନଙ୍କର ନିଶା ନିବାରଣ, ପୁନର୍ବାସ, ବିକାଶ, କଲ୍ୟାଣ ଓ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ନିଶାସକ୍ତ ବ୍ୟକ୍ତିମାନଙ୍କର ସମସ୍ୟା ସ୍ୱତନ୍ତ୍ର । ଏ ଦୃଷ୍ଟିରୁ ସେମାନଙ୍କ ପରିବାରବର୍ଗ, ଗୋଷ୍ଠୀ ତଥା ସମାଜ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ସହିତ ସେମାନଙ୍କ ସମ୍ପର୍କରେ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବା ଜରୁରୀ ।

ଆସନ୍ତୁ, ଏହି ଅବସରରେ ଆମେ ସମସ୍ତେ ନିଶା ଦ୍ରବ୍ୟର ମାରାତ୍ମକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା । ନିଶାସକ୍ତ ବ୍ୟକ୍ତିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ସଚେତନ ହେବା ସହିତ ସମାଜରୁ ସେମାନଙ୍କୁ ଦୂରେଇ ନ ଦେଇ ସେମାନଙ୍କର ପୁନର୍ବାସ ପାଇଁ ଗ୍ରହଣୀୟତା ବୃଦ୍ଧି କରାଇବା ଓ ନିଶା ନିବାରଣ କାର୍ଯ୍ୟରେ ସହାୟକ ହେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-46001/13/0049/2526

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
ssepd.gov.in SSEPD SSEPD2 ssepd_odisha @SSEPDDept

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରଥଯାତ୍ରା ଅବସରରେ ଧଉଳି ଚାରୁକଳା କଲେଜ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ଚିତ୍ରରେ ଚିତ୍ରରେ ଶ୍ରୀଜଗନ୍ନାଥ', ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୫ଟା।
- ଇନର ଇଞ୍ଜିନିୟରିଂ କାର୍ଯ୍ୟକ୍ରମର ନିଃଶୁଳ୍କ ପରିଚୟ ଅଧିବେଶନ, ସ୍ଥାନ: ତେରାପନ୍ଥ ଭବନ, ସମୟ: ସନ୍ଧ୍ୟା ୬ଟା।
- ୧୨ତମ ବସନ୍ତ ଶତପଥୀ ସ୍ମାରକୀ ବକ୍ତୃତା, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟଶାଳା ପକ୍ଷରୁ ୧୫ତମ ମାର୍ଗି, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ଉପଲକ୍ଷେ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା ୩୦।
- ଲୋକ ସେବକ ମଣ୍ଡଳ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୪ଟା ୩୦।

## ପୁରୀ
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଯୋଗ ଏବଂ ବହୁମୁଖୀ ତାଲିମ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ବୀରଗୋବିନ୍ଦପୁର, ସତ୍ୟବାଦୀ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ଅନ୍ତର୍ଜାତୀୟ ନିଶା ନିବାରଣ ଏବଂ ଅବୈଧ ଚୋରା ଚାଲାଣ କାର୍ଯ୍ୟକ୍ରମ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ୩୦।
- ଏଫ୍‌ଏମ୍‌ୟୁରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ନୂତନ ଜଗନ୍ନାଥ ମନ୍ଦିର ଦଧିନଉତି ସ୍ଥାପନ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ନେତ୍ର ଲାଗି ପ୍ରତିଷ୍ଠା ଓ ନେତ୍ରୋତ୍ସବ ପୂଜା,ସ୍ଥାନ:ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା,ସମୟ: ସକାଳ ୭ଟା
- ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାଦେବଙ୍କ ନେତ୍ରୋତ୍ସବ, ସ୍ଥାନ: ଡିହିରାକୁଳ ଜଗନ୍ନାଥ ମନ୍ଦିର, ଉଦଳା,ସମୟ:ସକାଳ ୮ଟା ୩୦।

## ବ୍ରହ୍ମପୁର
- ନିଶା ନିବାରଣ ଶୋଭାଯାତ୍ରା,ସ୍ଥାନ: ଏମକେସିଜି ମେଡିକାଲ ଖେଳପଡିଆ,ସମୟ: ସକାଳ ୭ଟା।
- ବିଇଏମସି ପକ୍ଷରୁ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ମେଗା ରକ୍ତଦାନ ଶିବିର, ସ୍ଥାନ: ଛତ୍ରପୁର ଶିବ କୁମାର ରିଡିଂ ରୁମ୍, ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜିଲା ଅଭିଯୋଜନା ନିର୍ଦ୍ଦେଶାଳୟ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଅନୁଗୋଳ
- ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର,ସମୟ: ସକାଳ ୯ଟା।
- ରଥ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆଠମଲ୍ଲିକ ରଥଖଳା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ବଳଦେବଜୀଉଙ୍କ ନବଯୌବନ ଦର୍ଶନ, ସ୍ଥାନ:ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ମା'ତାରଣୀ ମନ୍ଦିରର ବାର୍ଷିକଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରାଜନଗର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ନବଯୌବନ ଦର୍ଶନ, ସ୍ଥାନ:କଣ୍ଟିଲୋ ନୀଳ ମାଧବ ପୀଠ ; ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିରର ପାର୍ଶ୍ୱ ଦେବତା ଜଗନ୍ନାଥ ମନ୍ଦିର ; ଗୋଡିପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ପୂର୍ଣ୍ଣବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ତଥା ୩୩ ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ, ସ୍ଥାନ:ପଠାଣି ସାମନ୍ତ ସଂସ୍କୃତି ଭବନ ନୟାଗଡ଼, ସମୟ: ଅପରାହ୍ନ ୪ଟା୩୦।

## ରାୟଗଡ଼ା
- ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ ଜିଲାପାଳଙ୍କ ଦାରା ସଚେତନ ରଥ ଏବଂ ରାଲିର ଶୁଭାରମ୍ଭ, ସ୍ଥାନ: ରାୟଗଡା ବ୍ଲକ ଅଫିସ, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ମିନି ମାରାଥନ, ସ୍ଥାନ : ପୋଲିସ ପଡ଼ିଆରୁ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା।
- ଜିଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ, ସ୍ଥାନ : ମିଶନ ଶକ୍ତି ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଶାବର ଶ୍ରୀକ୍ଷେତ୍ରରେ ନେତ୍ର ଉତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, କୋରାପୁଟ, ସମୟ: ଭୋର ୩ଟା ୪୦।
- ନବଯୌବନ ଦର୍ଶନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୭ଟା୧୫।
- କଳାଜିରା ଚାଉଳ ପୁରୀ ଶ୍ରୀକ୍ଷେତ୍ରକୁ ପଠାଇବା କାର୍ଯ୍ୟକ୍ରମ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ : ଅପରାହ୍ନ ୪ ଟା।

## ମାଲକାନଗିରି
- ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଅବକାରୀ ବିଭାଗ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ସମ୍ବଲପୁର
- ଜଗନ୍ନାଥ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ନବଯୌବନ ଦେର୍ଶନ, ସ୍ଥାନ : ମୁଦିପଡା ଜଗନ୍ନାଥ ମନ୍ଦିର, ସମୟ : ସକାଳ ୯ଟା।
- ଶ୍ରୀଗୋପାଳଜୀ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ନବଯୌବନ ବେଶ ଦର୍ଶନ, ସ୍ଥାନ : ଧନୁପାଲି ଜଗନ୍ନାଥ ମନ୍ଦିର, ସମୟ : ସକାଳ ୯ଟା୩୦।

## ବଲାଙ୍ଗୀର
- ଜିଲା ସାମାଜିକ ସୁରକ୍ଷା ଅଫିସ ଓ ଅବକାରୀ ଅଫିସର ମିଳିତ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦।

## ରାଉରକେଲା
- ଜଗନ୍ନାଥଙ୍କ ନବଯୌବନ ବେଶ, ସ୍ଥାନ: ନିଳାଦ୍ରିବିହାର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥଙ୍କ ନେତ୍ରୋତ୍ସବ, ସ୍ଥାନ: ସେକ୍ଟର-୩ ଅହିରାବନ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ବିଭିନ୍ନ ସମସ୍ୟା ନେଇ ଜୁନାଗଡ଼ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଆର୍ନ୍ତଜାତିକ ନିଶା ସେବନ ଓ ନିଶା ଦ୍ରବ୍ୟର ଅବୈଧ ଚାଲାଣ ନିରାକରଣ ଦିବସ ପାଳନ, ସ୍ଥାନ:ଟାଉନ ହଲ ବୌଦ୍ଧ , ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଦେବଗଡ଼ ଫ୍ୟାନ୍‌କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଦାଣ୍ଡ, ପୁରୁଣାଗଡ଼, ସମୟ: ସକାଳ ୬ଟା ୩୦।
- ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଦେବଗଡ଼ ହସ୍ପିଟାଲ, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର
- ପାତାଳି ଶ୍ରୀକ୍ଷେତ୍ରରେ ନବଯୌବନ ଦର୍ଶନ, ସ୍ଥାନ: କୋଟସମଲାଇ ସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।

## ନୂଆପଡ଼ା
- ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶୁକ୍ରଙ୍କ ସୁପ୍ରଭାବରେ ମନ ପ୍ରଫୁଲ୍ଲ ରହିବା ସହ ବନ୍ଧୁମିଳନରୁ ଆନନ୍ଦିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ, ପାରିବାରିକ ଶାନ୍ତି ଏବଂ ପରିଭ୍ରମଣର ସୁଯୋଗ ଲାଭ କରିବେ। ସଭାସମିତି, ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ସାମିଲହୋଇ ପ୍ରଶଂସିତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ।

**ବୃଷ** ଧନସ୍ଥାନରେ ବୁଧାଦିତ୍ୟ ଯୋଗ ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟାଜନିତ ବନ୍ଧୁମିଳନ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ବାଧ ହେବେ। ଜମିଜମା କାରବାରରେ କଳହ କିମ୍ବା ସହକର୍ମୀଙ୍କ ତର୍କ ବିତର୍କର ଆଶଙ୍କା ରହିଛି। ପ୍ରତିଯୋଗିତାରେ ସଫଳତା ପାଇବେ।

**ମିଥୁନ** ରାଶିରେ ଚନ୍ଦ୍ରଙ୍କ ସ୍ଥିତି ହେତୁ ବୈଷୟିକ ଅଭିବୃଦ୍ଧି ଘଟିବା ସହ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ। ଅସୁବିଧାରେ ଥିଲେ ମଧ୍ୟ ନିଜ ଲୋକଙ୍କ ସାହାଯ୍ୟରୁ କାମ ଅଟକିବ ନାହିଁ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଗବେଷଣା, ସଭାସମିତି, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ** ଚନ୍ଦ୍ର ଓ ବୁଧଙ୍କ କ୍ଷେତ୍ର ବିନିମୟ ଯୋଗ ପ୍ରଭାବରେ ଆତ୍ମୀୟ କିମ୍ବା ବନ୍ଧୁଙ୍କ ପ୍ରଶଂସାର ପାତ୍ର ହେବେ। ଦିନଟିରେ ଭୋଗ ବିଳାସ, ସହିତ୍ୟ, କ୍ରୀଡ଼ା ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହେବ। ରାହୁଙ୍କ କୁପ୍ରଭାବରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**ସିଂହ** ଏକାଦଶସ୍ଥ ଗ୍ରହମାନଙ୍କ ପ୍ରଭାବରେ ଅଭିଳଷିତ ଜିନିଷ ପାଇବାରେ ଅସୁବିଧା ହେବନାହିଁ। ସମସ୍ୟା ଲାଗି ରହିଲେ ମଧ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିପାରନ୍ତି। ମଙ୍ଗଳଙ୍କ ଦୁର୍ବଳତାରୁ ଜଟିଳ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ ବିପନ୍ନ କରିବ। ଆଇନ ସହାୟତା ଲାଭପୂର୍ବକ ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କନ୍ୟା** ରାଶିପ୍ରତି ଶନିଙ୍କ ଦୃଷ୍ଟି ମାନସିକ ଶିଥିଳତା ପ୍ରଦାନ କଲେ ମଧ୍ୟ କାର୍ଯ୍ୟ ସାଧନରେ ଅସୁବିଧା ରହିବନାହିଁ। କୌଣସି କଥାକୁ ଠିକ୍ ଭାବେ ବିଚାର ନ କରି ନିଷ୍ପତ୍ତି ନେଲେ ଅନୁତାପ କରିବେ। ପୂର୍ବ ଶତ୍ରୁତା କାରଣରୁ ଖଳ ଲୋକଙ୍କ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ । ବୃହସ୍ପତିଙ୍କ ସୁପ୍ରଭାବ କାର୍ଯ୍ୟାରମ୍ଭ ସାଙ୍ଗକୁ ସୁବିଧା ସୁଯୋଗ ଲାଭ କରିବେ।

**ତୁଳା** ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଆରୋଗ୍ୟଲାଭ, ମାନସିକ ପ୍ରଫୁଲ୍ଲତା, ଆର୍ଥିକ ସୁଖସମୃଦ୍ଧି ଲାଭ କରିବେ। ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ରୋଗ, ଋଣ ଓ ଶତ୍ରୁତା ହେତୁକ କାର୍ଯ୍ୟହାନିଜନିତ ଚିନ୍ତିତ ରହିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧିକୁ ସନ୍ଦେହକରି ଘରେ ବିଭିନ୍ନ କଥା ଶୁଣିବାକୁ ପଡ଼ିପାରେ। ସରକାରୀ କାମରେ ପଦସ୍ଥ ବ୍ୟକ୍ତି ସହଯୋଗ କରିପାରନ୍ତି।

**ବିଛା** ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବାର ଆଶା କରାଯାଇପାରେ। ଶନିଙ୍କ କୁପ୍ରଭାବରୁ ସମ୍ପର୍କୀୟ ଈର୍ଷାପରାୟଣ ହୋଇ ପଛରୁ ଗୋଡ଼ ଟାଣିପାରନ୍ତି। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହେବ। ବିଭିନ୍ନ ସମସ୍ୟା ଥିଲେ ମଧ ନିର୍ମାଣ, ପରିବହନ, ମରାମତି, ଜମିଜମା କାମରେ ବନ୍ଧୁଙ୍କ ସାହାଯ୍ୟ ଅବଶ୍ୟ ପାଇବେ।

**ଧନୁ** ଚନ୍ଦ୍ର କର୍ମକ୍ଷେତ୍ରକୁ ପ୍ରଭାବିତ କରି ଅଶାନ୍ତିକର ପରିସ୍ଥିତି ଓ ବୁଧଙ୍କ ସଂଯୋଗ ପାରିବାରିକ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରନ୍ତି। ବିଶେଷ ଭାବେ ଆଶା କରୁଥିବା ଦିଗରୁ ଅର୍ଥ ଓ ଆବଶ୍ୟକ ସହଯୋଗର ଆଶା ଭଣ୍ଡୁର ହୋଇଯିବ। ବ୍ୟକ୍ତିଗତ କାରଣରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ବାଣିଜ୍ୟ ଓ ପରିବହନ କ୍ଷେତ୍ର ଉନ୍ନତ ହେବ।

**ମକର** ଅନୁକୂଳ ଗ୍ରହ ପ୍ରଭାବରୁ ଆଶା ପୂରଣ ସହ କର୍ମାରମ୍ଭ ପ୍ରୀତିଦାୟକ ହେବ। କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ଓଲଟା ଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ଅଦଳବଦଳ ହୋଇଯାଇପାରେ। ଏକ ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଚନ୍ଦ୍ର ଓ ଶୁକ୍ରଙ୍କ ଶୁଭ ସଂସ୍ଥାନ ଆଜିର ଜୀବନଯାତ୍ରାକୁ ଆନନ୍ଦଦାୟକ କରିବ । ବଳହୀନ ମଙ୍ଗଳ ଯୋଗୁ ସାହାଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବାକୁ ପଡ଼ିପାରେ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରି ଖୁସି ହୋଇପାରନ୍ତି।

**ମୀନ** କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ସ୍ଥିତି ମାନସିକ ପ୍ରଫୁଲ୍ଲତା, ପଡ଼ୋଶିନୀଙ୍କ ସହାନୁଭୂତି ପାଇବାରେ ସହାଯ୍ୟ କରିବ। ପାପଗ୍ରହଜନିତ କାରଣରୁ ପାରିବାରିକ ସମସ୍ୟାରୁ ମୁକ୍ତି ମିଳିବା କଷ୍ଟକର ହେବ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଜୁନ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ଆଷାଢ଼ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର। ରାଶିନକ୍ଷତ୍ର-ଦିବା ଘ.୦୮.୪୭ ମି. ଗତେ ପୁନର୍ବସୁ/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୧୩ ଗତେ ଘ.୦୬.୦୬ ମଧ୍ୟେ, ଘ.୦୯.୩୭ ଗତେ ଘ.୧୧.୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧.୨୮ ମି. ଗତେ ଘ.୦୩.୦୭ ମି. ମଧ୍ୟେ ରାହୁ କାଳ।

# ଆଜି ଲଘୁଚାପ, ୪ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୫।୬(ଅନୁରାଧା ମହାରଣା)

ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ବୁଧବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଗୁରୁବାର ମଧ୍ୟରେ ଏହି ଘୂର୍ଣ୍ଣିବଳୟ ଲଘୁଚାପ ରୂପ ନେବାର ସମ୍ଭାବନା ଥିବାରୁ ଆସନ୍ତା ୩ରୁ ୪ ଦିନ ସାରାରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଲଗାଣ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦୁଇଟି ଜିଲା କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ତଥା ଭାରିମାତ୍ରାରେ ବର୍ଷା ହେବା ସମ୍ଭାବନା ରହିଥିବାରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏଥିସହ ବିଜୁଳି, ଘଡ଼ଘଡ଼ି ଓ ବଜ୍ରପାତ ନେଇ ମଧ୍ୟ ସତର୍କ କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଆଦି ଜିଲା ପାଇଁ ମଧ୍ୟ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହି ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ବିଜୁଳି, ଘଡ଼ଘଡ଼ି, ବଜ୍ରପାତ ଏବଂ ଝଟ୍‌କା ପବନ ୩୦ରୁ ୪୦ କିମି ବେଗରେ ବହିବା ସମ୍ଭାବନା କରିଛି। ଅନ୍ୟପଟେ ବରଗଡ଼, ସୋନପୁର, ବୌଦ୍ଧ, ଜଗତ୍‌ସିଂହପୁର, କଟକ, ଗଞ୍ଜାମ ଓ ଗଜପତି ଜିଲା ପାଇଁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପୂର୍ବାନୁମାନ କରି ୟେଲୋ ୱାର୍ନିଂ ଦେଇଛି ପାଣିପାଗ କେନ୍ଦ୍ର। ପୁରୀ, ଖୋର୍ଦ୍ଧା, ନୟାଗଡ଼ ପାଇଁ ମଧ୍ୟ ୟେଲୋ ୱାର୍ନିଂ ଜାରି ହୋଇଥିବା ବେଳେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବା ନେଇ ଆକଳନ କରାଯାଇଛି। ୨୭ ଓ ୨୮ ତାରିଖ ପାଇଁ ବିଭିନ୍ନ ଜିଲାକୁ ୟେଲୋ ଆଲର୍ଟ ଜାରି ହୋଇଥିବା ବେଳେ ଆସନ୍ତା ୨୯ ତାରିଖରୁ ବର୍ଷା ପରିମାଣ କମିପାରେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଚିଲା ପାନ**
**ଚିତ୍ତ କରିଥିଲୁ ଛନ ଛନ**
**ଆଶା କରିଥିଲି ତୋତେ**
**କାଉକୁ ଯେମନ୍ତ କୋଇଲି ଭଣ୍ଡାଇ**
**ସେହିପରି କଲୁ ମୋତେ ।**

ସାଧାରଣତଃ ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। କାଉକୁ କୋଇଲି କହି ଭଣ୍ଡାଇବା ଭଳି ପ୍ରେମ ମଧ୍ୟ ଅନେକ ସମୟରେ ଛଳନାମୟ ହୋଇଯାଇଥାଏ। ଏପରି ଛଳନା ପୂର୍ଣ୍ଣ ବ୍ୟବହାରରେ ମର୍ମାହତ ହୋଇପଡ଼ିଥିବା ପ୍ରେମୀ ହତୋତ୍ସାହିତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପିତାମାତା ସୁକୃତରୁ ପୁତ୍ର ହୁଏ ସୁଖୀ**
**ସୁପୁତ୍ର ହୋଇଲେ କୁଳଧର୍ମ ରଖି।**

ପିତାମାତା ସୁକୃତରୁ ପୁତ୍ର ସୁଖୀ ହୋଇଥାଏ। ଗୁଣବାନ ସୁପୁତ୍ର ହିଁ କୁଳଧର୍ମ ଠିକ ରକ୍ଷା କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମ୍ପୂର୍ଣ୍ଣ ହୋଇପାରୁନି ଡିବିଟି ଭାରତ ପୋର୍ଟାଲ

## ୮ ମାସ ପରେ ବି ଅଧିକାରୀ ଦେଉନାହାନ୍ତି ତଥ୍ୟ

ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)

ଦେଶର ସମସ୍ତ ହିତାଧିକାରୀଙ୍କୁ କିଭଳି ସ୍ୱଚ୍ଛତାର ସହ ସରକାରୀ ସହାୟତା ମିଳିପାରିବ, ତାହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି)ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହାକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ପାଇଁ କେନ୍ଦ୍ର ଚାହୁଁଛି ହେଲେ ରାଜ୍ୟ ସମ୍ପୂର୍ଣ୍ଣ ତଥ୍ୟ ଯୋଗାଇପାରୁନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା ସହିତ ରାଜ୍ୟ ସରକାରଙ୍କ ସହଭାଗିତା ବିଭିନ୍ନ ଯୋଜନାକୁ ଗୋଟିଏ ଛାତ ତଳକୁ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୪ ନଭେମ୍ବରରୁ ପ୍ରକ୍ରିୟା ଆରମ୍ଭ ହେଲାଣି। ଏହାକୁ ନେଇ ରାଷ୍ଟ୍ରପତି ଭବନ କାର୍ଯ୍ୟାଳୟରୁ ସଚିବ (ସଂଯୋଜନା) ବନ୍ଦନା ଗୁରନାନୀ ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ। ପରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ପ୍ରଥମେ ୨୦୨୪ ନଭେମ୍ବର ୧୮ରେ ନିର୍ଦ୍ଦେଶକ(ଆଇଏଫ୍) ଡ. ପ୍ରଜ୍ଞାସ୍ମିତା ସାହୁ ଏବଂ ପରେ ୨୦୨୫ ମେ' ୨୨ରେ ଅର୍ଥ ବିଭାଗ ଯୁଗ୍ମସଚିବ ତାରାକାନ୍ତ ଭକ୍ତ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ। ହେଲେ ଏପର୍ଯ୍ୟନ୍ତ ସମସ୍ତ ଯୋଜନାର ତଥ୍ୟ ସରକାରଙ୍କୁ ମିଳିପାରୁନାହିଁ। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସାଧିତ ହୋଇପାରୁନାହିଁ କି ଗୋଟିଏ ପ୍ଲାଟ୍‌ଫର୍ମ ତଥା ଭାରତ ପୋର୍ଟାଲ ଅଧୀନକୁ ସବୁ ଡିବିଟି ଯୋଜନା ଆସିପାରୁନାହିଁ।

ତଥ୍ୟ ଅନୁଯାୟୀ, ରାଷ୍ଟ୍ରପତି ଭବନ ସଚିବ(ସଂଯୋଜନା) ବନ୍ଦନା ଗୁରନାନୀ ତାଙ୍କ ପତ୍ରରେ ଦର୍ଶାଇଥିଲେ ଯେ, ଡିବିଟି ଭାରତ ପୋର୍ଟାଲ ୨୦୧୬ରୁ କାର୍ଯ୍ୟକ୍ଷମ ହେଲାଣି। ୨୦୨୩-୨୪ରେ ଏହାର ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଯାହାଫଳରେ ଏହା ଅଧିକ ସୁରକ୍ଷିତ ଓ କ୍ରିୟାଶୀଳ ହୋଇପାରିବ ବୋଲି ଲକ୍ଷ୍ୟ ରହିଛି। ଏଥିଯୋଗୁ ଦେଶର ସମସ୍ତ ହିତାଧିକାରୀ ଠିକ୍ ଭାବେ ସେମାନଙ୍କ ସରକାରୀ ସହାୟତା ପାଇପାରିବେ। ଓଡ଼ିଶା ଡିବିଟି ପୋର୍ଟାଲ ମଧ୍ୟ ଏହା ପୂର୍ବରୁ କେତେକ ଯୋଜନାକୁ ଯୋଡ଼ିଛି। ହେଲେ ଏବେ ଏହାର ପୁନଃ କାର୍ଯ୍ୟକ୍ଷମ ହେବା ପରେ ସଦ୍ୟ ତଥ୍ୟ ଆବଶ୍ୟକ କରୁଛି।

ଅଧିକାଂଶ ରାଜ୍ୟ ଏହି ନୂତନ ପୋର୍ଟାଲ ସହ ଏକତ୍ରିତ ହୋଇଯାଇଛନ୍ତି। ଓଡ଼ିଶା ମଧ୍ୟ ଏହି ପ୍ରକ୍ରିୟା ଆରମ୍ଭ କରିଛି, କିନ୍ତୁ ଏହା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ (ମୋଟ ୧୫୪ଟି ଯୋଜନା ମଧ୍ୟରୁ କେବଳ ୭୭ଟି ଏକତ୍ରିତ ହୋଇଛି)। ସଚିବଙ୍କ ଚିଠିକୁ ଇତିମଧ୍ୟରେ ୮ ମାସ ବିତିଯାଇଥିଲେ ବି ସମସ୍ତ ବିଭାଗ ସେମାନଙ୍କ ବିଭିନ୍ନ ଯୋଜନାର ତଥ୍ୟ ଏପର୍ଯ୍ୟନ୍ତ ପ୍ରଦାନ କରିପାରିନାହାନ୍ତି। ଏନେଇ ଅର୍ଥ ବିଭାଗ ନିର୍ଦ୍ଦେଶକ(ଇନ୍‌ଷ୍ଟିଚ୍ୟୁଶନାଲ ଫାଇନାନ୍ସ) ଡ. ପ୍ରଜ୍ଞାସ୍ମିତା ସାହୁ କହିଛନ୍ତି, ଡିବିଟି ଭାରତ ପୋର୍ଟାଲ ଯୋଡ଼ିବା ପ୍ରକ୍ରିୟା ଜାରି ରହିଛି। ସେ ଅନ୍ୟତ୍ର ବଦଳିହୋଇ ଯାଇଥିବାରୁ ଅଧିକ କିଛି କହିପାରିବେ ନାହିଁ ବୋଲି କହିଛନ୍ତି।

# ଦୁର୍ଘଟଣାରେ ଚାଲିଗଲା ୨ ଜୀବନ

## ଦିନକ ପରେ ହୋଇଥାନ୍ତା ବାହାଘର

ନୀଳଗିରି, ୨୫।୬(ପ୍ରଶାନ୍ତ ବିଶ୍ୱାଳ)

ନିର୍ବନ୍ଧ ସରିଥିଲା, ଦିନକ ପରେ ହୋଇଥାନ୍ତା ବାହାଘର। ସମସ୍ତ ପ୍ରସ୍ତୁତି ମଧ୍ୟ ସରିଥିଲା। ବିବାହରେ ଯୋଗଦେବାକୁ ଆସୁଥିବା ବନ୍ଧୁଙ୍କୁ ଆଣିବାକୁ ଯାଇ ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଡମ୍ପର ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁତୁରା ଗୁରୁତର ଆହତ ହୋଇଥିଲେ। ପରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ।

ନୀଳଗିରି ଥାନା ଅଧୀନ ନରସିଂହପୁର ପଞ୍ଚାୟତ ଗୋବରା ଗ୍ରାମର ହରେକୃଷ୍ଣ ମହାଳିକ (୩୨)ଙ୍କର ଆସନ୍ତା ଶୁକ୍ରବାର ବାହାଘର ହୋଇଥାନ୍ତା। ବୁଧବାର ଭୋର ସମୟରେ ତାଙ୍କ ପୁତୁରା ଜ୍ୟୋତିଶଙ୍କର ମହାଳିକ (୨୦)ଙ୍କ ସହିତ ଏକ କାର୍(ନଂ.ଏମ୍‌ଏଚ୍‌୦୨ସିଆର୍-୬୭୭୩)ରେ ସେରଗଡ଼ ଅଞ୍ଚଳରୁ ତାଙ୍କ ବନ୍ଧୁଙ୍କୁ ଆଣିବାକୁ ଯାଉଥିଲେ। ଶେରଗଡ଼ ନୀଳଗିରି ଝରଣାଘାଟି ଦେଇ ମୟୂରଭଞ୍ଜକୁ ସଂଯୋଗ କରୁଥିବା ୧୯ନଂ. ରାଜ୍ୟ ରାଜପଥର ନୀଳଗିରି ଏନ୍‌ଏସି ବାଲିଗୋହିରୀ ଛକ ନିକଟରେ ଶେରଗଡ଼ରୁ ନୀଳଗିରି ଅଭିମୁଖେ ଆସୁଥିବା ଡମ୍ପର(ନଂ. ଓଡ଼ି୦୧ଜି-୪୪୭୭) କାର୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହରେକୃଷ୍ଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜ୍ୟୋତିଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପୁତୁରାଙ୍କ ମଧ୍ୟ ମୃତ୍ୟୁ ହୋଇଛି। ସେପଟେ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାର ଓ ଗ୍ରାମବାସୀ ସେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତାକୁ ଅବରୋଧ କରିଥିଲେ। ନୀଳଗିରି ତହସିଲଦାର ସୋନମ୍ ଦାସ, ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଳିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ସେଠାରେ ପହଞ୍ଚିବା ପରେ କ୍ଷତିପୂରଣ ଓ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ନୀଳଗିରି ଥାନା ପକ୍ଷରୁ ଡମ୍ପର ଓ କାର୍‌କୁ ଜବତ କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ନୀଳଗିରି ମେଡିକାଲରେ ହରେକୃଷ୍ଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ହାତୀ ଆକ୍ରମଣରେ ଗଜସାଥୀଙ୍କ ମୃତ୍ୟୁ

ଛେଣ୍ଡିପଦା,୨୫।୬(ଅଜିତ୍ ଧଳ)

ଅନୁଗୋଳ ଜିଲା ଜରପଡ଼ା ବନାଞ୍ଚଳର କତଡ଼ା ଡଙ୍ଗାଧର ସାହିକୁ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ପଶି ଆସିଥିଲେ। ଖବରପାଇ ହାତୀ ସ୍କ୍ୱାଡ୍ ଓ ଗଜସାଥୀ ମିଳିତ ଭାବେ ହାତୀ ଘଉଡ଼ାଇବା ପାଇଁ ସେଠାକୁ ଯାଇଥିଲେ। ହେଲେ ହାତୀ ଘଉଡ଼ାଇବାବେଳେ ଏକ ହାତୀ ହାବୁଡ଼ରେ ଗଜସାଥୀ କତଡ଼ା ଗାଁର ଯୁଗଳ ନାଏକ ପଡ଼ିଯାଇଥିଲେ। ଯୁଗଳଙ୍କୁ ହାତୀ ଶୁଣ୍ଢରେ କଚାଡ଼ି ମାରିଦେଇଥିଲା। ଘଟଣାସ୍ଥଳରେ ଯୁଗଳଙ୍କ ପରିବାର ଓ ସ୍ଥାନୀୟ ଲୋକେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଦୀର୍ଘ ୧୦ ଘଣ୍ଟାରୁ ଉର୍ଦ୍ଧ୍ୱ ମୃତଦେହ ଘଟଣାସ୍ଥଳରେ ପଡ଼ିରହିଥିଲା। ଜରପଡ଼ା ରେଞ୍ଜର ମାଧବ ନାୟକ, ଏସ୍‌ସିଏଫ୍ କୃଷ୍ଣଚନ୍ଦ୍ର ସାହୁ, ଜରପଡ଼ା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବହୁ ଆଲୋଚନା ପରେ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ସହ ଜଣଙ୍କୁ ଚାକିରି ଦେବାପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## ପ୍ରଥମ ପୃଷ୍ଠାରୁ...

### ବର୍ଷକୁ ୨ ଥର ...

ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବା ବାଧ୍ୟତାମୂଳକ ରହିବ। ମେ'ରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚାହୁଁଥିବା ପିଲାଙ୍କ ପାଇଁ ଇଚ୍ଛାଧୀନ ରହିବ। ଛାତ୍ରୀଛାତ୍ରଙ୍କ ଉପରୁ ପରୀକ୍ଷାଜନିତ ବୋଝ ହ୍ରାସ କରିବା ପାଇଁ ଏହି ନୂଆ ପଦକ୍ଷେପ ନିଆଯାଇଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସନ୍ୟାମ୍ ଭରଦ୍ୱାଜ ଏହି ଅନୁମୋଦନ ସମ୍ପର୍କରେ ଘୋଷଣା କରି କହିଛନ୍ତି, ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ହେବ। ଫେବୃଆରୀରେ ପ୍ରଥମ ଓ ମେ'ରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହେବ। ଦୁଇଟି ଯାକ ପର୍ଯ୍ୟାୟ ପରୀକ୍ଷାର ଫଳ ଯଥାକ୍ରମେ ଏପ୍ରିଲ ଓ ଜୁନ୍‌ରେ ପ୍ରକାଶ ପାଇବ। ସମସ୍ତ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବାକୁ ବାଧ୍ୟ। ଦ୍ୱିତୀୟ ପର୍ଯ୍ୟାୟ ଚାହିଁଲେ ଦେବେ। ନ ଦେଲେ ବି ଚଳିବ। ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଭାଷା ମଧ୍ୟରୁ ସେମାନଙ୍କ ଯେକୌଣସି ୩ଟି ବିଷୟରେ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ସୁଯୋଗ ଦିଆଯିବ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ୩ଟି କିମ୍ବା ତା' ଅଧିକ ବିଷୟରେ ପରୀକ୍ଷା ଦେଇ ନ ଥିବେ, ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଦେବାକୁ ସୁଯୋଗ ମିଳିବ ନାହିଁ। ସେହି ପରୀକ୍ଷାର୍ଥୀମାନେ 'ଏସେନ୍‌ସିଆଲ ରିପିଟ୍' ବର୍ଗ ଭାବେ ବିବେଚିତ ହେବେ। ସେମାନେ ପରବର୍ତ୍ତୀ ବର୍ଷ ଫେବୃଆରୀରେ ମୁଖ୍ୟ ପରୀକ୍ଷା ଦେଇପାରିବେ।

ଅନ୍ୟପକ୍ଷରେ ସିବିଏସ୍‌ଇର ଅନୁମୋଦିତ ନିୟମ ଅନୁସାରେ ଯେଉଁ ସ୍କୁଲଗୁଡ଼ିକରେ ଶୀତ ଯୋଗୁ ପୃଥକ୍ ପାଠ୍ୟକ୍ରମ ରହିଥାଏ, ସେଠାକାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିକଟରେ ଦୁଇଟି ପର୍ଯ୍ୟାୟ ମଧ୍ୟରୁ ଯେକୌଣସି ଗୋଟିଏ ପରୀକ୍ଷା ଦେବାକୁ ବିକଳ୍ପ ରହିବ। ଏହି ସୁବିଧା କ୍ରୀଡ଼ାବିତ୍ ଛାତ୍ରୀଛାତ୍ରଙ୍କୁ ମଧ୍ୟ ମିଳିବ। ଇତିମଧ୍ୟରେ ଗ୍ରେଡ୍ ପାଇଁ ଇଣ୍ଟରନାଲ ଆସେସ୍‌ମେଣ୍ଟ (ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ) ଗୋଟିଏ ଶିକ୍ଷାବର୍ଷରେ କେବଳ ଥରେ ହେବ। ସିବିଏସ୍‌ଇ ପକ୍ଷରୁ ଗତ ଫେବୃଆରୀରେ ଘୋଷଣା କରାଯାଇଥିବା ଡ୍ରାଫ୍ଟ ନିୟମକୁ ବିଭିନ୍ନ ପକ୍ଷଙ୍କଠାରୁ ମତାମତ ଲୋଡ଼ିବା ସକାଶେ ଅପ୍‌ଲୋଡ୍ କରାଯାଇଥିଲା।

### ୨୦୨୦ ଏନ୍‌ଇପି

ନୂଆ ଏନ୍‌ଇପି ଅଧୀନରେ ବୋର୍ଡ ପରୀକ୍ଷାଗୁଡ଼ିକୁ ନେଇ ଅନେକ ସୁପାରିସ କରାଯାଇଥିଲା। ଏନ୍‌ଇପି ୨୦୨୦ରେ କୁହାଯାଇଛି ଯେ, କୋଚିଂ କ୍ଲାସ୍ କରିବା ଆବଶ୍ୟକତାକୁ ବନ୍ଦ କରିବା ପାଇଁ ବୋର୍ଡ ଓ ପ୍ରବେଶିକା ପରୀକ୍ଷାର ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯିବ। ବର୍ତ୍ତମାନର ମୂଲ୍ୟାଙ୍କନ ବ୍ୟବସ୍ଥା ଯୋଗୁ ପଡୁଥିବା କ୍ଷତିକାରକ ପ୍ରଭାବକୁ ଦୂର କରିବା ପାଇଁ ବୋର୍ଡ ପରୀକ୍ଷାଗୁଡ଼ିକୁ ପୁନଃ ଡିଜାଇନ୍ କରାଯିବ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ସେମାନେ ଅନେକ ବିଷୟ ମଧ୍ୟରୁ ମନପସନ୍ଦର ବିଷୟ ଚୟନ କରିପାରିବେ। ତା' ଉପରେ ସେମାନେ ପରୀକ୍ଷା ଦେବେ। ସେହିପରି ବର୍ଷକୁ ୨ ଥର ପରୀକ୍ଷା ଦେବା ପାଇଁ ପିଲାଙ୍କୁ ସୁଯୋଗ ପ୍ରଦାନ ସମ୍ପର୍କରେ ମଧ୍ୟ ନୂଆ ଏନ୍‌ଇପିରେ ସୁପାରିସ କରାଯାଇଥିଲା।

# ରଥଯାତ୍ରା ଶ୍ରଦ୍ଧାଳୁଙ୍କ ସେବାରେ ଭାରତୀୟ ରେଳ



**ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସୂଚନା ଓ ପ୍ରସାରଣ ମନ୍ତ୍ରୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇସାରିଛି। ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ସାରା ବିଶ୍ୱରୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଆସ୍ଥାର ଏକ ଯାତ୍ରା। ଏହି ତୀର୍ଥଯାତ୍ରୀମାନଙ୍କ ସେବାରେ ଭାରତୀୟ ରେଳ ସମ୍ପୂର୍ଣ୍ଣ ସମର୍ପିତ ଭାବେ ନିୟୋଜିତ ରହିଛି। ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଦିବ୍ୟ ଅନୁଭୂତି ଲାଗି ସବୁପ୍ରକାର ସୁବିଧା ଯୋଗାଇ ଦେଉଛି ରେଳବାଇ।

ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିରେ ଐତିହାସିକ ବିକାଶ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ନୀତି ଅନ୍ତର୍ଗତ, ଓଡ଼ିଶାର ରେଳ ବଜେଟ ଆବଣ୍ଟନ ପରିମାଣ ୨୦୦୯-୧୪ ତୁଳନାରେ ୧୨ ଗୁଣ ବୃଦ୍ଧି ପାଇ ୨୦୨୫-୨୬ରେ ୧୦ ହଜାର ୫୦୦ କୋଟିରୁ ଅଧିକ ଟଙ୍କାରେ ପହଞ୍ଚିଛି। ୨୦୧୪ ପରଠାରୁ ଓଡ଼ିଶାରେ ୨,୧୦୦ କିଲୋମିଟର ନୂଆ ରେଳ ଲାଇନ ନିର୍ମାଣ ହୋଇଛି। ଏହା ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟ୍‌ୱର୍କଠାରୁ ଅଧିକ ଲମ୍ବା।

ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ପାଇଁ ପ୍ରାୟ ୭୩ ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାମ ଜାରି ରହିଛି। ୫୯ଟି ଅମୃତ ଷ୍ଟେଶନ ବିକଶିତ କରାଯାଉଛି। ଏଥିମଧ୍ୟରୁ ୧୬ଟି ଷ୍ଟେଶନ ଆକାଂକ୍ଷୀ ଜିଲାଗୁଡ଼ିକରେ ରହିଛି। ୬ଟି ବନ୍ଦେ ଭାରତ ଟ୍ରେନ ରାଜ୍ୟର ୧୭ଟି ଜିଲାରେ ଯାତ୍ରୀ ସେବା ଯୋଗାଇ ଦେଉଛନ୍ତି।

ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ପ୍ରତ୍ୟେକ ବର୍ଷ ରେଳବାଇ ଲକ୍ଷ ଲକ୍ଷ ରଥଯାତ୍ରା ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦିଏ।

## ତୀର୍ଥଯାତ୍ରୀଙ୍କ ପାଇଁ ସୁଗମ ଯାତ୍ରା ସୁବିଧା

ଗତ ୧୧ ବର୍ଷ ମଧ୍ୟରେ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ସଂଖ୍ୟା ଚାରି ଗୁଣ ବୃଦ୍ଧି ପାଇଛି। ଚଳିତ ବର୍ଷ ପୁରୀକୁ ୮୫୦ଟି ନିୟମିତ ଏବଂ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ସେବା ସମେତ ମୋଟ ୧୨୧୫ଟି ଟ୍ରେନ ସେବା ଯୋଗାଇ ଦିଆଯାଉଛି। ଏହି ରେଳ ସେବା ଆକାଂକ୍ଷୀ ଜିଲା କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ଗଜପତି ଓ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଆଦିବାସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଯୋଗାଇ ଦିଆଯିବ।

## ଦିବ୍ୟ ଅନୁଭୂତି ପାଇଁ ଏକ ଆରାମଦାୟକ ଯାତ୍ରା

ସେବା ପରମ ଧର୍ମ ଭାବନା ନେଇ ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ତୀର୍ଥଯାତ୍ରୀଙ୍କର ସମ୍ମାନ, ଆରାମ ଏବଂ ସୁରକ୍ଷା ସୁନିଶ୍ଚିତ କରିଥାଏ। ଚଳିତ ବର୍ଷ ସମାବେଶୀ ତୀର୍ଥ ଯାତ୍ରା ଲାଗି ସବୁଠୁ ବଡ଼ ଅଭିଯାନ ଆରମ୍ଭ କରାଯାଇଛି। ଦୈନିକ ୨ ଲକ୍ଷ ଯାତ୍ରୀଙ୍କ ସମେତ ପ୍ରାୟ ୨୦ ଲକ୍ଷ ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦେବାକୁ ରେଳବାଇ ପ୍ରସ୍ତୁତ। ଏକାଥରକେ ୨୫ ହଜାର ତୀର୍ଥଯାତ୍ରୀଙ୍କୁ ଆଶ୍ରୟ ଦେବା ଲାଗି ଏକ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯାଇଛି। ଖରା ଓ ଗରମରୁ ରକ୍ଷା ପାଇଁ ତୀର୍ଥଯାତ୍ରୀଙ୍କ ନିମନ୍ତେ ଯଥେଷ୍ଟ ବନ୍ଦୋବସ୍ତ କରାଯାଇଛି। ଯଥେଷ୍ଟ ସଂଖ୍ୟାରେ ଖାଦ୍ୟ ଷ୍ଟଲ, ପାଣି ବୁଥ୍ ଓ କୁଲର୍ ବ୍ୟବସ୍ଥା କରାଯାଇଛି। ତୀର୍ଥଯାତ୍ରୀଙ୍କୁ ପ୍ରାୟ ୨.୫ ଲକ୍ଷ ମାଗଣା ଭୋଜନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ପରିମଳ ଓ ସ୍ୱଚ୍ଛତା ପାଇଁ ଆଧୁନିକ ଜେଟ୍ ସଫେଇ ମେଶିନ ଏବଂ ସ୍ୱେରେଜ ସକ୍ସନ ଟ୍ରକ୍ ସମେତ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଇଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସିସିଟିଭି, ଡ୍ରୋନ୍ ଏବଂ ମୁଖମଣ୍ଡଳ ଚିହ୍ନଟ ବ୍ୟବସ୍ଥା ବା ଫେସ୍ ରେକଗ୍ନିଶନ ସିଷ୍ଟମ୍ ସେମାନଙ୍କୁ ସହାୟକ ହେବ।

ଦିବ୍ୟାଙ୍ଗଜନ, ବୟସ୍କ, ମହିଳା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ମେଡିକାଲ୍ ବୁଥ୍, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଚଳିତବର୍ଷ, ଭାରତୀୟ ରେଳବାଇ ପୁରୀ ରେଳ ଷ୍ଟେଶନକୁ ଏକ ସମାବେଶୀ ତଥା ଆସ୍ଥାକେନ୍ଦ୍ରିତ ଜନସେବାର ଆଦର୍ଶ ଷ୍ଟେଶନ ରୂପେ ବିକଶିତ କରିଛି।

## ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ସ୍ୱତନ୍ତ୍ର ରେଳ ଜ୍ୟାକ୍

ରଥଯାତ୍ରାରେ ଇଞ୍ଜିନିୟର ଏବଂ ଟେକ୍ନିସିଆନଙ୍କ ସମେତ ଭାରତୀୟ ରେଳବାଇର ଏକ ବିଶେଷ ଦଳ ମଧ୍ୟ ନିୟୋଜିତ ହୋଇଥା'ନ୍ତି। ଏହି ଦଳ ଯାତ୍ରା ସମୟରେ ରଥଗୁଡ଼ିକର ସୁଗମ ଗତି ଏବଂ ମରାମତି କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଉତ୍ତରଦାୟୀ ରହିଥାଏ। ଏହି ଦଳ ବିଶାଳ ରଥଗୁଡ଼ିକୁ ନିର୍ମାଣସ୍ଥଳରୁ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପରିବହନରେ ସହାୟତା କରେ।

ନିର୍ଦ୍ଧାରିତ ମାର୍ଗରେ ରଥଗୁଡ଼ିକୁ ଯଥାସ୍ଥାନରେ ରଖିବା, ସେଗୁଡ଼ିକର ଅବସ୍ଥିତି ପ୍ରତି ଧ୍ୟାନଦେବା ଏବଂ ଆଗକୁ ଗଡ଼ାଇବାରେ ରେଳବାଇ ଦଳ ସ୍ୱତନ୍ତ୍ର ସ୍କ୍ରୁ ଜ୍ୟାକ୍ ବ୍ୟବହାର କରିଥାଏ। ଏହା ମାର୍ଗରେ ଆସୁଥିବା ବାଧାଗୁଡ଼ିକୁ ହଟେଇବା ଏବଂ ରଥଗୁଡ଼ିକ ମଧ୍ୟରେ ଯଥେଷ୍ଟ ଦୂରତା ବଜାୟ ରଖିବାରେ ମଧ୍ୟ ସହାୟତା କରିଥାଏ। ରଥଯାତ୍ରା ସରିବା ପର୍ଯ୍ୟନ୍ତ ଏହି ଦଳ ରଥଗୁଡ଼ିକ ପାଖରେ ରହିଥାଏ।

ଭାରତୀୟ ରେଳବାଇ ଦେଶର ଜୀବନରେଖା ରୂପେ ଲୋକମୁଖରେ ମାନ୍ୟତା ଲାଭ କରିଛି। ରଥଯାତ୍ରାକୁ ନିଜର ଜୀବନରେଖା ରୂପେ ବିଚାର କରୁଥିବା ତୀର୍ଥଯାତ୍ରୀଙ୍କ ସମେତ ସବୁ ଭାରତୀୟଙ୍କ ସେବାରେ ରେଳବାଇ ପୂର୍ଣ୍ଣ ସମର୍ପିତ ରହିଛି।

# ବିଜେଡି ନେତାଙ୍କ ସରାଗ ଭାଙ୍ଗିଗଲା

**ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)**



ମୁମ୍ବାଇ ଯାଇଥିବା ବିଜେଡି ନେତାମାନେ।

- ନବୀନଙ୍କୁ ଦେଖାକରିପାରିଲେନି, ବବିଙ୍କ ଫୋନ୍‌ରୁ ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍
- ଯେଉଁମାନେ ଯାଇଥାଆନ୍ତେ, ସେମାନେ କହିଲେଣି କାହିଁକି ଯିବେ
- ଉଦ୍ଦେଶ୍ୟ ପୂରଣ ହେଲାନି, ହୋଟେଲ୍‌ରେ ରହି ଖାଇପିଇ ଫେରିଲେ

ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବେ ଚିକିତ୍ସାଧୀନ ରହିଛନ୍ତି। ନବୀନ ପୂର୍ବରୁ କେବେ ନିଜର ଚିକିତ୍ସା ସମ୍ପର୍କରେ ସାଧାରଣରେ ସବିଶେଷ ତଥ୍ୟ ଦେଇଯାଇ ନ ଥିଲେ। ହେଲେ ପ୍ରଥମ ଥର ଲାଗି ସେ ନିଜ ଚିକିତ୍ସା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସାଧାରଣ ଲୋକଙ୍କୁ ଜଣାଇଥିଲେ। ଏହାପରେ ଦଳୀୟ ନେତା ଓ କର୍ମୀମାନେ ନବୀନଙ୍କ ଆଶୁ ଆରୋଗ୍ୟ କାମନାକରି ପୂଜାର୍ଚ୍ଚନାରେ ଲାଗି ପଡ଼ିଥିଲେ। ଏହାପରେ କେତେଜଣ ଆଗ ଧାଡ଼ିର ନେତା ନିଜ ନେତାଙ୍କୁ ଦେଖାକରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ଲାଗି ମୁମ୍ବାଇ ଅଭିମୁଖେ ବାହାରିପଡ଼ିଥିଲେ। ହେଲେ ଏହି ନେତାମାନଙ୍କ ସବୁ ସରାଗ ଭାଙ୍ଗିଯାଇଛି। ନିଜ ନେତାଙ୍କୁ ପାଖରୁ ଦେଖିବାକୁ ନ ପାଇ କେବଳ ଭିଡିଓ କଲ୍‌ରେ ଦେଖି ନିଜ ମନ ଖୁସି କରିବାକୁ ଚେଷ୍ଟା କରିଛନ୍ତି। ନିଜ ନେତାଙ୍କ ଦେଖା ନ ପାଇ ଦଳର ବରିଷ୍ଠ ନେତାମାନେ ଖାଲିରେ ଫେରିଥିବା ଖବର ଜାଣିବା ପରେ ଯେଉଁ ଆଉ କେତେଜଣ ନେତା ମୁମ୍ବାଇ ଯିବେ ବୋଲି ବାହାରିଥିଲେ, ସେମାନେ ଏବେ ନିଜ ମନ ବଦଳାଇ ଦେଇଛନ୍ତି। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ମୋବାଇଲ୍ ଫୋନ୍‌ରୁ ଭି.କେ. ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍ ଯାଇଥିଲା। ଏହିପରି ବନ୍ଦେ ଯାଇଥିବା ନେତାମାନେ ନବୀନଙ୍କୁ ଦେଖିଥିଲେ, ଯାହା ଦଳ ଭିତରେ ଆହୁରି ଅସନ୍ତୋଷକୁ ବଢ଼ାଇ ଦେଇଛି।

ଗତ ସାଧାରଣ ନିର୍ବାଚନରେ ବିଜେଡି ସରକାରରୁ ଯିବା ପାଇଁ ପାଣ୍ଡିଆନ୍ ଏବଂ ବବିଙ୍କୁ ଦଳର ଏକାଧିକ ନେତା ଓ କର୍ମୀ ଦାୟୀ କରିଥିଲେ। ନିର୍ବାଚନ ପୂର୍ବରୁ ଦଳରେ ବବି ସବୁଠାରୁ କ୍ଷମତାଶାଳୀ ନେତା ହୋଇଯାଇଥିବା ବେଳେ ପାଣ୍ଡିଆନ୍ ପୂରା ଦଳକୁ ପରିଚାଳନା କରୁଥିଲେ। ଅନ୍ୟ ନେତାମାନଙ୍କୁ ସେତେବେଳେ ସମ୍ପୂର୍ଣ୍ଣ ଅଣଦେଖା କରିଦିଆଯାଇଥିଲା। ଯେଉଁ ନେତା ନବୀନଙ୍କୁ ଦେଖା କରିବାକୁ ଚାହୁଁଥିଲେ, ତାହା ସମ୍ଭବ ହେଉ ନ ଥିଲା। ଯିଏ ସବୁ ଆସୁଥିଲେ, ପାଣ୍ଡିଆନଙ୍କୁ ଦେଖା କରୁଥିଲେ। ପାଣ୍ଡିଆନ୍‌ଙ୍କୁ ଦେଖାକରିବା ପାଇଁ ବବି ହିଁ ମାଧ୍ୟମ ସାଜିଥିଲେ, ଯେଉଁଥିଲାଗି ଦଳର ପରାଜୟ ପରେ ଏଭଳି ବିରୋଧ ହୋଇଥିଲା ଯେ ପାଣ୍ଡିଆନ୍ ରାଜନୀତିରୁ ସନ୍ନ୍ୟାସ ନେଉଥିବା କଥା କହିଥିଲେ। ହେଲେ ଏବେ ଯେତେବେଳେ ନିର୍ବାଚନ ଫଳ ବାହାରିବାର ଗୋଟିଏ ବର୍ଷ ବିତିଯାଇଛି ଏବଂ ସେହି ଢାଞ୍ଚା ଏବେ ବି ଦଳ ଭିତରେ ଚାଲିଛି। ତାକୁ ଦେଖି ଦଳ ଭିତରେ ପୁଣି ଥରେ କମ୍ପନ ଆରମ୍ଭ ହୋଇଛି। ଜଣେ ବରିଷ୍ଠ ନେତା କହିଛନ୍ତି, ଦଳକୁ ଏତେ କ୍ଷତି ସହିବାକୁ ପଡିଲା ପରେ ବି ଯଦି ପାଣ୍ଡିଆନ୍ ଏବଂ ବବି ସବୁ ନିୟନ୍ତ୍ରଣରେ ରଖିଛନ୍ତି ତେବେ ବିଜେଡିର ଭବିଷ୍ୟତ ଭଲ ନୁହେଁ। ନବୀନଙ୍କୁ ଦେଖାକରିବା ପାଇଁ ସେଇ ବବିଙ୍କ ଫୋନ୍‌ରୁ ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍ କରାଯିବ, ଏହିଭଳି ନବୀନଙ୍କୁ ଦେଖିବାକୁ ପଡ଼ିବ। ଏହାର ଅର୍ଥ ବବି ଆଉ ପାଣ୍ଡିଆନଙ୍କ ନିୟନ୍ତ୍ରଣରେ ଏବେ ବି ଦଳ ଚାଲିଛି, ଯାହାକି ଭବିଷ୍ୟତ ଲାଗି ଭଲ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟପଟେ କିନ୍ତୁ ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଦଳର ଏକାଧିକ ନେତା ନବୀନଙ୍କୁ ଦେଖି ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଲେ ବୋଲି ଉଲ୍ଲେଖ କରାଯାଇଛି।

ମଙ୍ଗଳବାରଠାରୁ ମୁମ୍ବାଇ ଯାଇଥିବା ନେତାମାନେ ନବୀନଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକ ଏବଂ ତାଙ୍କ ପୁତୁରା ଅରୁଣ ପଟ୍ଟନାୟକଙ୍କୁ ଭେଟିଥିବା ଜଣାପଡିଛି। ପ୍ରେମ୍‌ଙ୍କ ସହ ଦଳୀୟ ନେତାମାନେ କିଛି ସମୟ ଆଲୋଚନା କରିଥିଲେ। ଏହି ନେତାମାନେ ମୁମ୍ବାଇରେ ଏକ ଘରୋଇ ହୋଟେଲରେ ଗୋଟିଏ ଦିନ ରହିଥିଲେ। ଏମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ ରାଉତ, ସଞ୍ଜୟ ଦାସବର୍ମା, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମାନସ ମଙ୍ଗରାଜ, ପ୍ରଣବ ବଳବନ୍ତରାୟ, ସଞ୍ଜୀବ ମଲ୍ଲିକ, ବିଶ୍ୱରଞ୍ଜନ ମଲ୍ଲିକ, ବିକ୍ରମ ପଣ୍ଡା, ଚନ୍ଦ୍ରଶେଖର ସାହୁ ପ୍ରମୁଖ ରହିଛନ୍ତି।

# ସାପ କାମୁଡ଼ାରେ ବାପପୁଅଙ୍କ ମୃତ୍ୟୁ

**ବାରିପଦା,୨୫।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ବାଘଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାପକାମୁଡ଼ାରେ ବାପ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୋରଡ଼ା ବ୍ଲକ କୋହି ପଞ୍ଚାୟତ ଅନ୍ତର୍ଗତ ପ୍ରତାପଚନ୍ଦ୍ରପୁର ଗାଁର ହରେକୃଷ୍ଣ ମୁଖି(୪୫) ଓ ତାଙ୍କ ୫ ବର୍ଷର ପୁଅ ଇଶାନ। ହରେକୃଷ୍ଣ ବାଘଡ଼ା ଡାକ୍ତରଖାନାରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ବାପ ପୁଅଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ବାଘଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୮ଟାରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

DSPL-145

# ରଥଯାତ୍ରା ସମୟରେ
## ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ମାର୍ଗଦର୍ଶିକା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡା ଯାତ୍ରା ଚଳିତ ବର୍ଷ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୭ ତାରିଖରେ ଶେଷ ହେବ। ଏହି ସମୟରେ ପୁରୀ, କେନ୍ଦ୍ରାପଡା, ବାରିପଦା, କେଉଁଝର, କୋରାପୁଟ ଆଦି ପ୍ରମୁଖ ସ୍ଥାନମାନଙ୍କରେ ପ୍ରବଳ ଜନସମାଗମ ହେବ। ବର୍ଷା ଦିନ ଆସିଯାଇଥିବାରୁ ବିଭିନ୍ନ ସଂକ୍ରାମକ ରୋଗର ଆଶଙ୍କା ଏ ବର୍ଷ ଅଧିକ ଥିବାର ଅନୁଭୂତ ହେଉଛି। ଏଥରୁ ରକ୍ଷା ପାଇବା ପାଇଁ ନିମ୍ନ ଲିଖିତ ସତର୍କତା ଗୁଡିକ ପାଳନ କରିବା ବିଧେୟ।

- ପିଇବା ପାଇଁ ଫୁଟାପାଣି/ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧିତ ପାଣି/ ହାଲୋଜେନ୍ ବଟିକା ଦ୍ୱାରା ବିଶୋଧିତ ପାଣି ବ୍ୟବହାର କରନ୍ତୁ
- ଖାଇବା ପୂର୍ବରୁ, ଖାଦ୍ୟ ରାନ୍ଧିବା ପୂର୍ବରୁ ଏବଂ ଶୌଚ ହେବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ /ବାସି ଖାଦ୍ୟ/ପଚା ଫଳମୂଳ/ ଦହିବରା, ଗୁପଚୁପ, ସରବତ୍, ଲସି ଆଦି ଗ୍ରହଣ କରନ୍ତୁ ନାହିଁ
- ଥଣ୍ଡା କାଶ, ଜ୍ୱର, ଝାଡା କିମ୍ବା ବାନ୍ତି ଆଦି ଲକ୍ଷଣ ଥିବା ବ୍ୟକ୍ତି, ବୟୋବୃଦ୍ଧ, ଭିନ୍ନକ୍ଷମ, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଭିଡ଼ ମଧ୍ୟକୁ ନଆସି ଟିଭି ମାଧ୍ୟମରେ ରଥଯାତ୍ରା ଦେଖନ୍ତୁ
- ଖରା ହେଉଥିଲେ ମୁଣ୍ଡରେ ଟୋପି / ଓଦା ଗାମୁଛା ବ୍ୟବହାର କରନ୍ତୁ
- ରାତ୍ର ରହଣି ଥିଲେ ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ପରାମର୍ଶ କରନ୍ତୁ
- ଆମ୍ବୁଲାନ୍ସ ସେବା ପାଇଁ ୧୦୮ ଏବଂ ସ୍ୱାସ୍ଥ୍ୟ ସୂଚନା ପାଇଁ ୧୦୪ କୁ ଦେୟମୁକ୍ତ ଫୋନ୍ କରନ୍ତୁ

OIPR-10003/13/0216/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

DSPL - 142



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୫

**୨୬ ଜୁନ୍ - ୦୨ ଜୁଲାଇ ୨୦୨୫**

- ବୈଦ୍ୟୁତିକ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରନ୍ତୁ ଏବଂ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାନ୍ତୁ
- ସମସ୍ତ ବିଦ୍ୟୁତ ଉପକରଣ ଗୁଡିକରେ ଉପଯୁକ୍ତ କ୍ଷମତାର ତାର, ସର୍କିଟ୍ ବ୍ରେକର/ ଫ୍ୟୁଜ୍, ମେନ୍ ସୁଇଚ୍, ଚେଞ୍ଜଓଭର ଇତ୍ୟାଦି ବ୍ୟବହାର କରନ୍ତୁ ଏବଂ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରାନ୍ତୁ
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର୍.ସି.ସି.ବି ବ୍ୟବହାର କରନ୍ତୁ
- ବିଦ୍ୟୁତ୍ ଆଘାତ ପ୍ରାପ୍ତ ପିଡିତଙ୍କୁ ଉଦ୍ଧାର କରିବା ବେଳେ, ଖାଲି ହାତ ବା ଓଦା ବସ୍ତୁ ଦ୍ୱାରା ସ୍ପର୍ଶ କରନ୍ତୁ ନାହିଁ, ଶୁଖିଲା କାଠବାଡ଼ି କିମ୍ବା ବିଦ୍ୟୁତ୍ କୁପରୀବାହି ବସ୍ତୁର ବ୍ୟବହାର କରନ୍ତୁ



ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ,
ଜୀବନ ସୁରକ୍ଷିତ ରଖନ୍ତୁ



OIPR-04066/13/0026/2526

ଶକ୍ତି ବିଭାଗ, ଓଡ଼ିଶା ସରକାର

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା

-ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଉଭାଯାତ୍ରା, ଚନ୍ଦ୍ରଦର୍ଶନ ଓ ପୂଜା

# ଲଣ୍ଡା ମଣିଷ



ଦେବଦତ୍ତ ପଟ୍ଟନାୟକ

ବିଦ୍ୱାନ୍‌ଙ୍କ ମତରେ, ପ୍ରାୟ ୭୦୦ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ଯେତେବେଳେ ପଣ୍ଡିତ ମଦନ ମିଶ୍ରଙ୍କୁ ସାକ୍ଷାତ୍ କରିବାକୁ ଗଲେ, ସେତେବେଳେ ମିଶ୍ରେ ତାଙ୍କୁ ଚାହିଁଲେ ନାହିଁ। କାରଣ ଶଙ୍କରାଚାର୍ଯ୍ୟଙ୍କ ମୁଣ୍ଡ ଲଣ୍ଡା ଥିଲା। ଏଥିପାଇଁ ଏବେ ବି ଶଙ୍କରାଚାର୍ଯ୍ୟ ତାଙ୍କ ମୁଣ୍ଡକୁ ଏକ କନାରେ ଘୋଡ଼ାଇ ରଖନ୍ତି; ଯେହେତୁ ଲଣ୍ଡିତ ମସ୍ତକକୁ ଏବେ ମଧ୍ୟ ଦୁର୍ଭାଗ୍ୟ ଓ ଅମଙ୍ଗଳର ସଙ୍କେତ ଭାବେ ଦେଖାଯାଉଛି। ସମୟ ଥିଲା, ଏହି କାରଣରୁ ଗୃହସ୍ଥମାନେ ସନ୍ନ୍ୟାସୀଙ୍କ ଠାରୁ ଦୂରେଇ ରହୁଥିଲେ। ପାରମ୍ପରିକ ଭାବେ ପୁରାତନ କାଳରେ ବୈଦିକ ସନ୍ନ୍ୟାସୀ ବା ଯୋଗୀମାନଙ୍କର ଲମ୍ବା କେଶ ଥିଲା ଏବଂ ସେମାନେ ଗଣ୍ଠି ପକାଇ ବାନ୍ଧୁଥିଲେ। ଋଗ୍‌ବେଦରେ ଲମ୍ବା କେଶକୁ ଆକାଶର ସଙ୍କେତ ବୋଲି କୁହାଯାଇଛି। ଏହାର ସମ୍ପର୍କ ରୁଦ୍ରଙ୍କ ସହ ରହିଛି ଏବଂ ୧୫୦୦ ଖ୍ରୀଷ୍ଟାବ୍ଦ ପରେ ସଂସ୍ଥା ରୂପେ ସାମ୍ନାକୁ ଆସିଥିବା ଆଖଡ଼ା ନାଗାଙ୍କର ବୈଦିକ ପ୍ରତିରୂପ ହୋଇପାରେ। ସାଞ୍ଚି ସ୍ତୂପରେ ସ୍ପଷ୍ଟଭାବେ ଦର୍ଶାଯାଇଛି ଯେ, ୨୦୦୦ ବର୍ଷ ପୂର୍ବେ ସହରରେ ବାସ କରୁଥିବା ଧନୀକଙ୍କର ମଧ୍ୟ ଲମ୍ବାକେଶ ଥିଲା। ସେମାନେ ତାହାକୁ ଗଣ୍ଠିକରି ସେଥିରେ ବିଭିନ୍ନ ରତ୍ନ ସଜାଇ ଆକର୍ଷଣୀୟ କରୁଥିଲେ।

ବୁଦ୍ଧ ଯେତେବେଳେ ସନ୍ନ୍ୟାସୀ ହେଲେ ସେତେବେଳେ ସେ ଲଣ୍ଡାହୋଇ କେଶ ଦାନ କରିଥିଲେ। ଏହାକୁ ଦେବତାଙ୍କ ରାଜା ସକ୍ରା (ସାକ୍କ ବା ଶାକ୍ର ଭାବେ ମଧ୍ୟ ଜଣାଶୁଣା) ସଂଗ୍ରହ କରିଥିଲେ। ପରେ ବୁଦ୍ଧଙ୍କ କେଶରୁ କେରାଏ ବଣିକମାନଙ୍କୁ ଏବଂ ଉତ୍କଳପଦର ତପୁସା ଓ ଭଲ୍ଲିକା (ବୁଦ୍ଧଙ୍କର ପ୍ରଥମ ଶିଷ୍ୟ)ଙ୍କୁ ଦେଇଥିଲେ। ଏମାନେ ବୁଦ୍ଧଙ୍କ ଦେହାବଶେଷ (କେଶ, ଦାନ୍ତ ଓ ଅସ୍ଥି)କୁ ସ୍ତୂପରେ ରଖିବାର ପରମ୍ପରା ଆରମ୍ଭ କରିଥିଲେ। ଯୋଗୀ ଭାବେ ନିଜକୁ ପ୍ରତିପାଦିତ କରିବା ଏବଂ ମହିଳାଙ୍କ ଠାରୁ ଦୂରେଇ ରହିବା ସକାଶେ ବୁଦ୍ଧ ଓ ତାଙ୍କ ସନ୍ନ୍ୟାସୀମାନେ ଲଣ୍ଡା ହେଉଥିଲେ। ତେବେ ଖ୍ରୀଷ୍ଟାବ୍ଦ ୧୦୦ ପରେ ବୁଦ୍ଧଙ୍କ କଳାକୃତି ଯେତେବେଳେ ସୃଷ୍ଟି କରାଗଲା, ସେତେବେଳେ ତାଙ୍କୁ ବନ୍ଧାଯାଇଥିବା କେଶ ସହ ଚିତ୍ରଣ କରାଯାଇଥିଲା। କାରଣ ସେତେବେଳେ ଲୋକେ ଲଣ୍ଡାମୁଣ୍ଡିଆ ମଣିଷଙ୍କ ମୂର୍ତ୍ତିକୁ ଘୃଣା କରୁଥିଲେ। ପରେ ବୌଦ୍ଧଧର୍ମ ଚାଇନା ଓ ଜାପାନକୁ ବ୍ୟାପିଥିଲା, ଯେଉଁଠି ତାଓ ଧର୍ମର ସନ୍ନ୍ୟାସୀମାନେ ଲଣ୍ଡା ହେଉଥିଲେ। ସେଠାରେ ଲଣ୍ଡିତ ବୌଦ୍ଧ ସନ୍ନ୍ୟାସୀଙ୍କ ମୂର୍ତ୍ତି ଅତି ଲୋକପ୍ରିୟ ହୋଇଗଲା। ଲଣ୍ଡିତ ମସ୍ତକଧାରୀ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ମଧ୍ୟ ସାମ୍ନାକୁ ଆସିଲା। ଥାଇଲାଣ୍ଡରେ ବୁଦ୍ଧଙ୍କ ମୁଣ୍ଡ ଉପରେ ଥିବା ଜଟ ଆକାରରେ



ବନ୍ଧା ହୋଇଥିବା କେଶକୁ ହଟାଇ ଦିଆଗଲା। ଏହାସହ ଜୈନଧର୍ମରେ ସନ୍ନ୍ୟାସୀମାନେ ପାର୍ଥିବ ବିଷୟାସକ୍ତକୁ ତ୍ୟାଗ କରିଛନ୍ତି ବୋଲି ଦର୍ଶାଇବା ପାଇଁ ଲଣ୍ଡା ହେଉଥିଲେ। କିନ୍ତୁ ଚିତ୍ରକଳାରେ ଜୈନ ତୀର୍ଥଙ୍କରଙ୍କୁ ବହୁ ସମୟରେ କୁଞ୍ଚୁକୁଞ୍ଚିଆ କେଶ ସହ ଦେଖିବାକୁ ମିଳେ ଏବଂ ଋଷଭନାଥଙ୍କୁ ତାଙ୍କ କାନ୍ଧ ପର୍ଯ୍ୟନ୍ତ ଲମ୍ବିଥିବା କେଶ ସହ ଚିତ୍ରଣ କରାଯାଇଛି।

ବିଭିନ୍ନ ଧର୍ମୀୟ ବିଷୟକୁ ଦର୍ଶାଇବା ପାଇଁ କେଶକୁ ଦୀର୍ଘଦିନରୁ ବ୍ୟବହାର କରାଯାଇଆସିଛି। ଲଣ୍ଡାମୁଣ୍ଡ ତ୍ୟାଗର ପ୍ରତୀକ ହୋଇଥିବାବେଳେ କେଶପୂର୍ଣ୍ଣ ମୁଣ୍ଡ ପୌରୁଷତ୍ୱ, ଶକ୍ତି ଓ ସୌନ୍ଦର୍ଯ୍ୟକୁ ସୂଚିତ କରେ। ବଳରାମଙ୍କର ଲମ୍ବା ଓ ସୁନ୍ଦର କେଶ ଥିଲାବେଳେ କୃଷ୍ଣଙ୍କର ବହଳିଆ କୁଞ୍ଚୁକୁଞ୍ଚିଆ କେଶ ଥିବା ବର୍ଣ୍ଣନା କରାଯାଇଛି। କୃଷ୍ଣ ଅଧାଲଣ୍ଡା ହୋଇ ଓ ନିଶ ଅଧା କାଟି ରୁକ୍ମଣୀଙ୍କୁ ଏକ ଶିକ୍ଷା ଦେଇଥିବା କଥା ମହାଭାରତର ଏକ କାହାଣୀରେ ବର୍ଣ୍ଣନା କରାଯାଇଛି। ଜଣେ କଠୋର ତପସ୍ୱୀ ଭାବେ ଶିବ ତାଙ୍କ ଜଟାକୁ ଏଭଳି ମଜଭୁତ କରି ବାନ୍ଧିଥିଲେ ଯେ ସ୍ୱର୍ଗରୁ ମର୍ତ୍ତ୍ୟକୁ ମାତା ଗଙ୍ଗା ଓହ୍ଲାଇବା ବେଳେ ଧାରା ଭାଙ୍ଗିଯାଇଥିଲା ଅର୍ଥାତ୍ ଗତିପଥ ବଦଳି ଯାଇଥିଲା। କିନ୍ତୁ ଜଟା ଖୋଲି ନ ଥିଲା। ଏହି ଜଟାରେ ମଧ୍ୟ ଚନ୍ଦ୍ର ରହିଛନ୍ତି।

ବ୍ରାହ୍ମଣମାନେ ଆଧ୍ୟାତ୍ମିକ ଜଗତରେ ସେମାନଙ୍କ ଦାୟିତ୍ୱର ସଙ୍କେତ ଭାବେ ଦର୍ଶାଇବା ପାଇଁ ମୁଣ୍ଡର କିଛି ଅଂଶ ଲଣ୍ଡା ହୋଇଥାନ୍ତି। ତଥାପି ଗଣ୍ଠି ପକାଯାଇଥିବା କେଶ ଧାରଣ କରି ଦର୍ଶାଇଥାଆନ୍ତି ଯେ, ସେମାନେ ଏପର୍ଯ୍ୟନ୍ତ ସାଂସାରିକ ଜଗତ ସହ ସଂଶ୍ଳିଷ୍ଟ ଅଛନ୍ତି। ସେମାନଙ୍କ କାର୍ଯ୍ୟ ସୂଚିତ କରୁଛି ସେମାନେ ସମ୍ପୂର୍ଣ୍ଣ ସନ୍ନ୍ୟାସୀ କିମ୍ବା ଗୃହସ୍ଥ ନୁହନ୍ତି। ପୁରାଣ ଲୋକଥାରେ କୁହାଯାଇଛି, ଚାଣକ୍ୟ ତାଙ୍କ କେଶର ଗଣ୍ଠି ଖୋଲିଦେଇଥିଲେ ଏବଂ ତାଙ୍କୁ ନନ୍ଦରାଜ କରିଥିବା ଅପମାନର ପ୍ରତିଶୋଧ ନ ନେବା ଯାଏ କେଶ ବାନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ଲୋକନାଟକରେ ନାରଦ ତାଙ୍କ ଗଣ୍ଠିପକା କେଶରେ ଫୁଲଗୁଡ଼ିଏ ବାନ୍ଧିଥିବା ଦେଖାଯାଏ ଏବଂ ଏହିସବୁ ଫୁଲ କୃଷ୍ଣଙ୍କ ବୈଜୟନ୍ତୀ ମାଳାର ସୁଗନ୍ଧ ଦେଇଥାଏ ବୋଲି କୁହାଯାଏ।

ଶୁଦ୍ଧିକ୍ରିୟାରେ ଲଣ୍ଡାହେବା ପରମ୍ପରା ରହିଛି। ମୃତ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ କରିବା ପାଇଁ ଏହା କରାଯାଇଥାଏ। ତେବେ ମୃତବ୍ୟକ୍ତି ପୃଥିବୀକୁ ସମ୍ପୂର୍ଣ୍ଣ ଛାଡ଼ିଯାଇ ନାହାନ୍ତି ବୋଲି ଦର୍ଶାଇବା ଲାଗି ମୁଣ୍ଡରେ କିଛି କେଶ ଛାଡ଼ିଦିଆଯାଏ। ସମ୍ପୂର୍ଣ୍ଣ ଲଣ୍ଡିତ ମୁଣ୍ଡ ସାଂସାରିକ ଜୀବନର ତ୍ୟାଗ ବା ସନ୍ନ୍ୟାସକୁ ସୂଚିତ କରେ। ଭୂମଧ୍ୟସାଗରୀୟ ଅଞ୍ଚଳ ବା ୟୁରୋପ, ଏସିଆ ଓ ଆଫ୍ରିକାର କିଛି ଅଞ୍ଚଳରେ କେଶକୁ ସ୍ୱାର୍ଥ ତଥା ଅହଂକାରର ସଙ୍କେତ ଭାବେ ଦେଖାଯାଏ। ଏଣୁ ଏହିସବୁ ଅଞ୍ଚଳରେ ଖ୍ରୀଷ୍ଟିଆନ ସନ୍ନ୍ୟାସୀମାନେ ଲଣ୍ଡା ହୋଇଥାନ୍ତି। ପ୍ରାଚୀନକାଳରେ ବିଶେଷକରି ଯୋଦ୍ଧାମାନେ ଲମ୍ବାକେଶ ରଖୁଥିଲେ। ଇହୁଦୀ ବାଇବେଲ୍ (ଖ୍ରୀଷ୍ଟିଆନ୍‌ଙ୍କ ଓଲ୍ଡ ଟେଷ୍ଟାମେଣ୍ଟ)ରେ ଏ ସମ୍ପର୍କିତ କାହାଣୀ ରହିଛି। ଡେଲିହା(ଜଣେ ଇହୁଦୀ ମହିଳା) ସାମସନ୍‌ଙ୍କୁ ଲଣ୍ଡା କରିଦେବା ପରେ ସେ କିଭଳି ତାଙ୍କ ଶକ୍ତି ହରାଇଲେ ତାହା ଏଥିରେ ବର୍ଣ୍ଣନା କରାଯାଇଛି। ଏହାବ୍ୟତୀତ ରାଜକୁମାର ଅବସାଲୋମ୍ ତାଙ୍କ ଗହଳ ବା ବହଳିଆ ଚୁଟିକୁ ନେଇ ଗର୍ବ କରୁଥିଲେ। ସେ ତାଙ୍କ ପିତାଙ୍କ ବିରୋଧରେ ବିଦ୍ରୋହ କରିଥିଲେ ଏବଂ ସୈନ୍ୟଙ୍କ ପାଖରୁ ଖସି ପଳାଉଥିବାବେଳେ ତାଙ୍କ ଚୁଟି ଏକ ଗଛ ଶାଖାରେ ଲାଗିଯାଇଥିଲା। ଫଳରେ ସେ ରଥରୁ ତଳକୁ ଛିଟିକି ପଡ଼ିଥିଲେ ଏବଂ ସୈନ୍ୟମାନେ ତାଙ୍କୁ ଧରି ହତ୍ୟା କରିଥିଲେ।

ଗ୍ରୀକ୍ ପୁରାଣରେ ବର୍ଣ୍ଣନା ରହିଛି ଯେ, ଆକିଲେସ୍ ତାଙ୍କ ଅତିପ୍ରିୟ ସାଙ୍ଗ ପାଟ୍ରୋକ୍ଲସ୍‌ଙ୍କ ଦେହାନ୍ତ ପରେ ଶୋକବ୍ୟକ୍ତ କରିବା ଲାଗି ନିଜର ଲମ୍ବା ଚୁଟି କାଟିଦେଇଥିଲେ। ରୋମ୍‌ର ସୈନ୍ୟମାନେ କ୍ରିଯୁ କଟ୍(ମୁଣ୍ଡ ଉପରେ ଛୋଟ ଓ ବେକ ଆଡ଼କୁ ଅତି ଛୋଟ) କେଶ ପାଇଁ ବେଶ୍ ଜଣାଶୁଣା। ଶତ୍ରୁପକ୍ଷ ଚୁଟିକୁ ଧରି ବେକକୁ ଯେମିତି କାଟି ନ ପାରିବେ ସେଥିପାଇଁ ଏଭଳି ହେୟାର କଟ୍‌କୁ ଆପଣାଇଥିଲେ। ୧୭୦୦ ଦଶନ୍ଧିରେ ଗୁରୁ ଗୋବିନ୍ଦ ସିଂ ଯେତେବେଳେ ଖଲ୍‌ସା ପ୍ରତିଷ୍ଠା କଲେ, ସେତେବେଳେ ଶିଖ୍ ଯୋଦ୍ଧାମାନେ ଚୁଟି କାଟିବା ବନ୍ଦକରିଦେଲେ ଏବଂ ତାହାକୁ ପଗଡ଼ିଭଳି ବାନ୍ଧିଦେଲେ। ସୈନ୍ୟମାନେ ମୋଗଲ ଉତ୍ପୀଡ଼ନ ବିରୋଧରେ ଯୁଦ୍ଧ କରିବା ସମୟରେ ସେମାନଙ୍କୁ ଏହି ପଗଡ଼ି ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା।

ଜାପାନରେ ବୌଦ୍ଧଧର୍ମ ପ୍ରସାର କରିବା ପରେ ସେଠାରେ ଲଣ୍ଡାହେବା ପରମ୍ପରା ଲୋକପ୍ରିୟ ହୋଇଥିଲା। ପ୍ରାରମ୍ଭିକ ସମୟରେ ପୁରୁଷମାନେ ଲମ୍ବା କେଶ ଓ ଦାଢ଼ି ରଖୁଥିଲେ। କିନ୍ତୁ ୧୬୦୦ ଦଶନ୍ଧିର ଏଡୋ ସମୟ(ଟୋକୁଗାୱା ଶାସନକାଳ)ରେ ସମୁରାଇ ଯୋଦ୍ଧାମାନଙ୍କୁ ଦାଢ଼ି କାଟିବା ଦରକାର ପଡ଼ିଲା। ଫଳରେ ସେମାନେ ହେଲ୍‌ମେଟ ପିନ୍ଧିବା ସମୟରେ କମ୍ ଝାଳ ବାହାରୁଥିଲା ଏବଂ ହେଲମେଟ୍‌କୁ ସୁରକ୍ଷିତ ରଖିବା ଲାଗି କେଶକୁ ଗଣ୍ଠି ପକାଇ ମୁଣ୍ଡର ଉପରଭାଗରେ ବାନ୍ଧି ଦେଉଥିଲେ, ଯାହା ସମୁରାଇଙ୍କ ପାଇଁ ବ୍ୟବହାରିକ ହୋଇଗଲା। ସମୟକ୍ରମେ ଏହା ଏକ ଫ୍ୟାଶନ୍ ହେବା ସହ ଏକ ସଙ୍କେତ ମଧ୍ୟ ପାଲଟିଗଲା।

–devduttofficial@gmail.com

# ମଧ୍ୟରାତ୍ରିର ଚିନ୍ତା



ରୁଦ୍ର ପ୍ରସନ୍ନ ରଥ

ଦିନସାରା ହାଡ଼ଭଙ୍ଗା ପରିଶ୍ରମ ପରେ ରାତିରେ ଶାନ୍ତିରେ ଶୋଇବାକୁ ଯିବା ଆମ ସମସ୍ତଙ୍କର ଜୀବନର ଲକ୍ଷ୍ୟ। ଭଲ ନିଦ କିଏ ବା ନ ଚାହେଁ । ଜୀବନରେ ଆଉ କିଛି ଥାଉ କି ନ ଥାଉ, ଗଭୀର ନିଦ ପାଇଁ ସମସ୍ତେ ଭଗବାନ୍‌ଙ୍କୁ ଡାକନ୍ତି ଏବଂ ନିଦ ଆସିଗଲେ ଭଗବାନ୍‌ଙ୍କୁ ଧନ୍ୟବାଦ ବି ଦିଅନ୍ତି। ତେବେ ଆମମାନଙ୍କ ଭିତରେ ଏମିତି ଅନେକ ଥିବେ ଯାହାଙ୍କ ଭାଗ୍ୟରେ ଭଲ ନିଦ ନ ଥାଏ। ଅନେକ ଚେଷ୍ଟା ପରେ, ଅନେକ ଯତ୍ନ ପରେ ବି ସେମାନଙ୍କ ଆଖିକୁ ନିଦ ଆସେ ନାହିଁ। କିଏ ମଧ୍ୟରାତ୍ରି ଯାଏ ଅନେଇ ବସେ ତ ଆଉ କିଏ ବୁଲାବୁଲି କରି ସାରିଲା ପରେ ହିଁ ବିଛଣାକୁ ଆସେ। ନିଦ୍ରାହୀନତା ସାରା ଦୁନିଆକୁ ଗିଳିବାକୁ ବସିଲାଣି। ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ୨୦୧୬ ଅନୁଯାୟୀ ଭାରତରେ ପ୍ରତି ୫ ଜଣରେ ଜଣେ ଏହି ସମସ୍ୟା ଭୋଗନ୍ତି। ୨୦୧୯ ମସିହାରେ ଇଣ୍ଡିଆନ ଜର୍ନାଲ ଅଫ୍ ସାଇକିଆଟ୍ରି ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୩୩–୩୬ ପ୍ରତିଶତ ଭାରତୀୟ ଏହି ନିଦ୍ରାହୀନତାରେ ପୀଡ଼ିତ। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ପରି ବଡ଼ ବଡ଼ ସହରରେ ଏହି ହାର ୪୦% ଯାଏ ଯାଇପାରେ। ବିପିଓ କିମ୍ବା ଆଇଟି କ୍ଷେତ୍ରରେ କାମ କରୁଥିବା ଲୋକ ଏବଂ ବୟସ୍କ ବର୍ଗରେ ଏହି ସଂଖ୍ୟା ବେଶ୍ ଅଧିକ। ରାତିରେ ଭଲ ଭାବେ ଶୋଇ ପାରୁ ନ ଥିବା ବ୍ୟକ୍ତିବିଶେଷ ସକାଳେ କାମ କରିବାରେ ଅସୁବିଧା ଭୋଗ କରନ୍ତି। କାମରେ ମନ ଲଗାଇ ପାରନ୍ତି ନାହିଁ। ଅଳ୍ପ କାମରେ ଥକି ଯାଆନ୍ତି। ସେମାନେ କାମ କରୁଥିବା କ୍ଷେତ୍ରର ଉତ୍ପାଦିକା ଶକ୍ତି ହ୍ରାସ ପାଏ।

ନିଦ୍ରାହୀନତାରେ ପୀଡ଼ିତ ବ୍ୟକ୍ତି ସବୁ କାମ ଶୀଘ୍ର ସାରିଦେଇ ଶୋଇବାକୁ ଯାଏ ସିନା ହେଲେ ତା' ଆଖିକୁ ନିଦ ଆସେ ନାହିଁ। ତୂଳି ତଳ୍ପର ଶେଯ ତାକୁ କଣ୍ଟକିତ ମନେହୁଏ। ସେ ତକିଆ ବଦଳାଏ। ଖଟରେ ମୁଣ୍ଡ ଜାଗାରେ ଗୋଡ଼ ଆଉ ଗୋଡ଼ ଜାଗାରେ ମୁଣ୍ଡ ଲଗାଇ ଶୋଇବାକୁ ଚେଷ୍ଟା କରେ। ପଙ୍ଖା ବଢ଼ାଏ, କମାଏ। ମୋବାଇଲ ଘାଣ୍ଟୁ ଥାଏ। ପାଣି ପିଏ। ଶୌଚାଳୟ ଯାଏ। ଘୋଡ଼ାଇ ହୁଏ। ଚାଦର ବାହାର କରେ। ତଥାପି ନିଦ ତା' ଆଖିରେ ନ ଥାଏ। ନିଦ ନ ଥିଲା ବେଳେ ଚିନ୍ତା ସବୁ ତା' ମୁଣ୍ଡକୁ ଚିତାବାଘ ପରି ମାଡ଼ିଆସନ୍ତି। ରୋଜଗାର, ପିଲାଙ୍କ ପଠାପଢ଼ା, ଚାକିରି ସମସ୍ୟା, ପରିବାର ଲୋକଙ୍କ କଥା ତା'ର ମନେପଡ଼େ। ସେ ଚିନ୍ତାରେ ଗୋଳେଇ ଘାଣ୍ଟି ହୁଏ। ଚିନ୍ତାରେ ଯେତେ ଯେତେ ଘାଣ୍ଟି ହୁଏ ନିଦ ତା' ଠୁ ସେତେ ସେତେ ପଛକୁ ଯାଉଥାଏ। ସମୟ ଗଡୁଥାଏ ଆଉ ସେ ଅନିଦ୍ରାଜନିତ ଅବସାଦର ଶିକାର ହୋଇ ଚାଲିଥାନ୍ତି। ହୁଏତ ନିଦ ବିଳମ୍ବରେ ଆସେ, ଆଉ ସେ ଆସିଲା ବେଳକୁ ତା'ପରଦିନର ରୁଟିନ ସବୁକୁ ବିଗାଡ଼ି ଦେଇଥାଏ।

ନିଦ୍ରାହୀନତା ବଢୁଥିବାବେଳେ ଏହାକୁ ନେଇ ବେପାର ବେଉସା ବଢି ବଢି ଚାଲିଲାଣି। ତୁରନ୍ତ ନିଦ୍ରା ଆସିବା ପାଇଁ ବଟିକା, ଶିରପଠୁ ଆରମ୍ଭ କରି କେତେ କ'ଣ ଔଷଧ ଏବେ ବଜାରରେ ଉପଲବ୍ଧ। ଏଥିପାଇଁ ମୋବାଇଲରେ ଅନେକ ଆପ୍ସଠୁ ଆରମ୍ଭ କରି ସୁଖ ନିଦ୍ରାପ୍ରଦାୟିନୀ ତକିଆଯାଏ ମିଳୁଛି। ବେପାରୀମାନେ ଏହାକୁ ଆଳକରି ବର୍ଷକୁ ହଜାର ହଜାର କୋଟି ଟଙ୍କାର ବ୍ୟବସାୟ କରିପାରୁଛନ୍ତି। ସାରାରାତି ତଥାପି ନିଦ ଆଖିଠାରୁ ଅନେକ ଦୂରରେ। ମଣିଷ ଶାରୀରିକ ପରିଶ୍ରମ କମ୍ କରୁଥିବା ବେଳେ ମୋବାଇଲରେ ଦୀର୍ଘ ସମୟ ଧରି ବ୍ୟସ୍ତ ରହୁଥିବାରୁ ନିଦ ତାକୁ ଧରାଛୁଆଁ ଦେଉ ନାହିଁ। ଏଣୁ ଏଥିପାଇଁ ଅନେକ ସାଧାରଣ ପ୍ରୟୋଗ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଯେମିତି, ଦିନ ୨ଟା ପରେ ଚା କିମ୍ବା କଫି ନ ପିଇବା, ରାତିରେ ଖାଇବା ପୂର୍ବରୁ କିଛି ସମୟ ଚାଲିବା, ଶୋଇବା ପୂର୍ବରୁ ନିଶା ସେବନ ନ କରିବା ଏପରି କି ଶୋଇବାକୁ ଯିବାର ଅଧଘଣ୍ଟା ପୂର୍ବରୁ ମୋବାଇଲ ଦେଖିବା ବନ୍ଦ କରିବା ଆଦି କରିବା ସହ ଅତ୍ୟଧିକ ଚିନ୍ତାରୁ ବିରତ ରହିବା ହିଁ ସୁଖ ନିଦ୍ରାର ଚାବିକାଠି। ଏ ସବୁ ହୁଏତ ଏକାଥରେ କରିହେବ ନାହିଁ। କିନ୍ତୁ ଧୀରେ ଧୀରେ ନିଶ୍ଚୟ କରିହେବ। ଯଦି ଆପଣଙ୍କୁ ନିଦ ହେଉ ନାହିଁ ତେବେ ଡେରି କାହିଁକି ଆପଣ ଏସବୁ ଆଜି ହିଁ ଚେଷ୍ଟା କରି ଦେଖନ୍ତୁ ।

**ଧବଳଗିରି, ଯାଜପୁର ରୋଡ୍**
**ମୋ: ୭୯୭୮୬୭୧୭୭୬**

## ଏଇ ଭାରତରେ

ଇଞ୍ଜିନିୟର ନବୀନ କୁମାର ଚାକିରି ଛାଡ଼ି ଭିକାରି ଓ ଅସହାୟ ଲୋକଙ୍କୁ ନୂଆ ଜୀବନ ଦେଉଛନ୍ତି। ସେ ଭିକାରିମୁକ୍ତ ଦେଶର ଲକ୍ଷ୍ୟ ନେଇ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ପାଇଁ ସେ ଅଚ୍ଛାୟମ ଟ୍ରଷ୍ଟ ଗଠନ କରିଛନ୍ତି। ଏବେ ସୁଦ୍ଧା ସେ ୧୪୦୦ରୁ ଅଧିକ ଭିକାରିଙ୍କୁ ଥଇଥାନ କରିସାରିଲେଣି। ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ କରାଇବା ସହ ସେମାନଙ୍କ ପାଇଁ ରହିବାର ବନ୍ଦୋବସ୍ତ ମଧ୍ୟ କରିଛନ୍ତି। ନବୀନ ତାମିଲନାଡୁର ସାଲେମ୍‌ରେ ରହି ଗେଟ୍ ପାଇଁ ପ୍ରସ୍ତୁତ ହେଉଥିଲେ। ସେ ସମୟରେ ସେଠାରେ ଅଧିକ ଭିକାରି ଦେଖିଥିଲେ ଓ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଚିନ୍ତା କରିଥିଲେ। ପରେ ଅଚ୍ଛାୟମ ଟ୍ରଷ୍ଟ ଗଠନ କରି କାମ ଆରମ୍ଭ କରିଦେଇଥିଲେ। ଏହାକୁ ପ୍ରଥମେ ସେ ତାଙ୍କ ଦରମା ଟଙ୍କାରେ ଚଳାଉଥିଲେ। ଦିନରେ ଅଫିସ କାମ କରିବା ପରେ ରାତି ୧୧ଟା ପରେ ଟ୍ରଷ୍ଟ ପାଇଁ ସମୟ ଦେଉଥିଲେ। ପରେ ଚାକିରି ଛାଡ଼ି ପୂରା ସମୟ ଦେଉଛନ୍ତି। ଏବେ ଏଥିପାଇଁ ବିଭିନ୍ନ ଉତ୍ସରୁ ଆର୍ଥିକ ସହଯୋଗ ମିଳୁଛି। ବିଭିନ୍ନ ସ୍ଥାନରୁ ପ୍ରତିଦିନ ୨୦ରୁ ଅଧିକ କଲ୍ ପାଇ ଅସହାୟ ଭାବେ ରହୁଥିବା ଭିକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଆଶ୍ରୟସ୍ଥଳୀକୁ ଆଣୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଜୁନ୍ ୧୯୭୬

- ବମ୍ବେ ହାଇ ଅନ୍ତର୍ଗତ ଦୁଇଟି ତୈଳ କୂପରୁ ଦୈନିକ ୮,୦୦୦ ବ୍ୟାରେଲ ଅଶୋଧିତ ତୈଳ ଉତ୍ପାଦନ।
- ଦକ୍ଷିଣ ଆଫ୍ରିକା ବର୍ଣ୍ଣବିଦ୍ୱେଷ ହିଂସାକାଣ୍ଡରେ ୧ ହଜାରରୁ ଊର୍ଦ୍ଧ୍ୱ କୃଷ୍ଣକାୟଙ୍କୁ ହତ୍ୟା କରାଯାଇଥିବା ଜାତିସଂଘର ବର୍ଣ୍ଣବିଦ୍ୱେଷ ବିରୋଧୀ କମିଟିର ଯୋଗସୂତ୍ର ଅଧିକାରୀ ନିକାସିଓ ଲାଲଦୋରମା ପ୍ରକାଶ କରିଛନ୍ତି।
- ହାନୋଇଠାରେ ଉତ୍ତର ଓ ଦକ୍ଷିଣ ଉଭୟ ଭିଏତ୍‌ନାମର ମିଳିତ ଜାତୀୟ ଆସେମ୍ବ୍ଲି ଉଦ୍‌ଘାଟିତ ହେବା ସଙ୍ଗେ ସଙ୍ଗେ ଦୁଇ ଭିଏତ୍‌ନାମ ଆନୁଷ୍ଠାନିକ ଭାବେ ଗୋଟିଏ ଦେଶରେ ପରିଣତ ହୋଇଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 4 | | 8 | | | 3 | | |
| | | | | 5 | | 2 | 9 | |
| | | | | | | | 8 | |
| | 9 | | | | | 6 | | 7 |
| | | 5 | | 6 | | | | |
| 4 | | 7 | | | | | 1 | |
| | | | | | 3 | 4 | | |
| 1 | | | | | 6 | 9 | | 2 |
| | | | | 1 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 7 | 9 | 1 | 4 | 3 | 5 | 2 |
| 4 | 1 | 2 | 5 | 6 | 3 | 9 | 7 | 8 |
| 9 | 5 | 3 | 8 | 7 | 2 | 1 | 4 | 6 |
| 3 | 4 | 9 | 1 | 5 | 8 | 2 | 6 | 7 |
| 1 | 7 | 5 | 2 | 3 | 6 | 8 | 9 | 4 |
| 2 | 6 | 8 | 4 | 9 | 7 | 5 | 1 | 3 |
| 5 | 2 | 6 | 7 | 8 | 9 | 4 | 3 | 1 |
| 7 | 9 | 4 | 3 | 2 | 1 | 6 | 8 | 5 |
| 8 | 3 | 1 | 6 | 4 | 5 | 7 | 2 | 9 |

ଗତକାଲିର ଉତ୍ତର

# ସାମରିକ ଖର୍ଚ୍ଚ ବୃଦ୍ଧି ଓ ବିଶ୍ୱଶାନ୍ତି



ସୁକାନ୍ତ କୁମାର ପଟେଲ

ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକାକୁ ହୃଦୟଙ୍ଗମ କରିବା ପରେ ବିଶ୍ୱବାସୀ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ୨୪ ଅକ୍ଟୋବର ୧୯୪୫ରେ ଜାତିସଂଘ ପ୍ରତିଷ୍ଠା କରିଥିଲେ। କିନ୍ତୁ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ପ୍ରଚେଷ୍ଟା ପରେ ମଧ୍ୟ ବିଶ୍ୱରେ ଚିର ଶାନ୍ତି ପ୍ରତିଷ୍ଠା ଅସମ୍ଭବ ହୋଇଛି। କହିବା ବାହୁଲ୍ୟ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏତେ ସହଜ ହୋଇ ନ ଥିଲେ ମଧ୍ୟ ଆଦୌ ଅସମ୍ଭବ ନୁହେଁ।

ଏମିତି କୌଣସି ଦିନ ନାହିଁ, ଯେଉଁଦିନ ବିଶ୍ୱର କୋଣେ ଅନୁକୋଣେ ଯୁଦ୍ଧର ଘନଘଟା ଯୋଗୁ ଜୀବନ ହାନି ନ ହେଉଛି। ଯୁଦ୍ଧ ବନ୍ଦ ନ ହେବା ପର୍ଯ୍ୟନ୍ତ ବିଶ୍ୱରେ ଶାନ୍ତି ଆସିବା ଅସମ୍ଭବ। ଶକ୍ତି, ସାମର୍ଥ୍ୟ ଓ କ୍ଷମତାର ଲଢ଼େଇ ଜାରି ରହିଛି। ଶକ୍ତିଶାଳୀ ଦେଶଗୁଡ଼ିକ ନିଜର କ୍ଷମତା ବିସ୍ତାର ନିମନ୍ତେ ଯୁଦ୍ଧ ପ୍ରଚ୍ଛଦପଟର ଖଳ ନାୟକ ସାଜିଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କର ଖେଳ ଆଜି ସମଗ୍ର ବିଶ୍ୱ ପାଇଁ କାଳ ପାଲଟିବାକୁ ଯାଉଛି।

ସେ ଯାହାହେଉ ପ୍ରତିରକ୍ଷା ଖର୍ଚ୍ଚ ଏବଂ ବିଶ୍ୱ ଶାନ୍ତି ଉଭୟ ଅନୁପୂରକ। ଯଦି ବିଶ୍ୱରେ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ପାଏ, ତେବେ ଶାନ୍ତି ସ୍ଥାପନା ଅସମ୍ଭବ। ଆଜିର ବିକାଶ ପ୍ରତିଯୋଗିତାରେ ଦେଶଗୁଡ଼ିକ ପ୍ରତିରକ୍ଷା ଖର୍ଚ୍ଚ ମାଧ୍ୟମରେ ବିଶ୍ୱର ବିନାଶକୁ ଆମନ୍ତ୍ରଣ କରିବାରେ ବ୍ୟସ୍ତ। ଏମିତି ସମୟ ଆସିଛି ଯେ, ଯେତେ ଦୁର୍ବଳ ଦେଶ ହେଲେ ମଧ୍ୟ ବିଶ୍ୱର ଅନେକ ଶକ୍ତିଶାଳୀ ଦେଶ ତାକୁ ଯୁଦ୍ଧାସ୍ତ୍ର ଯୋଗାଣରେ ସହାୟତା କରିବେ ଏବଂ ପ୍ରଚ୍ଛଦପଟର ଖଳନାୟକ ବନିଯିବେ। ଏହାଦ୍ୱାରା ସେମାନଙ୍କର ପ୍ରମୁଖ ଦୁଇଟି ଉଦ୍ଦେଶ୍ୟ ପୂରଣ ହେବ। ଯଥା ନିଜର ଶକ୍ତି ପରୋକ୍ଷରେ ପ୍ରଦର୍ଶନ କରାଇବା ସଙ୍ଗେ ସଙ୍ଗେ ନିଜର ଅସ୍ତ୍ରଶସ୍ତ୍ର ଅତି ସହଜରେ ବିକ୍ରୟ କରିପାରିବେ।

ଷ୍ଟକ୍‌ହୋମ୍ ଅନ୍ତର୍ଜାତୀୟ ଶାନ୍ତି ଗବେଷଣା ସଂସ୍ଥା ଏହାର ବାର୍ଷିକ ପୁସ୍ତିକା ୨୦୨୫ ଏବେ ପ୍ରକାଶ କରିଛି। ଏହାର ରିପୋର୍ଟ ଅନୁଯାୟୀ, ବିଶ୍ୱର ସାମରିକ ଖର୍ଚ୍ଚ ୨୦୨୪ରେ ସର୍ବାଧିକ ବୃଦ୍ଧି ପାଇ ୨.୭ ଟ୍ରିଲିୟନ ଡଲାରରେ ପହଞ୍ଚିଛି, ଯାହାକି ପୂର୍ବବର୍ଷ ତୁଳନାରେ ୯.୪୫% ଅଧିକ। ସୁତରାଂ ବର୍ତ୍ତମାନ ପ୍ରତିରକ୍ଷା ଖର୍ଚ୍ଚ ବିଶ୍ୱର ମୋଟ ସାମଗ୍ରିକ ଆୟ (ଜିଡିପି)ର ୨.୫%, ଯାହାକି ଯୁଦ୍ଧରତ ଦେଶଗୁଡ଼ିକ ଅଞ୍ଚଳରେ ପ୍ରାୟ ୪.୪%।

୨୦୨୪ରେ ଏସିଆ ମହାଦେଶର ସମୁଦାୟ ପ୍ରତିରକ୍ଷା ଖର୍ଚ୍ଚ ଥିଲା ୬୨୯ ବିଲିଅନ ଡଲାର। ୟୁରୋପ ଏବଂ ଆଫ୍ରିକାର ସେହିବର୍ଷରେ ଖର୍ଚ୍ଚ ଥିଲା ଯଥାକ୍ରମେ ୬୯୩ ଓ ୫୨.୧ ବିଲିଅନ ଡଲାର। ଅପରପକ୍ଷରେ ଉତ୍ତର ଆମେରିକା, ଦକ୍ଷିଣ ଆମେରିକାର ଖର୍ଚ୍ଚ ଥିଲା ଯଥାକ୍ରମେ ୧୦୨୭ ଏବଂ ୫୩.୬ ବିଲିଅନ ଡଲାର। ମଧ୍ୟପ୍ରାଚ୍ୟର ସେହି ବର୍ଷରେ ଖର୍ଚ୍ଚ ୨୪୩ ବିଲିଅନ ଡଲାର। ଆହୁରି ମଧ୍ୟ ୟୁରୋପ ମହାଦେଶରେ ସାମରିକ ଖର୍ଚ୍ଚ ରୁଷିଆ–ୟୁକ୍ରେନ ଯୁଦ୍ଧ ଯୋଗୁଁ ପ୍ରାୟ ୧୭% ବୃଦ୍ଧି ପାଇଥିବାର ଏହି ରିପୋର୍ଟରେ ପ୍ରକାଶ ପାଇଛି। ୟୁରୋପର ରୋମାନିଆ, ପୋଲାଣ୍ଡ ଓ ଜର୍ମାନୀର ଦେଶର ସାମରିକ ଖର୍ଚ୍ଚ ବୃଦ୍ଧି ପାଇଛି ଯଥାକ୍ରମେ ୪୩ ,୩୧ ଏବଂ ୨୮ ପ୍ରତିଶତ ହିସାବରେ । କିନ୍ତୁ ରୁଷିଆ ଓ ୟୁକ୍ରେନର ସାମରିକ ଖର୍ଚ୍ଚରେ ବୃଦ୍ଧି ଘଟିଛି ଯଥାକ୍ରମେ ୩୮ ଏବଂ ୨.୯ ପ୍ରତିଶତ ହିସାବରେ।

କେବଳ ସେତିକି ନୁହେଁ, ସମଗ୍ର ବିଶ୍ୱରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଖର୍ଚ୍ଚ ସର୍ବାଧିକ,



ଯାହା ୯୯୭ ବିଲିଅନ ଡଲାର। ଅନ୍ୟପଟେ ଚାଇନାର ସାମରିକ ଖର୍ଚ୍ଚ ମାତ୍ର ୩୧୪ ବିଲିଅନ ଡଲାର। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ବିଶ୍ୱର ଅସ୍ତ୍ରଶସ୍ତ୍ର ଉତ୍ପାଦନ ଶିଳ୍ପ ସଂଖ୍ୟା ଓ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଛି। ତାଲିକାରେ ଥିବା ପ୍ରଥମ ୧୦୦ଟି ଅସ୍ତ୍ର କମ୍ପାନି ୨୦୨୩ରେ ଆୟ କରିଥିଲେ ୬୩୨ ବିଲିଅନ ଡଲାର ଏବଂ ୭୩ଟି ଶିଳ୍ପର ଅଭିବୃଦ୍ଧି ହାର ଯଥେଷ୍ଟ ଅଧିକ ଥିବାବେଳେ ୩୯ଟି ଶିଳ୍ପର ଆୟ ପ୍ରାୟ ଦ୍ୱିଗୁଣିତ ହୋଇଥିଲା। ବିଶ୍ୱ ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଆମେରିକାର ଅଂଶ ୪୩%, ଯାହା ସବୁଠାରୁ ଅଧିକ। ଏହାପରେ ଫ୍ରାନ୍ସ ୧୦, ରୁଷିଆ ୮, ଚାଇନା ୬, ଜର୍ମାନୀ ଏବଂ ଇଟାଲୀ ୫% ସାମଗ୍ରୀ ରପ୍ତାନି କରୁଥିବାବେଳେ ଇଂଲଣ୍ଡ ୪ ପ୍ରତିଶତ, ଇସ୍ରାଏଲ ଏବଂ ସ୍ପେନ ୩% ଓ ଦକ୍ଷିଣ କୋରିଆ ୨% ରପ୍ତାନି କରିଥା'ନ୍ତି।

ଏବେ ଆସନ୍ତୁ, ବିଶ୍ୱରେ ଯୁଦ୍ଧର ଘନଘଟା ଉପରେ ସମ୍ୟକ୍ ଆଲୋକପାତ କରିବା। ସମ୍ମୁଖ ଯୁଦ୍ଧ, ସେନାବାହିନୀ ଦ୍ୱାରା କରାଗଲାବେଳେ ପ୍ରଚ୍ଛଦପଟରୁ ଯୁଦ୍ଧ ପରିଚାଳନା କରନ୍ତି ରାଜନେତାମାନେ। ଅର୍ଥାତ୍ ଯୁଦ୍ଧ ଆରମ୍ଭ ଏବଂ ଶେଷ ହୁଏ ରାଜନେତାଙ୍କ ନିର୍ଦ୍ଦେଶରେ। କିନ୍ତୁ ମୃତାହତ ହୁଅନ୍ତି ସେନା ଏବଂ ସାଧାରଣ ଜନତା। ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାଯାଏ ଯେ, ପ୍ରଥମ ବିଶ୍ୱଯୁଦ୍ଧ ଜୁନ ୨୮, ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ଦୀର୍ଘ ଚାରି ବର୍ଷ ଧରି ଜାରି ରହିଥିଲା। ଏଥିରେ ଜର୍ମାନୀ, ଅଷ୍ଟ୍ରିଆ, ହଙ୍ଗେରୀ ଏବଂ ତୁର୍କୀ ଭଳି ପ୍ରମୁଖ ଦେଶଗୁଡ଼ିକ କେନ୍ଦ୍ର ଶକ୍ତି ଭାବେ ମିଳିତ ହୋଇ ଫ୍ରାନ୍ସ, ଇଂଲଣ୍ଡ, ରୁଷିଆ, ଇଟାଲୀ, ଜାପାନ ଓ ଆମେରିକା (ଆମେରିକାର ଯୋଗଦାନ ୨୦୧୭ ରେ) ମିତ୍ର ଶକ୍ତି ବିରୋଧରେ ଲଢ଼େଇ କରିଥିଲେ। ପରିଶେଷରେ ମିତ୍ର ଶକ୍ତି ବିଜୟ ଲାଭ କରିଥିବାବେଳେ ବିଶ୍ୱର ବିପୁଳ କ୍ଷୟକ୍ଷତି ସହ ମୋଟ ୮.୫ ନିୟୁତ ସୈନ୍ୟ ଏବଂ ଅସଂଖ୍ୟ ସାଧାରଣ ଜନତା ନିହତ ଏବଂ ଆହତ ହୋଇଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୁଖ୍ୟ କାର୍ପଟଦାର ଦେଶ ଥିଲେ ଜର୍ମାନୀ, ଜାପାନ ଏବଂ ଇଟାଲୀ । ମୁଖ୍ୟ ମିତ୍ରଶକ୍ତି ଭାବେ ଅସ୍ତ୍ର ଧରିଥିଲେ ଫ୍ରାନ୍ସ, ଇଂଲଣ୍ଡ, ଆମେରିକା ଏବଂ ଚାଇନା। ଯଦିଓ ମିତ୍ରଶକ୍ତି ଏଥିରେ ବିଜୟୀ ହୋଇଥିଲେ, ଏହାଥିଲା ବିଶ୍ୱ ଇତିହାସରେ ସବୁଠାରୁ ରକ୍ତାକ୍ତ ଯୁଦ୍ଧ। ସେହି ଦିନଠାରୁ ବିଶ୍ୱର କୋଣେ ଅନୁକୋଣେ ନିରବଚ୍ଛିନ୍ନ ଯୁଦ୍ଧ ଚାଲୁ ରହିଛି। ଏହାପରେ ପ୍ରମୁଖ ଯୁଦ୍ଧ ହେଲା: କୋରିଆ ଯୁଦ୍ଧ (୧୯୫୦–୧୯୫୩), ଭିଏତ୍‌ନାମ ଯୁଦ୍ଧ (୧୯୫୫–୭୫), ଗଲ୍ଫ ବା ଖାଡ଼ି ଯୁଦ୍ଧ (୧୯୯୦–୯୧), ବୋସ୍‌ନିଆ ଯୁଦ୍ଧ (୧୯୯୨–୧୯୯୫), କସଭୋ ଯୁଦ୍ଧ (୧୯୯୮–୧୯୯୯), ଆଫଗାନିସ୍ତାନ ଯୁଦ୍ଧ (୨୦୦୧–୨୧) ଏବଂ ଇରାକ ଯୁଦ୍ଧ (୨୦୦୩–୧୧)। ଏହାଛଡା ରୁଷିଆ–କ୍ରିମିଆ ଯୁଦ୍ଧ (୨୦୧୪) ଏବଂ ଇସ୍ରାଏଲର ଗାଜା ଯୁଦ୍ଧ (୨୦୧୪ ) ଓ ୨୦୨୨ରୁ ଆଜି ପର୍ଯ୍ୟନ୍ତ ଅବ୍ୟାହତ ଥିବା ରୁଷିଆ–ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ–ପାଲେଷ୍ଟାଇନ (ହମାସ୍) ଯୁଦ୍ଧ ୨୦୨୩ରୁ ଅବ୍ୟାହତ ରହିଛି) ଇତ୍ୟାଦି ପ୍ରଧାନ।

ଏବେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ପାଇଁ ବିଶ୍ୱବାସୀ ଆତଙ୍କିତ। କାରଣ ଏମାନଙ୍କ ପଛରେ ଶକ୍ତିଶାଳୀ ଦେଶ ଯଥା ଆମେରିକା ଏବଂ ଚାଇନା ଗୋଟିଚାଳନା କରିବାରେ ବ୍ୟସ୍ତ। ଏସବୁ ପରିପ୍ରେକ୍ଷୀରେ ବିଶ୍ୱଶାନ୍ତି ଏକ ମରୀଚିକା ମାତ୍ର। ସାମରିକ ଖର୍ଚ୍ଚ ବୃଦ୍ଧି ହ୍ରାସ ନ ହେବା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଶାନ୍ତି ଆସିପାରିବ ନାହିଁ।

**ବିଡ଼ାନାସୀ, କଟକ**
**ମୋ: ୭୦୦୮୩୫୦୪୭୭**

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷାଋତୁରେ ଫାଷ୍ଟଫୁଡ୍ ଦୋକାନ ବନ୍ଦ ହେଉ

ମହାଶୟ,
ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ଜଳଉତ୍ସ ଦୂଷିତ ହୋଇପଡ଼ିଛି। ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଅଭାବରୁ ନଦୀ, ନାଳ, ପୋଖରୀ ଓ କୂଅ ପାଣି ଲୋକେ ପିଉଛନ୍ତି। କଟକ, ଭୁବନେଶ୍ୱର ମହାନଗର ରାସ୍ତା ପାର୍ଶ୍ୱରେ ଦହିବରା, ଗୁପ୍‌ଚୁପ୍ ଭଳି ଜଳଖିଆ ଦୋକାନ ଚାଲିଛି। ଦୂଷିତ ଜଳରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ କଲେରା ଓ ଝାଡ଼ାବାନ୍ତିର ବାହକ ସାଜିଛି। ଫଳରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଭୟର ବାତାବରଣ ସୃଷ୍ଟି ହୋଇଛି। ସମସ୍ତେ ସତର୍କ ହୋଇ ଚଳିଲେ ଝାଡାବାନ୍ତିରୁ ରକ୍ଷା ପାଇପାରିବା। ସ୍କୁଲ କଲେଜରେ ବିଶୁଦ୍ଧ ଜଳଯୋଗାଣ ଓ ପରିବେଶ ସଫାସୁତରା ରଖିବା ଓ ହାତଧୂଆ ଅଭ୍ୟାସ ପ୍ରତି ଗୁରୁତ୍ୱ ଦେବା ଉଚିତ୍। ଅନେକ ଅପରିଷ୍କାର ପରିବେଶରେ ସ୍କୁଲ କଲେଜ ନିକଟରେ ଫାଷ୍ଟଫୁଡ୍ ଦୋକାନ ଚାଲିଛି। ପୂର୍ବରୁ ସାବଧାନ ହେଲେ ସହରାଞ୍ଚଳରେ ଝାଡାବାନ୍ତି ବ୍ୟାପିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ। ଏଥିପାଇଁ ସରକାର ଓ ବିଏମ୍‌ସି ଦୃଷ୍ଟି ଦେବା ସଙ୍ଗେସଙ୍ଗେ ବର୍ଷା ଋତୁରେ ଫାଷ୍ଟଫୁଡ୍ ଦୋକାନ ବନ୍ଦ କରାଯାଉ।

**–ନିର୍ମଳ ଚନ୍ଦ୍ର ସାମଲ, ଅନନ୍ତବିହାର, ପୋଖରୀପୁଟ, ଭୁବନେଶ୍ୱର**

### ଚିରନ୍ତନୀ

ନବୀନ ପୂଜକ ରୂପେ ଏ ଧରାର
ଥିଲ ଦିନେ ଧ୍ୟାନ
ଜନ୍ମିଥିଲ ଯେଣୁ ତା'ର ହୋଇ ଏକ
ପୂତ ଅବଦାନ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଜି ଧରାକୋଟ ଗସ୍ତ କରିବ ଏଆଇସିସି ପ୍ରତିନିଧି ଦଳ**

ଭୁବନେଶ୍ୱର,(ରବିନାରାୟଣ ଜେନା): ଗଞ୍ଜାମ ଜିଲା ଧରାକୋଟ ଥାନା ୨ ଦଳିତ ଯୁବକଙ୍କୁ ଗତ ୨୨ ତାରିଖରେ କେତେଜଣ ନିର୍ଯାତନା ଦେବା ପ୍ରସଙ୍ଗରେ ଅନୁସନ୍ଧାନ କରିବା ପାଇଁ ଗୁରୁବାର ଏଆଇସିସିର ଏକ ପ୍ରତିନିଧି ଦଳ ଉକ୍ତ ଅଞ୍ଚଳ ଗସ୍ତ କରିବ। ଏହି ପ୍ରତିନିଧି ଦଳରେ ଏଆଇସିସିର ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେନ୍ଦ୍ର ପାଲ୍ ଗୌତମ(ପୂର୍ବତନ ମନ୍ତ୍ରୀ), ମନୋଜ ରାମ(ସାଂସଦ), ଭମସି କ୍ରିଷ୍ଣା ଗଡାମ(ସାଂସଦ), ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା ପ୍ରମୁଖ ରହିଛନ୍ତି। ଏହି କମିଟି ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଆଡ୍‌ଭୋକେଟ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଗୁରୁବାର ଉକ୍ତ ସ୍ଥାନକୁ ଗସ୍ତକରି ପୀଡ଼ିତମାନଙ୍କୁ ସାକ୍ଷାତ୍ କରିବ।

# ଜରୁରିକାଳୀନ ପରିସ୍ଥିତି ଭାରତ ଇତିହାସର କଳଙ୍କିତ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ମାନିତ ଅତିଥିଗଣ ଜରୁରିକାଳୀନ ସମୟର ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରୁଛନ୍ତି।

ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ୨୦୨୫ ସ୍ଥାନୀୟ ରେଳ ଅଡିଟୋରିଅମଠାରେ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି 'ଜରୁରିକାଳୀନ ପରିସ୍ଥିତି' ସମୟକୁ ସ୍ୱାଧୀନ ଭାରତର ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଛନ୍ତି। ସେ କହିଛନ୍ତି, ଜରୁରିକାଳୀନ ପରିସ୍ଥିତିରେ ଯେଉଁ ପ୍ରକାର ଦମନଲୀଳା, ଅକଥନୀୟ ଅତ୍ୟାଚାର ଚାଲିଥିଲା ସେସବୁକୁ କେହି ଭୁଲିପାରିବେ ନାହିଁ। କିନ୍ତୁ ଏକଛତ୍ରବାଦୀ ଶାସନ ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟିକରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ନୂଆ ପିଢ଼ିଙ୍କ ପାଖରେ ଏହି କାଳିମାମୟ ଅଧ୍ୟାୟର ସ୍ମୃତିକୁ ପହଞ୍ଚାଇବା ପାଇଁ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମ ବର୍ଷବ୍ୟାପୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସେହି ସମୟରେ ସମ୍ବିଧାନର ସୁରକ୍ଷା ପାଇଁ, ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଭାଜପା ସାରା ଭାରତରେ ଲଢ଼େଇ ଜାରି ରଖିଥିଲା। ଦେଶର ସମସ୍ତ ବଡ଼ ନେତାଙ୍କ ସହ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ପରି ନେତାମାନେ ମଧ୍ୟ ଜେଲ ଯାଇଥିଲେ। ଦମନଲୀଳା ଏତେ ମାତ୍ରାରେ ଥିଲା ତାଙ୍କ ପାଖରେ କେବଳ ୨ଟି ବିକଳ୍ପ ଥିଲା, ଯଦି ସରକାରଙ୍କୁ ବିରୋଧ କରିବ ତେବେ ଜେଲ ଯିବ ଅଥବା ଖବରକାଗଜ ବନ୍ଦ ହେବ। ଅନେକେ ନିଜ ଖବରକାଗଜକୁ ବନ୍ଦ କରିବାକୁ ଚାହୁଁ ନ ଥିଲେ, ଯେଉଁମାନେ ଝୁଙ୍କିଲେ ନାହିଁ, ତାଙ୍କୁ ଜେଲ ଯିବାକୁ ପଡ଼ିଲା। ପ୍ରାୟ ୧୦ ହଜାର ଖବରଦାତା ଜେଲଦଣ୍ଡ ଭୋଗିଲେ। ଲୋକତନ୍ତ୍ର ସେନାନୀମାନେ, ଯେଉଁମାନେ ବର୍ତ୍ତମାନ ଆମ ସହ ଉପସ୍ଥିତ ଅଛନ୍ତି, ସେମାନେ ଜାଣିଛନ୍ତି ସେମାନଙ୍କ ଉପରେ ଜେଲରେ କିପରି ଅତ୍ୟାଚାର କରାଯାଉଥିଲା। ସେମାନଙ୍କ ମଧ୍ୟରୁ ଏବେ ୧୦୮ ଜଣ ଲୋକତନ୍ତ୍ର ସେନାନୀ ଏଠାରେ ଅଛନ୍ତି। ସେମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନ୍‌ସନ ଓ ଚିକିତ୍ସା ସୁବିଧା ମଧ୍ୟ ମିଳୁଛି। ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କର ପେନ୍‌ସନ ପାଇଁ ଅନୁମୋଦନ ମିଳିସାରିଛି। ଅନ୍ୟ ଲୋକତନ୍ତ୍ର ସେନାନୀମାନଙ୍କ ପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସେମାନେ ମଧ୍ୟ ପେନ୍‌ସନ ପାଇବେ। ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ୫୦ ବର୍ଷ ତଳେ ଯେଉଁ ଭୁଲ୍ ହୋଇଥିଲା ତାହା ବର୍ତ୍ତମାନର ପିଢି ଜାଣିବା ଦରକାର ଆଉ ଅନ୍ୟର ଭୁଲ୍‌ରୁ ମଣିଷ ଶିଖିବା ଭଳି ଆଜିର ପିଢ଼ି ଏହି ଦିବସରେ ଶିଖିବା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ସମ୍ମାନିତ ଅତିଥିଗଣ ଜରୁରିକାଳୀନ ସମୟର ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରିଛନ୍ତି। ଲୋକତନ୍ତ୍ର ସେନାନୀ ଶୋଭାଯାତ୍ରା ରଥ ଓ ସମ୍ବିଧାନ ହତ୍ୟା ଦିବସ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସେ ସମୟରେ ଦେଶକୁ ଶାସନ କରିବାକୁ ଯେଉଁ ବ୍ୟବସ୍ଥା ଚାଲିଥିଲା ସେ ସମୟ ସମସ୍ତଙ୍କ ପାଇଁ ଏକ କଳା ଦୁନିଆ ଥିଲା। କିନ୍ତୁ ସେଇ ଲଢ଼େଇ ବର୍ତ୍ତମାନ ଦିନରେ ଏକ ଶିକ୍ଷା ହେଉ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବକ୍ତବ୍ୟରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଲୋକତନ୍ତ୍ର ସେନାନୀ ବିମ୍ବାଧର କୁଅଁର, କୃଷ୍ଣଚନ୍ଦ୍ର ଜଗଦ୍ଦେବ ଓ କାହ୍ନୁଚରଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ବିଜେଡି ସଭାପତିଙ୍କ ନିର୍ଦ୍ଦେଶକୁ ବି ଆଉ ମାନୁନାହାନ୍ତି

- ବ୍ୟୋମକେଶ ଯୁବ ଓ ଦେବୀରଞ୍ଜନ ଛାତ୍ର ସଭାପତି ବୋଲି ଆସିଲା ପ୍ରେସ୍ ବିଜ୍ଞପ୍ତି
- ଯାଜପୁର ନେତାଙ୍କ ଯୁବ ଓ ଛାତ୍ର ସଙ୍ଗଠନ ହାତେଇବାକୁ ନୂଆ ଫନ୍ଦି

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)

ବିଜେଡିରେ ଆଉ କେହି କାହା କଥା ମାନିବାକୁ ରାଜିନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ମଧ୍ୟ କେତେଜଣ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି। ନବୀନ ଜାରିକରିଥିବା ନିର୍ଦ୍ଦେଶକୁ ଦଳ ଏକ ଗୋଷ୍ଠୀ ବାରମ୍ବାର ଉଲ୍ଲଂଘନ କରୁଥିବାର ନଜିର ସାମ୍ନାକୁ ଆସିଛି। ରାଜ୍ୟବ୍ୟାପୀ ଦଳ ଭିତରେ ଗୋଟିଏ କଥାକୁ ନେଇ ବିରୋଧ ହେଉଥିଲେ ବି ଏନେଇ କିଛି ଫରକ ପଡୁନାହିଁ। ଗୋଟିଏ ଗୋଷ୍ଠୀ ନିଜର ଜିଦ୍‌କୁ ପ୍ରମାଣ କରିବାକୁ ଜୋର୍‌ଦାର ପ୍ରୟାସ ଆରମ୍ଭ କରିଦେଇଛି।

କିଛି ମାସ ତଳେ ନବୀନ ଦଳର ସବୁ କମିଟିକୁ ରଦ୍ଦ କରିଦେଇଥିଲେ। ସେହି କ୍ରମରେ ଦଳର ଯୁବ, ଛାତ୍ର ଓ ମହିଳା ସାମୁଖ୍ୟ ରଦ୍ଦ ହେବା ସହ ଏ ପର୍ଯ୍ୟନ୍ତ ଏହାର ପୁନର୍ଗଠନ ମଧ୍ୟ ହୋଇନାହିଁ। ତେଣୁ ବିଜେଡିର ବିଭିନ୍ନ ଜିଲାର ଯୁବ, ଛାତ୍ର ଓ ମହିଳା ନେତା ଏବଂ କର୍ମୀ, ଯେଉଁମାନେ ଦୀର୍ଘଦିନ ଧରି ଦଳ ପାଇଁ କାମ କରିଆସୁଛନ୍ତି, ସେମାନଙ୍କୁ ମଧ୍ୟ ଅସନ୍ତୁଷ୍ଟ କରିବାକୁ ପ୍ରୟାସ ଆରମ୍ଭ ହୋଇଯାଇଛି। ଦଳର ଯୁବ ଓ ଛାତ୍ର ସାମୁଖ୍ୟ ନ ଥିଲେ ସୁଦ୍ଧା ବିଧାୟକ ବ୍ୟୋମକେଶ ରାୟ ନିଜକୁ ଯୁବ ସଭାପତି ଏବଂ ଦେବୀରଞ୍ଜନ ତ୍ରିପାଠୀ ନିଜକୁ ଛାତ୍ର ସଭାପତି ବୋଲି ବାରମ୍ବାର ଉଲ୍ଲେଖ କରୁଛନ୍ତି। ଏହାକୁ ନେଇ ରାଜ୍ୟବ୍ୟାପୀ ଦଳର ଯୁବ ଓ ଛାତ୍ର ସଙ୍ଗଠନ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ ଦଳ ଗଠନ କରିଥିବା କମିଟିରେ ବ୍ୟୋମକେଶଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ପଦବୀ ମିଳିଛି। ହେଲେ ସେ ସେହି ପଦବୀ କଥା ଉଲ୍ଲେଖ ନ କରି ଦଳ ପକ୍ଷରୁ ଆସୁଥିବା ପ୍ରେସ୍ ବିଜ୍ଞପ୍ତିରେ ନିଜକୁ ଦଳର ଯୁବ ସଭାପତି ବୋଲି କହୁଛନ୍ତି। ଏହାର ଉଦାହରଣ ବିଜେଡି ପକ୍ଷରୁ ବୁଧବାର ଆସିଥିବା ଯୁବ ଓ ଛାତ୍ର ପକ୍ଷରୁ ରାଜ୍ୟବ୍ୟାପୀ କ୍ୟାମ୍ପସ୍ ଆନ୍ଦୋଳନ ସମ୍ପର୍କିତ ପ୍ରେସ୍ ବିଜ୍ଞପ୍ତି ଦେଖିଲେ ସ୍ପଷ୍ଟ ଜଣାପଡିଛି। କେବଳ ସେତିକି ନୁହେଁ, ନିକଟରେ ପୁରୀଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବ୍ୟୋମକେଶ ମଞ୍ଚ ପରିଚାଳନା କରୁଥିବା ବେଳେ ପୂର୍ବରୁ ଯୁବ ଓ ଛାତ୍ର ଜନତା ଦଳର ଯିଏ ଯେଉଁ ପାହ୍ୟାରେ ଥିଲେ ସେମାନଙ୍କୁ ତାଙ୍କ ପଦବୀ ସହିତ ମଞ୍ଚକୁ ଡାକିଥିଲେ। ଯାହାକୁ ଶୁଣି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ ଓ ଛାତ୍ର ନେତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି କେତେଜଣ ନେତା କିପରି ନବୀନଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରୁଛନ୍ତି ବୋଲି ପ୍ରଶ୍ନ ମଧ୍ୟ ଉଠାଇଥିଲେ। ଜଣେ ଯୁବ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଯେଉଁମାନେ ପୂର୍ବରୁ ଯୁବ ଓ ଛାତ୍ରର ମୁଖ୍ୟ ପଦ ପଦବୀରେ ରହିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଯାଜପୁରର ଜଣେ ପାୱାର ଫୁଲ୍ ନେତାଙ୍କ ଅନୁଗତ। ଦଳ ଗତ ନିର୍ବାଚନରେ ପରାଜୟ ପରେ ସେହି ନେତାଙ୍କ ପତିଆରାରେ ହାନି ଘଟିଛି। ହେଲେ ଏବେ ଧୀରେ ଧୀରେ ଯାଜପୁରର ସେହି ନେତା ନିଜ ଅନୁଗତମାନଙ୍କୁ ପୁଣି ଥରେ ଏହିପରି ଯୁବ ଓ ଛାତ୍ର ସଙ୍ଗଠନକୁ ନିଜ ଅକ୍ତିଆରରେ ନେବାକୁ ଏହିଭଳି ଏକ ରାସ୍ତା ବାଛିଛନ୍ତି। ଏହାଦ୍ୱାରା ସେମାନେ ମଧ୍ୟ ଯୁବ ଓ ଚାତ୍ର ସଙ୍ଗଠନ ହାତେଇବାକୁ ଲାଗିପଡିଲେଣି। ଖୁବ୍‌ଶୀଘ୍ର ଏକଥାକୁ ଜୋର୍‌ଦାର ବିରୋଧ କରାଯିବ। ଦଳରେ ଯଦି ସେହି ଗୋଷ୍ଠୀ ଏହିଭଳି କ୍ଷମତା ହାତେଇବାକୁ ପୂର୍ବଭଳି ଚେଷ୍ଟା କରନ୍ତି ତେବେ ଦଳର ଯୁବ ଓ ଛାତ୍ର ସଙ୍ଗଠନ ଭୁଶୁଡ଼ିପଡ଼ିବ ବୋଲି ସେ କହିଛନ୍ତି।


ବୁଧବାର ସମ୍ବିଧାନ ହତ୍ୟା ଦିବସ ଅବସରରେ ମାଷ୍ଟର କ୍ୟାଣ୍ଟିନ ଛକସ୍ଥିତ ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଲୋକତନ୍ତ୍ର ସେନାନୀମାନେ ମଧ୍ୟ ଉପସ୍ଥିତ ଅଛନ୍ତି।

## ୧୦ ବର୍ଷର ସାଇବର ଅପରାଧ ତଥ୍ୟ ଲୋଡ଼ିଲେ ସରକାର

ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ କେତେ ସାଇବର ଅପରାଧ ହୋଇଛି, ତା'ର ତଥ୍ୟ ସରକାର ଲୋଡ଼ିଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ବୁଧବାର ଗୃହ ବିଭାଗକୁ ତଥ୍ୟ ମଗାଯାଇଛି। ଆଇନ ବିଭାଗ ଯୁଗ୍ମ ସଚିବ ଦାସମତ ମାର୍ଣ୍ଡି ଗୃହ ବିଭାଗର ଅତିରିକ୍ତ ସଚିବଙ୍କୁ ପ୍ରଦାନ କରିଥିବା ପତ୍ର ଅନୁଯାୟୀ, ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଏବଂ କେନ୍ଦ୍ରୀୟ ଯୋଗାଯୋଗ ମନ୍ତ୍ରଣାଳୟ ଅଧୀନ ଟେଲିକମ୍ ଡିସ୍‌ପୁଟ୍ ସେଟଲମେଣ୍ଟ ଓ ଆପିଲେଟ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶକଙ୍କ ପତ୍ରକୁ ଆଧାରକରି ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି। ତେଣୁ ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ କେତେ ସାଇବର ମାମଲା ଦାଏର ହୋଇଛି, କେତେ ବିଚାରାଧୀନ ରହିଛି ଏବଂ ନିଷ୍ପତ୍ତି ହୋଇଛି ତା'ର ବିସ୍ତୃତ ତଥ୍ୟ ତୁରନ୍ତ ପ୍ରଦାନ କରିବା ଲାଗି ସେ ଦର୍ଶାଇଛନ୍ତି।

**ଦଳିତଙ୍କ ଉପରେ ଆକ୍ରମଣ**

# ଯୁବ କଂଗ୍ରେସର ବିଶାଳ ବିକ୍ଷୋଭ




ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)

ଦଳିତଙ୍କ ଉପରେ ଆକ୍ରମଣ ଏବଂ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ବୁଧବାର ପୂର୍ବାହ୍ନରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ରାଜମହଲ ଛକରୁ ବିଶାଳ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲେ। ପୋଲିସ ସେମାନଙ୍କୁ ଆଇନଶୃଙ୍ଖଳା ଦୃଷ୍ଟିରୁ ଅଟକାଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ କଂଗ୍ରେସ କର୍ମୀ ଓ ନେତାଙ୍କୁ ଗିରଫ କରିପରେ ଛାଡ଼ିଦେଇଥିଲା। ଏହି ଅବସରରେ ରଣଜିତ କହିଛନ୍ତି, ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ସମ୍ପ୍ରଦାୟର, କିନ୍ତୁ ଆଜିର ଦିନରେ ରାଜ୍ୟରେ ଦଳିତ ଏବଂ ଆଦିବାସୀମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଗୋପାଳପୁରଠାରେ ଯେଉଁଭଳି ଭାବରେ ଗଣବଳାତ୍କାର ଘଟିଲା ଏହା ରାଜ୍ୟର ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲା କେନ୍ଦୁଝରରେ ଜଣେ ମହିଳାଙ୍କୁ ବଳାତ୍କାର ପରେ ଗଛରେ ଟାଙ୍ଗିଦିଆଗଲା। ଗଞ୍ଜାମର ଧରାକୋଟ ଥାନା ଅଞ୍ଚଳରେ ଦଳିତ ବ୍ୟକ୍ତିମାନଙ୍କୁ ଯେଉଁଭଳି ଅମାନୁଷିକ ଭାବେ ନିର୍ଯାତନା ଦେଇ ସେମାନଙ୍କୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଆଣ୍ଠେଇକି ଯିବାକୁ ବାଧ୍ୟ କରାଗଲା, ତାହା ଦୁର୍ଭାଗ୍ୟଜନକ। ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ସେହି ନିର୍ଯାତିତ ଦଳିତ ପରିବାର ପାଖକୁ ଯାଇନାହାନ୍ତି। ଗୃହ ବିଭାଗ ସୁପ୍ତ ଅବସ୍ଥାରେ ପଡ଼ି ରହିଛି। ରାଜ୍ୟର ବିଭିନ୍ନ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିକଳ ଚିତ୍ରରେ ରହିଛି ବୋଲି ସେ କହିଛନ୍ତି। ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ୍ କହିଛନ୍ତି, ରାଜ୍ୟରେ ଓଡ଼ିଆ ଅସ୍ମିତା ସଙ୍କଟରେ ପଡ଼ିଛି। ପାଖାପାଖି ୯୦%ରୁ ଅଧିକ ଅଣଓଡ଼ିଆ ଠିକାଦାର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ସରକାରକୁ ଦିଲ୍ଲୀରୁ ରିମୋଟ୍ କଣ୍ଟ୍ରୋଲରେ ପରିଚାଳିତ କରାଯାଉଛି। ଏଥିରୁ ସ୍ପଷ୍ଟ ଯେ, ଗୃହ ବିଭାଗ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ ଅକ୍ଷମ, ତେଣୁ ତୁରନ୍ତ ସେ ଇସ୍ତଫା ଦିଅନ୍ତୁ ବୋଲି ୟାସିର ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଦୀପ ସାମଲ ପ୍ରମୁଖ ସାମିଲ ଥିଲେ।

## ମହିଳାଙ୍କୁ ସୁରକ୍ଷା ଦେବାରେ ଉପଯୁକ୍ତ ପଦକ୍ଷେପ ନ ନେଲେ ଆନ୍ଦୋଳନ: ବିଜେଡି

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)

ଭାଜପା ନାରୀ ସୁରକ୍ଷା ସ୍ଲୋଗାନ ଦେଇ ସରକାରକୁ ଆସିଲା ପରେ ରାଜ୍ୟର ମହିଳା ସମାଜ ବର୍ତ୍ତମାନ ସବୁଠାରୁ ଅଧିକ ଅସୁରକ୍ଷିତ ହୋଇପଡିଛନ୍ତି। ଭାଜପାର ଜଣେ ଆଗ ଧାଡ଼ିର ନେତାଙ୍କ ଦ୍ୱାରା ଏଭଳି ଏକ ଘୃଣ୍ୟ କାମ ପଦାକୁ ଆସିବା ପରେ ସେମାନଙ୍କ ଦଳର ଅସଲ ମୁଖା ଖୋଲିଯାଇଛି ବୋଲି ବିଜେଡି ଅଭିଯୋଗ କରିଛି। ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ଉପଯୁକ୍ତ ପଦକ୍ଷେପ ନିଆ ନ ଗଲେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଭବାନୀ ପ୍ରସାଦ ନାମକ ଏହି ବ୍ୟକ୍ତି ଜଣକ ନିଜକୁ ଡାକ୍ତର ପରିଚୟ ଦେଇ ବ୍ରହ୍ମପୁର ସହରରେ ବାଜପେୟୀ କ୍ଲିନିକ ନାମରେ ଏକ ନର୍ସିଂହୋମ ଚଳାଇ ଆସୁଥିଲେ। କିନ୍ତୁ ସେ ଏକ ନକଲି ଡାକ୍ତର ବୋଲି ଜଣାପଡ଼ିଛି। ସେ ପୂର୍ବରୁ ଭାଜପାର ବ୍ରହ୍ମପୁର ନଗର ସଭାପତି ଓ ବିଶ୍ୱ ହିନ୍ଦୁ ପରିଷଦ ଗଞ୍ଜାମ ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ବର୍ତ୍ତମାନ ସେ ଭାଜପା ଶ୍ରମିକ ସାମୁଖ୍ୟର ଜିଲା ସଭାପତି ଅଛନ୍ତି। ଏହି ନେତା ଜଣକ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ନାବାଳିକାକୁ ନର୍ସିଂ ଟ୍ରେନିଂ କରାଇ ତାକୁ ନର୍ସ ଭାବେ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ନାବାଳିକାକୁ ଆଣି ନିଜ ନର୍ସିଂ ହୋମ୍‌ରେ ରଖିଥିଲେ। ରାତିରେ ସେହି ନାବାଳିକାକୁ ନିଶା ଦେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ତାହାକୁ ଚପାଇଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୀଡ଼ିତାଙ୍କ ପରିବାର କେସ୍ ଦାୟର କରିବା ଜିଦିରେ ଅଟଳ ରହିଥିଲେ ଓ କେସ୍ ଦାଏର ନ କଲେ ସେମାନେ ଏହି ଘଟଣାକୁ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବେ ବୋଲି ଧମକ ଦେଇଥିଲେ। ଏହାପରେ ପୋଲିସ ମାମଲା ଦାଏର କରି ଅଭିଯୁକ୍ତକୁ ଗିରଫ କରିବାକୁ ବାଧ୍ୟ ହୋଇଥିଲା ବୋଲି ସ୍ନେହାଙ୍ଗିନୀ କହିଛନ୍ତି।

# ରାଜ୍ୟବ୍ୟାପୀ ବିଜୁ ଛାତ୍ର, ଯୁବ ଜନତା ଦଳର ଆନ୍ଦୋଳନ

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)


ଉତ୍କଳ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭରତ ବିଜୁ ଛାତ୍ର ଓ ଯୁବ ଜନତା ଦଳର କର୍ମକର୍ତ୍ତା।

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାରୁ ଛାତ୍ରୀ ଓ ମହିଳାମାନେ ସୁରକ୍ଷିତ ମଣୁନାହାନ୍ତି। ଜଣେ ମହିଳା ଦିନ ଦ୍ୱିପ୍ରହରରେ ରାଜ୍ୟର କୌଣସି ସ୍ଥାନକୁ ନିର୍ଭୟରେ ଯିବାକୁ ଭୟ କରୁଛନ୍ତି। ଏ ସରକାର ଆସିବାର ୧ ବର୍ଷ ମଧ୍ୟରେ ୩୦୫୪ରୁ ଊର୍ଦ୍ଧ୍ୱ ନାରୀ ନିର୍ଯାତନା ମାମଲା ରୁଜୁ ହେବା ଓ ପ୍ରତିଦିନ ୧୫ ଜଣ ମହିଳା ବଳାତ୍କାରର ଶିକାର ହେବା ବିରୋଧରେ ବୁଧବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଡାକରା ଦିଆଯାଇଥିବା ଆନ୍ଦୋଳନକୁ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ କରାଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ସହ ସମର୍ଥନ ଓ ରାଜ୍ୟ କର୍ମକର୍ତ୍ତା, ଜିଲାର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରଙ୍କ ବିରୋଧରେ ବିଜେଡି ଯୁବ ଓ ଛାତ୍ର ଜନତା ଦଳ ଆନ୍ଦୋଳନ କରିଛି। ରାଜ୍ୟବ୍ୟାପୀ ଡାକରା ଦିଆଯାଇଥିବା ଆନ୍ଦୋଳନ ସଫଳ ହୋଇଥିବା ବିଜେଡି ବିଧାୟକ ବ୍ୟୋମକେଶ ରାୟ ଏବଂ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି।

# 'ହଇଜା ମୃତକଙ୍କ ପରିବାରକୁ ୨୫ ଲକ୍ଷ ମିଳୁ'

ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)



ରାଜ୍ୟର ୧୧ରୁ ଅଧିକ ଜିଲାରେ ହଇଜା ବ୍ୟାପିଛି। ରାଜ୍ୟ ସରକାର ଯେଉଁ ତଥ୍ୟ ଦେଉଛନ୍ତି ତା'ଠାରୁ ଢେର୍ ଅଧିକ ରୋଗୀ ଏହି ମହାମାରୀରେ ଆକ୍ରାନ୍ତ ହୋଇଛନ୍ତି। ପାଖାପାଖି ୧୨ ହଜାରରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ଲୋକମାନେ ପୋଖରୀ ପାଣି ପିଉଛନ୍ତି। ସରକାର ଜନତାଙ୍କୁ ପାନୀୟଜଳ ଯୋଗାଇବାରେ ବିଫଳ ହୋଇଛନ୍ତି। ହଇଜା କାରଣରୁ ୨୦ କି ୩୦ ନୁହେଁ, ତା'ଠାରୁ ଅଧିକ ରୋଗୀ ମୃତ୍ୟୁମୁଖରେ ପଡ଼ିଛନ୍ତି। ପ୍ରତି ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ସହାୟତା ସହିତ ଚିକିତ୍ସିତ ରୋଗୀଙ୍କ ଖର୍ଚ୍ଚ ସରକାର ବହନ କରନ୍ତୁ ବୋଲି ବିଧାୟକ ସି. ଏସ୍. ରାଜେନ୍ ଏକ୍କା କହିଛନ୍ତି। ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏକ୍କା କହିଛନ୍ତି, ରାଜ୍ୟରେ ୫୩ ହଜାରରୁ ଅଧିକ ଗାଁ ରହିଛି। ସରକାର ନିଜେ ମାନୁଛନ୍ତି ଯେ ୨୪,୦୦୦ ଗାଁରେ ପିଇବା ପାଣି ନାହିଁ। ଆଗକୁ ରଥଯାତ୍ରା ଆସୁଛି, ଏଥିଲାଗି ସରକାର ଅଧିକ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ତଥ୍ୟ ଉପସ୍ଥାପନ କରି କହିଛନ୍ତି, 'ବାଡ଼ି ମାଡ଼ିଆସିଲାଣି, ବାଡ଼ିରେ ମଡ଼କ ପଡ଼ିଛି'। କଂଗ୍ରେସ ଦାବି କରୁଛି କି ହଇଜାର ଚିକିତ୍ସା ପାଇଁ ସରକାର ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ବହନ କରନ୍ତୁ। ଯେଉଁ ରୋଗୀ କରଜକରି ସୁସ୍ଥ ହୋଇଛନ୍ତି, ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରନ୍ତୁ। ଯେଉଁ ପରିବାରର ରୋଗୀ ମୃତ୍ୟୁବରଣ କରିଛନ୍ତି ସେମାନଙ୍କୁ ୨୫ ଲକ୍ଷ କ୍ଷତିପୂରଣ ଦିଅନ୍ତୁ। ହଇଜା ପାଇଁ ତୁରନ୍ତ ଭ୍ୟାକ୍‌ସିନ୍ ବ୍ୟବସ୍ଥା କରିବାକୁ କଂଗ୍ରେସ ଦାବି କରୁଛି ବୋଲି ହରିଚନ୍ଦନ କହିଥିଲେ। ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା ଲୋକେ ହଇଜାରେ ମରୁଛନ୍ତି, ଆତ୍ମବିଭୋର ସ୍ୱାସ୍ଥ୍ୟମନ୍ତ୍ରୀ କିନ୍ତୁ ନାଚରେ ମସ୍‌ଗୁଲ ବୋଲି କହିବା ସହ ସେ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

# ଜିରୋ କାଜୁଆଲ୍‌ଟିରେ କୌଣସି ସାଲିସ କରାଯିବ ନାହିଁ



ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)

ଜୁନ୍‌ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଓଡ଼ିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବାହିତ ହୋଇଥାଏ। ଏହି ସମୟରେ ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଯୋଗୁ ବହୁ ଧନଜୀବନ କ୍ଷୟକ୍ଷତି ହୋଇଥାଏ। ତେଣୁ ଏହି ସମୟ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ କହିଛନ୍ତି। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ବାତ୍ୟା ଦାନା ହେଉ ବା ଅଦିନିଆ ବୃଷ୍ଟିପାତ ହେଉ ଆମ ସରକାର ସବୁପାଇଁ ପ୍ରସ୍ତୁତ ଅଛନ୍ତି ଓ ଲୋକଙ୍କ ପାଖରେ ଆମ ସରକାର ସବୁ ପରିସ୍ଥିତିରେ ଠିଆ ହୋଇଛି ଓ ଠିଆ ହେବେ।

ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିପର୍ଯ୍ୟୟର ଆଶୁ ମୁକାବିଲା କରିବା ପାଇଁ ବିଭାଗଗୁଡ଼ିକ ବିଭାଗୀୟ ବିପର୍ଯ୍ୟୟ ପରିଚାଳନା ଯୋଜନାଗୁଡ଼ିକ ଠିକ୍ ଭାବେ ଅନୁପାଳନ କରିବା ଉଚିତ। ବିଶେଷକରି ଜଳ ସମ୍ପଦ ବିଭାଗ ଜଳପ୍ରବାହର ସୁପରିଚାଳନା ଏବଂ ଦୁର୍ବଳ ନଦୀବନ୍ଧଗୁଡ଼ିକ ପ୍ରତି ତୀକ୍ଷ୍ଣ ନଜର ରଖିବା ପାଇଁ ସେ କହିଥିଲେ। ସରକାରଙ୍କ ଦ୍ୱାରା ରେଖାଙ୍କିତ ହୋଇଥିବା ଜିରୋ କାଜୁଆଲ୍‌ଟିରେ କୌଣସି ସାଲିସ କରାଯିବ ନାହିଁ। ଆଗୁଆ ସତର୍କ ସୂଚନା, ରିଲିଫ ଓ ଉଦ୍ଧାର କାର୍ଯ୍ୟ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ତ୍ୱରିତ ପଦକ୍ଷେପ ନିମନ୍ତେ ସବୁବେଳେ ସଜାଗ ରଖିବାକୁ ପଡ଼ିବ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ, ବିପର୍ଯ୍ୟୟର ସୁପରିଚାଳନା ପାଇଁ ଦକ୍ଷମାନବ ସମ୍ବଳ ଓ ଆଧୁନିକ ଉପକରଣ ନିହାତି ଆବଶ୍ୟକ, ଏଥିପାଇଁ ଆମ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପାଣିପାଗ ସମ୍ବନ୍ଧୀୟ ଠିକ୍ ତଥ୍ୟ ହାସଲ ପାଇଁ ସମ୍ବଲପୁର ଓ ବାଲେଶ୍ୱରରେ ଦୁଇଟି ଡପ୍‌ଲାର ରାଡାର ସ୍ଥାପନ ହେବ ଏବଂ ଭୁବନେଶ୍ୱରରେ ମଧ୍ୟ ଆଉ ଗୋଟିଏ ରାଡାର ସ୍ଥାପନ ହେବ। ରାଜ୍ୟରେ ଜିଲାସ୍ତରରେ ୨୪ ଘଣ୍ଟିଆ ଜରୁରିକାଳୀନ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି ବୋଲି ସେ କହିଛନ୍ତି।

# ଚାଷୀଙ୍କୁ ହକ୍ ନ ମିଳିବା ଯାଏ ଲଢ଼େଇ ଜାରି ରହିବ: ଭକ୍ତ

ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)




ରାଜ୍ୟ ସରକାରଙ୍କ କୃଷି ଓ କୃଷକମାରଣ ନୀତି ଏବଂ କର୍ପୋରେଟ୍ ସପକ୍ଷ ନୀତି ବିରୋଧରେ ପ୍ରଦେଶ କିଷାନ କଂଗ୍ରେସ ସାରା ଓଡ଼ିଶାରେ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବୁଧବାର କଂଗ୍ରେସ ଭବନରେ ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅବସରରେ ସେ ଏହା କହିଛନ୍ତି। ବୈଠକରେ କିଷାନ କଂଗ୍ରେସର ସଭାପତି ଅଭୟ ସାହୁ, ପୂର୍ବତନ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ସମେତ ରାଜ୍ୟର ପ୍ରାୟ ୨୦ରୁ ଅଧିକ ଚାଷୀନେତା ଚାଷୀଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ତୁରନ୍ତ ସ୍ୱାମୀନାଥନ୍ କମିଶନ୍‌ର ସୁପାରିସ୍‌କୁ ଲାଗୁ କରିବା ସହିତ ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବା, ଚାଷୀଙ୍କୁ ୫୫ ବର୍ଷରେ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ, ସମ୍ପୂର୍ଣ୍ଣ ଜଳସେଚନ ଓ ଜଳ ନିଷ୍କାସନ ସହ ବନ୍ୟା ଓ ମରୁଡ଼ିରେ ସ୍ଥାୟୀ ପ୍ରତିକାର ଭଳି ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଛି। ଏହି ଅବସରରେ ଅଭୟ ସାହୁ, ଅମିୟ ପଟ୍ଟନାୟକ, ଦେବାଶିଷ ନାୟକ, ରବୀନ୍ଦ୍ର କୁମାର ମଲ୍ଲିକ ଓ ଅରୁଣ ଜେନାଙ୍କୁ ନେଇ ଏକ ଆଡହକ୍ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ପ୍ରଥମ ପର୍ଯ୍ୟାୟରେ ଦକ୍ଷିଣ ଓଡ଼ିଶା ଗସ୍ତକରି ସରକାରର ପ୍ରତ୍ୟେକ କୃଷି ଓ କୃଷକ ବିରୋଧୀ ପଦକ୍ଷେପ ବିରୋଧରେ ରାସ୍ତା ଉପରେ ଗଣତାନ୍ତ୍ରିକ ପଦ୍ଧତିରେ ଜବାବ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏହାସହ ନଭେମ୍ବରରେ ଭୁବନେଶ୍ୱରରେ ଏକ ବିଶାଳ କୃଷକ ସମ୍ମିଳନୀ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ମୋବାଇଲ ହ୍ୱାଟ୍ସଆପ୍‌ରେ ଆଦାୟ ହେବ ଟିକସ

ଭୁବନେଶ୍ୱର, ୨୫।୬ (ବନ୍ଦନା ସେଠୀ)



ବୈଠକରେ ବିଏମ୍‌ସି ଅଧିକାରୀଙ୍କ ସହ କର୍ପୋରେଟରମାନେ।

## ବିଏମ୍‌ସିର ମାସିକିଆ ବୈଠକ

### ଖୁବଶୀଘ୍ର ଆରମ୍ଭ ହେବ କୁକୁର ଗଣନା

ଲୋକଙ୍କୁ ଏବେ ବିଭିନ୍ନ ପ୍ରକାର ଟିକସ ଦେବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଫିସ କିମ୍ବା ୱାର୍ଡ ଅଫିସ ଯିବାକୁ ପଡ଼ିବ ନାହିଁ। ଘରେ ବସି ମୋବାଇଲ ହ୍ୱାଟ୍ସଆପ୍‌ରେ ସେମାନେ ନିଜେ ନିଜର ସମସ୍ତ ପ୍ରକାର ଟିକସ ଦେଇପାରିବେ। ଲୋକଙ୍କ ସୁବିଧାକୁ ଦୃଷ୍ଟି ଦେଇ ଉଭୟ ଓଡ଼ିଆ ଓ ଇଂଲିଶରେ ଏହି ଆପ୍ ପ୍ରସ୍ତୁତ କରାଯାଇଛି ବୋଲି ବିଏମ୍‌ସିର ୩୨ତମ ସାଧାରଣ ପରିଷଦ ବୈଠକରେ ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ମେୟରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସହରରେ ଅନେକ କାମ ଅଧାପନ୍ତରିଆ ହୋଇପଡ଼ିଛି। କେତେକ କାମ ସମ୍ପୂର୍ଣ୍ଣ ହୋଇଥିଲେ ବି ସେମାନଙ୍କ ପଇସା ଦିଆଯାଇ ନାହିଁ। ତେଣୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେଲେ ବକେୟା ଅର୍ଥ ପଇଠ କରାଯିବା ସହ ଅଧା ରହିଥିବା କାମଗୁଡ଼ିକ କରାଯାଇପାରିବ ବୋଲି ଆଲୋଚନା ହୋଇଥିଲା। ବିଏମ୍‌ସି ପକ୍ଷରୁ ଏବେ କୁକୁର ବନ୍ଧ୍ୟାକରଣ ଜାରି ରହିଥିବାବେଳେ, ଖୁବ୍‌ଶୀଘ୍ର ସହରରେ କୁକୁର ଗଣନା ହେବା ନେଇ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ଶହୀଦ ନଗର ହାଟ ପିଣ୍ଡି କାମ ପ୍ରାୟ ଶେଷ ହୋଇଯାଇଥିବାବେଳେ ଖୁବ୍‌ଶୀଘ୍ର ଏହାକୁ ଆବଣ୍ଟନ କରାଯିବ। ସେହିପରି କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ସେଡ୍ କରିବାକୁ ବ୍ୟବସ୍ଥା କରାଯାଉଛି। ସେମାନେ ଯେପରି ଖରା ଓ ବର୍ଷାରେ ନିଜର ବ୍ୟବସାୟ କରିପାରିବେ ସେଥିପାଇଁ ଶହୀଦ ନଗର ଭବାନୀମଲ୍ ନିକଟରେ ପିଣ୍ଡି କରାଯାଇଛି। ଅପରପକ୍ଷେ କେତେକ ବିଜ୍ଞାପନ ସଂସ୍ଥା ସେମାନଙ୍କ ବକେୟା ଅର୍ଥ ପ୍ରଦାନ କରି ନ ଥିବାରୁ ଏହାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ବିଶେଷକରି ଅଜନ୍ତା ଆଡ୍‌ଭାଇର୍ଟାଇଜ୍ ସଂସ୍ଥା ସହରର ବିଭିନ୍ନ ସ୍ଥାନରେ ବିଜ୍ଞାପନ ଲଗାଇଛି। ଏହା ବାବଦକୁ ସଂସ୍ଥା ବର୍ଷକୁ ୩୪କୋଟି ଟଙ୍କା ବିଏମ୍‌ସିକୁ ଦେବା କଥା। ମାତ୍ର ୮ମାସରେ ୭କୋଟି ୨୩ଲକ୍ଷ ଟଙ୍କା ଦେଇଛି। ବକେୟା ଅର୍ଥ ସଂସ୍ଥା କାହିଁକି ପଇଠ କରୁନାହିଁ ବୋଲି କର୍ପୋରେଟର ଭରତ କୁମାର ଲେଙ୍କା ପ୍ରଶ୍ନ କରିଥିଲେ। ଏହା ଉପରେ ଆଲୋଚନା କରାଯାଇ ଏକ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ ବିଜ୍ଞାପନ ସଂସ୍ଥାଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ଅନୁଯାୟୀ କେତେ ଅର୍ଥ ଦେଇଛନ୍ତି ଏବଂ ଯଦି ଦେଇନାହାନ୍ତି ତେବେ ତା'ର ସୁଧ ସହିତ ଆଦାୟ କରାଯିବ। ଏଥିସହ ବକେୟା ଅର୍ଥ ପଇଠ କରି ନ ଥିବା ସଂସ୍ଥାଗୁଡ଼ିକୁ ନୋଟିସ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ଅର୍ଥ ପଇଠ ନ କଲେ, ତାଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେହିପରି ଚଳିତ ବର୍ଷ ଡେଙ୍ଗୁ ନିୟନ୍ତ୍ରଣ କରିବା ପାଇଁ ଆଗୁଆ ବ୍ୟାପକ ପଦକ୍ଷେପ ନିଆଯାଇଥିବାରୁ ରୋଗୀଙ୍କ ସଂଖ୍ୟା କମ୍ ରହିଛି। ତେବେ ଡେଙ୍ଗୁ ସଂକ୍ରମଣ ବର୍ଷା ଉପରେ ଏହା ନିର୍ଭର କରୁଥିବାରୁ ଆଗାମୀ ଦିନରେ ଯେପରି ଡେଙ୍ଗୁ ନ ବ୍ୟାପେ ସେଥିପ୍ରତି ସମସ୍ତେ ସଜାଗ ରହିବା ପାଇଁ ମେୟର ଗୁରୁତ୍ୱାରୋପ କରିଥିଲେ। ସହରରେ ଆରମ୍ଭ ହେଉଥିବା ଡାଇରିଆର ମୂଳପ୍ରୋଟନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଖାଦ୍ୟ ସୁରକ୍ଷା ଟିମ୍ ସହ ୱାଟ୍‌କୋ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଖାଦ୍ୟ ଓ ପାନୀୟ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଉଛନ୍ତି। ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଦୋକାନୀଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ବର୍ଷାଦିନ ଚାଲିଥିବାରୁ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାସ୍ତା ପାର୍ଶ୍ୱ ଏବଂ ବିଭିନ୍ନ ହୋଟେଲରେ ଖାଦ୍ୟ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଡ୍ରେନରୁ ପଙ୍କୋଦ୍ଧାର କରିବା ଏବଂ ମୁକୁଳା ଡ୍ରେନଗୁଡ଼ିକ ଉପରେ ସ୍ଲାବ ପକାଇବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, ସମସ୍ତ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ୧୦୦ ଅଫିସରଙ୍କ ସହ ୧୭ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୨୫।୬ (ସତ୍ୟଜିତ୍ ରାଉତ)

## ରଥଯାତ୍ରା ପାଇଁ ପୋଲିସ ପ୍ରସ୍ତୁତି

ରଥଯାତ୍ରା ପାଇଁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା(ୟୁପିଡି) ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଜଧାନୀରେ ବିଭିନ୍ନ ସ୍ଥାନରେ ହେବାକୁ ଥିବା ରଥଯାତ୍ରାକୁ ସୁପରିଚାଳନା, ରାସ୍ତାରେ ଭିଡ଼ ନିୟନ୍ତ୍ରଣ, ଲୋକଙ୍କ ସୁରକ୍ଷାକୁ ଦୃଷ୍ଟି ରଖି ବିସ୍ତୃତ ପୋଲିସ ବ୍ୟବସ୍ଥା କରାଯାଇଥିବା ବୁଧବାର ସୂଚନା ଦିଆଯାଇଛି। ଏଥିପାଇଁ ଦୁଇଟି ପୃଥକ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରଥମରେ ଇସ୍କନ ରଥଯାତ୍ରା ଏବଂ ଦ୍ୱିତୀୟରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ଅନ୍ତର୍ଗତ ବିଭିନ୍ନ ଥାନା ଅଞ୍ଚଳରେ ରଥଯାତ୍ରା ଉତ୍ସବ, ଟ୍ରାଫିକ୍ ପରିଚାଳନା ଏବଂ ଭିଆଇପିଙ୍କ ଗମନାଗମନ ରହିଛି। ଏଥିପାଇଁ ଭୁବନେଶ୍ୱରରେ ୧୦୦ ଅଫିସରଙ୍କ ସହ ୧୭ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହେବାର ନିଷ୍ପତ୍ତି ହୋଇଛି। ରିଜର୍ଭ ଅଫିସରେ ଗୋଟିଏ ଭିଆଇପି ପୋଲିସ କଣ୍ଟ୍ରୋଲ ରୁମ୍ ଏବଂ ସହରର ଅନ୍ୟ ୫ଟି ସ୍ଥାନରେ ପୋଲିସ କଣ୍ଟ୍ରୋଲ ରୁମ୍ ରହିବ। ବିଭିନ୍ନ ରୁଟରେ ପିସିଆର୍ ପାଟ୍ରୋଲିଂ ଓ ମୋଟର ସାଇକେଲ ପାଟ୍ରୋଲିଂ କରାଯିବ। ତେବେ କୌଣସି ଗାଡ଼ି ରାସ୍ତାରେ ବ୍ରେକ୍‌ଡାଉନ କିମ୍ବା ଖରାପ ହୋଇଗଲେ ତାହାକୁ ଉଠାଇ ଭିଡ଼ ନିୟନ୍ତ୍ରଣ କରିବାକୁ ଦୁଇଟି ବଡ଼ କ୍ରେନ୍ ଓ ଗୋଟିଏ ଛୋଟ କ୍ରେନ୍ ରହିବ। ବଡ଼ କ୍ରେନ୍‌ରୁ ଗୋଟିଏ ହାଇଟେକ୍ ଛକ ଏବଂ ଅନ୍ୟଟି ଖଣ୍ଡଗିରି ଛକରେ ରହିବାକୁ ଥିବାବେଳେ ଛୋଟ କ୍ରେନ୍‌ଟି ଟ୍ରାଫିକ୍ ଥାନା ଅଧୀନରେ ରହିବ ବୋଲି ସୂଚନା ଦିଆଯାଇଛି।

# ୟୁନିଟ୍-୧ ସ୍କୁଲ ପରିଦର୍ଶନ କଲେ ବିଭାଗୀୟ ନିର୍ଦ୍ଦେଶକ



ଭୁବନେଶ୍ୱର, ୨୫।୬ (ସୁଚିସ୍ମିତା ସାହୁ)

ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବୁଧବାର ବିଦ୍ୟାଳୟ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ(ମାଧ୍ୟମିକ) ବୀରେନ୍ଦ୍ର କର୍କରା ଅଚାନକ ଗସ୍ତ କରିଥିଲେ। ତାଙ୍କ ସହିତ ୩ଜଣ ଉପନିର୍ଦ୍ଦେଶକ ରୀନା ମଲ୍ଲିକ, ସୁଧାଂଶୁ ଶେଖର ପାତ୍ର ଓ ସ୍ମୃତିରେଖା ନାୟକ ରହି ବିଦ୍ୟାଳୟରେ ଡାଇରିଆ ସ୍ଥିତି ଏଡାଇବା ଲାଗି ପିଲାମାନେ ପିଉଥିବା ପାଣି ବିଶୋଧନ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ପିଲାଙ୍କ ସୁବିଧା ଓ ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏଥିସହ ପିଲାମାନେ ପଢୁଥିବା ଶ୍ରେଣୀ ଗୃହକୁ ଯାଇ ଶିକ୍ଷକଙ୍କ ପାଠପଢ଼ା ଶୈଳୀ ଦେଖିଥିଲେ। ବିଦ୍ୟାଳୟରେ ସବୁ ଶିକ୍ଷକଶିକ୍ଷୟିତ୍ରୀମାନେ ଆସିଛନ୍ତି କି ନାହିଁ, ସେମାନେ କାହିଁକି ଛୁଟିରେ ଅଛନ୍ତି ସେ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏହି ଅବସରରେ ନିର୍ଦ୍ଦେଶକ କର୍କରା କହିଲେ, ବିଦ୍ୟାଳୟକୁ ୱାନ୍ ଗ୍ରେଡ୍ କରିବା ପାଇଁ ଉଦ୍ୟମ କରାଯାଉ ଓ ନଭେମ୍ବର ସୁଦ୍ଧା ସବୁ ଶ୍ରେଣୀର ସିଲାବସ ଶେଷ କରାଯାଉ। କମ୍ ମାର୍କ ଏବଂ ୪୦ ପ୍ରତିଶତ ମାର୍କ ରଖୁଥିବା ପିଲାଙ୍କ ଉପରେ ଅଧିକ ଧ୍ୟାନ ଦିଆଯାଉ। ସ୍କୁଲ ସମୟ ପରେ ମଧ୍ୟ ପିଲାଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଶିକ୍ଷକମାନେ ପ୍ରତି ପିଲାଙ୍କ ଦାୟିତ୍ୱ ନେଇ ସେମାନଙ୍କ ପାଠପଢ଼ା ଉପରେ ନଜର ରଖିବା ସହ ଶ୍ରେଣୀରେ ଉପସ୍ଥାପନା ବଢ଼ାବାକୁ ନିର୍ଦ୍ଦେଶ ଦେଇଥିଲେ।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ବିଜ୍ଞପ୍ତି ଖାରଜ

କଟକ, ୨୫।୬ (କାର୍ତ୍ତିକ ସାହୁ)

## ପୁରୀ ଲ' କଲେଜ ପ୍ରୋଭିଜିଓନାଲ୍ ଆଫିଲିଏଶନ ବିରୋଧରେ ମାମଲା

ପୁରୀସ୍ଥିତ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ (ପୁରୀ ଲ' କଲେଜ) ପାଠ୍ୟକ୍ରମକୁ ପ୍ରୋଭିଜିନାଲ୍ ଆଫିଲିଏଶନ ପ୍ରଦାନ ବିରୋଧରେ ଆଗତ ମାମଲାର ଶୁଣାଣି କରି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ବିଜ୍ଞପ୍ତିକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ବିଚାରପତି ଦିକ୍ଷୀତ୍ କ୍ରୀଷ୍ଣା ଶ୍ରୀପଦ୍ ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପୁରୀ ଲ' କଲେଜର ଆଇନ ପାଠ୍ୟକ୍ରମକୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପ୍ରଦାନ କରିଥିବା ପ୍ରୋଭିଜିନାଲ୍ ଆଫିଲିଏଶନ୍‌କୁ ରଦ୍ଦ କରି ଦେଇଛନ୍ତି। କଲେଜକୁ ପୂର୍ବ ପରି ସ୍ଥାୟୀ ଆଫିଲିଏଶନ ପ୍ରଦାନ କରିବାକୁ ହାଇକୋର୍ଟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଛନ୍ତି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରୀ ଲ' କଲେଜ୍ ଓ ଅନ୍ୟାନ୍ୟ ଲ' କଲେଜର ଏଲ୍ଏଲ୍‌ବି ପାଠ୍ୟକ୍ରମ ପାଇଁ ୨୦୨୪ ଏପ୍ରିଲ୍ ୨୮ରେ ପ୍ରୋଭିଜିନାଲ୍ ଆଫିଲିଏଶନ ପ୍ରଦାନ କରାଯାଇଥିଲା। ପୂର୍ବରୁ କଲେଜର ଉକ୍ତ ପାଠ୍ୟକ୍ରମକୁ ସ୍ଥାୟୀ ଆଫିଲିଏଶନ ମିଳିଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ଥାୟୀ ଆଫିଲିଏଶନକୁ କାଟି ପ୍ରୋଭିଜିନାଲ୍ ଆଫିଲିଏଶନ୍ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୪ ଏପ୍ରିଲ ୨୮ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉପରୋକ୍ତ ବିଜ୍ଞପ୍ତିକୁ ବିରୋଧ କରି ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ ଓ ଅନ୍ୟମାନଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା।




ଗଞ୍ଜାମ ଗୋପାଳପୁର ଗଣବଳାତ୍କାର ଘଟଣାକୁ ନେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ଅଭିନବ ଭାବେ ପ୍ରତିବାଦ କରୁଛନ୍ତି।

# ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ଚିକିତ୍ସା ଶିବିର

ବାରଙ୍ଗ, ୨୫।୬ (ଲିଙ୍ଗରାଜ ରାଉତ)- ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ବେଲଗଛିଆ ପଞ୍ଚାୟତରେ ବୁଧବାର ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟ ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ଡା. ରମାକାନ୍ତ ରାଉତ, ଡା. ପଦ୍ମଲୋଚନ ଶଙ୍ଖୁଆ, ଡା. ସଞ୍ଜୀବ ଦାସ, ଡା. ଶିବକାନ୍ତ ଶର୍ମା, ଡା. ଧ୍ରୁବ ପ୍ରସାଦ, ଡା. ଅର୍ମାନ, ଡା. ଦେବକୀ ଶ୍ରୀନିବାସନ ପ୍ରମୁଖ ରୋଗୀଙ୍କ ପରୀକ୍ଷା କରିଥିଲେ। ପ୍ରଭୁକଲ୍ୟାଣ, ଆକାଶ ସାମନ୍ତରାୟ, କେଦାରନାଥ, ଗୁଲଚାମନ ଖାଟୁନ ପ୍ରମୁଖଙ୍କ ଦ୍ୱାରା ଶିବିର ପରିଚାଳନା କରାଯାଇଥିଲା। ସରପଞ୍ଚ ମାନିନୀ ସାହୁ ଉପସ୍ଥିତ ଥିଲେ।

# ଆପୋଲୋ କ୍ୟାନ୍‌ସର ସେଣ୍ଟରର 'କ୍ୟାନ୍‌ୱିନ୍' ଅଭିଯାନ

ଭୁବନେଶ୍ୱର, ୨୫।୬ (ଅନୁରାଧା ମହାରଣା)




କ୍ୟାନ୍‌ସର ବିଜୟୀଙ୍କୁ ଆପୋଲୋ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଓ ମେଡିକାଲ ସର୍ଭିସେସ୍ ନିର୍ଦ୍ଦେଶକ ଡା. ଆଲୋକ ଶ୍ରୀବାସ୍ତବ ଓ ଡାକ୍ତରମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଜାତୀୟ କ୍ୟାନ୍‌ସର ସର୍ଭାଇଭର ମାସ ଉପଲକ୍ଷେ ଆପୋଲୋ କ୍ୟାନ୍‌ସର ସେଣ୍ଟର ପକ୍ଷରୁ 'କ୍ୟାନ୍‌ୱିନ୍' ଅଭିଯାନର ଶୁଭାରମ୍ଭ କରାଯାଇଛି। କ୍ୟାନସର ରୋଗୀ, ବିଜୟୀ, ଯତ୍ନକାରୀ ଏବଂ ଚିକିତ୍ସା ବିଶେଷଜ୍ଞମାନଙ୍କୁ ଏକ ସାହସ ଓ ଆଶାର ଯାତ୍ରାରେ ଏକତ୍ରିତ କରିବା ଏହି ଅଭିଯାନର ଲକ୍ଷ୍ୟ ରଖାଯାଇଛି। 'କ୍ୟାନ୍' ବିପଦ ମଧ୍ୟରେ ଶକ୍ତିର ପ୍ରତୀକ ଏବଂ 'ୱିନ୍' ସାହସ, କରୁଣା ଓ ବିଜୟର ମନୋଭାବକୁ ପ୍ରତିନିଧିତ୍ୱ କରୁଥିବାରୁ ଏହି ଅଭିଯାନର ନାମ 'କ୍ୟାନୱିନ' ରଖାଯାଇଛି। ଏହି ଅଭିଯାନର ଉଦ୍‌ଘାଟନୀ କାର୍ଯ୍ୟକ୍ରମ 'ଷ୍ଟେଜ୍‌ରୁ କାହାଣୀ'ରେ କ୍ୟାନସର ବିଜୟୀମାନେ ସେମାନଙ୍କ ଯନ୍ତ୍ରଣା, ଦୃଢ଼ତା ଓ କ୍ୟାନ୍‌ସରରୁ ବିଜୟର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ପ୍ରେରଣାଦାୟୀ କାହାଣୀଗୁଡ଼ିକ ଅନ୍ୟମାନଙ୍କ ପାଇଁ ଆଶାର ଆଲୋକ ସାଜିଛି। ଆପୋଲୋ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଓ ମେଡିକାଲ ସର୍ଭିସେସ୍‌ର ନିର୍ଦ୍ଦେଶକ ଡା. ଆଲୋକ ଶ୍ରୀବାବସ୍ତବ ଏହି ଉଦ୍ୟୋଗର ଦୂରଦୃଷ୍ଟି ଉପରେ ଆଲୋକପାତ କରିଥିଲେ। କନ୍‌ସଲଣ୍ଟାଣ୍ଟ ରେଡିଏଶନ ଅଙ୍କୋଲୋଜିଷ୍ଟ ଡା. ସମରେନ୍ଦ୍ର ଦାଶ ଜଣେ ହଜ୍‌କିନ ଲିମ୍ଫୋମା ବିଜୟୀଙ୍କ କାହାଣୀ ବର୍ଣ୍ଣନା କରିଥିଲେ। ରୋଗୀ ଜଣକ ବାରମ୍ବାର ରୋଗ ଫେରିବା, ୫ ପର୍ଯ୍ୟାୟ କେମୋଥେରାପି, ଅସ୍ଥିମଜ୍ଜା ପ୍ରତିରୋପଣ ଓ ୩୫ ରେଡିଏଶନ ସେଶନ ସହିଥିଲେ। ଶରୀରରେ ଏକ କ୍ରସ ଆକାରର ଦାଗ ରହିଥିଲେ ମଧ୍ୟ ସେ ବିଶ୍ୱାସ, ପରିବାର ଓ ଦୃଢ଼ ଆଶାର ବଳରେ ଫିନିକ୍ସ ପକ୍ଷୀ ପରି ଉଠିଛନ୍ତି। ବର୍ତ୍ତମାନ ସେ ଜଣେ ଟାଲେଣ୍ଟ ଓ ଓଡି ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରୁଛନ୍ତି ଏବଂ କ୍ୟାନସର ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି। କନ୍‌ସଲଟାଣ୍ଟ ରେଡିଏଶନ ଅଙ୍କୋଲୋଜିଷ୍ଟ ଡା. ସନ୍ଦୀପ ମଜୁମଦାର ପ୍ରୋଟନ ଥେରାପି ଭଳି ଉନ୍ନତ ଚିକିତ୍ସାର ଭୂମିକା ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ଏହା କେବଳ ରୋଗୀ ନୁହେଁ, ସମଗ୍ର ପରିବାର ମଧ୍ୟରେ ଆଶା ଜାଗ୍ରତ କରାଇଥାଏ। ସର୍ଜିକାଲ ଅଙ୍କୋଲୋଜିଷ୍ଟ କନ୍‌ସଲଟାଣ୍ଟ ଡା. ପ୍ରଶାନ୍ତ ଚନ୍ଦ୍ର ଦାଶ ଯୋଗଦେଇ କହିଛନ୍ତି, କ୍ୟାନ୍‌ସର ବିରୋଧରେ ଲଢ଼େଇ ଏବେ କେବଳ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳ ନୁହେଁ, ଏହା ସହାନୁଭୂତି ଉପରେ ମଧ୍ୟ ଆଧାରିତ। 'କ୍ୟାନ୍‌ୱିନ' ମାଧ୍ୟମରେ କାହାଣୀ କହିବା ଏକ ଚିକିତ୍ସା ପରି କାମ କରେ ଏବଂ ପ୍ରତ୍ୟେକ ବର୍ଣ୍ଣନା ଅନ୍ୟମାନଙ୍କ ପାଇଁ ପ୍ରେରଣା ଭାବେ କାର୍ଯ୍ୟ କରେ ବୋଲି ସେ କହିଥିଲେ। ହେମାଟୋ ଅଙ୍କୋଲୋଜିଷ୍ଟ କନ୍‌ସଲଟାଣ୍ଟ ପ୍ରୀତୀଶ ଚନ୍ଦ୍ର ପାତ୍ର ନିଜ ମତ ରଖିଥିଲେ।

# 'ଖାଲିପଡ଼ିଥିବା ଗ୍ରନ୍ଥାଗାର ପଦବୀ ପୂରଣ କରାଯାଉ'

ଭୁବନେଶ୍ୱର, ୨୫।୬ (ସୁଚିସ୍ମିତା ସାହୁ)

## ରାଜ୍ୟପାଳଙ୍କୁ ନିବେଦନ କଲେ ଆଶାୟୀ

ସରକାରୀ ଚାକିରି କରିବା ପାଇଁ ରାଜ୍ୟର ଶହ ଶହ ଛାତ୍ରୀଛାତ୍ର ଅପେକ୍ଷା କରିଛନ୍ତି। ବର୍ଷ ବର୍ଷ ଧରି ପଦବୀ ଖାଲି ପଡ଼ିଛି, ହେଲେ ନିଯୁକ୍ତି ଦିଆଯାଉ ନାହିଁ। ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠି ଗ୍ରନ୍ଥାଗାର ପଦବୀ ଖାଲିପଡ଼ିଛି। ଏହି ପଦବୀଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ନେବାକୁ ଆଶାୟୀ ପ୍ରାର୍ଥୀମାନେ ମଙ୍ଗଳବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଏକ ଚିଠି ମାଧ୍ୟମରେ ନିବେଦନ କରିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ସର୍ବସାଧାରଣ ପାଠାଗାରକୁ ସଶକ୍ତ ତଥା ଆଧୁନିକୀକରଣ କରାଯିବା ପାଇଁ ତାଲିମପ୍ରାପ୍ତ ଲାଇବ୍ରେରିଆନ୍‌ଙ୍କୁ ନିଯୁକ୍ତି ଦିଆଯିବାର ନିୟମ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୨୩ ଏପ୍ରିଲ ୧୩ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଚିଠି ଅନୁଯାୟୀ ୨୦୨୨ ଡିସେମ୍ବର ୩୧ ସୁଦ୍ଧା ୪୮୮ ବର୍ଗ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ୪୭୫ଟି ଅନୁମୋଦିତ ବିଭିନ୍ନ ବର୍ଗର ଗ୍ରନ୍ଥାଗାରିକ ପଦବୀ ମଧ୍ୟରୁ ୩୫୭ଟି ଖାଲିପଡ଼ିଛି। ସେଥିମଧ୍ୟରେ ସ୍ନାତକ ଗ୍ରନ୍ଥାଗାରିକ ୯୪ଟି, ସହକାରୀ ଗ୍ରନ୍ଥାଗାରିକ ୧୬୨ଟି ଏବଂ କନିଷ୍ଠ ଗ୍ରନ୍ଥାଗାରିକ ୧୦୧ଟି ପଦ ରହିଛି। ଏହି ପଦବୀଗୁଡ଼ିକ କେବେ ପୂରଣ ହେବ ବୋଲି ପଚାରିବାରୁ ଅଧିକାରୀମାନେ କ୍ୟାଡର ରୁଲ୍ ପ୍ରସ୍ତୁତି ଚାଲିଛି ବୋଲି କହୁଛନ୍ତି। ସେହିପରି ୬୬୨ ବର୍ଗ ମହାବିଦ୍ୟାଳୟରେ ଗ୍ରନ୍ଥାଗାରିକ ପଦବୀ ପୂରଣ ପାଇଁ ସରକାରଙ୍କ ତରଫରୁ କିଛି ନିଯୁକ୍ତି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଏହି ମହାବିଦ୍ୟାଳୟଗୁଡିକରେ ଖାଲିପଡିଥିବା ପଦବୀଗୁଡ଼ିକ ପୂରଣ ହୋଇପାରୁ ନାହିଁ। ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ ପାଇଁ ରାଜ୍ୟପାଳଙ୍କୁ ଆଶାୟୀମାନେ ନିବେଦନ କରିଛନ୍ତି।

# ଭାଜପାର ୨ ଗୋଷ୍ଠୀ ପୃଥକ୍ କଳା ଦିବସ ପାଳିଲେ

ବାଲିପାଟଣା, ୨୫।୬ (ଅଭିମନ୍ୟୁ ନାୟକ)




ଭାଜପାର ଏକ ଗୋଷ୍ଠୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ କରୁଛି।

ବାଲିପାଟଣା ଭାଜପା ସଙ୍ଗଠନ ପକ୍ଷରୁ ବୁଧବାର ବାଲିପାଟଣା ଛକଠାରେ କଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜୟଦେବ ନିର୍ବାଚନମଣ୍ଡଳୀ ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ କହିଲେ, ୧୯୭୫ ମସିହା ଆଜି ଦିନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଶାସନରେ ରହିବାକୁ ଏମରଜେନ୍ସି ଲାଗୁକରି ସମ୍ବିଧାନକୁ ଅପବ୍ୟବହାରକରି ବର୍ଷେ ଅଧିକ ପ୍ରଧାନମନ୍ତ୍ରୀ ଭାବେ ରହିଥିଲେ। ସେ ସମୟରେ ସେ ବହୁ ଭାରତୀୟଙ୍କୁ ଅନ୍ୟାୟରେ ଜେଲରେ ଭର୍ତ୍ତି କରିଥିଲେ। ଏହାକୁ ବିରୋଧକରି ଭାଜପା ଆଜି ଦିବସକୁ କଳାଦିବସ ଭାବେ ପାଳନ କରୁଛି। ଅନ୍ୟମାନଙ୍କ ସହ ଦିଲୀପ ସ୍ୱାଇଁ, ଜୟନ୍ତ ଶିଶୁଗୋସ୍ୱାମୀ, ସଞ୍ଜିତ ସାହୁଙ୍କ ସମେତ ଅନ୍ୟ କର୍ମୀ ଉପସ୍ଥିତ ଥିଲେ। ସେହିପରି ଭାଜପାର ବରିଷ୍ଠ ନେତା ବସନ୍ତ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ପାର୍ଟି ଅଫିସରୁ ବାହାରି ବାଲିପାଟଣା ଛକସ୍ଥିତ ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ତାଙ୍କ ସହ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ବାଲିପାଟଣା ବ୍ଲକ୍ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ଅମ୍ବିକା ଶତପଥୀ, ବିଜୟ ମହାରଣା, ଅକ୍ଷୟ ପରିଡ଼ାଙ୍କ ସମେତ ଅନ୍ୟ କର୍ମୀ ଉପସ୍ଥିତ ଥିଲେ। ଭାଜପାର ୨ ଗୋଷ୍ଠୀ ପୃଥକ୍ ପୃଥକ୍ ଭାବେ କଳା ଦିବସ ପାଳିଥିଲେ।

# 'ଡେଙ୍ଗୁ, ମ୍ୟାଲେରିଆ ପାଇଁ ଆଗୁଆ ସଚେତନ କର'

ଭୁବନେଶ୍ୱର, ୨୫।୬ (ବନ୍ଦନା ସେଠୀ)

## ଜଳ, ବାହକବାହିତ ରୋଗର ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ରାଜ୍ୟରେ ଜଳବାହିତ ଓ ବାହକବାହିତ ରୋଗର ସ୍ଥିତି ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ବୁଧବାର ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ଜଳବାହିତ ରୋଗ ଯଥା ଡାଇରିଆ, ଜଣ୍ଡିସ ଏବଂ ବାହକବାହିତ ରୋଗ ଯଥା ମ୍ୟାଲେରିଆ ଓ ଡେଙ୍ଗୁ ନିୟନ୍ତ୍ରଣ ନିମିତ୍ତ ନିଆଯାଉଥିବା ପଦକ୍ଷପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତବର୍ଷ ବାଲେଶ୍ୱର, ଖୋର୍ଦ୍ଧା, ସୁନ୍ଦରଗଡରେ ଡେଙ୍ଗୁ ରୋଗ ଦେଖାଇଯାଇଥିଲା। ତେଣୁ ଆଗୁଆ ସତର୍କତା ସହ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ନିରାକରଣ ଓ ନିୟନ୍ତ୍ରଣ ନିମିତ୍ତ ବ୍ୟାପକ ଜନସଚେତନତା, ନିଦାନ ଓ ଚିକିତ୍ସା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜୁନ୍ ୨୩ ସୁଦ୍ଧା ମୋଟ୍ ୩୧,୪୪୯ଜଣଙ୍କର ଡେଙ୍ଗୁ ପରୀକ୍ଷା କରାଯାଇଥିବାବେଳେ ୧୮୮ ନମୁନା ଡେଙ୍ଗୁ ପଜିଟିଭ ବାହାରିଛି। ତେଣୁ ଏବେ ଅଧିକରୁ ଅଧିକ ଡେଙ୍ଗୁ ପରୀକ୍ଷା ସହ ଉପଯୁକ୍ତ ଚିକିତ୍ସା ଜାରି ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଭଳି ରୋଗ ନିବାରଣ ପାଇଁ ସୂଚନା-ଶିକ୍ଷା-ସଂଚାର ଦ୍ୱାରା ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୌଦ୍ଧ, ଗଜପତି, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, ରାୟଗଡା ଓ ମୟୂରଭଞ୍ଜ ଆଦି ମ୍ୟାଲେରିଆପ୍ରବଣ ଜିଲାଗୁଡିକରେ ମ୍ୟାଲେରିଆ ନିରାକରଣ ନିମିତ୍ତ ୨୦୨୪-୨୫ ବର୍ଷରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କରାଯାଇଛି। ଏଥିସହ ୧୨ଟି ଜିଲ୍ଲାରେ କୀଟନାଶକ ସିଞ୍ଚନ ଚାଲୁରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଅଶ୍ୱଥି ଏସ୍. ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେହିପରି ରାଜ୍ୟରେ ମାତୃମୃତ୍ୟୁ ହାର ଓ ଶିଶୁମୃତ୍ୟୁ ହାରର ସ୍ଥିତି ବିଷୟରେ ସମୀକ୍ଷା କରି ଏହାକୁ ପ୍ରାଧାନ୍ୟତାଭିତ୍ତିରେ ମନିଟରିଂ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ତେବେ ୬ଟି ଜିଲାରେ ଡାଇରିଆ ପରିସ୍ଥିତିରେ ସୁଧାର ଆସିଥିବା ଜାଣି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବିଭାଗୀୟ ଶାସନ ସଚିବ, ସ୍ୱତନ୍ତ୍ର ଶାସନ ସଚିବ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ନିର୍ଦ୍ଦେଶକ (ପରିବାର କଲ୍ୟାଣ) ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

ବାଲୁଗାଁ,୨୫।୬ ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ରୋଡ଼ ରେଳ ଡିଭିଜନ ଅଧୀନ ବାଲୁଗାଁ ଷ୍ଟେଶନର ଦକ୍ଷିଣ କ୍ୟାବିନ ନିକଟରେ ବୁଧବାର ସକାଳେ ଏକ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତେବେ ତାଙ୍କ ବୟସ ପ୍ରାୟ ୭୦ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେ ଏକ ନାଲି ରଙ୍ଗର ଚେକ୍ ଗାମୁଛା ପିନ୍ଧିଛନ୍ତି। ଏନେଇ ରେଲ୍‌ୱେ ପୋଲିସ ୩୫/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସକାଳ ପ୍ରାୟ ୯ଟାରେ ବୃଦ୍ଧ ଜଣକ କୌଣସି କାର୍ଯ୍ୟରେ ରେଳଧାରଣା ପାରି ହେଉଥିଲେ। ଏହି ସମୟରେ ସିକନ୍ଦରାବାଦ ହାଓଡ଼ା ଫାଲକନାମା ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ରେଲ୍‌ୱେ ଜିଆର୍‌ପି ଅଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

### ଭିକ ମାଗିବା ଆଳରେ ଘରୁ ଟଙ୍କା, ସୁନା ଚୋରି

ଟାଙ୍ଗୀ-ଖୋର୍ଦ୍ଧା,୨୫।୬(ରଘୁନାଥ ସାହୁ)

ଟାଙ୍ଗୀ ବଳରାମପୁର ସାହି ସ୍ୱର୍ଗତ ଡାକ୍ତର କରୁଣାକର ଶ୍ରୀଚନ୍ଦନଙ୍କ ଘରୁ ବୁଧବାର ଦିନ ଦ୍ୱିପ୍ରହରରେ ଚୋରି ହୋଇଥିବା ନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମହିଳା ଜଣଙ୍କ ୨ ଛୁଆକୁ ଧରି ଭିକ ମାଗିବା ଆଳରେ ଘରେ ପଶି ଆଲମୀରାରୁ ସୁନା ଗହଣା ସହ ଟଙ୍କା ଚୋରି କରିନେଇଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି। ଅଞ୍ଚଳର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ସମ୍ପୃକ୍ତ ମହିଳାଙ୍କ ପତା ମିଳି ନ ଥିବା ଜଣାପଡ଼ିଛି।

### ଖବରଦାତାଙ୍କ ମାତୃ ବିୟୋଗ

ବେଗୁନିଆ,୨୫।୬ (ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକରେ କାର୍ଯ୍ୟରତ ଖବରଦାତା ତଥା 'ବେଗୁନିଆ ମିଡିଆ ହାଉସ'ର ଉପଦେଷ୍ଟା ନଳିନୀକାନ୍ତ ପଣ୍ଡାଙ୍କ ମା' ହୀନ ପଣ୍ଡାଙ୍କ (୮୭)ଙ୍କ ବୁଧବାର ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣା, ଦୟାଳୁ ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ମର ଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ବାଙ୍କୀ ବ୍ଲକ ଅଧୀନ ପଳାଶୁଣି ଗ୍ରାମ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା। ବେଗୁନିଆ ମିଡିଆ ହାଉସ ଉପଦେଷ୍ଟା ଭଗବାନ ପଣ୍ଡା, ଗୌର ଚରଣ ପ୍ରହରାଜ, ଶରତ ବାରିକ, ମନୋରଞ୍ଜନ ପଣ୍ଡା, ବିବେକାନନ୍ଦ ମିଶ୍ର, ଖବରଦାତା ଯୋଗେଶ୍ୱର ପଣ୍ଡା, ସମୀର ସୁନ୍ଦରାୟ, ମାନସ ରଞ୍ଜନ କର, ସଂଗ୍ରାମ କେଶରୀ ସାମନ୍ତସିଂହାର ଏବଂ ସଞ୍ଜୟ କୁମାର ବାହୁବଳେନ୍ଦ୍ର ପ୍ରମୁଖ ତାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଥାଲାସେମିଆ ରୋଗୀଙ୍କୁ ମିଳୁନି ଔଷଧ

- ଡେ କେୟାର ୟୁନିଟ୍, ପାକ୍‌ସେଲ୍ ସୁବିଧା ଦାବି
- ସରକାରଙ୍କୁ ଚିଠି ଲେଖିଲା ଖୋର୍ଦ୍ଧା ଜିଲା ସଂଘ

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

ଥାଲୋସେମିଆ ରୋଗୀଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶ ରହିଛି। ତେବେ କେବଳ ରକ୍ତ ଏବଂ ଔଷଧ ବଳରେ ଜୀବନ ସହ ସଂଗ୍ରାମ କରୁଥିବା ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇଦିଆଯାଉନାହିଁ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ରୋଗୀଙ୍କୁ ସେବା ଶୁଶ୍ରୂଷା କରାଯିବା ପରିବର୍ତ୍ତେ ନିରୁତ୍ସାହିତ କରାଯାଉଛି। ଏଭଳି ଅଭିଯୋଗ ଆଣିଛି ଥାଲାସେମିଆ ସିକଲସେଲ ସୋସାଇଟି ଖୋର୍ଦ୍ଧା ଜିଲା ସଂଘ। ରୋଗୀଙ୍କୁ ଆବଶ୍ୟକ ଔଷଧ ଦିଆଯାଉ ନ ଥିବା ପ୍ରତିବାଦରେ ସଂଘ ଜିଲା ସଭାପତି ନିମାଇ ଚରଣ ମହାରଣା କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ (ଏନ୍‌ଏଚ୍‌ଏମ୍ ବିଭାଗ/ରକ୍ତକୋଷ)କୁ ଚିଠି ଲେଖି ଜଣାଇଥିଲେ। ଏଥିସହ ଥାଲାସେମିଆ ରୋଗୀଙ୍କୁ ପର୍ଯ୍ୟାପ୍ତ ଔଷଧ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଏନ୍‌ଏଚ୍‌ଏମ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଜନସ୍ୱାସ୍ଥ୍ୟ ଏକ ରାଜ୍ୟ ବିଷୟ। ଏନ୍‌ଏଚ୍‌ଏମ୍ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଆଧାରକରି ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତ ସ୍ଥାନାନ୍ତର ଏବଂ ଆଇରନ ବଟିକା ପାଇଁ ରାଜ୍ୟଗୁଡ଼ିକୁ ପାଣ୍ଠି ପ୍ରଦାନ କରେ। ଥାଲାସେମିଆ ରୋଗୀଙ୍କୁ ଚିହ୍ନଟ ଓ ଚିକିତ୍ସା ପାଇଁ ଡେ କେୟାର ସେଣ୍ଟରଗୁଡ଼ିକୁ ଏନ୍‌ଏଚ୍‌ଏମ୍ ମଧ ପାଣ୍ଠି ପ୍ରଦାନ କରୁଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ଚିଠି ପାଇବା ପରେ ସଂଘ ସଭାପତି ମହାରଣା ରାଜ୍ୟ ସରକାରଙ୍କୁ ଏକ୍ସ ଆକାଉଣ୍ଟରେ ଟୁଇଟ କରି ଉପରୋକ୍ତ ଦାବି ଜଣାଇଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲାରେ ପ୍ରାୟ ୨୫୦ଜଣ ଥାଲାସେମିଆ ରୋଗୀ ରହିଛନ୍ତି। ସେମାନଙ୍କ ପାଇଁ ମାତୃ ଓ ଶିଶୁ କଲ୍ୟାଣ ବିଭାଗ (ଏମ୍‌ସିଏଚ୍) ଭବନ ଉପର ମହଲାରେ ରକ୍ତ ନେବା ପାଇଁ ୪ଟି ଶଯ୍ୟା ରହିଛି। ଦୈନିକ ପ୍ରାୟ ୧୦ରୁ ୨୦ଜଣ ରୋଗୀ ଚିକିତ୍ସିତ ହେଉଥିବାବେଳେ କମ୍ ଶଯ୍ୟା ଯୋଗୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ଶଯ୍ୟାରେ ୩ରୁ ୪ଜଣ ରୋଗୀ ଚିକିତ୍ସିତ ହେଉଥିବାବେଳେ ଏଥିଲାଗି ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଅନ୍ୟପଟେ ସବୁଠୁ ବଡ଼ ସମସ୍ୟା ହେଉଛି ରକ୍ତ ସଂଗ୍ରହ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ରକ୍ତଭଣ୍ଡାର କୋଠା ନିର୍ମାଣ ସରିଥିଲେ ମଧ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ରୋଗୀ ରକ୍ତ ସଂଗ୍ରହ ପାଇଁ ଡିଏଚ୍‌ଏଚ୍‌ରୁ ୪ କିମି ଦୂର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରସ୍ଥ ରକ୍ତଭଣ୍ଡାରକୁ ଦୌଡୁଛନ୍ତି। ଥାଲାସେମିଆ ରୋଗୀଙ୍କୁ ମାଗଣାରେ ଔଷଧ ଦେବା ବ୍ୟବସ୍ଥା ରହିଥିବା ବେଳେ ପ୍ରାୟ ସମୟରେ ନିରାମୟରେ ଔଷଧ ଉପଲବ୍ଧ ନ ଥିବା ଦେଖିବାକୁ ମିଳିଛି। ଫଳରେ ବଜାରରୁ ଚଢା ଦରରେ ଔଷଧ କିଣିବାକୁ ପଡୁଛି ବୋଲି ସଂଘ ସଭାପତି ମହାରଣା କହିଛନ୍ତି। ଏନେଇ ସିଡିଏମ୍‌ଓଙ୍କଠାରୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣୁନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥାଲାସେମିଆ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡେ କେୟାର ବ୍ୟବସ୍ଥା କରାଯିବାକୁ ଦାବି ହୋଇଆସୁଥିଲେ ବି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନେକ ସମୟରେ ନିର୍ଦ୍ଦିଷ୍ଟ ଗ୍ରୁପ୍‌ର ରକ୍ତାଭାବ କାରଣରୁ ଥାଲାସେମିଆ ରୋଗୀ ହଇରାଣ ହେଉଛନ୍ତି। ଏଥିଲାଗି ପାକସେଲ ରକ୍ତ ସୁବିଧା ରକ୍ତଭଣ୍ଡାରରେ ନାହିଁ। ଏଣୁ ଥାଲାସେମିଆ ରୋଗୀଙ୍କ ଚିକିତ୍ସାକୁ ପ୍ରାଥମିକତା ଦିଆଯାଇ ଡିଏଚ୍‌ଏଚ୍‌ରେ ଡେ କେୟାର ୟୁନିଟ, ପାକସେଲ ସୁବିଧା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରକୁ ରକ୍ତଭଣ୍ଡାର ସ୍ଥାନାନ୍ତର କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

### ଆନ୍ଦୋଳନ ପାଇଁ ସିପିଆଇଏମ୍‌ର ପ୍ରସ୍ତୁତି

ଟାଙ୍ଗୀ,୨୫।୬(ରଘୁନାଥ ସାହୁ)

ସିପିଆଇ(ଏମ୍) ଟାଙ୍ଗୀ ଆଞ୍ଚଳିକ କମିଟି ପକ୍ଷରୁ ଏକ କର୍ମୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ବିରୋଧରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ଗିରିଶ ମହାରଣା ଜୁଲାଇ ୯ ଧର୍ମଘଟକୁ ସଫଳ କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ବିଧୁଭୂଷଣ ମହାରଣା, ଲକ୍ଷ୍ମଣ ବେହେରା, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିର ସମାଲୋଚନା କରିଥିଲେ।

## ରଥଖଳାରୁ...

### ରଥରେ ଠେକେରାବାଡ଼ ବୁଲିଲା, ସଖୀ ଫିଟିଂ ଶେଷ



ଘୋଡ଼ାରେ ରଙ୍ଗ ଦିଆଯାଉଛି।

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ରଥଖଳାରେ ତିନିରଥର ପାର୍ଶ୍ୱ ଦେବଦେବୀ ସଂସ୍ଥାପିତ ହେବା ସହ ଚିତ୍ରକାର ସେବକମାନଙ୍କ ଦ୍ୱାରା ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗଚିତ୍ର କାର୍ଯ୍ୟ ଆରମ୍ଭ ହୋଇଛି। ରଥ ବେଦି ଚାରି ପାର୍ଶ୍ୱରେ ଗାଇଗୋଠ ଚିତ୍ର, ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ କରାଯାଇଛି। ମହାରଣା ସେବକ ଏବଂ ଭୋଇ ସେବକମାନେ ମିଶି ତିନିରଥରେ ଠେକେରା ବାଡ଼ ବୁଲାଇବା ସହ ସେଥିରେ ସଖି ଫିଟିଙ୍ଗ ଶେଷ କରିଛନ୍ତି। ବିଜେ ଚକା ତ୍ରୟରେ ମହାରଣା ସେବକମାନେ ବିନ୍ଧ ସହ ୩ଟି ଲେଖାଏ କାଠଖିଲ ନିର୍ମାଣ ଶେଷ କରିଛନ୍ତି। ତିନିରଥ ସିଂହଦ୍ୱାରକୁ ଯିବାପରେ ବେଦି ଚକା ସିଂହାସନରେ ସଂଯୋଗ ହେବ। ସେହିପରି ପିତଳ ସଜ କାରିଗରମାନେ ତିନିରଥର ବେଦି ସିଂହାସନ ଉପର କନକମୁଣ୍ଡିରେ ପିତଳ ଚଦର ଆବରଣ (ବର୍ଷା ନ ପଡ଼ିବା ପାଇଁ) ଫିଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ଦରଜିସେବକମାନେ ତିନି ରଥର ବତା କନା ଯୋଡ଼ଣି, ପୋଟଳ କନା କାର୍ଯ୍ୟ ଶେଷ କରି କୋଠ ସୁଆଁସିଆ ସେବକମାନଙ୍କୁ ଯୋଗାଇବା ପରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ପାଇଁ ବ୍ୟବହୃତ ଲାଗି ଲୁଗା ସିଲେଇ କାର୍ଯ୍ୟ ଶେଷ କରିଛନ୍ତି। ତିନି ରଥର ଦୁଆରବେଢ଼ା ଓ ଚନ୍ଦ୍ରଶାଳୀରେ କନା ପକା କାର୍ଯ୍ୟ ସରିଛି। ପ୍ରଥମେ ତାଳଧ୍ୱଜ ରଥର ପୋଟଳ ଓ ବତା ଆବରଣ କନା ପକା କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ଓ ଦର୍ପଦଳନ ରଥର ପୋଟଳ ଏବଂ ବତା ଆବରଣରେ କନା ପକା କାର୍ଯ୍ୟ କରାଯାଇଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପ୍ରଭା କଣ୍ଟା ନିର୍ମାଣ ଶେଷ କରି କୋଠ ସୁଆଁସିଆ ସେବକମାନଙ୍କ ପାଇଁ ରଥରେ କନା ପକା କାର୍ଯ୍ୟ ପାଇଁ ହାତୁଡ଼ି, ଛୁରି ନିର୍ମାଣ କରି ଯୋଗାଇ ଦେଇଛନ୍ତି। ସେହିପରି ଚିତ୍ରକାର ସେବକମାନେ ତିନିରଥର ପ୍ରଭାରେ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟର ଶେଷ ସ୍ୱର୍ଶ ଦେବା ସହ ସାରଥି, ଘୋଡ଼ା, ରଙ୍ଗ କାର୍ଯ୍ୟ ସାରିଛନ୍ତି। ବାହ୍ୟ ଅଂଶ ରଙ୍ଗ କାର୍ଯ୍ୟ ଶେଷ କଲା ପରେ ଆବଶ୍ୟକତାକୁ ଦେଖି ଶେଷ ସ୍ୱର୍ଶ ପାଇଁ ପରଖ ଅନୁଧ୍ୟାନ ଜାରି ରଖିଛନ୍ତି।

# ଭଏସ୍ ଅଫ୍ ମିଡିଆର ବାର୍ଷିକୋତ୍ସବ





ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୫।୬(ପ୍ରଭାତ ପାଣିଗ୍ରାହୀ)

**ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା**

ଭଏସ୍ ଅଫ୍ ମିଡିଆର ପ୍ରଥମ ରାଜ୍ୟ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ କେନ୍ଦ୍ରୀୟ ସଭାପତି ସନ୍ଦିପ କାର୍ଲେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ଜନତା ଓ ସରକାରଙ୍କ ମଧ୍ୟରେ ସେତୁବନ୍ଧ ଭାବେ କାର୍ଯ୍ୟ କରିଥାଏ। ଗଣତନ୍ତ୍ରକୁ ସୁଦୃଢ଼ କରେ ଗଣମାଧ୍ୟମ। ଏକ ଗଠନମୂଳକ ସମାଜ ଦିଗରେ ଖବରଦାତାମାନଙ୍କ ପ୍ରମୁଖ ଭୂମିକା ରହିଛି। ଖବରଦାତାମାନଙ୍କ ସୁରକ୍ଷା ପାଇଁ ନୂତନ ଆଇନ ପ୍ରଣୟନ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଉଛି। ଭଏସ୍ ଅଫ୍ ମିଡିଆର ପ୍ରତ୍ୟେକ ସଦସ୍ୟଙ୍କୁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସହିତ ମାସିକ ଭତ୍ତା, ପିଲାଙ୍କ ପାଠ ପଢିବା ପାଇଁ ଉପକରଣ ମଧ ଯୋଗାଇ ଦିଆଯିବ।

ଏହି ସମ୍ମିଳନୀରେ ରାଜ୍ୟର ୨୩ଟି ଜିଲାରୁ ସଭାପତି ଓ ସମ୍ପାଦକଙ୍କ ସମେତ ଶତାଧିକ ସଦସ୍ୟା ଓ ସଦସ୍ୟ ଯୋଗଦେଇଥିଲେ। ନାଇଜରର ପୂର୍ବତନ ରେଜିଷ୍ଟ୍ରାର ପ୍ରଫେସର ଅଭୟ ନାୟକ, ସୁପ୍ରିମକୋର୍ଟ ଆଇନଜୀବୀ ସଞ୍ଜୀବ ଅଗ୍ରୱାଲ, ଅବସରପ୍ରାପ୍ତ ବିଚାରପତି ସୁରେନ୍ଦ୍ରନାଥ ପାଢୀ, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ଭଞ୍ଜଦେଓ, ଆଇନ ମହାବିଦ୍ୟାଳୟ ସମ୍ପାଦକ ସୁଧିର ମାନସିଂହ, ସାମାଜିକ କର୍ମୀ ବସନ୍ତ ଦାସ, ଜାତୀୟ ସମ୍ପାଦକ ମହମ୍ମଦ ଇଫତେକାର ଅଲ୍ଲୀ, ରାଜ୍ୟ ଉପସଭାପତି ଜିତେନ୍ଦ୍ର ସାହୁ, ପି. ବାଲାଜୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ସୁକାନ୍ତ ପରିଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଜିଲା ସଭାପତି ଧନେଶ୍ୱର ବିଧାର ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଓ ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା। ବହୁ ଖବରଦାତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ବେପାରୀ ଗିରଫ

ଟାଙ୍ଗୀ-ଖୋର୍ଦ୍ଧା,୨୫।୬(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମରେ କୋଡ୍ ୱାର୍ଡରେ ଚାଲିଥିଲା ଚୋରା ମଦ ବେପାର। ଟାଙ୍ଗୀ ପୋଲିସର ଜଣେ ଅଧିକାରୀ ସାଦା ପୋଷାକରେ ଯାଇ କୋଡ୍ ୱାର୍ଡ ବ୍ୟବହାର କରି ମଦ ମାଗିଥିଲେ। ସମ୍ପୃକ୍ତ ମଦ ବେପାରୀ ନାରାୟଣ ଚମ୍ପତି ମଦ ଦେବା ବେଳେ ତାଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ମଦ ଜବତ କରାଯାଇଥିବା ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର ଭୁଜବଳ କହିଛନ୍ତି।

# ୩ ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଅଧ୍ୟାପକମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ବାଣପୁର,୨୫।୬(ଦିଲ୍ଲୀପ କୁମାର ସ୍ୱାଇଁ)

ଗୋଦାବରୀଶ ମହାବିଦ୍ୟାଳୟରୁ ଚଳିତବର୍ଷ ଅବସର ଗ୍ରହଣ କରିଥିବା ୩ ଜଣ ଅଧ୍ୟାପକ ସରକାରୀ ଧନ୍ଦାମୂଳକ ଶିକ୍ଷାର ଅଧ୍ୟାପକ ଗୌରୀ ଶଙ୍କର ସୁବୁଦ୍ଧି, ଦର୍ଶନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ରାଧାକାନ୍ତ ରାଉତ ଓ ଗଣିତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପଞ୍ଚାନନ ମହାରଣାଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ଉତ୍ସବରେ ବିନାୟକ ହୋତା ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ସୁର ପ୍ରତାପ ନରେନ୍ଦ୍ରସିଂ ବର୍ମା, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରାଧ୍ୟାପକ ଲକ୍ଷ୍ମୀ ପ୍ରସାଦ ମିଶ୍ର, ଅଧ୍ୟାପକ ଆଦିତ୍ୟ ସାରଥୀ ବେଦମୁଣ୍ଡା, ଅଧ୍ୟାପକ ବିଭୂତି ଭୂଷଣ ହୋତା, ଅଧ୍ୟାପକ ଅଜୟ କୁମାର ଦାସ, ଅଧ୍ୟାପକ କ୍ୟାପ୍ଟେନ ଡ. ଗୁରୁକିଶୋରେ ନାୟକ ପ୍ରମୁଖ ୩ ସହକର୍ମୀଙ୍କ ସମ୍ପର୍କରେ ଗୁଣଗାନ କରି ସେମାନଙ୍କ ଦୀର୍ଘ ଓ ନିରୋଗ ଭବିଷ୍ୟତ ଜୀବନ କାମନା କରିଥିଲେ। ଉତ୍ସବରେ ସେମାନଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ମହାବିଦ୍ୟାଳୟ ମୁଖ୍ୟ କିରାଣୀ ଦୁର୍ଯୋଧନ ସାହୁ ଓ ପ୍ରଭାତ କୁମାର ମାର୍ଥା ସଭାରାୟୋଜନ କରିଥିବାବେଳେ ଆକାଉଣ୍ଟାଣ୍ଟ ସୁଧାଂଶୁ ଶେଖର ତ୍ରିପାଠୀ ପ୍ରମୁଖ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା କରିଥିଲେ। ପ୍ରାଧ୍ୟାପକ ମିଶ୍ର ଧନ୍ୟବାଦ ଦେଇଥିଲେ।

# କୁମ୍ଭମେଳା ଶୈଳୀରେ ହେବ ଟ୍ରାଫିକ୍ ନିୟନ୍ତ୍ରଣ

**ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ**

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ସୁରୁଖୁରୁରେ ରଥଯାତ୍ରା ସମ୍ପାଦନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରୟାଗରାଜ କୁମ୍ଭମେଳା ଶୈଳୀରେ ଏଥର ଟ୍ରାଫିକ ନିୟନ୍ତ୍ରଣ ହେବ। ପୋଲିସ ବିଭାଗ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ ପ୍ରସ୍ତୁତ କରାଯାଇଛି। ଏ ନେଇ ଟ୍ରାଫିକ ଏଡିଜି ଦୟାଲ ଗଙ୍ଗୱାର ବୁଧବାର ସନ୍ଧ୍ୟାରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ବିସ୍ତୃତ ସୂଚନା ଦେଇଛନ୍ତି। ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷକରି ଶ୍ରଦ୍ଧାଳୁମାନେ ଯେପରି ସୁରକ୍ଷିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିବେ ତା' ଉପରେ ଫୋକସ ଦେଇଛି ପୋଲିସ। ଏକାଧିକ ସ୍ଥାନରେ ଭେହିକିଲ୍ ହୋଲ୍ଡିଂ ଏରିଆ ରହିବ। ପ୍ରଥମଥର ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ହେବ। ଚଳିତବର୍ଷ ଡିଜିଟାଲ ନେଟୱର୍କ ସିଷ୍ଟମ ବ୍ୟବହାର କରାଯିବ। ୧୦ଟି କମ୍ୟୁନିକେଶନ ସିଷ୍ଟମ ମାଧ୍ୟମରେ ଟିମ୍ ୱାଇଜ୍ ଟ୍ରାଫିକ ମ୍ୟାନେଜମେଣ୍ଟ କରାଯିବ। ୩୦୦ ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସିର କର୍ମକର୍ତ୍ତା ନିୟୋଜିତ ହେବେ। ୱର୍ମ ରୁମ୍ ବା କଣ୍ଟ୍ରୋଲ ରୁମ୍‌ରୁ ସମସ୍ତ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରାଯିବ। ୬ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଜରିଆରେ 'ନୋ ପାର୍କିଂ ଏରିଆ'ରୁ ଏନ୍‌ଫୋର୍ସ ବା ଉଚ୍ଛେଦ କରାଯିବ। ୱାଚ୍ ଟାୱାର ଜରିଆରେ ନିୟନ୍ତ୍ରିତ କରାଯିବ ମୋବିଲିଟି। ଭିଏଚ୍‌ଏଫ ନେଟୱର୍କ ସିଷ୍ଟମ ବ୍ୟବହୃତ ହେବ। ୮୦ରୁ ଉର୍ଦ୍ଧ୍ୱ ଏଡ୍ ପୋଷ୍ଟ ରହିବ। ଫ୍ଲେକ୍ସିବିଲିଟ୍ ପ୍ଲାନ୍ ଅନୁସାରେ ବିଭିନ୍ନ ପଏଣ୍ଟରେ ଲୋକାଲ ଅଫିସର ମୁତୟନ ରହିବେ। ସେହିପରି ଗାଡ଼ିଗୁଡ଼ିକ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି।

# ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ବୋଲଗଡ,୨୫।୬(ଦେବବ୍ରତ ହୋତା)

ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ଓ ଗଣବଳାତ୍କାରକୁ ବିରୋଧ କରି ବୁଧବାର ସାରା ରାଜ୍ୟରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ସମ୍ମୁଖ ୫୭ ନଂ. ଜାତୀୟ ରାଜପଥରେ ପୂର୍ବାହ୍ନ ୧୦ଟାରେ ବୋଲଗଡ଼ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ବିଜେଡି ନେତା ବୀର ଦାସ, ଯୁବନେତା ଶିବୁନ ସୁନ୍ଦରାୟ ଓ ଚନ୍ଦନ ପ୍ରଧାନ, ବିଜେଡି ଜିଲା ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଦସ୍ୟ ସୁବାସ ରାୟଗୁରୁ ଓ ସଦସ୍ୟା ସୁନନ୍ଦିତା ସାହୁ, ପୂର୍ବତନ ସମିତି ସଭ୍ୟ ସୁରେଶ ସାମନ୍ତସିଂହାର, ସୁଭେନ୍ଦ୍ର ସାହୁ, ସୁରେଶ ସାମନ୍ତରାୟ, ବଂଶୀଧର ସାହୁ, ଗୌତମ ସ୍ୱାଇଁ, ସିକୁ ମହାପାତ୍ର, ସୁନନ୍ଦା ବରାଳ, ମୁନା ମହାପାତ୍ର, ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ସମେତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇଥିଲ। ଭାଜପା ସରକାର ଆସିବା ପରେ ରାଜ୍ୟରେ ବଢୁଥିବା ନାରୀଙ୍କ ପ୍ରତି ଅତ୍ୟାଚାରକୁ ରୋକିବାରେ ସରକାରଙ୍କ ବିଫଳତା ନେଇ ପ୍ରତିବାଦ କରି ନାରାବାଜି କରିଥିଲେ। ଏଥିନେଇ କିଛି ସମୟ ପାଇଁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଜାମ ହେବା ସହ ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ବୋଲଗଡ଼ ପୋଲିସ ରାସ୍ତା ଅବରୋଧ ମୁକ୍ତ କରିଥିଲେ।



ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜିଲା ବିଜୁ ଯୁବ ଛାତ୍ର ଜନତା ଦଳର ଆନ୍ଦୋଳନ





ବିଜୁ ଯୁବ ଛାତ୍ର ଦଳ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଖୋର୍ଦ୍ଧା/ ଜଟଣୀ,୨୫।୬
(ପ୍ରଭାତ ପାଣିଗ୍ରାହୀ/ ରବୀନ୍ଦ୍ରନାଥ ମହାକୁଡ଼)

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବୁଧବାର ଖୋର୍ଦ୍ଧା ଜିଲା ବିଜୁ ଯୁବ ଛାତ୍ର ଦଳ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଜିଲା ବିଜୁ ଯୁବ ଛାତ୍ର ଜନତା ଦଳର ସଦସ୍ୟମାନେ କ୍ୟାମ୍ପସ ଆଗରେ ବିକ୍ଷୋଭ କରିଥିଲେ। ଜିଲା ଛାତ୍ର ବିଜେଡି ସଭାପତି ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଛାତ୍ର ପ୍ଲାକାର୍ଡ ଧରି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଯୁବ ନେତା ଅମିୟ କୁମାର ମହାନ୍ତି, ଛାତ୍ର ନେତା ଶକ୍ତିକାନ୍ତ ପ୍ରଧାନ, ଆଶୁତୋଷ ପ୍ରଧାନ, ତାହିର ଖାଁ, ଅମ୍ବି କୁମାର ଦାସ, ବିରଞ୍ଚି ଜେନା, ମାନସ କୁମାର ବରାଳ, ସୌମ୍ୟ ରଞ୍ଜନ ସ୍ୱାଇଁ ସମେତ ଶତାଧିକ ପ୍ରମୁଖ କଳାବ୍ୟାଜ୍ ପିନ୍ଧି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଓଡ଼ିଶାରେ ଛାତ୍ରୀଙ୍କୁ ଅସଦାଚରଣ, ବଳାତ୍କାର, ହତ୍ୟା ଏବଂ ଗୋପାଳପୁର ଗଣବଳାତ୍କାର ଘଟଣା ସମେତ ଦିନକୁ ଦିନ ରାଜ୍ୟରେ ବିଭିନ୍ନ ଅପରାଧ ବୃଦ୍ଧି ପାଉଛି। ହେଲେ ଭାଜପା ସରକାର ଏଥିରେ ନିରବଦ୍ରଷ୍ଟା ସାଜିଥିବା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଜଟଣୀ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜଟଣୀ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତିଭୂଷଣ ବଳବନ୍ତରାୟ ଏଥିରେ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଯୁବ ବିଜେଡି ସଭାପତି ରାଜେଶ ପରିଡ଼ା, ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ଦେବବ୍ରତ ରାଉତରାୟ, ଜଟଣୀ ବ୍ଲକ ଯୁବ ସଭାପତି ଅମରେଶ ନାୟକ, ଛାତ୍ର ସଭାପତି ସୁଧୀର କୁମାର ବାରିକ, କାର୍ଯ୍ୟକାରୀ ସଭାପତି ପବିତ୍ର ବିଶ୍ୱାଳ, ପୌରାଞ୍ଚଳ ଛାତ୍ର ସଭାପତି ସାଗର ସାମନ୍ତରାୟଙ୍କ ସମେତ ବହୁ ଯୁବ ଛାତ୍ର ନେତା ଅଂଶଗ୍ରହଣ କରି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

## ସୁଆଁରି ଗ୍ରାମରେ ଝାଡ଼ାବାନ୍ତି: ଆଉ ଜଣେ ବୃଦ୍ଧାଙ୍କ ମୃତ

ମଙ୍ଗୁଳି-ଜଗତପୁର,(ମାନସ ସାମଲ): କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରି ଗ୍ରାମରେ ଗତ କିଛି ଦିନ ହେବ ଝାଡ଼ାବାନ୍ତି ବ୍ୟାପିଥିଲା ବେଳେ ବୁଧବାର ଆଉ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଆଁରି ଗ୍ରାମର ସୁଲଚନା ବଳ (୭୪)। ପୂର୍ବରୁ ସେହି ଗ୍ରାମର ଜଣେ ବୃଦ୍ଧା ଉର୍ମିଳା ବଳଙ୍କ ମୃତ୍ୟୁ ଘଟିଥିଲା। ସୂଚନା ମୁତାବକ, ସୁଆଁରି ଗ୍ରାମରେ ଗତ କିଛି ଦିନ ହେବ ଝାଡ଼ାବାନ୍ତି ବ୍ୟାପିଥିଲା। ସ୍ଥିତି ଅନୁଧ୍ୟାନ ପାଇଁ କଟକ ଜିଲାପାଳ ଓ କେନ୍ଦ୍ରୀୟ ଡାକ୍ତରୀ ଟିମ ଗ୍ରାମର ସମସ୍ତ ଜଳଉତ୍ସଗୁଡ଼ିକୁ ଯାଞ୍ଚ କରି ଏହା ପାଣି ଜନିତ ବୋଲି ଜାଣିବାକୁ ପାଇଥିଲେ। ଗ୍ରାମର ମୋଟ ୬ଟି ପରିବାରରୁ ୧୯ଜଣ ଆକ୍ରାନ୍ତ ହୋଇଥିଲେ। ସେଥି ମଧ୍ୟରୁ ୧୭ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ପୂର୍ବରୁ ଜଣଙ୍କ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ସ୍ଥିତିରେ ସୁଧାର ଆସିଛି।



ବର୍ଷାରେ କଟକ ମେରିଆ ବଜାର ଅଞ୍ଚଳ ରାସ୍ତା ଜଳାର୍ଣ୍ଣବ।



ବର୍ଷାରେ କଟକ ମୋହମଦିଆ ବଜାର ରାସ୍ତାରେ ପାଣିର ସୁଅ। (ଫଟୋ: ରାଜକିଶୋର ମହାନ୍ତି)

# ଜଳାର୍ଣ୍ଣବ କଟକ ସହର, ସିଡିଏରେ ଧସିଲା ରାସ୍ତା



ପ୍ରବଳ ବର୍ଷାରେ କଟକ ସିଡିଏ ସେକ୍ଟର-୧୦ ଅଞ୍ଚଳର ରାସ୍ତା ଧସିଯାଇଛି।

କଟକ,୨୫।୬(କାର୍ତ୍ତିକ ସାହୁ)

ବୁଧବାର ଅପରାହ୍ନରେ ବାଦଲଫଟା ବର୍ଷାରେ ଜଳାର୍ଣ୍ଣବ ହୋଇଥିଲା କଟକ ସହର। ମୂଷଳ ଧାରାରେ ବର୍ଷା ଢାଳିବାରୁ ଦୀର୍ଘସମୟ ଧରି ଜୀବନଯାତ୍ରା ପୁରା ବ୍ୟାହତ ହୋଇଯାଇଥିଲା। ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜଳସ୍ରୋତ ପ୍ରବାହିତ ହୋଇଥିଲା। ସିଡିଏ ଅଞ୍ଚଳରେ ଥିବା ଏକ ପିଚୁ ରାସ୍ତା ଜଳସ୍ରୋତର ପ୍ରଖରରେ ଧସିଯାଇଥିଲା। ଜଳସ୍ରୋତ କମିବା ପରେ ବେଶ କିଛି ଦୂର ଯାଏ ରାସ୍ତା ଅର୍ଦ୍ଧାଧିକ ଧୋଇ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ହାଇକୋର୍ଟ, ଶିଶୁଭବନ ଭଳି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ପାଣିର ସୁଅ ଛୁଟିଥିଲା। ପାଣି ଭିତରେ ପଶି ଯିବାର ଦୃଶ୍ୟ ଅନେକ ସରକାରୀ କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ସହରର ତଳିଆ ଅଞ୍ଚଳରେ ଚିରାଚରିତ ଭାବେ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଛାଡ଼ିବାର ଅନେକ ସମୟ ଯାଏ ରାସ୍ତାରୁ ଜଳସ୍ରୋତ କମି ନ ଥିଲା। ବାଦାମବାଡ଼ି, ଗହ୍ମାଡିଆ, ରକ୍ସି ଲେନ୍ ସମେତ ବହୁ ଅଞ୍ଚଳର ଲୋକେ ଜଳବନ୍ଦୀ ପରିସ୍ଥିତିର ସାମ୍ନା କରିଥିଲେ।

## ଜିଲାରେ ହାରାହାରି ବୃଷ୍ଟିପାତ ୨୮.୧୧ ମି.ମି.

### ସିଡିଏ ସେକ୍ଟର ୬ରେ ସର୍ବାଧିକ ୧୧୯.୪ ମି.ମି.

କଟକ ଜିଲାରେ ବୁଧବାର ଅପରାହ୍ନ ୫ଟା ସୁଦ୍ଧା ହାରାହାରି ୨୮.୧୧ ମି.ମି. ବୃଷ୍ଟିପାତ ହୋଇଥିବା ରେକର୍ଡ ହୋଇଛି। ତେବେ ସମଗ୍ର କଟକ ଜିଲାରେ ମୋଟ ବୃଷ୍ଟିପାତ ୪୭୮ ମି.ମି. ହୋଇଛି। ତନ୍ମଧ୍ୟରୁ ଆଠଗଡ଼ରେ ୮ ମି.ମି., ବାରଙ୍ଗରେ ୮୪ ମି.ମି., କଟକ ସଦର ୫ ମି.ମି., କଣ୍ଟାପଡ଼ାରେ ୪୨ ମି.ମି., ନିଆଳିରେ ୩ ମି.ମି., ସାଲେପୁରରେ ୧୮ ମି.ମି., ଟାଙ୍ଗୀ-ଚୌଦ୍ୱାରରେ ୧୮ ମି.ମି., ତିଗିରିଆରେ ୩୨ ମି.ମି. ଏବଂ କଟକ ସହରର ଓଏମ୍‌ପି ଛକରେ ୨୦.୬ ମି.ମି., ବିକାଶ ଭବନରେ ୫୬.୪ ମି.ମି., ଶହୀଦ ଭବନରେ ୭୭.୮ ମି.ମି.,



ସିଡିଏ ସେକ୍ଟର ୬ରେ ୧୧୯.୪ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାତ୍ର ନିଶ୍ଚିନ୍ତକୋଇଲି, ନରସିଂହପୁର, ମାହାଙ୍ଗା, ବଡ଼ମ୍ବା, ବାଙ୍କୀ ଡମପଡ଼ାରେ ବର୍ଷା ପରିମାଣ ଶୂନ ମି.ମି. ରେକର୍ଡ ହୋଇଥିବା ଜିଲା ଜରୁରୀକାଳୀନ ନିୟନ୍ତ୍ରଣ କେନ୍ଦ୍ର ପକ୍ଷରୁ ଜଣାଯାଇଛି।

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ବିଜ୍ଞପ୍ତି ଖାରଜ

କଟକ,୨୫।୬(କାର୍ତ୍ତିକ ସାହୁ)

### ପୁରୀ ଲ' କଲେଜ ପ୍ରୋଭିଜିଓନାଲ୍ ଆଫିଲିଏଶନ ବିରୋଧରେ ମାମଲା

ପୁରୀସ୍ଥିତ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ (ପୁରୀ ଲ' କଲେଜ) ପାଠ୍ୟକ୍ରମକୁ ପ୍ରୋଭିଜିନାଲ୍ ଆଫିଲିଏଶନ ପ୍ରଦାନ ବିରୋଧରେ ଆଗତ ମାମଲାର ଶୁଣାଣି କରି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ବିଜ୍ଞପ୍ତିକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କ୍ରୀଷ୍ଣା ଶ୍ରୀପଦ୍ ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପୁରୀ ଲ' କଲେଜର ଆଇନ ପାଠ୍ୟକ୍ରମକୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପ୍ରଦାନ କରିଥିବା ପ୍ରୋଭିଜିନାଲ୍ ଆଫିଲିଏଶନ୍‌କୁ ରଦ୍ଦ କରି ଦେଇଛନ୍ତି। କଲେଜକୁ ପୂର୍ବ ପରି ସ୍ଥାୟୀ ଆଫିଲିଏଶନ ପ୍ରଦାନ କରିବାକୁ ହାଇକୋର୍ଟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଛନ୍ତି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରୀ ଲ' କଲେଜ୍ ଓ ଅନ୍ୟାନ୍ୟ ଲ' କଲେଜର ଏଲ୍‌ଏଲ୍‌ବି ପାଠ୍ୟକ୍ରମ ପାଇଁ ୨୦୨୪ ଏପ୍ରିଲ୍ ୨୮ରେ ପ୍ରୋଭିଜିନାଲ୍ ଆଫିଲିଏଶନ ପ୍ରଦାନ କରାଯାଇଥିଲା। ପୂର୍ବରୁ କଲେଜର ଉକ୍ତ ପାଠ୍ୟକ୍ରମକୁ ସ୍ଥାୟୀ ଆଫିଲିଏଶନ ମିଳିଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ଥାୟୀ ଆଫିଲିଏଶନକୁ କାଟି ପ୍ରୋଭିଜିନାଲ୍ ଆଫିଲିଏଶନ୍ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୪ ଏପ୍ରିଲ ୨୮ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉପରୋକ୍ତ ବିଜ୍ଞପ୍ତିକୁ ବିରୋଧ କରି ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ ଓ ଅନ୍ୟମାନଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା।

## ନାରୀ ନିର୍ଯାତନା ବିରୋଧରେ ଆନ୍ଦୋଳନ




ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚୌଦ୍ୱାର-କଟକ କଲେଜ ଛକରେ ବିକ୍ଷୋଭ କରାଯାଉଛି।

କଟକ,୨୫।୬(ଶିଳ୍ପା ପ୍ରିୟଦର୍ଶିନୀ)

### ବିଭିନ୍ନ ସ୍ଥାନରେ ଛାତ୍ର ଓ ଯୁବ ବିଜେଡିର ପ୍ରତିବାଦ

ରାଜ୍ୟରେ ଯୁବତୀ ଓ ମହିଳାଙ୍କ ଉପରେ ଅସଦାଚରଣ, ବଳାତ୍କାର, ଅପହରଣ ଓ ହତ୍ୟା ବୃଦ୍ଧି ପାଉଥିବା ବେଳେ ଏହା ବିରୋଧରେ ବୁଧବାର ରାଜ୍ୟ ବ୍ୟାପୀ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଛି। ବାରବାଟୀ କଟକ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ପରେ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଓ ଶେଷରେ ଖ୍ରୀଷ୍ଟ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କଟକ ଚଣ୍ଡୀଛକଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କଟକ ଜିଲା ଛାତ୍ର ବିଜେଡି ସଭାପତି ଆସିଫ ଅମିନ କହିଛନ୍ତି, ରାଜ୍ୟରେ ଦିନକୁ ଦିନ ବଳାତ୍କାର ଘଟଣା ବଢ଼ିବାରେ ଲାଗିଛି, ହେଲେ ରାଜ୍ୟ ସରକାର ନାରୀ ସୁରକ୍ଷା ଦିଗରେ ଆଖି ବୁଜିଆ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି କହିଛନ୍ତି। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ନଗର ଯୁବ ସଭାପତି ସୋମ୍ୟାଦୀପ ଘୋଷ, ନଗର ଛାତ୍ର ସଭାପତି ସଞ୍ଜୟ ପଟ୍ଟନାୟକ, ରାଜ୍ୟ ଛାତ୍ର ଉପସଭାପତି ସନ୍ତୋଷ ମହାପାତ୍ର, ଦେବାଶିଷ ସ୍ୱାଇଁ, ଅଭିଷେକ ବେହେରା, ଅଭିନାଶ ମହାନ୍ତି, ସୁମନ ବେହେରା, ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ। **ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର-କଟକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଯୁବ ସଭାପତି ସାରଦା ରଞ୍ଜନ ପରିଡା ଓ ଛାତ୍ର ସଭାପତି ଇଂ. ଭରତ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବ ଓ ଛାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ବେହେରା, ଆକାଶ କୁମାର ବାରିକ୍, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ପ୍ରମୋଦ ସାମଲ, ସଞ୍ଜୟ ରାଉତ, ସୌମ୍ୟ ରଞ୍ଜନ ଜେନା, ମନୋରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। **ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ଟାଙ୍ଗୀ ବିଜୁ ଜନତା ଦଳ ପକ୍ଷରୁ ଟାଙ୍ଗୀ ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଯୁବ ସଙ୍ଗଠକ ଜନ୍ମଜୟ ଖିଲାରଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ସମ୍ମୁଖରେ ଶତାଧିକ କଲେଜ ଛାତ୍ର ଓ ଯୁବ ବିଜେଡି କାର୍ଯ୍ୟକର୍ତ୍ତା ବଳାତ୍କାରୀଙ୍କୁ କଠୋର ଦଣ୍ଡ ଓ ନାରୀ ସୁରକ୍ଷା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ। ଆନ୍ଦୋଳନରେ ରାଜେଶ ରଞ୍ଜନ ଷଡଙ୍ଗୀ, ଗୋବିନ୍ଦ ଦାସ, ସାଗର କର, ନିବାସ ପାଣ୍ଡବ, ଲଲାଟେନ୍ଦୁ ଦାସ, ସୋରୁପ ନାୟକ, ସାରଦା ପ୍ରସନ୍ନ ମହାନ୍ତି, ଗୋପାଳ ଲେଙ୍କା ପ୍ରମୁଖ ସାମିଲ ଥିଲେ। **କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କିଶୋର ନଗର ଓ କନ୍ଦରପୁର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଟକ ସଦର ଛାତ୍ର ଜନତା ଦଳର ସତ୍ୟ ସିଦ୍ଧାନ୍ତ ଦାସଙ୍କ ନେତୃତ୍ୱରେ କିଶୋରନଗର କଲେଜ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ସେହିପରି କନ୍ଦରପୁର କଲେଜ ସମ୍ମୁଖରେ ସାରଦା ପ୍ରସନ୍ନ ସ୍ୱାଇଁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## କଲେଜ ମାଲିକାଣୀଙ୍କୁ ଆକ୍ରମଣ: କର୍ମଚାରୀ ଗିରଫ

ସାଲେପୁର,୨୫।୬(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅଞ୍ଚଳରେ ଥିବା ଏକ ନର୍ସିଂ କଲେଜର ମାଲିକାଣୀଙ୍କୁ କଲେଜ କର୍ମଚାରୀ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ଏ ନେଇ ମାଲିକାଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ଆକ୍ରମଣକାରୀଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

ମଙ୍ଗଳବାର ସାଲେପୁର ସରସ୍ୱତୀ ଶିଶୁମନ୍ଦିର ରୋଡ୍‌ରେ ଶ୍ରୀଜଗନ୍ନାଥ ନର୍ସିଂ କଲେଜ ରହିଛି। ଏହାକୁ ନିଶ୍ଚିନ୍ତକୋଇଲି ଥାନା ପାଟସୁରା ଗ୍ରାମର ଉଷାରାଣୀ ପଣ୍ଡା ଓ ଭଦ୍ରେଶ୍ୱର ଥାନା ଅଧୀନ କୁସୁନପୁର ଗ୍ରାମର ପଦ୍ମଜା ମିଶ୍ର ପ୍ରତିଷ୍ଠା କରିଥିଲେ। ଉଷାରାଣୀଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ପଦ୍ମଜା ତାଙ୍କୁ ଫୋନ୍ ଯୋଗେ କଲେଜ ନ ଆସିବାକୁ ଧମକ ଦେଇଥିଲେ। ମଙ୍ଗଳବାର ଉଷାରାଣୀ କଲେଜରେ ପହଞ୍ଚିବା ମାତ୍ରେ କଲେଜର ମାର୍କେଟିଂ କର୍ମଚାରୀ ବୋଦାମୁଣ୍ଡାଇ ଅଞ୍ଚଳର ଧୀରେନ୍ଦ୍ର ସାହୁ ଓ ରୋଷେୟା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ମାରଧର କରିଥିଲେ। ଏପରିକି ଧୀରେନ୍ଦ୍ର ତାଙ୍କୁ ଅର୍ଦ୍ଧ ଉଲଗ୍ନ କରିଥିଲେ। ଧୀରେନ୍ଦ୍ର ଓ ମିନୁ ପଦ୍ମଜାଙ୍କ ନିର୍ଦ୍ଦେଶରେ ଏହି କାଣ୍ଡ ଘଟାଇଥିବା ଉଷାରାଣୀ ଲିଖିତ ଭାବେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୮୨/୨୫ରେ ମାମଲା ରୁଜୁ କରି ଆକ୍ରମଣକାରୀ ଧୀରେନ୍ଦ୍ରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିବା ସହ ଘଟଣାର ତଦନ୍ତ ଚଳାଇଥିବା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି।

## 'ଜରୁରୀ ପରିସ୍ଥିତିରେ ବନ୍ଦ ହୋଇଥିଲା ଖବରକାଗଜର ସ୍ୱର'

କଟକ,୨୫।୬(କାର୍ତ୍ତିକ ସାହୁ)

### ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ

ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଆଇ.କ୍ୟୁ.ଏସିର ମିଳିତ ସହଯୋଗରେ ସମ୍ବିଧାନ ହତ୍ୟା ଦିବସ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନ୍‌ଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ଯୋଗଦେଇ କହିଲେ, ୧୯୭୬ରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସମ୍ବିଧାନ ଉଲ୍ଲଂଘନ ଓ ନାଗରିକମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ଅଧିକାର ଉପରେ କୁଠାରଘାତ କରିଥିଲେ। ସେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଜାରି କରିଥିଲେ। ବିନା କାରଣରେ ଖବରକାଗଜର ସ୍ୱର ବନ୍ଦ କରି ଲୋକମାନଙ୍କୁ ଗିରଫ କରିଥିଲେ।




ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅକ୍ଷୟ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଡ. ସରୋଜ କୁମାର ଦାଶ ବକ୍ତବ୍ୟ ରଖିଥିଲେ। ଆଇକ୍ୟୁଏସି ବିଭାଗର ଅଧିକାରୀ ସୁଶ୍ରୀ କାନ୍ତିରେଖା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଅକ୍ଷୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଆଠଗଡ଼ ଏନ୍‌ଏସି ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଆଠଗଡ଼,୨୫।୬(ସତ୍ୟପ୍ରସାଦ ରଥ)

ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କରିଛନ୍ତି। ଗତବର୍ଷର ଅନୁମୋଦିତ ୭୦ଟି ପ୍ରକଳ୍ପ ମଧ୍ୟରୁ ୪୦ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଅନ୍ୟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଧାୟକ ସ୍ୱାଇଁ ପରାମର୍ଶ ଦେବା ସହ ପରିଷଦର ୧୮ଟି ୱାର୍ଡରେ ବିଧାୟକ ପାଣ୍ଠିରୁ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ପ୍ରକଳ୍ପ ତାଲିକା ପ୍ରସ୍ତୁତ ଲାଗି କାଉନସିଲର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧ୍ୟକ୍ଷ ବି. ଶୁଭ୍ର ଶଙ୍କର ଜ୍ୟୋତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ମିଶ୍ର, ମୁଖ୍ୟ କିରାଣି ନିରଞ୍ଜନ ଦାସଙ୍କ ସହ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ।

## ଆଠଗଡ଼ ବ୍ଲକ୍ ସମ୍ମୁଖରେ ଖଣ୍ଡଯୁଦ୍ଧ ଘଟଣା: ୫୯ ଗିରଫ

ଆଠଗଡ଼, ୨୫।୬(ସତ୍ୟପ୍ରସାଦ ରଥ)

ଆଠଗଡ଼ ବ୍ଲକ ସମ୍ମୁଖରେ ମଙ୍ଗଳବାର ବିଜେଡି-ଭାଜପା ସମର୍ଥକଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ପୋଲିସ ପକ୍ଷରୁ ଶତାଧିକ ମହିଳା ପୁରୁଷଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିରୀହ ଥିବା ଜଣାପଡ଼ିବା ପରେ ଛାଡି ଦିଆଯାଇଛି। ୫୯ଜଣଙ୍କୁ ଚିହ୍ନଟ କରାଯାଇ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି କହିଛନ୍ତି। ଅନ୍ୟପକ୍ଷେ ବୁଧବାର ଆଠଗଡ଼ ବିଜେଡି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏହି ଘଟଣାକୁ ନିନ୍ଦା କରାଯିବା ସହ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଗିରଫମାନଙ୍କ ମଧ୍ୟରେ ୩୪ଜଣ ନିରୀହ ବିଜେଡି କର୍ମୀ ଥିବାବେଳେ ସରକାରୀ ଦଳର ଏଭଳି ଆଚରଣ ଯୋଗୁ ସେମାନେ ପ୍ରଭାବିତ ହୋଇଛନ୍ତି। ଆଠଗଡ଼ରେ ଦିନକୁ ଦିନ ଅରାଜକତା ବଢୁଥିବା ଏବଂ ବିକାଶ କାର୍ଯ୍ୟରେ ଶାସକ ଭାଜପା ଦଳର ନେତା ଓ କର୍ମୀ ବାଧକ ସାଜୁଛନ୍ତି। ତେଣୁ ଆଗାମୀ ଦିନରେ ଏହା ବିରୋଧରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି କୁହାଯାଇଛି। ସମ୍ମିଳନୀରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ପ୍ରଦୀପ୍ତ କୁମାର ଦାସ, ଲଳିତେନ୍ଦୁ ସେନାପତି, ଆଠଗଡ଼ ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନ୍‌ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବାତିଲହେଲା ୧.୩ କୋଟିର ଟେଣ୍ଡର

କଟକ,୨୫।୬(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) ୱାର୍ଡ ନଂ. ୪୮ରେ ଏକ ମନ୍ଦିର ପୁନରୁଦ୍ଧାର ଓ ୱାର୍ଡ ନଂ. ୪୯ରେ ନାଳ କାମ ପାଇଁ ହୋଇଥିବା ୧ କୋଟି ୩୦ ଲକ୍ଷର ଟଙ୍କାର ଟେଣ୍ଡରକୁ ବାତିଲ କରାଯାଇଛି। ସିଏମ୍‌ସି କାଉନସିଲ ନିଷ୍ପତ୍ତିକୁ ଅବମାନନା କରି ଟେଣ୍ଡର ଆହ୍ୱାନ କରିଥିବା ଉପରୋକ୍ତ କାର୍ଯ୍ୟକୁ ନେଇ କର୍ପୋରେଟର ଜେ. କାମେଶ୍ୱର ରାଓ ଉପସ୍ଥାପନ କରିଥିବା ପ୍ରସଙ୍ଗର ଆଲୋଚନା ହୋଇ ଟେଣ୍ଡରକୁ ତୁରନ୍ତ ବାତିଲ କରାଯାଇଛି। ସିଏମ୍‌ସି କାଉନସିଲ ବୈଠକରେ ବୁଧବାର ଏଭଳି ଅନେକ ପ୍ରସଙ୍ଗକୁ ନେଇ ବିରୋଧୀ କର୍ପୋରେଟରମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ସିଏମସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କାଉନସିଲ ଜାଣୁ ନାହିଁ, ଷ୍ଟାଣ୍ଡିଂ କମିଟିରେ ଆଲୋଚନା ହେଉନାହିଁ। ତଥାପି କୋଟି କୋଟି ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଯାଉଛି। ମେୟର କିମ୍ବା କମିସନର ମଧ୍ୟ ଟେଣ୍ଡର ସଂକ୍ରାନ୍ତରେ ଜାଣୁ ନାହାନ୍ତି। ଜାଲ୍ କରି ପ୍ରକଳ୍ପକୁ ଅନୁମୋଦନ କରାଇବାରେ କେତେକ ଯନ୍ତ୍ରୀ ସଫଳ ହେଉଛନ୍ତି। ପରିମଳ ବିଭାଗର ଏମ୍‌ଆର୍‌ଏଫ୍ ନିର୍ମାଣ ପ୍ରକଳ୍ପର ଏକ ଟେଣ୍ଡର ବିନା ଅନୁମୋଦନରେ ପାରିତ ହୋଇ ଡକାଯିବାକୁ ନେଇ ପ୍ରବଳ ବିରୋଧ ଉଠିଥିଲା। ମେୟର ଓ କମିସନର ଜାଣି ନ ଥିବା କହିଥିଲେ। ବିଭାଗୀୟ ଅଧିକାରୀ ମଧ୍ୟ ନିଜର ଅକ୍ଷମତା ପ୍ରକାଶ କରିଥିଲେ। ସେହିପରି ୫ ନଂ ୱାର୍ଡର ବିଭିନ୍ନ ସମସ୍ୟାକୁ ନେଇ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ ଚଟାଣରେ ବସି ପ୍ରତିବାଦ ଜଣାଇଥିଲେ।

ଏମଆରଏଫ ପ୍ଲାଣ୍ଟ ନିର୍ମାଣ ପାଇଁ କର୍ପୋରେଟରମାନଙ୍କ ଅଗୋଚରରେ ଟେଣ୍ଡର କରାଯିବାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆ ପ୍ରଶ୍ନ ଉଠାଇଥିଲେ। କମିସନର ଓ ବିଭାଗୀୟ ଅଧିକାରୀ ଜାଣି ନ ଥିବା କହିବାରୁ ଟେଣ୍ଡର କିଏ କରିଛି ବୋଲି ଉତ୍ତର ଦେବାକୁ କର୍ପୋରେଟରମାନେ ଦାବି କରିଥିଲେ। କର୍ପୋରେଟର ଗୋପାଳ ବେହେରା ଓ ବଟକୃଷ୍ଣ ସାହୁ ଏଥିପାଇଁ ନଗର ଯନ୍ତ୍ରୀଙ୍କୁ ଦାୟୀ କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପଟ୍ଟାପୋଲରୁ ଛତ୍ରବଜାର ପର୍ଯ୍ୟନ୍ତ ବକ୍ସଡ୍ରେନ୍‌ରୁ ଉଚ୍ଚଚାପଯୁକ୍ତ ଶୋଷକ ମେଶିନ୍ ସାହାଯ୍ୟରେ ପଙ୍କ କାଢ଼ିବା ବାବଦରେ କାମ ନ କରି ଉକ୍ତ ସଂସ୍ଥା ଟଙ୍କା ନେଉଥିବା କର୍ପୋରେଟରମାନେ ଅଭିଯୋଗ କରିଥିଲେ। ଫଳରେ ସମ୍ପୃକ୍ତ ସଂସ୍ଥାର ଟେଣ୍ଡର ବାତିଲ କରାଯିବ ବୋଲି ନଗର ଯନ୍ତ୍ରୀ କହିଥିଲେ। ବିଭିନ୍ନ ୱାର୍ଡର କର୍ପୋରେଟର ସେମାନଙ୍କ ୱାର୍ଡ ସମସ୍ୟା ସହ ପରିମଳ, ପଙ୍କଉଦ୍ଧାର, ରାସ୍ତା ନିର୍ମାଣ ଓ ଡାଏରିଆ ନିରାକରଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ, କମିସନର ଅନାମ ଚରଣ ପାତ୍ର, ଅତିରିକ୍ତ କମିସନର କଳ୍ପତରୁ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ବୈଠକରେ ଉପସ୍ଥିତ ଥିଲେ।



ସିଏମ୍‌ସି କାଉନସିଲ ବୈଠକରେ ୫ ନଂ ୱାର୍ଡର ବିଭିନ୍ନ ସମସ୍ୟା ନେଇ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ ଚଟାଣରେ ବସି ପ୍ରତିବାଦ କରୁଛନ୍ତି।

ସିଏମ୍‌ସି କାଉନସିଲ ବୈଠକ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୬।୨୦୨୫

| | |
|---|---|
| ୧,୭୭,୨୦୧ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୫.୮୦୦ ଗ୍ରାମ୍ |

# କୁମ୍ଭମେଳା ଶୈଳୀରେ ହେବ ଟ୍ରାଫିକ ନିୟନ୍ତ୍ରଣ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ସୁରୁଖୁରୁରେ ରଥଯାତ୍ରା ସମ୍ପାଦନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରୟାଗରାଜ କୁମ୍ଭମେଳା ଶୈଳୀରେ ଏଥର ଟ୍ରାଫିକ ନିୟନ୍ତ୍ରଣ ହେବ। ପୋଲିସ ବିଭାଗ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ ପ୍ରସ୍ତୁତ କରାଯାଇଛି। ଏ ନେଇ ଟ୍ରାଫିକ ଏଡିଜି ଦୟାଲ ଗଙ୍ଗୱାର ବୁଧବାର ସନ୍ଧ୍ୟାରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ବିସ୍ତୃତ ସୂଚନା ଦେଇଛନ୍ତି। ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷକରି ଶ୍ରଦ୍ଧାଳୁମାନେ ଯେପରି ସୁରକ୍ଷିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିବେ ତା' ଉପରେ ଫୋକସ ଦେଇଛି ପୋଲିସ।



ରଥଯାତ୍ରାର ସୁବନ୍ଦୋବସ୍ତ ପାଇଁ ପୁରୀ ପୋଲିସର ବୈଠକ।

ଏକାଧିକ ସ୍ଥାନରେ ଭେହିକିଲ୍ ହୋଲ୍ଡିଂ ଏରିଆ ରହିବ। ପ୍ରଥମଥର ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ହେବ। ଚଳିତବର୍ଷ ଡିଜିଟାଲ ନେଟୱର୍କ ସିଷ୍ଟମ ବ୍ୟବହାର କରାଯିବ। ୧୦ଟି କମ୍ୟୁନିକେଶନ ସିଷ୍ଟମ ମାଧ୍ୟମରେ ଟିମ୍ ୱାଇଜ୍ ଟ୍ରାଫିକ ମ୍ୟାନେଜମେଣ୍ଟ କରାଯିବ। ୩୦୦ ପ୍ରାଇଭେଟ୍ ସିକ୍ୟୁରିଟି ଏଜେନ୍ସିର କର୍ମକର୍ତ୍ତା ନିୟୋଜିତ ହେବେ। ୱାର୍ ରୁମ୍ ବା କଣ୍ଟ୍ରୋଲ ରୁମ୍‌ରୁ ସମସ୍ତ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରାଯିବ। ୬ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଜରିଆରେ 'ନୋ ପାର୍କିଂ ଏରିଆ'ରୁ

### ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ ପ୍ରସ୍ତୁତ

ଏନ୍‌ଫୋର୍ସ ବା ଉଚ୍ଛେଦ କରାଯିବ। ୱାଚ୍ ଟାୱାର ଜରିଆରେ ନିୟନ୍ତ୍ରିତ କରାଯିବ ମୋବିଲିଟି। ଭିଏଚ୍‌ଏଫ ନେଟୱର୍କ ସିଷ୍ଟମ ବ୍ୟବହୃତ ହେବ। ୮୦ରୁ ଊର୍ଦ୍ଧ୍ୱ ଏଡ୍ ପୋଷ୍ଟ ରହିବ। ଫ୍ଲେକ୍ସିବିଲିଟ୍ ପ୍ଲାନ୍ ଅନୁସାରେ ବିଭିନ୍ନ ପଏଣ୍ଟରେ ଲୋକାଲ ଅଫିସର ମୁତୟନ ରହିବେ। ସେହିପରି ଗାଡ଼ିଗୁଡ଼ିକ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏନେଇ ପୋଲିସ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଭକ୍ତମାନେ ସୁରକ୍ଷିତ ଭାବେ ଆସି ସୁଖଦରେ ଯାତ୍ରା କରନ୍ତୁ। ଡିଜିଟାଲ ନେଟୱର୍କ ବ୍ୟବହାର କରାଯାଉଛି। ସମସ୍ତ ବ୍ୟବସ୍ଥା ଉପରେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଗଙ୍ଗୱାର ପ୍ରକାଶ କରିଛନ୍ତି।

## ରଥଖଳାରୁ...

### ରଥରେ ଠେକେରାବାଡ଼ ବୁଲିଲା, ସଖୀ ଫିଟିଂ ଶେଷ



ରଥର ଘୋଡ଼ାକୁ ରଙ୍ଗ କରାଯାଉଛି।

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ରଥଖଳାରେ ତିନିରଥର ପାର୍ଶ୍ୱ ଦେବଦେବୀ ସଂସ୍ଥାପିତ ହେବା ସହ ଚିତ୍ରକାର ସେବକମାନଙ୍କ ଦ୍ୱାରା ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗଚିତ୍ର କାର୍ଯ୍ୟ ଆରମ୍ଭ ହୋଇଛି। ରଥ ବେଦି ଚାରି ପାର୍ଶ୍ୱରେ ଗାଇଗୋଠ ଚିତ୍ର, ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ କରାଯାଇଛି। ମହାରଣା ସେବକ ଏବଂ ଭୋଇ ସେବକମାନେ ମିଶି ତିନିରଥରେ ଠେକେରା ବାଡ଼ ବୁଲାଇବା ସହ ସେଥିରେ ସଖି ଫିଟିଂ ଶେଷ କରିଛନ୍ତି। ବିଜେ ଚକା ତ୍ରୟରେ ମହାରଣା ସେବକମାନେ ବିନ୍ଧ ସହ ୩ଟି ଲେଖାଏ କାଠଖିଲ ନିର୍ମାଣ ଶେଷ କରିଛନ୍ତି। ତିନିରଥ ସିଂହଦ୍ୱାରକୁ ଯିବାପରେ ବେଦି ଚକା ସିଂହାସନରେ ସଂଯୋଗ ହେବ। ସେହିପରି ପିତଳ ସଜ କାରିଗରମାନେ ତିନିରଥର ବେଦି ସିଂହାସନ ଉପର କନକମୁଣ୍ଡିରେ ପିତଳ ଚଦର ଆବରଣ (ବର୍ଷା ନ ପଡ଼ିବା ପାଇଁ) ଫିଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ଦରଜିସେବକମାନେ ତିନି ରଥର ବତା କନା ଯୋଡ଼ଣି, ପୋଟଳ କନା କାର୍ଯ୍ୟ ଶେଷ କରି କୋଠ ସୁଆଁସିଆ ସେବକମାନଙ୍କୁ ଯୋଗାଇବା ପରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ପାଇଁ ବ୍ୟବହୃତ ଲାଗି ଲୁଗା ସିଲେଇ କାର୍ଯ୍ୟ ଶେଷ କରିଛନ୍ତି। ତିନି ରଥର ଦୁଆରବେଢ଼ା ଓ ଚନ୍ଦ୍ରଶାଳୀରେ କନା ପକା କାର୍ଯ୍ୟ ସରିଛି। ପ୍ରଥମେ ତାଳଧ୍ୱଜ ରଥର ପୋଟଳ ଓ ବତା ଆବରଣ କନା ପକା କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ଓ ଦର୍ପଦଳନ ରଥର ପୋଟଳ ଏବଂ ବତା ଆବରଣରେ କନା ପକା କାର୍ଯ୍ୟ କରାଯାଇଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପ୍ରଭା କଣ୍ଟା ନିର୍ମାଣ ଶେଷ କରି କୋଠ ସୁଆଁସିଆ ସେବକମାନଙ୍କ ପାଇଁ ରଥରେ କନା ପକା କାର୍ଯ୍ୟ ପାଇଁ ହାତୁଡ଼ି, ଛୁରି ନିର୍ମାଣ କରି ଯୋଗାଇ ଦେଇଛନ୍ତି। ସେହିପରି ଚିତ୍ରକାର ସେବକମାନେ ତିନିରଥର ପ୍ରଭାରେ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟର ଶେଷ ସ୍ପର୍ଶ ଦେବା ସହ ସାରଥି, ଘୋଡ଼ା, ରଙ୍ଗ କାର୍ଯ୍ୟ ସାରିଛନ୍ତି। ବାହ୍ୟ ଅଂଶ ରଙ୍ଗ କାର୍ଯ୍ୟ ଶେଷ କଲା ପରେ ଆବଶ୍ୟକତାକୁ ଦେଖି ଶେଷ ସ୍ପର୍ଶ ପାଇଁ ପରଖ ଅନୁଧ୍ୟାନ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଜୁଲାଇ ୬ ସୁଦ୍ଧା ବାହାର ରତ୍ନଭଣ୍ଡାର ମରାମତି ସରିବ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ କ୍ରମେ ସମ୍ପ୍ରତି ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସ୍ଥଗିତ ରହିଛି। ମହାପ୍ରଭୁଙ୍କ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଚନ୍ଦନଯାତ୍ରାଠାରୁ ମରାମତି କାର୍ଯ୍ୟ ବନ୍ଦ ରଖାଯାଇଛି। ତେବେ ରଥଯାତ୍ରା ସମୟରେ ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିବେ। ଏହି ସମୟରେ ରତ୍ନଭଣ୍ଡାରର ବାକି କାମ ଶେଷ କରାଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଏସ୍‌ଆଇ ସଂରକ୍ଷକ ଚିତ୍ତରଞ୍ଜନ ଦାସ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀମନ୍ଦିରର ବରିଷ୍ଠ ସେବାୟତମାନେ ଉପସ୍ଥିତ ଥିଲେ। ଆସନ୍ତା ୨୮ ତାରିଖରେ ଏଏସ୍‌ଆଇର ଉଚ୍ଚସ୍ତରୀୟ ଯୁଗ୍ମକମିଟି ବାର୍ଷିକ ଯାଞ୍ଚ କରିବ। ଜୁନ୍ ୨୮ରୁ ଜୁଲାଇ ୬ ତାରିଖ ମଧ୍ୟରେ ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଭିତର ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟତଃ ସରିଛି। ଏଏସ୍‌ଆଇ ସଂରକ୍ଷକ ଦାସ ଏ ନେଇ ସୂଚନା ଦେଇଛନ୍ତି। ରତ୍ନଭଣ୍ଡାର ସହ ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ଯାଞ୍ଚ ହେବ। ଜୁନ୍ ୨୮ରୁ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ଭିତର ରତ୍ନଭଣ୍ଡାରର ବାକି ରହିଥିବା ସମସ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଛି। ବାକି ରହିଥିବା ଚଟାଣ କାର୍ଯ୍ୟ କରାଯିବା ସହ ବାହାର ରତ୍ନଭଣ୍ଡାରରେ ଷ୍ଟେନଲେସ ବିମ୍ ଲଗାଯିବ। ଏଥିସହ ନଷ୍ଟ ହୋଇଥିବା ସମସ୍ତ ପଥର ମଧ୍ୟ ପରିବର୍ତ୍ତନ କରାଯିବ। ତେବେ ପୂର୍ବରୁ ଭିତର ରତ୍ନଭଣ୍ଡାରରେ ୯ଟି ଷ୍ଟେନଲେସ ବିମ୍ ଲାଗି ସାରିଥିବାବେଳେ ମୋଟ ୨୭୭ ପଥର ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ୧୪୮ଟି ପଥର ଭିତର ରତ୍ନଭଣ୍ଡାରରେ ଲାଗିଥିବା ଜଣାପଡ଼ିଛି। ୨୦୨୪ ଡିସେମ୍ବର୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଗତ ୪ମାସ ମଧ୍ୟରେ ସମୁଦାୟ ୧୯୩ ଘଣ୍ଟା ୦୫ ମିନିଟ କାର୍ଯ୍ୟ କରାଯାଇଥିଲା।

### ଖବରଦାତାଙ୍କ ପିତୃ ବିୟୋଗ

କାକଟପୁର,୨୫।୬((ଶୁଭଦର୍ଶନ ମିଶ୍ର)

କାକଟପୁର ଅଞ୍ଚଳର ବରିଷ୍ଠ ଖବରଦାତା ଅକ୍ଷୟ କୁମାର ରାଉତଙ୍କ ପିତା ଗୋବିନ୍ଦ ଚନ୍ଦ୍ର ରାଉତ(୮୦)ଙ୍କ ପରଲୋକ ଘଟିଛି। ଗତ ୪ ଦିନ ତଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ବୁଧବାର ତାଙ୍କ ପାର୍ଥିବ ଶରୀରକୁ ମୁରୁଡ଼ାସ୍ଥିତ ବାସଭବନକୁ ଅଣାଯିବା ପରେ ସମଗ୍ର ଗ୍ରାମରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ମୃତଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ରଥଟଣା ପାଇଁ ପୋଲିସର ମକ୍‌ଡ୍ରିଲ୍



ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ ମକ୍‌ଡ୍ରିଲ କରାଯାଉଛି।

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଶୃଙ୍ଖଳିତ ଭାବେ ରଥଯାତ୍ରା ପରିଚାଳନା ପାଇଁ ପ୍ରଶାସନିକ ସ୍ତରରେ ବୁଧବାର ରଥଟଣା ମକ୍‌ଡ୍ରିଲ କରାଯାଇଥିବାବେଳେ ଭିଡ଼ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଅଭ୍ୟାସ କରାଯାଇଛି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାରଙ୍କ ନେତୃତ୍ୱରେ ତିନୋଟି ରଥରେ ନିଯୁକ୍ତ ପୋଲିସ ଓ ମାଜିଷ୍ଟ୍ରେଟ ତଥା ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ରଥ ଟଣା ଅଭ୍ୟାସ ହୋଇଥିଲା। ଶୃଙ୍ଖଳିତ ଭାବେ ରଥ ଟଣା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀବିଗ୍ରହମାନେ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରୁ ବାହାରି ରଥାରୂଢ଼ ହୋଇ ଜନ୍ମବେଦିକୁ ଯାତ୍ରା କରି ଲୀଳା କରିବେ ମହାପ୍ରଭୁ। ଯାତ୍ରାରେ ସାମିଲ ହେବେ ଅଗଣିତ ଭକ୍ତ। ଚଳିତ ବର୍ଷ ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଲକ୍ଷ୍ୟ କରି ପୋଲିସ ଓ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେଣୁ ରଥଟଣାକୁ ଶୃଙ୍ଖଳିତ କରିବା ନେଇ ପ୍ରଶାସନ ପକ୍ଷରୁ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ସମ୍ପୂର୍ଣ୍ଣ ରଥଟଣାର ମକ୍‌ଡ୍ରିଲ ଓ ଅଭ୍ୟାସ କରାଯାଇଛି। ଭିଡ଼ରେ ରଥଗୁଡ଼ିକ କିଭଳି ଟଣାଯିବ, ଇନର ଓ ଆଉଟଡୋର କର୍ଡନ କିଭଳି ରହିବ ଓ ମାଜିଷ୍ଟ୍ରେଟଙ୍କ ଦ୍ୱାରା ରଥ କିଭଳି ନିୟନ୍ତ୍ରଣ କରାଯିବ ତାହାର ଅଭ୍ୟାସ ଓ ପ୍ରଶିକ୍ଷଣ କରାଯାଇଥିଲା। ଏହି ଅଭ୍ୟାସରେ ମାଜିଷ୍ଟ୍ରେଟ, ପୋଲିସ, ଏସ୍‌ଓଜି ଯବାନ୍, ଆରଏଏଫ୍ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିବାବେଳେ ଚଳିତ ବର୍ଷ ରଥଯାତ୍ରାରେ ସର୍ବାଧିକ ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ୮ ପ୍ଲାଟୁନ କମ୍ପାନୀ ନିୟୋଜନ ରହିଛନ୍ତି। ସେହିପରି ବମ୍‌ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ସହ ସିସିଟିଭି ସର୍ଭେଲାନ୍ସର ବ୍ୟବସ୍ଥା କରାଯାଇଛି। ଏନେଇ ଅତିରିକ୍ତ ମହାନିର୍ଦ୍ଦେଶକ ସଞ୍ଜୟ କୁମାର କହିଛନ୍ତି ଯେ, ରଥଟଣା ଅଭ୍ୟାସ କରାଗଲା। ଅଭ୍ୟାସର ମୁଖ୍ୟ କାରଣ ହେଉଛି, ନୂଆ ଆସିଥିବା ପୋଲିସ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା। ପୁରଣା ଅଧିକାରୀମାନେ ସେମାନଙ୍କ ଅଭିଜ୍ଞତା ନୂଆ ଆସିଥିବା ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କୁ ପ୍ରଦାନ କରିଥାନ୍ତି। ଅଭିଜ୍ଞତା ଦ୍ୱାରା ରଥଟଣା ସମୟରେ ସେତେ ସମସ୍ୟା ହୋଇ ନ ଥାଏ। ରଥ ସମୟରେ କିପରି କର୍ଡନ କରାଯାଏ ଏବଂ ଭଙ୍ଗାଯାଇ ଦୁଇଟି କର୍ଡନ କରାଯାଏ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଛି ବୋଲି ଏସ୍‌ପି କହିଛନ୍ତି। ସେହିପରି ପୁରୀ ବେଳାଭୂମିରେ ମଧ୍ୟ ମକ୍‌ଡ୍ରିଲ୍ କରାଯାଇଛି।

## କରଜ ଶୁଝିବାକୁ କାମ କରୁଥିଲେ

ସାକ୍ଷୀଗୋପାଳ,୨୫।୬(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ଅଞ୍ଚଳରୁ ଜଣେ ୧୦ ବର୍ଷର ଶିଶୁ ଶ୍ରମିକଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ପୁରୀ ଜିଲା ଶିଶୁ ସୁରକ୍ଷା ବିଭାଗ, ଶ୍ରମ ବିଭାଗ, ଚାଇଲ୍ଡ ଲାଇନ୍ ଓ ରୁଚିକା ସମାଜ ମଙ୍ଗଳ ସଂଗଠନର ଅଧିକାରୀ ମିଳିତ ଭାବେ ଶିଶୁଟିକୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଶେଲ୍ଟରରେ ରଖାଯାଇଛି। ସୂଚନାଯୋଗ୍ୟ, ୧୦ ବର୍ଷର ଏହି ଶିଶୁଟି ନିଜ ବାପାଙ୍କ କରଜ ଟଙ୍କା ଶୁଝିବା ପାଇଁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଷୋଳହଲ କଳିଆପଡ଼ା ଗ୍ରାମର ସିରିଆ ମେଣ୍ଟ ଓ ନିଲୁ ପାତ୍ରଙ୍କ ପାଖରେ ଗାଈ ଓ ମଇଁଷି ଜଗୁଆଳି ଭାବେ କାମ କରୁଥିଲେ। ଦୀର୍ଘଦିନ କାମକରି ନିଜ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଯତ୍ନ ନେଇପାରୁ ନ ଥିଲେ। ନାନା ସଂକ୍ରମଣରେ ପୀଡ଼ିତ ହୋଇ ଦେହସାରା କ୍ଷତ ସୃଷ୍ଟି ହୋଇ ଅନେକ ଯନ୍ତ୍ରଣା ପାଉଥିବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏ ନେଇ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ ହୋଇଥିବା ବେଳେ ଏହାକୁ ଗୁରୁତ୍ୱର ଭାବେ ସତ୍ୟବାଦୀ ପୋଲିସ ନେଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

### ଶିଶୁ ଶ୍ରମିକଙ୍କୁ ଉଦ୍ଧାରକଲା ପ୍ରଶାସନ

## ରଥଟଣା, ନୀତିକାନ୍ତି ନେଇ ଆଲୋଚନା

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ସୁରୁଖୁରୁରେ ପରିଚାଳନା ଓ ସମ୍ପନ୍ନ କରିବା ପାଇଁ ବୁଧବାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନରେ ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୁନିୟନ୍ତ୍ରିତ ରଥଟଣା ସମ୍ପର୍କରେ ବୈଠକ ହୋଇଥିଲା। ଏଥିରେ ଜିଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ବିନିତ୍ ଅଗ୍ରୱାଲଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀ, ବାଡ଼ଗ୍ରାହୀ, ରଥ ନିର୍ମାଣ ସେବକଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ରଥଶୋଧ ଓ ରଥଟଣା ସୁନିୟନ୍ତ୍ରିତ ତଥା ଶୃଙ୍ଖଳିତ କରିବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ରଥଶୋଧ ଦଳ, ନିର୍ଦ୍ଦେଶକ ଦଳ ଏବଂ ଅନ୍ୟ ସମ୍ପୃକ୍ତଙ୍କ ସହିତ ଟିକିନିଖି ଆଲୋଚନା କରାଯାଇଥିଲା। ସେହିପରି ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବାଡ଼ଗ୍ରାହୀ ତଥା ବରିଷ୍ଠ ସେବକମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ରଥଯାତ୍ରା ସମ୍ପର୍କିତ ନୀତିକାନ୍ତି, ପହଣ୍ଡି, ରଥଟଣାଠାରୁ ଆରମ୍ଭ କରି ଭକ୍ତଙ୍କ ସୁବିଧା ଆଦି ସମସ୍ତ ବିଷୟ ଉପରେ ଏଥିରେ ବିସ୍ତୃତ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କ ସେବାରେ ବ୍ରତୀ ହୋଇ କାର୍ଯ୍ୟ ସମ୍ପାଦନ ପାଇଁ ସହଯୋଗ କରିବାକୁ ମୁଖ୍ୟ ପ୍ରଶାସକ ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ରାଜ୍ୟରେ ମହିଳା ଅସୁରକ୍ଷିତ ନେଇ ବିଜେଡିର ରାଜ୍ୟବ୍ୟାପୀ ପ୍ରତିବାଦ

ପିପିଲି/କାକଟପୁର/ ଅସ୍ତରଙ୍ଗ, ୨୫।୬(ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର/ ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଅଭିଯୋଗ କରି ବୁଧବାର ରାଜ୍ୟବ୍ୟାପୀ ପ୍ରତିବାଦ ପ୍ରଦର୍ଶନ କରିଛି ବିଜେଡି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଥିବା ବିଜେଡି ଅଭିଯୋଗ କରିଛି। ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ଡାକରାରେ ପିପିଲି କଲେଜ ସମ୍ମୁଖରେ ଯୁବ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପିପିଲି ବ୍ଲକ ଛାତ୍ର ବିଜେଡି ସଭାପତି ସୌମ୍ୟରଞ୍ଜନ ମହାପାତ୍ର, ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିଶ୍ୱଜିତ ଦାଶ, ଅମରଜ୍ୟୋତି ପଟ୍ଟନାୟକ, ପିପିଲି ଏନ୍‌ଏସି ଯୁବ ବିଜେଡି ସଭାପତି ଅଜୟ ମହାରଣା, ଛାତ୍ର ବିଜେଡି ସଭାପତି ଫଜଲ ଖାଁ, ଯୁବ ବିଜେଡି ନେତା ଜୟନ୍ତ କୁମାର ଦାଶ, ସରପଞ୍ଚ ସତ୍ୟନାରାୟଣ ବସ୍ତିଆ, ଡେଲାଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ସମୀର ରଞ୍ଜନ ରାଉତ, ଯୁବ ବିଜେଡି ଜିଲା ସମ୍ପାଦକ ପିକୁ ପ୍ରଧାନ, ଯୁବ ବିଜେଡି ସମ୍ପାଦକ ରାଜେଶ ନନ୍ଦ, ଗଣମାଧ୍ୟମ ସଂଯୋଜକ ଆଶିଷ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି କାକଟପୁର ମଙ୍ଗଳା କଲେଜ ଫାଟକ ସାମ୍ନାରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଆନ୍ଦୋଳନ କରାଯାଇଥିଲା। ଏଥିରେ କାକଟପୁର ବିଜୁ ଯୁବ ଛାତ୍ର ଜନତା ଦଳ ସଭାପତି ବଦ୍ରି ନାରାୟଣ ଲେଙ୍କା, ଉପସଭାପତି ଶୁଭମ ନାୟକ, ସମ୍ପାଦକ ସରଫରାଜ ଖାନ ପ୍ରମୁଖ ସାମିଲ ହୋଇଥିଲେ।

# ରଥଯାତ୍ରା ପାଇଁ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୭ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିରେ ସାମିଲ ହେବା ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଭକ୍ତଙ୍କ ଶୃଙ୍ଖଳିତ ତଥା ସୁବିଧାରେ ଯାନବାହନ ଚଳାଚଳ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ପରାମର୍ଶ ଜାରି କରାଯାଇଛି। ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ୍ ଫ୍ଲୋରିସେ ଇଣ୍ଡିଆ ପାର୍କିରେ ରହଣି କରିବେ। ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ଯାତ୍ରୀବାହୀ ବସ୍ ମାଳତିପାଟପୁର ବସଷ୍ଟାଣ୍ଡରେ ଏବଂ କୋଣାର୍କ ପଟୁ ଆସୁଥିବା ସମସ୍ତ ବସ୍ ସ୍ୱାମୀ ନାରାୟଣ ମନ୍ଦିରଠାରେ ରହଣି କରିବ। ସେହିପରି ବ୍ରହ୍ମଗିରି ପଟୁ ଆସୁଥିବା ହାଲୁକା ମୋଟରଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ଷ୍ଟର୍ଲିଂ ଛକ ନିକଟ ପାର୍କିରେ ରହିବ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବ। ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ହାଲୁକା ମୋଟରଯାନ ମାଳତିପାଟପୁର ବ୍ରିଜ, ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେଶନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ଼, ଇଣ୍ଡୋର ଷ୍ଟାଡିୟମ, ଉଦ୍ୟାନ କୃଷି ପଡ଼ିଆ ଓ ସ୍ୱଚ୍ଛ ମାଛ ବଜାରଠାରେ କ୍ରମାନ୍ୱୟରେ ଯାନଗୁଡ଼ିକ ରହିବ। ପୁଣି ସେଠାରୁ ପିକେଆର୍‌ଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୁଦାନ ଛକ, ଗ୍ରୀଡ ଷ୍ଟେଶନ୍ ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକ ଠାରୁ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବ। କୋଣାର୍କ ପଟୁ ଆସୁଥିବା ହାଲୁକା ମୋଟର ଯାନଗୁଡ଼ିକ ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେଶନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣିସ୍ଥଳ ପର୍ଯ୍ୟନ୍ତ ଯିବ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିଳ୍ପ ତାଲିମ କେନ୍ଦ୍ର, ହେଲିପ୍ୟାଡ଼, ଇଣ୍ଡୋର ଷ୍ଟାଡିୟମ, ଉଦ୍ୟାନ କୃଷିପଡ଼ିଆ ଓ ସ୍ୱଚ୍ଛ ମାଛ ବଜାରଠାରେ କ୍ରମାନ୍ୱୟରେ ଯାନଗୁଡ଼ିକ ରହିବ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବ। ବ୍ରହ୍ମଗିରିପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ମଙ୍ଗଳାଘାଟ ଛକଠାରୁ ମଶାଣିଚଣ୍ଡୀ ଛକ, ଦେବୀଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭଠାରେ ରହିବ। ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବାପରେ ଦୁଇଚକିଆ ଯାନଗୁଡ଼ିକ ମଶାଣିଚଣ୍ଡୀ ଛକଠାରୁ ମାଟିତୋଟା ଖେଳପଡ଼ିଆରେ ରହିବ। ମାଟିତୋଟା ଖେଳପଡ଼ିଆ ପୂର୍ଣ୍ଣ ହୋଇଯିବା ପରେ ଦୁଇଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ଼ ପଡ଼ିଆଠାରେ ରଖାଯିବ। ଜଗନ୍ନାଥ ବଲ୍ଲଭଠାରେ ରଖିଥିବା ଯାନଗୁଡ଼ିକ ନରେନ୍ଦ୍ରକୋଣ, ମଙ୍ଗଳାଘାଟ ଛକ ଦେଇ ବ୍ରହ୍ମଗିରି ପାଇଁ ପ୍ରସ୍ଥାନ କରିବ। ଭୁବନେଶ୍ୱର ପଟୁ ଆସୁଥିବା ଦୁଇଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ମଶାଣିଚଣ୍ଡୀ ଛକ, ଦେବୀଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭଠାରେ ରଖାଯିବ। ଜଗନ୍ନାଥବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ଦୁଇଚକିଆ ଯାନଗୁଡ଼ିକ ମଶାଣିଚଣ୍ଡୀ ଛକଠାରୁ ମାଟିତୋଟା ଖେଳପଡ଼ିଆଠାରେ ରହିବ। ମାଟିତୋଟା ଖେଳପଡ଼ିଆ ପୂର୍ଣ୍ଣ ହୋଇଯିବା ପରେ ଦୁଇଚକିଆ ଯାନଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ୍ ପଡ଼ିଆରେ ରଖାଯିବ। ଜଗନ୍ନାଥବଲ୍ଲଭଠାରେ ରହିଥିବା ଯାନଗୁଡ଼ିକ ନରେନ୍ଦ୍ର କୋଣ, ଜଟିଆ ବାବାଜୀ ଛକ, କୁମ୍ଭାରପଡ଼ା ଥାନା, ଅଠରନଳା ଓ ବାଟଗାଁ ଛକ ଦେଇ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବ। କୋଣାର୍କ ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ବାଇଦାସ ନଗର ଛକ, ଗ୍ରୀଡ୍ ଷ୍ଟେଶନ୍ ଛକ, ପେଣ୍ଠକଟା ଛକ, ସୁଭାଷବୋଷ ଛକ ଦେଇ ବ୍ଲୁ ଫ୍ଲାଗ ବେଳାଭୂମି ଏବଂ ନୀଳାଚଳ ଅଶୋକଠାରେ ଯାନଗୁଡ଼ିକୁ ରଖାଯିବ।

## ଫଟୋ ରେ ଖବର




ମହାପ୍ରଭୁଙ୍କ ପାଇଁ ବୈଷ୍ଣବ ଭକ୍ତମାନେ ଫଳଭାର ନେଇ ବୁଧବାର ଶ୍ରୀମନ୍ଦିରକୁ ଯାଉଛନ୍ତି।



ରାମଚନ୍ଦ୍ର ସୁଆରଙ୍କ ପୁତ୍ର ତଥା କୁନି ଶୁଦ୍ଧସୁଆର ଶ୍ରୀମନ୍ଦିର ଖଳିଲାଗି ସେବା ସମ୍ପୃକ୍ତ ହେବାକୁ ଯାଉଛନ୍ତି।



ରଥପ୍ରଭାରେ ଚିତ୍ରକାର ସେବକ ଚିତ୍ର ଆଙ୍କୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# 'ଡେଙ୍ଗୁ, ମ୍ୟାଲେରିଆ ପାଇଁ ଆଗୁଆ ସଚେତନ କର'

ଭୁବନେଶ୍ୱର, ୨୫।୬(ବନ୍ଦନା ସେଠୀ)

## ଜଳ, ବାହକବାହିତ ରୋଗର ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ରାଜ୍ୟରେ ଜଳବାହିତ ଓ ବାହକବାହିତ ରୋଗର ସ୍ଥିତି ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ବୁଧବାର ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ବୈଠକରେ ଜଳବାହିତ ରୋଗ ଯଥା ଡାଇରିଆ, ଜଣ୍ଡିସ ଏବଂ ବାହକବାହିତ ରୋଗ ଯଥା ମ୍ୟାଲେରିଆ ଓ ଡେଙ୍ଗୁ ନିୟନ୍ତ୍ରଣ ନିମିତ୍ତ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତବର୍ଷ ବାଲେଶ୍ୱର, ଖୋର୍ଦ୍ଧା, ସୁନ୍ଦରଗଡରେ ଡେଙ୍ଗୁ ରୋଗ ଦେଖାଇଯାଇଥିଲା। ତେଣୁ ଆଗୁଆ ସତର୍କତା ସହ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ନିରାକରଣ ଓ ନିୟନ୍ତ୍ରଣ ନିମିତ୍ତ ବ୍ୟାପକ ଜନସଚେତନତା, ନିଦାନ ଓ ଚିକିତ୍ସା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜୁନ୍ ୨୩ ସୁଦ୍ଧା ମୋଟ୍ ୩୧,୪୪୯ଜଣଙ୍କର ଡେଙ୍ଗୁ ପରୀକ୍ଷା କରାଯାଇଥିବାବେଳେ ୧୮୮ ନମୁନା ଡେଙ୍ଗୁ ପଜିଟିଭ ବାହାରିଛି। ତେଣୁ ଏବେ ଅଧିକରୁ ଅଧିକ ଡେଙ୍ଗୁ ପରୀକ୍ଷା ସହ ଉପଯୁକ୍ତ ଚିକିତ୍ସା ଜାରି ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଭଳି ରୋଗ ନିବାରଣ ପାଇଁ ସୂଚନା-ଶିକ୍ଷା-ସଂଚାର ଦ୍ୱାରା ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୌଦ୍ଧ, ଗଜପତି, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, ରାୟଗଡା ଓ ମୟୂରଭଞ୍ଜ ଆଦି ମ୍ୟାଲେରିଆପ୍ରବଣ ଜିଲାଗୁଡିକରେ ମ୍ୟାଲେରିଆ ନିରାକରଣ ନିମିତ୍ତ ୨୦୨୪-୨୫ ବର୍ଷରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ କରାଯାଇଛି। ଏଥିସହ ୧୨ଟି ଜିଲାରେ କୀଟନାଶକ ସିଞ୍ଚନ ଚାଲୁରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଅଶ୍ୱଥି ଏସ୍. ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେହିପରି ରାଜ୍ୟରେ ମାତୃମୃତ୍ୟୁ ହାର ଓ ଶିଶୁମୃତ୍ୟୁ ହାରର ସ୍ଥିତି ବିଷୟରେ ସମୀକ୍ଷା କରି ଏହାକୁ ପ୍ରାଧାନ୍ୟତାଭିତ୍ତିରେ ମନିଟରିଂ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ତେବେ ୬ଟି ଜିଲାରେ ଡାଇରିଆ ପରିସ୍ଥିତିରେ ସୁଧାର ଆସିଥିବା ଜାଣି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବିଭାଗୀୟ ଶାସନ ସଚିବ, ସ୍ୱତନ୍ତ୍ର ଶାସନ ସଚିବ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ନିର୍ଦ୍ଦେଶକ (ପରିବାର କଲ୍ୟାଣ) ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷେତ୍ରବାସୀ ଡିଏଭି କଲେଜ ସମ୍ମୁଖରେ ବିକ୍ଷୋଭ



ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ସମ୍ମୁଖରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନିରାକାରପୁର/ଟାଙ୍ଗୀ,୨୫।୬
(ମାନସ ଚନ୍ଦ୍ର ପଟ୍ଟନାୟକ/ରଘୁନାଥ ସାହୁ)

ରାଜ୍ୟରେ ମହିଳାଙ୍କ ଉପରେ ନିର୍ଯାତନା ବଢିଚାଲିଥିବାବେଳେ କିଛିଦିନ ତଳେ ଗଞ୍ଜାମର ଗୋପାଳପୁରଠାରେ ଛାତ୍ରୀ ଗଣବଳାତ୍କାର ଘଟଣା ଘଟିଛି। ଏହା ପ୍ରତିବାଦରେ ଖୋର୍ଦ୍ଧା ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ବିଭିନ୍ନ କଲେଜ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଏହି କ୍ରମରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି କଲେଜ ମୁଖ୍ୟ ଗେଟ୍ ସମ୍ମୁଖରେ ପହଞ୍ଚି ସରକାର ବିରୋଧୀ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଟାଙ୍ଗୀ ବ୍ଲକ ଛାତ୍ର ବିଜୁ ଜନତାଦଳ ସଭାପତି ଅନୀଲ କୁମାର ସେନାପତି, ଓଳସିଂ ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ଯୁବନେତା ସୁକାନ୍ତ କୁମାର ବେହେରା, ସଂଗଠକ ପବିତ୍ର ପାଇକରାୟ, ଛାତ୍ରନେତା ଶକ୍ତି ପ୍ରସାଦ ରାଉତରାୟ, ମନୋଜ କୁମାର ପ୍ରଧାନ, ମାନସ ପଟ୍ଟନାୟକ, ସୁଶିଲ ସେନାପତି, ପ୍ରଭାତ କୁମାର ବେହେରା, ପ୍ରସନ୍ନ ବଲିୟାରସିଂ, ଅଜୟ କୁମାର ଛୋଟରାୟ, ଅମରେନ୍ଦ୍ର ବାରିକ ଏବଂ ବିଜୟ କୁମାର ମାଝୀ ପ୍ରମୁଖ ଏଥିରେ ସାମିଲ ଥିଲେ।

# 'ଆମ ସଂକଳ୍ପ ନିଶା ନୁହେଁ, ଜୀବନ'

No. XXVII-5: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: କୁପିଆ, ଥାନା: ବୋରିଗୁମ୍ମା ନଂ. ୪୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ଏ.୧୭.୦୭୮ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ଜଗଦଲପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଜୟପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା। | | | | | | | | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ NIL ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନାଟି ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ – ଜିଲ୍ଲାପାଳ, କୋରାପୁଟ

### ଭୂମି ଅନୁସୂଚୀ

**ମୌଜା: କୁପିଆ, ଥାନା: ବୋରିଗୁମ୍ମା, ନଂ. ୪୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ**
**ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨/କ | ୪୮୩/ ୧ | ୧.୧ | ୦.୩୧ | ଧାନ-୨ | ହରି ଗାଦବା, ନରେନ୍ଦ୍ର ଗାଦବା, ପି.: ସମ୍ବାରୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୨/ଖ | ୪୮୩/ ୩ | ୧.୩ | ୦.୩୯୨ | ଧାନ-୨ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୧୯/୦୧ | ୪୬୭/ ୨ | ୧.୧ | ୦.୧୯୮ | ଧାନ-୩ | ଘାଷି ନାୟକ, ପି.: ମାଧବ ନାୟକ, ଜା: ଗାଦବା, ବା: ମୁଣ୍ଡିଗୁଡ଼ା |
| ୨୨ | ୪୭୭ | ୦.୮ | ୦.୪୯୭ | ଧାନ-୩ | ଟିଲୁ ଗାଦବା, ପି.: ବୁଦ୍ଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ଗୁଡା ଖିଲଗୁଡ଼ା |
| ୧୫୨/ ୧୫୭ | ୪୭୭/ ୭୭୩ | ୧.୧୫ | ୦.୦୧ | ଧାନ-୩ | ଦୁର୍ଯ୍ୟଧନ ଗାଦବା, ପି.: ନରେନ୍ଦ୍ର ଗାଦବା, ଜା: ଗାଦବା, ବା: କାଳିଆଗୁଡ଼ା, କୁପିଆ |
| ୩୬ | ୫୦୭ | ୧.୪୯ | ୦.୨୭୬ | ଧାନ-୨ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୫୦୮ | ୦.୫୧ | ୦.୪୧୩ | ଧାନ-୩ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୪୮୧ | ୧.୫୬ | ୦.୧୯୮ | ଧାନ-୨ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୪୮୨ | ୦.୫୩ | ୦.୪୪୮ | ଧାନ-୩ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୪୪ | ୪୯୦ | ୦.୪୭ | ୦.୧୬୮ | ଧାନ-୨ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୪୪ | ୪୯୧ | ୦.୦୮ | ୦.୦୪୪ | ଧାନ-୩ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୪୬/୧ | ୪୫୮ | ୦.୬୨ | ୦.୪ | ଧାନ-୩ | ରାମଚନ୍ଦ୍ର ଗାଦବା, ପି.: କମଲୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୫୯ | ୪୭୦ | ୦.୭୩ | ୦.୧୯୨ | ଧାନ-୨ | ରଘୁନାଥ ଗାଦବା, ପି.: ବୁଦ୍ଧୁ ଗାଦବା, ଜା: ଗାଦବା, ବା: ନିଜଗାଁ, କାଳିଆଗୁଡ଼ା |
| ୯୬ | ୪୬୬ | ୨.୦୧ | ୦.୪୧୫ | ଧାନ-୩ | ଘାଷି ନାୟକ, ପି.: ମାଧବ ଗାଦବା, ଜା: ଗାଦବା, ବା: ନିଜଗାଁ, ଗୁଡା, ମୁଣ୍ଡିଗୁଡ଼ା |
| ୧୫୨/ ୧୪୮ | ୪୬୬/ ୭୬୮ | ୦.୭ | | ଧାନ-୩ | ରତ୍ନା ହାଲବାଣି, ସ୍ୱା.: ଟଙ୍କଧର ହାଲବା, ଜା: ହାଲବା, ବା: ଅଞ୍ଚଳା |
| ୧୦୧ | ୪୭୮ | ୨.୨୫ | ୦.୨୫୬ | ଧାନ-୨ | ଟିଲୁ ଗାଦବା, ପି.: ବୁଦ୍ଧୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୦୧ | ୪୬୫ | ୦.୫୫ | ୦.୦୭୯ | ଧାନ-୩ | ଟିଲୁ ଗାଦବା, ପି.: ବୁଦ୍ଧୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୦୩ | ୪୮୬ | ୦.୧୬ | ୦.୦୭୯ | ଧାନ-୨ | ଦୁଲଭ ଗାଦବା, ପି.: ମନଧର ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୧୬ | ୪୯୯ | ୧.୨୯ | ୦.୧୮୭ | ଧାନ-୨ | ବୁଦୁରା ଗାଦବା, ପି.: ମୁକୁନ୍ଦ ଗାଦବା, ଜା: ଗାଦବା, ବା: ନିଜଗାଁ, ଗୁଡା, ବନ୍ଧୁଗୁଡ଼ା |
| ୧୧୬ | ୪୯୮ | ୦.୩୮ | ୦.୩୨୧ | ଧାନ-୩ | ବୁଦୁରା ଗାଦବା, ପି.: ମୁକୁନ୍ଦ ଗାଦବା, ଜା: ଗାଦବା, ବା: ନିଜଗାଁ ଗୁଡ଼ା, ବନ୍ଧୁଗୁଡ଼ା |
| ୧୨୦ | ୪୯୩ | ୦.୯୨ | ୦.୧୪୫ | ଧାନ-୨ | ମଙ୍ଗଡୁ ଡମ, ପି.: ଅନକା ମହୁରିଆ, ଜା: ଡମ୍ବ, ବା: ନିଜଗାଁ |
| ୧୨୦ | ୪୯୨ | ୦.୩୧ | ୦.୨୦୭ | ଧାନ-୩ | ମଙ୍ଗଡୁ ଡମ, ପି.: ଅନକା ମହୁରିଆ, ଜା: ଡମ୍ବ, ବା: ନିଜଗାଁ |
| ୧୫୨/ ୧୦୩ | ୫୧୦ | ୩.୦୪ | ୨.୨୯୭ | ଧାନ-୨ | ବଳରାମ ଗାଦବା, ପି.: ଚୈତନ ଗାଦବା, ଜା: ଗାଦବା, ବା: ବନ୍ଧଗୁଡ଼ା |
| ୧୨୫ | ୪୯୬ | ୦.୯୯ | ୦.୧୭୫ | ଧାନ-୨ | ମୁଦୀ ଗାଦବା, ପି.: ଅର୍ଜୁନ ଗାଦବା, ବା: ନିଜଗାଁ, ବନ୍ଧୁଗୁଡ଼ା |
| ୧୨୫ | ୪୯୭ | ୦.୨୧ | ୦.୧୩୬ | ଧାନ-୩ | ମୁଦୀ ଗାଦବା, ପି.: ଅର୍ଜୁନ ଗାଦବା, ବା: ନିଜଗାଁ, ବନ୍ଧୁଗୁଡ଼ା |
| ୧୪୨ | ୪୭୫ | ୩.୪୮ | ୦.୦୧୭ | ଧାନ-୨ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ମୁଣ୍ଡିଗୁଡ଼ା |
| ୧୪୨ | ୪୭୬ | ୦.୧ | ୦.୧ | ଧାନ-୩ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ମୁଣ୍ଡିଗୁଡ଼ା |
| ୧୪୩ | ୪୬୮ | ୧.୨୮ | ୦.୨୩୪ | ଧାନ-୨ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ, ମୁଣ୍ଡିଗୁଡ଼ା |
| ୧୪୬ | ୪୫୯ | ୪.୮ | ୧.୭୫୫ | ଧାନ-୩ | ବଂଶିୟା ହରି ଗଉଡ଼, ପି.: ପତି ଚଲାଣ, ଜା: ଗାଦବା, ବା: ନିଜଗାଁ |
| ୧୪୯ | ୫୦୯ | ୫.୫୮ | ୨.୨୯ | ଧାନ-୨ | ହରି ଗାଦବା, ପି.: ଗୁରୁ ନାୟକ, ଜା: ଗାଦବା, ବା: ନିଜଗାଁ |
| ୧୫୨/ ୧୪୭ | ୪୮୩/ ୨ | ୦.୪୩ | ୦.୨୨୫ | ଧାନ-୨ | ମୀନ କେତନ ଗାଦବା, ପି.: ଗୋପିନାଥ ଗାଦବା, ଜା: ଗାଦବା, ବା: କୁପିଆ ତରଫା କାଳିଆ ଗୁଡ଼ା |
| ୧୫୨/ ୨୦୨ | ୪୬୭/ ୧ | ୧.୩୭ | ୦.୨୧୮ | ଧାନ-୩ | ଲକ୍ଷ୍ମୀ ନାୟକ, ପି.: ଗଣପତି ନାୟକ, ଜା: ଗାଦବା, ବା: ମୁଣ୍ଡିଗୁଡ଼ା |
| ୧୫୨/ ୨୦୫ | ୪୬୯ | ୧.୬୧ | ୦.୩୦୩ | ଧାନ-୨ | ଧନୁର୍ଯ୍ୟୟ ହରିଜନ, ପି.: ଘାସି ହରିଜନ, ଜା: ଡମ୍ବ, ବା: ପର୍ଲି |
| ୧୫୨/ ୩୮୬ | ୫୧୬ | ୧.୨୪ | ୦.୫୮୩ | ଧାନ-୩ | ସୁକଲ ଦେଇ ହରିଜନ, ପି.: ଭଗବାନ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୮୫ | ୫୧୬/ ୯୮୬ | ୧.୨୪ | | ଧାନ-୩ | ଭାଗୀରଥି ହରିଜନ, ପି.: ତ୍ରିଲୋଚନ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୮୯ | ୪୭୬/ ୭୬୩/ ୯୮୭ | ୦.୫ | ୦.୫ | ଧାନ-୩ | ପୂର୍ଣ୍ଣ ହରିଜନ, ପି.: ଜଗନ୍ନାଥ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୯୦ | ୪୭୬/ ୭୬୩ | ୦.୫ | ୦.୫ | ଧାନ-୩ | କୁମାରୀ ଚଞ୍ଚଳା ହରିଜନ, ପି.: ବଳି ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୯୪ | ୪୫୭/ ୯୯୨ | ୧.୩୩୧୭ | ୦.୭୨୪ | ଘରବାରି | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍. ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୩୯୪ | ୪୫୭/ ୭୩୯/ ୯୮୯ | ୦.୪୬୨ | ୦.୧୭୯ | ଘରବାରି | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍. ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୩୯୫ | ୪୫୭/ ୯୯୨/ ୯୯୩ | ୦.୦୨ | ୦.୦୧୫ | ଘରବାରି | ନିରଞ୍ଜନ ସିଂ, ପି.: ମୀନ କେତନ ସିଂ, ଜା: କ୍ଷତ୍ରୀୟ, ବା: ଡାବୁଗୁଡ଼ା |
| ୧୫୨/ ୪୦୨ | ୪୫୭/ ୯୯୨/ ୯୯୮ | ୦.୧ | ୦.୦୧୮ | ଘରବାରି | ଦୀପକ ଦାସ, ପି.: ପ୍ରସନ୍ନ କୁମାର ଦାସ, ଜା: ବ୍ରାହ୍ମଣ, ବା: ଗଣ୍ଡମୁଣ୍ଡା ଖଣ୍ଡଗିରି |
| ୧୫୨/ ୪୦୩ | ୪୫୭/ ୯୯୨/ ୯୯୯ | ୦.୦୨ | ୦.୦୧୩ | ଘରବାରି | ଗୋବିନ୍ଦମ୍ ରାମଲେଲା, ପି.: ଜି. ରବିବାବୁ, ଜା: ଶାତାନି ବୈଷ୍ଣବ, ବା: ଆଦିତ୍ୟ ହସ୍ପିଟାଲ, ହାଇଦ୍ରାବାଦ |
| ୧୫୨/ ୪୦୫ | ୪୫୭/ ୯୯୨/୧୦୦୧ | ୦.୦୪ | ୦.୦୪ | ଘରବାରି | ସମିଷ୍ଟା ରଥ, ସ୍ୱା.: ଶ୍ରୀକାନ୍ତ କୁମାର ପଣ୍ଡା, ଜା: ବ୍ରାହ୍ମଣ, ବା: ଡଙ୍ଗରଭେଜା |
| ୧୫୨/ ୪୦୬ | ୪୫୭/ ୬୮୧/ ୯୮୪ | ୧.୯ | ୧.୩୧୩ | ଡଙ୍ଗର-୨ | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍ ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୪୧୧ | ୪୫୭/ ୯୯୨/ ୯୮୯ | ୦.୦୪ | ୦.୦୨୪ | ଘରବାରି | ନିହାରକାନ୍ତ ପଟ୍ଟନାୟକ, ପି.: ପଦ୍ମଚରଣ ପଟ୍ଟନାୟକ, ଜା: କରଣ, ବା: ବୋରିଗୁମ୍ମା |
| ୧୫୨/ ୪୧୩ | ୪୫୭/ ୬୮୧/ ୯୯୧/୧୦୦୩ | ୦.୦୩୫ | ୦.୦୩୫ | ଘରବାରି | ଶାରଦା ପଣ୍ଡା, ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପାଇକ ସାହି, ଜୟନଗର |
| ୧୫୨/ ୪୧୩ | ୪୫୭/ ୯୯୨/୧୦୦୪ | ୦.୦୦୫ | ୦.୦୦୫ | ଘରବାରି | ଶାରଦା ପଣ୍ଡା, ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପାଇକ ସାହି, ଜୟନଗର |
| ୧୫୨/ ୪୧୬ | ୪୫୭/ ୯୯୨/୧୦୦୭ | ୦.୦୪ | ୦.୦୪ | ଘରବାରି | ସୁଲତା ସାହୁ, ସ୍ୱା.: ମୋହନ ସାହୁ, ଜା: ରଙ୍ଗୁଣି, ବା: ପର୍ଲି |
| ୧୫୨/ ୪୧୮ | ୪୫୭/ ୯୯୨/୧୦୦୯ | ୦.୦୪୧୩ | ୦.୦୩୫ | ଘରବାରି | ଏ. ମନୋଜ କୁମାର, ଏ. ଚନ୍ଦନ କୁମାର, ପି.: ଏ. ମାଧବ ରାଓ, ଜା: ତେଲେଙ୍ଗା, ବା: ନବରଙ୍ଗପୁର |
| ୧୫୨/ ୪୧୯ | ୪୫୭/ ୯୯୨/୧୦୧୦ | ୦.୦୫୨ | ୦.୦୫୧ | ଘରବାରି | ସନ୍ତୋଷ କୁମାର ସାହୁ, ପି.: ସଚିଦାନନ୍ଦ ସାହୁ, ଜା: ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୪୨୦ | ୪୫୭/ ୭୩୯/ ୯୮୯/୧୦୧୧ | ୦.୦୧୮ | ୦.୦୧୮ | ଘରବାରି | କେ. ସୁଜାତା, ସ୍ୱା.: କେ. ଶ୍ରୀନିବାସ, ଜା: ତେଲେଙ୍ଗା, ବା: ବଡ଼ମାଳ, ବଲାଙ୍ଗୀର |
| | ମୋଟ | | ୧୭.୦୭୮ | | |

OIPR-24074/14/0015/2526

## ୩ ହଜାର ବରିଷ୍ଠ ନାଗରିକ ଭତ୍ତା ପାଇବାରୁ ବଞ୍ଚିତ

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ କଣାସ ବ୍ଲକରେ ୩ ହଜାରରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ସେମାନେ ଭତ୍ତା ପାଇବା ପାଇଁ ଦୀର୍ଘଦିନ ହେଲା ଅନ୍‌ଲାଇନରେ ଆବେଦନ କରିଛନ୍ତି। ଏନେଇ ବାରମ୍ବାର କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମାଜ ମଙ୍ଗଳ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ସମାଜ ମଙ୍ଗଳ ଅଧିକାରୀ ମନୋଜ ପଟ୍ଟନାୟକ କହିଛନ୍ତି, ସେମାନଙ୍କ ଫର୍ମ ଜିଲା କାର୍ଯ୍ୟାଳୟକୁ ପଠାଇଦେଇଛୁ। ସେଠାରୁ ମଞ୍ଜୁର୍ ହୋଇ ଆସିନାହିଁ।

# ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ବିଜ୍ଞପ୍ତି ଖାରଜ

### ପୁରୀ ଲ' କଲେଜ ପ୍ରୋଭିଜିଓନାଲ୍ ଆଫିଲିଏଶନ ବିରୋଧରେ ମାମଲା

କଟକ,୨୫।୬(କାର୍ତ୍ତିକ ସାହୁ)

ପୁରୀସ୍ଥିତ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ (ପୁରୀ ଲ' କଲେଜ) ପାଠ୍ୟକ୍ରମକୁ ପ୍ରୋଭିଜିନାଲ୍ ଆଫିଲିଏଶନ ପ୍ରଦାନ ବିରୋଧରେ ଆଗତ ମାମଲାର ଶୁଣାଣି କରି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ବିଜ୍ଞପ୍ତିକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ୍ କ୍ରୀଷ୍ଣା ଶ୍ରୀପଦ୍ ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପୁରୀ ଲ' କଲେଜର ଆଇନ ପାଠ୍ୟକ୍ରମକୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପ୍ରଦାନ କରିଥିବା ପ୍ରୋଭିଜିନାଲ୍ ଆଫିଲିଏଶନ୍‌କୁ ରଦ୍ଦ କରି ଦେଇଛନ୍ତି। କଲେଜକୁ ପୂର୍ବ ପରି ସ୍ଥାୟୀ ଆଫିଲିଏଶନ ପ୍ରଦାନ କରିବାକୁ ହାଇକୋର୍ଟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଛନ୍ତି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରୀ ଲ' କଲେଜ୍ ଓ ଅନ୍ୟାନ୍ୟ ଲ' କଲେଜର ଏଲ୍‌ଏଲ୍‌ବି ପାଠ୍ୟକ୍ରମ ପାଇଁ ୨୦୨୪ ଏପ୍ରିଲ୍ ୨୮ରେ ପ୍ରୋଭିଜିନାଲ୍ ଆଫିଲିଏଶନ ପ୍ରଦାନ କରାଯାଇଥିଲା। ପୂର୍ବରୁ କଲେଜର ଉକ୍ତ ପାଠ୍ୟକ୍ରମକୁ ସ୍ଥାୟୀ ଆଫିଲିଏଶନ ମିଳିଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ଥାୟୀ ଆଫିଲିଏଶନକୁ କାଟି ପ୍ରୋଭିଜିନାଲ୍ ଆଫିଲିଏଶନ୍ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୪ ଏପ୍ରିଲ ୨୮ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉପରୋକ୍ତ ବିଜ୍ଞପ୍ତିକୁ ବିରୋଧ କରି ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ ଓ ଅନ୍ୟମାନଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା।

## ରଥଖଳାରେ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥଖଳାରେ ୩ ରଥ ବର୍ତ୍ତମାନ ଦଣ୍ଡାୟମାନ ହୋଇ ରହିଛି। ଆଜ୍ଞାମାଳ ଆସିଲେ ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ରଥ ଟଣା ହେବ। ତିନି ରଥର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ବୁଧବାର ରଥଖଳା ଓ ରଥ ନିକଟକୁ ଯାଇ କାର୍ଯ୍ୟର ସମୀକ୍ଷା କରିବା ସହ ସମ୍ପୃକ୍ତ ସେବାୟତମାନଙ୍କ ସହିତ ଆଲୋଚନା କରିଛନ୍ତି। ସେହିପରି ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ।

# କୁନି ଶିଳ୍ପୀଙ୍କ କୁନି ରଥ

ଅସ୍ତରଙ୍ଗ,୨୫।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଭକ୍ତିପୂର୍ଣ୍ଣ ମନର ଅଦମ୍ୟ ଇଚ୍ଛାଶକ୍ତି ଉତ୍ତମ ଲକ୍ଷ୍ୟ ସାଧନ ପାଇଁ ବାଟ କଢ଼ାଇ ନେଇଥାଏ। ମହାପ୍ରଭୁଙ୍କ ପ୍ରତି ଭକ୍ତିଭାବ ନେଇ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଈଗୁଆଁ ଗ୍ରାମର ୧୧ ବର୍ଷର ବାଳକ ପ୍ରତିବର୍ଷ ଗଢୁଛନ୍ତି ଆକର୍ଷଣୀୟ ୩ ରଥ। କୁନି ହାତରେ ବଡ଼ କାରିଗରି। ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥ ପରି ଅବିକଳ। ଏମିତି ଏକ ଛୋଟ ରଥ ପ୍ରସ୍ତୁତ କରିଛନ୍ତି ନଈଗୁଆଁ ଗ୍ରାମର ସାଇ ପ୍ରତୀକ। ରଥଯାତ୍ରା ଦେଖିବାକୁ ପୁରୀ ଯାଇ ନ ପାରିବାରୁ ୫ମ ଶ୍ରେଣୀ ଛାତ୍ର ନିଜେ ତିଆରି କରୁଛନ୍ତି ୩ ରଥ। ଦୀର୍ଘ ୪ ବର୍ଷ ହେବ ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ନଈଗୁଆଁ ଗ୍ରାମର ସୁଶାନ୍ତ ତ୍ରିପାଠୀଙ୍କ ୧୧ ବର୍ଷର ପୁଅ ସାଇ ପ୍ରତୀକ ତ୍ରିପାଠୀ। ୩ ରଥର ଉଚ୍ଚତା ୨ଫୁଟ ରହିଛି। ପାଠପଢ଼ା ସାଙ୍ଗକୁ ଏଭଳି ସୁନ୍ଦର ରଥ ତିଆରି କରିବାରେ ଲାଗିପଡ଼ିଛନ୍ତି। କେବଳ ସେତିକି ନୁହେଁ, ବିନା ପ୍ରଶିକ୍ଷଣରେ କିଭଳି ଉଚ୍ଚକୋଟୀର ଆକର୍ଷଣୀୟ ସୁନ୍ଦର ରଥ ପ୍ରସ୍ତୁତ କରିହେବ ସେଥିପାଇଁ ପ୍ରଚେଷ୍ଟା କରିଛନ୍ତି। ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ଏହି ରଥ ଦେଖିବାକୁ ଅତି ସୁନ୍ଦର ଏବଂ ଚିତ୍ତାକର୍ଷକ ହୋଇପାରିଛି।

## ସ୍ମାର୍ଟ ସ୍କୁଲରୁ ସାଇକେଲ ଚୋରି, ସିସିଟିଭି ନାମକୁ ମାତ୍ର

ଗୋପ,୨୫।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସାଇକେଲ ଚୋରିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଏହି ସ୍ମାର୍ଟ ସ୍କୁଲରେ ସିସିଟିଭି ଲାଗିଥିଲେ ମଧ ପ୍ରାୟତଃ ଅଚଳ ଅବସ୍ଥାରେ ରହିଛି। ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ ନବମ ଶ୍ରେଣୀ ଛାତ୍ର ଜଣଙ୍କ ସାଇକେଲ ଆଣି ସ୍କୁଲ ପରିସରରେ ରଖିଥିବା ବେଳେ ଖେଳ ଛୁଟିରେ ସାଇକେଲକୁ କେହି ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ଛାତ୍ର ଜଣଙ୍କ ସାଇକେଲ ଚୋରି ସମ୍ପର୍କରେ ଘରେ ଜଣାଇବା ପରେ ଅଭିଭାବକ କେମିତି ଓ କିପରି ସାଇକେଲ ଚୋରି ହୋଇଥିବା ନେଇ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକଙ୍କୁ ପଚାରିଥିବା ବେଳେ ପ୍ରଧାନଶିକ୍ଷକ ଜଣଙ୍କ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

# ସମ୍ବିଧାନର ମୌଳିକ ତତ୍ତ୍ୱ ପ୍ରତି ଗୁରୁତ୍ୱପୂର୍ଣ୍ଣ ଆଘାତ ଥିଲା




କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ଅନ୍ୟମାନେ।

### ସାକ୍ଷୀଗୋପାଳ କଲେଜରେ ସମ୍ବିଧାନ ହତ୍ୟା ଦିବସ

ସାକ୍ଷୀଗୋପାଳ/ବଳଙ୍ଗା/ ଅସ୍ତରଙ୍ଗ,୨୫।୬(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ/ କେଦାରେଶ୍ୱର ନନ୍ଦ/ମମତା ଜେନା)

ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ପାଳନ ଓ ଏକ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଛି। ଅଧକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରତିକାନ୍ତ ପରିଡ଼ା, ଧନୁର୍ଦ୍ଧର ମୁଦୁଲି, ମନୋଜ ପରିଡ଼ା, ଅମରନାଥ ପାଲଙ୍କ ସମେତ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଭାରତର ସମ୍ବିଧାନ ଉପରେ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ। ଦେଶର ଗଣତନ୍ତ୍ରକୁ କ୍ଷୟ କରିବା ପାଇଁ ଏକ ସୁଚିନ୍ତିତ ପ୍ରୟାସ ଏବଂ ଏହି ଜରୁରୀକାଳୀନ ପରିସ୍ଥିତି ସମୟରେ ଭାରତୀୟଙ୍କ ବିରୋଧରେ ହୋଇଥିବା ଅତ୍ୟାଚାରକୁ କେବେ ଭୁଲିହେବ ନାହିଁ, ଯାହା ଭାରତୀୟ ସମ୍ବିଧାନର ଆତ୍ମାର ବିରୋଧ ସହିତ ଗଣତନ୍ତ୍ରର ମୌଳିକ ତତ୍ତ୍ୱ ପ୍ରତି ଗୁରୁତ୍ୱପୂର୍ଣ୍ଣ ଆଘାତ ଥିଲା ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ସୁଜାତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈକୁଣ୍ଠ ମେହେର ଧନ୍ୟବାଦ ଦେଇଥିଲେ। ସେହିପରି ବଳଙ୍ଗା ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ ପାଳନ ଅବସରରେ ପ୍ରବନ୍ଧ ପ୍ରତିଯୋଗିତା ଓ ଆଲୋଚନାଚକ୍ର ଅଧକ୍ଷ ପ୍ରଭାତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। '୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ଘୋଷଣାର ମାନବାଧିକାର ଉପରେ ପ୍ରଭାବ' ପ୍ରସଙ୍ଗ ଉପରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଯାଇଛି। କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଯାଇଛି। ଉପାଧ୍ୟକ୍ଷ ବିକ୍ରମ ଛାଟୋଇ, ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧାପକ ଲଲାଟେନ୍ଦୁ ସ୍ୱାଇଁ, ଇଂରାଜୀ ବିଭାଗର ଅଧାପିକା ଶ୍ରୀନିଧି ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ।


**OFFICE OF THE PRINCIPAL**

**EKLAVYA MODEL RESIDENTIAL SCHOOL, KUARMUNDA, SUNDARGARH**

Managed by Odisha Model Tribal Education Society (OMTES)
Supported by ST & SC Development Department, Govt. of Odisha
At/PO-Kuarmunda, Dist.-Sundargarh, Pin-770039
Affiliated to CBSE New Delhi, Aff. No. 1520375, School no. 17461
Email - emrskuarmunda2018@gmail.com

Order No.50 Date-25th June, 2025

**OFFICE ORDER**
**Walk-in Interview**

A walk-in interview will be held at EMRS Kuarmunda premises on 02.07.2025 (Wednesday) in order to engage guest techers against the exiting vacancy on purely temporary basis.
The interested candidates having the required qualification may appear for the interview.

| Sl. No. | Name of the post | Required qualification | Vacant Post |
|---|---|---|---|
| 1. | TGT Mathematics | B.Sc (PCM), B.Ed. | 01 |
| 2. | TGT Odia | BA (Odia Hons.), B.Ed. | 01 |

The preference will be given to CTET/OSSTET qualified candidates.
N.B. - No TA/DA will be provided to the candidates appearing for the said interview.

Sd./- Principal
Ekalavya Model Residential School, Kuarmunda, Sundargarh

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍‌ଏସ୍‌ବି-୨୫-ରେଟ୍ରୋଫିଟ୍_ଏସି_୯୫-୦୬/ଟିଏନ୍, ତାରିଖ: ୨୪।୦୬।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ/ଟିଆରଏସ୍, ଦକ୍ଷିଣ ପୂର୍ବ ରେଳପଥ, ବୋକାରୋ ଷ୍ଟିଲ୍ ସିଟି ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର ନମ୍ବର: ଇଏଲ୍‌ଏସ୍‌ବି-୨୫-ରେଟ୍ରୋଫିଟ୍_ଏସି_୯୫-୦୬, ସମାପ୍ତି ତାରିଖ: ୧୮।୦୭।୨୦୨୫ ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ: ଦକ୍ଷିଣ ପୂର୍ବ ରେଳପଥ (ବୋକାରୋ ଷ୍ଟିଲ୍ ସିଟି, ବଣ୍ଡମୁଣ୍ଡା, ରାଉରକେଲା, ସାନ୍ତ୍ରାଗାଛି ଓ ଟାଟାନଗର)ରେ ବିଭିନ୍ନ ଲୋକୋ ଶେଡ୍ ପାଇଁ ୩-ପିଏଚ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ କ୍ୟାବ୍‌ଗୁଡ଼ିକରେ ଏୟାର କଣ୍ଡସନିଂ ପ୍ରଣାଳୀର ରେଟ୍ରୋଫିଟ୍‌ମେଣ୍ଟ । ଅବଧି: ୨୪ ମାସ । ଆନୁମାନିକ ମୂଲ୍ୟ: ₹୧,୦୨,୭୯,୫୭୦ । ବିଡ୍ ଅମାନତ: ୨,୦୧,୪୦୦ । ଟେଣ୍ଡର ଫର୍ମ ମୂଲ୍ୟ: ଶୂନ । ଟେଣ୍ଡର ଦସ୍ତାବିଜ ଆଇଆରଇପିଏସ୍ ୱେବ୍‌ସାଇଟ୍ ଅର୍ଥାତ୍ www.ireps.gov.in ରେ ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ଟେଣ୍ଡରଦାତାଙ୍କ ଦ୍ୱାରା ଟେଣ୍ଡର ଅପ୍‌ଲୋଡ୍ କରାଯିବାର ଶେଷ ତାରିଖ/ସମୟ: ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବାର ତାରିଖ/ସମୟ: ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା । (ଟେଣ୍ଡର ବନ୍ଦ ହେବାର ତୁରନ୍ତ ପରେ) । ସମସ୍ତ ପ୍ରତିଷ୍ଠିତ, ଅଭିଜ୍ଞ ଓ ଆଗ୍ରହୀ ଟେଣ୍ଡରଦାତା ଏହି କାର୍ଯ୍ୟ ପାଇଁ ଆବେଦନ କରିପାରନ୍ତି । (PR-315)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. CMSSBPLP252701A
ତାରିଖ: 20.06.2025

**କାର୍ଯ୍ୟର ବିବରଣୀ :** ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର ପାଇଁ ଚୁକ୍ତିର ଘୋଷଣା ତାରିଖ ଠାରୁ 02 (ଦୁଇ) ବର୍ଷର ଅବଧି ପାଇଁ ଦୈନିକ ସ୍ଥାନୀୟ କ୍ରୟ ନିମନ୍ତେ (କ) ଔଷଧ, (ଖ) ସର୍ଜିକାଲ୍ ଉପକରଣ ଏବଂ (ଗ) ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଣ ପାଇଁ ଚୁକ୍ତିନାମା । ନିଲାମଦାତାଙ୍କ ଦ୍ୱାରା ପୃଥକ ଭାବେ ପ୍ରତ୍ୟେକ ଗ୍ରୁପ୍ ପାଇଁ ରିହାତି ମୂଲ୍ୟ ପ୍ରତିଶତରେ କିମ୍ବା ଟଙ୍କା 01 ରେ ହାର ନିର୍ଦ୍ଧାରଣ କରାଯିବ ।
2024-25 ବର୍ଷ ମଧ୍ୟରେ ଆନୁମାନିକ କ୍ରୟ ମୂଲ୍ୟ (ପ୍ରତି ବର୍ଷ): ₹9,60,000.00, EMD (₹) : 38,400.00
ଚୁକ୍ତିନାମାର ଅବଧି: କାର୍ଯ୍ୟ ଆରମ୍ଭ ତାରିଖରୁ ୦୨ (ଦୁଇ) ବର୍ଷ ।
**IREPS ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.27.06.2025 ରିଖ (ଶୁକ୍ରବାର) 1300 ଘଟିକାରେ ।
ସମ୍ଭାବ୍ୟ ବିକ୍ରେତା/ ଔଷଧ ଦୋକାନୀମାନଙ୍କୁ IREPS ରେ ପଞ୍ଜୀକରଣ କରିବାକୁ ଏବଂ ବିସ୍ତୃତ ସୂଚନା ପାଇଁ IREPS ୱେବସାଇଟ http://www.ireps.gov.in ରେ ଟେଣ୍ଡର ବିଭାଗ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି ।
ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ସମ୍ବଲପୁର
PR-280/Q/25-26

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି;

i. **ବ୍ୟାଙ୍କର ଅଫିସର କ୍ୱାର୍ଟର୍ସ ନୟାପଲ୍ଲୀ, ଭୁବନେଶ୍ୱରରେ 50 KWp ରୁଫ୍ ଟପ୍ ଗ୍ରିଡ୍ ଇଣ୍ଟରଆକ୍ଟିଭ୍ ଏସ୍.ପି.ଭି ଆଧାରିତ ସୋଲାର ପାୱାର ସିଷ୍ଟମ୍ ର ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କାର୍ଯ୍ୟ ।**
ii. **ବ୍ୟାଙ୍କର କାର୍ଯ୍ୟାଳୟ ଭବନ, ଭୁବନେଶ୍ୱରରେ 20 KWp ରୁଫ୍ ଟପ୍ ଗ୍ରିଡ୍ ଇଣ୍ଟରଆକ୍ଟିଭ୍ ଏସ୍.ପି.ଭି ଆଧାରିତ ସୋଲାର ପାୱାର ସିଷ୍ଟମ୍ ର ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କାର୍ଯ୍ୟ ।**

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଉଭୟ ଟେଣ୍ଡର ଆବେଦନର ଶେଷ ତାରିଖ **ଜୁଲାଇ 14, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE : BALANGIR**
Mail ID : sepwdbalangir@gmail.com
**e-Procurement Notice**
**Bid Identification No. : CCE(R&B) BGR/07/2025-26**

**Letter No. - 1236** **// Dtd. : 20.06.2025**

**No.B-229** : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" & "A" Class** Contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building work
2. No. of tender : Building work - 9 Nos.
3. Tender Cost : Rs. 10,000/-
4. Class of Contractor : **"B" & "A" Class**
5. Date & Time of sale & Receipt of Bids : From Dt. 03.07.2025, 05.00 P.M. to Dt. 17.07.2025 up to 05.00 P.M.
6. Date of opening Bid : Dt. 18.07.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendum will be available on ONLINE MODE only.

**Sd./- Chief Costruction Engineer, Balangir (R&B) Circle, Balangir**
**OIPR-34131/11/0014/2526**


See Career Appointment on every Wednesday & Saturday


**ଓଡ଼ିଶା ସରକାର**

**କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**

**File No. 378/2025** **Dated: 25.04.2025**

No. XXVII-5: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: କୁପିଆ, ଥାନା: ବୋରିଗୁମ୍ମା ନଂ. ୪୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ଏ.୧୭.୦୭୮ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ଜଗଦଲପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା।
୪. ସାମୟିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା।
୫. ପୂନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଜୟପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା। | | | | | | | | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ NIL ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନାଟି ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./ – ଜିଲ୍ଲାପାଳ, କୋରାପୁଟ**

**ଭୂମି ଅନୁସୂଚୀ**

**ମୌଜା: କୁପିଆ, ଥାନା: ବୋରିଗୁମ୍ମା, ନଂ. ୪୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ**
**ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨/କ | ୪୮୩/ ୧ | ୧.୧ | ୦.୩୧ | ଧାନ-୨ | ହରି ଗାଦବା, ନରେନ୍ଦ୍ର ଗାଦବା, ପି.: ସମ୍ବାରୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୨/ଖ | ୪୮୩/ ୩ | ୧.୩ | ୦.୩୯୨ | ଧାନ-୨ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୧୯/୦୧ | ୪୬୭/ ୨ | ୧.୧ | ୦.୧୯୮ | ଧାନ-୩ | ଘାଷି ନାୟକ, ପି.: ମାଧବ ନାୟକ, ଜା: ଗାଦବା, ବା: ମୁଣ୍ଡିଗୁଡ଼ା |
| ୨୨ | ୪୭୭ | ୦.୮ | ୦.୪୯୭ | ଧାନ-୩ | ଟିଲୁ ଗାଦବା, ପି.: ବୁଦ୍ଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ଗୁଡା ଖିଲଗୁଡ଼ା |
| ୧୫୨/ ୧୫୭ | ୪୭୭/ ୭୭୩ | ୧.୧୫ | ୦.୦୧ | ଧାନ-୩ | ଦୂର୍ଯ୍ୟଧନ ଗାଦବା, ପି.: ନରେନ୍ଦ୍ର ଗାଦବା, ଜା: ଗାଦବା, ବା: କାଳିଆଗୁଡ଼ା, କୁପିଆ |
| ୩୬ | ୫୦୭ | ୧.୪୯ | ୦.୨୭୬ | ଧାନ-୨ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୫୦୮ | ୦.୫୧ | ୦.୪୧୩ | ଧାନ-୩ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୪୮୧ | ୧.୫୬ | ୦.୧୯୮ | ଧାନ-୨ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୪୮୨ | ୦.୫୩ | ୦.୪୪୮ | ଧାନ-୩ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୪୪ | ୪୯୦ | ୦.୪୭ | ୦.୧୬୮ | ଧାନ-୨ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୪୪ | ୪୯୧ | ୦.୦୮ | ୦.୦୪୪ | ଧାନ-୩ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୪୬/୧ | ୪୫୮ | ୦.୬୨ | ୦.୪ | ଧାନ-୩ | ରାମଚନ୍ଦ୍ର ଗାଦବା, ପି.: କମଲୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୫୯ | ୪୭୦ | ୦.୭୩ | ୦.୧୯୨ | ଧାନ-୨ | ରଘୁନାଥ ଗାଦବା, ପି.: ବୁଦ୍ଧୁ ଗାଦବା, ଜା: ଗାଦବା, ବା: ନିଜଗାଁ, କାଳିଆଗୁଡ଼ା |
| ୯୬ | ୪୬୬ | ୨.୦୧ | ୦.୪୧୫ | ଧାନ-୩ | ଘାଷି ନାୟକ, ପି.: ମାଧବ ଗାଦବା, ଜା: ଗାଦବା, ବା: ନିଜଗାଁ, ଗୁଡା, ମୁଣ୍ଡିଗୁଡ଼ା |
| ୧୫୨/ ୧୪୮ | ୪୬୬/ ୭୬୮ | ୦.୭ | | ଧାନ-୩ | ରତ୍ନା ହାଲବାଣି, ସ୍ୱା.: ଟଙ୍କଧର ହାଲବା, ଜା: ହାଲବା, ବା: ଅଞ୍ଚଳା |
| ୧୦୧ | ୪୭୮ | ୨.୨୫ | ୦.୨୫୬ | ଧାନ-୨ | ଟିଲୁ ଗାଦବା, ପି.: ବୁଦ୍ଧୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୦୧ | ୪୬୫ | ୦.୫୫ | ୦.୦୭୯ | ଧାନ-୩ | ଟିଲୁ ଗାଦବା, ପି.: ବୁଦ୍ଧୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୦୩ | ୪୮୬ | ୦.୧୬ | ୦.୦୭୯ | ଧାନ-୨ | ଦୁଲଭ ଗାଦବା, ପି.: ମନଧର ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୧୬ | ୪୯୯ | ୧.୨୯ | ୦.୧୮୭ | ଧାନ-୨ | ବୁଦୁରା ଗାଦବା, ପି.: ମୁକୁନ୍ଦ ଗାଦବା, ଜା: ଗାଦବା, ବା: ନିଜଗାଁ, ଗୁଡା, ବନ୍ଧୁଗୁଡ଼ା |
| ୧୧୬ | ୪୯୮ | ୦.୩୮ | ୦.୩୨୧ | ଧାନ-୩ | ବୁଦୁରା ଗାଦବା, ପି.: ମୁକୁନ୍ଦ ଗାଦବା, ଜା: ଗାଦବା, ବା: ନିଜଗାଁ ଗୁଡ଼ା, ବନ୍ଧୁଗୁଡ଼ା |
| ୧୨୦ | ୪୯୩ | ୦.୯୨ | ୦.୧୪୫ | ଧାନ-୨ | ମଙ୍ଗଡୁ ଡମ, ପି.: ଅନକା ମହୁରିଆ, ଜା: ଡମ୍ବ, ବା: ନିଜଗାଁ |
| ୧୨୦ | ୪୯୨ | ୦.୩୧ | ୦.୨୦୭ | ଧାନ-୩ | ମଙ୍ଗଡୁ ଡମ, ପି.: ଅନକା ମହୁରିଆ, ଜା: ଡମ୍ବ, ବା: ନିଜଗାଁ |
| ୧୫୨/ ୧୦୩ | ୫୧୦ | ୩.୦୪ | ୨.୨୯୭ | ଧାନ-୨ | ବଳରାମ ଗାଦବା, ପି.: ଚୈତନ ଗାଦବା, ଜା: ଗାଦବା, ବା: ବନ୍ଧଗୁଡ଼ା |
| ୧୨୫ | ୪୯୬ | ୦.୯୯ | ୦.୧୭୫ | ଧାନ-୨ | ମୁଦୀ ଗାଦବା, ପି.: ଅର୍ଜୁନ ଗାଦବା, ବା: ନିଜଗାଁ, ବନ୍ଧୁଗୁଡ଼ା |
| ୧୨୫ | ୪୯୭ | ୦.୨୧ | ୦.୧୩୬ | ଧାନ-୩ | ମୁଦୀ ଗାଦବା, ପି.: ଅର୍ଜୁନ ଗାଦବା, ବା: ନିଜଗାଁ, ବନ୍ଧୁଗୁଡ଼ା |
| ୧୪୨ | ୪୭୫ | ୩.୪୮ | ୦.୦୧୭ | ଧାନ-୨ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ମୁଣ୍ଡିଗୁଡ଼ା |
| ୧୪୨ | ୪୭୬ | ୦.୧ | ୦.୧ | ଧାନ-୩ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ମୁଣ୍ଡିଗୁଡ଼ା |
| ୧୪୩ | ୪୬୮ | ୧.୨୮ | ୦.୨୩୪ | ଧାନ-୨ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ, ମୁଣ୍ଡିଗୁଡ଼ା |
| ୧୪୬ | ୪୫୯ | ୪.୮ | ୧.୭୫୫ | ଧାନ-୩ | ବଂଶିୟା ହରି ଗଉଡ଼, ପି.: ପତି ଚଲାଣ, ଜା: ଗାଦବା, ବା: ନିଜଗାଁ |
| ୧୪୯ | ୫୦୯ | ୫.୫୮ | ୨.୨୯ | ଧାନ-୨ | ହରି ଗାଦବା, ପି.: ଗୁରୁ ନାୟକ, ଜା: ଗାଦବା, ବା: ନିଜଗାଁ |
| ୧୫୨/ ୧୪୭ | ୪୮୩/ ୨ | ୦.୪୩ | ୦.୨୨୫ | ଧାନ-୨ | ମୀନ କେତନ ଗାଦବା, ପି.: ଗୋପିନାଥ ଗାଦବା, ଜା: ଗାଦବା, ବା: କୁପିଆ ତରଫା କାଳିଆ ଗୁଡ଼ା |
| ୧୫୨/ ୨୦୨ | ୪୬୭/ ୧ | ୧.୩୭ | ୦.୨୧୮ | ଧାନ-୩ | ଲକ୍ଷ୍ମୀ ନାୟକ, ପି.: ଗଣପତି ନାୟକ, ଜା: ଗାଦବା, ବା: ମୁଣ୍ଡିଗୁଡ଼ା |
| ୧୫୨/ ୨୦୫ | ୪୬୯ | ୧.୬୧ | ୦.୩୦୩ | ଧାନ-୨ | ଧନୁର୍ଯ୍ୟୟ ହରିଜନ, ପି.: ଘାସି ହରିଜନ, ଜା: ଡମ୍ବ, ବା: ପର୍ଲି |
| ୧୫୨/ ୩୮୬ | ୫୧୬ | ୧.୨୪ | ୦.୫୮୩ | ଧାନ-୩ | ସୁକଳ ଦେଇ ହରିଜନ, ପି.: ଭଗବାନ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୮୫ | ୫୧୬/ ୯୮୬ | ୧.୨୪ | | ଧାନ-୩ | ଭାଗୀରଥି ହରିଜନ, ପି.: ତ୍ରିଲୋଚନ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୮୯ | ୪୭୬/ ୭୬୩/ ୯୮୭ | ୦.୫ | ୦.୫ | ଧାନ-୩ | ପୂର୍ଣ୍ଣ ହରିଜନ, ପି.: ଜଗନ୍ନାଥ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୯୦ | ୪୭୬/ ୭୬୩ | ୦.୫ | ୦.୫ | ଧାନ-୩ | କୁମାରୀ ଚଞ୍ଚଳା ହରିଜନ, ପି.: ବଳି ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୯୪ | ୪୫୭/ ୯୯୨ | ୧.୩୩୧୭ | ୦.୭୨୪ | ଘରବାରି | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍. ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୩୯୪ | ୪୫୭/ ୭୩୯/ ୯୮୯ | ୦.୪୬୨ | ୦.୧୭୯ | ଘରବାରି | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍. ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୩୯୫ | ୪୫୭/ ୯୯୨/ ୯୯୩ | ୦.୦୨ | ୦.୦୧୫ | ଘରବାରି | ନିରଞ୍ଜନ ସିଂ, ପି.: ମୀନ କେତନ ସିଂ, ଜା: କ୍ଷତ୍ରୀୟ, ବା: ଡାବୁଗୁଡ଼ା |
| ୧୫୨/ ୪୦୨ | ୪୫୭/ ୯୯୨/ ୯୯୮ | ୦.୧ | ୦.୦୧୮ | ଘରବାରି | ଦୀପକ ଦାସ, ପି.: ପ୍ରସନ୍ନ କୁମାର ଦାସ, ଜା: ବ୍ରାହ୍ମଣ, ବା: ଗଣ୍ଡମୁଣ୍ଡା ଖଣ୍ଡଗିରି |
| ୧୫୨/ ୪୦୩ | ୪୫୭/ ୯୯୨/ ୯୯୯ | ୦.୦୨ | ୦.୦୧୩ | ଘରବାରି | ଗୋବିନ୍ଦମ୍ ରାମଲେଲା, ପି.: ଜି. ରବିବାବୁ, ଜା: ଶାତାନି ବୈଷ୍ଣବ, ବା: ଆଦିତ୍ୟ ହସ୍ପିଟାଲ, ହାଇଦ୍ରାବାଦ |
| ୧୫୨/ ୪୦୫ | ୪୫୭/ ୯୯୨/୧୦୦୧ | ୦.୦୪ | ୦.୦୪ | ଘରବାରି | ସମିଷ୍ଟା ରଥ, ସ୍ୱା.: ଶ୍ରୀକାନ୍ତ କୁମାର ପଣ୍ଡା, ଜା: ବ୍ରାହ୍ମଣ, ବା: ଡଙ୍ଗରଭେଜା |
| ୧୫୨/ ୪୦୬ | ୪୫୭/ ୬୮୧/ ୯୮୪ | ୧.୯ | ୧.୩୧୩ | ଡଙ୍ଗର-୨ | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍ ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୪୧୧ | ୪୫୭/ ୯୯୨/ ୯୮୯ | ୦.୦୪ | ୦.୦୨୪ | ଘରବାରି | ନିହାରକାନ୍ତ ପଟ୍ଟନାୟକ, ପି.: ପଦ୍ମଚରଣ ପଟ୍ଟନାୟକ, ଜା: କରଣ, ବା: ବୋରିଗୁମ୍ମା |
| ୧୫୨/ ୪୧୩ | ୪୫୭/ ୬୮୧/ ୯୯୧/୧୦୦୩ | ୦.୦୩୫ | ୦.୦୩୫ | ଘରବାରି | ଶାରଦା ପଣ୍ଡା, ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପାଇକ ସାହି, ଜୟନଗର |
| ୧୫୨/ ୪୧୩ | ୪୫୭/ ୯୯୨/୧୦୦୪ | ୦.୦୦୫ | ୦.୦୦୫ | ଘରବାରି | ଶାରଦା ପଣ୍ଡା, ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପାଇକ ସାହି, ଜୟନଗର |
| ୧୫୨/ ୪୧୬ | ୪୫୭/ ୯୯୨/୧୦୦୭ | ୦.୦୪ | ୦.୦୪ | ଘରବାରି | ସୁଲତା ସାହୁ, ସ୍ୱା.: ମୋହନ ସାହୁ, ଜା: ରଙ୍ଗୁଣି, ବା: ପର୍ଲି |
| ୧୫୨/ ୪୧୮ | ୪୫୭/ ୯୯୨/୧୦୦୯ | ୦.୦୪୧୩ | ୦.୦୩୫ | ଘରବାରି | ଏ. ମନୋଜ କୁମାର, ଏ. ଚନ୍ଦନ କୁମାର, ପି.: ଏ. ମାଧବ ରାଓ, ଜା: ତେଲେଙ୍ଗା, ବା: ନବରଙ୍ଗପୁର |
| ୧୫୨/ ୪୧୯ | ୪୫୭/ ୯୯୨/୧୦୧୦ | ୦.୦୫୨ | ୦.୦୫୧ | ଘରବାରି | ସନ୍ତୋଷ କୁମାର ସାହୁ, ପି.: ସଚିଦାନନ୍ଦ ସାହୁ, ଜା: ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୪୨୦ | ୪୫୭/ ୭୩୯/ ୯୮୯/୧୦୧୧ | ୦.୦୧୮ | ୦.୦୧୮ | ଘରବାରି | କେ. ସୁଜାତା, ସ୍ୱା.: କେ. ଶ୍ରୀନିବାସ, ଜା: ତେଲେଙ୍ଗା, ବା: ବଡ଼ମାଳ, ବଲାଙ୍ଗୀର |
| | ମୋଟ | | ୧୭.୦୭୮ | | |

OIPR-24074/14/0015/2526

## ବର୍ଷାରେ ବେହାଲ ଶିଶୁଭବନ

# ଭାଙ୍ଗିପଡ଼ିଲା ଛାତ ପାରାପିଟ୍ସ

### ୧୦ରୁ ଅଧିକ ଗାଡ଼ି କ୍ଷତିଗ୍ରସ୍ତ

- ଲିଫ୍ଟରେ ପଶିଲା ପାଣି, ଭାଙ୍ଗିଲା ସିଲିଂ, କାଜୁଆଲ୍‌ଟି ସମ୍ମୁଖ ଜଳମଗ୍ନ
- ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ସରକାର
- ନିମ୍ନମାନର କାମ ଜଣାପଡ଼ିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ: ଜିଲାପାଳ




ଶିଶୁଭବନ ନୂତନ କୋଠାର ଦ୍ୱିତୀୟ ମହଲା ବାହାର ପାର୍ଶ୍ୱରେ ଥିବା ତାଜାର ପାରାପିଟ୍ସ ଭାଙ୍ଗି ତଳେ ପଡ଼ିଛି।

କଟକ,୨୫।୬(ଶିଲ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ଅନୁଷ୍ଠାନ (ଶିଶୁଭବନ) ପୁଣି ଚର୍ଚ୍ଚାକୁ ଆସିଛି। ବୁଧବାର ଅପରାହ୍ଣରେ ହୋଇଥିବା ବର୍ଷାରେ ଶିଶୁଭବନ ନୂତନ କୋଠାର ଦ୍ୱିତୀୟ ମହଲା ବାହାର ପାର୍ଶ୍ୱରେ ଥିବା ତାଜାର ୫ ଇଞ୍ଚିଆ ପାରାପିଟ୍ସ (କାନ୍ଥ) ଭାଙ୍ଗିପଡ଼ିଛି। ଏହା ଭାଙ୍ଗିପଡ଼ିବାରୁ ତଳେ ଥିବା ରୋଗୀଙ୍କ ସମ୍ପର୍କୀୟ ଓ ମେଡିକାଲ କର୍ମଚାରୀଙ୍କ ପ୍ରାୟ ୧୦ରୁ ଅଧିକ ଗାଡ଼ି ଭାଙ୍ଗି ଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଏଥିସହିତ ନୂତନ କୋଠାରେ ବର୍ଷାଜଳ ନିଷ୍କାସନର ଠିକ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ମେଡିକାଲ ପରିସରରେ ପଶିଥିଲା। ଏପରିକି ଲିଫ୍ଟ ବାଟେ ପାଣି ଆସିବା ସହ ସିଲିଂ ଭାଙ୍ଗି ବର୍ଷା ପାଣି ତଳମହଲାରେ ଥିବା କାଜୁଆଲ୍‌ଟି ସମ୍ମୁଖରେ ଜମିଥିଲା। ଏଭଳି ଘଟଣା ପରେ ମେଡିକାଲ ଅଧୀକ୍ଷକ କିମ୍ବା କୌଣସି ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ନ ଥିଲେ। ଖବର ପାଇ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଘଟଣାସ୍ଥଳରେ ପହଞ୍ଚି ମେଡିକାଲ ପରିସର ବୁଲି ଦେଖିଥିଲେ। ଅଘଟଣ ଘଟିବା ପରେ ମେଡିକାଲ ଅଧୀକ୍ଷକ ଉପସ୍ଥିତ ନ ଥିବା ଘଟଣା ନେଇ ସ୍ୱାସ୍ଥ୍ୟ ସଚିବଙ୍କୁ ଅବଗତ କରାଯାଇଛି। ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲାପାଳ କହିଛନ୍ତି। ପାଣି ନିଷ୍କାସନ ପାଇଁ ଗୋଟିଏ ଇଞ୍ଚର ପାଇପ ବ୍ୟବହାର କରାଯାଇଛି। ଫଳରେ ପାଣି ଠିକ୍ ଭାବେ ନିଷ୍କାସନ ହୋଇ ନ ପାରିବାରୁ ଏଭଳି ଅଘଟଣ ଘଟିଛି। ମେଡିକାଲର ଅନ୍ୟ ପାରାପିଟ୍ସଗୁଡ଼ିକର କାମ ତୁରନ୍ତ କରାଯିବ, ଏଥିପାଇଁ ଇଞ୍ଜିନିୟରିଂ ଟିମ୍ ପହଞ୍ଚିଛନ୍ତି। ସେମାନେ ପାରାପିଟ୍‌ସରେ ଜଳ ନିଷ୍କାସନ ପାଇଁ ହୋଲ୍ କରି ବଡ଼ ପାଇପ ଲଗାଇବେ ବୋଲି ଜିଲାପାଳ କହିଛନ୍ତି। ସେହିପରି ମେଡିକାଲ ଭିତର ପରିସରରେ ସିଲିଂରୁ ପାଣି ବାହାରୁଛି ଏବଂ ଏହାର କାମ କରାଯିବ। ଏହାସହ ଗାଡ଼ି ପାର୍କିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି, ସେଠାରେ ରୋଗୀ ସମ୍ପର୍କୀୟଙ୍କ ଯେପରି ଗାଡି ପାର୍କିଂ କରିବେ ସେଥିପାଇଁ ସୁରକ୍ଷାକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ମେଡିକାଲରେ ଜଳ ନିଷ୍କାସନ ପାଇଁ କାହିଁକି ସରୁ ପାଇପ ବ୍ୟବହାର କରାଯାଇଛି ତାର ଯାଞ୍ଚ କରାଯିବା ସହ ଅନ୍ୟାନ୍ୟ ସମସ୍ତ କାମଗୁଡ଼ିକର ଯାଞ୍ଚ କରାଯିବ। ରାଜ୍ୟ ସରକାର ଏ ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ଏବଂ ଗୁରୁବାର ଉକ୍ତ ଟିମ୍ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିବ। ତଦନ୍ତ ପରେ ନିମ୍ନମାନର କାମ ହୋଇଥିବା ଜଣାପଡ଼ିଲେ ଠିକାଦାର ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଶିନ୍ଦେ କହିଛନ୍ତି। ଘଟଣାସ୍ଥଳ ପରିଦର୍ଶନ କରିବା ପରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ମେଡିକାଲକୁ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି ହେଲେ ଏଠାରେ ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦିଆଯାଉଛି। ଯେଉଁ ଠିକାଦାରଙ୍କୁ କାମ ଦିଆଯାଉଛି ସେମାନଙ୍କ ଯାଞ୍ଚ କରାଯାଉ ନାହିଁ। ପୂର୍ବ ସରକାର ସମୟରେ ଯେଉଁଭଳି ଦୁର୍ନୀତି ହେଉଥିଲା ଠିକ୍ ସେହିପରି ଭାଜପା ସରକାରରେ ମଧ୍ୟ ଚାଲିଛି। ଏଭଳି ଅଘଟଣ କେବଳ ତଦନ୍ତରେ ସୀମିତ ନ ରହୁ ବରଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଧାୟିକା କହିଛନ୍ତି।

ସୂଚନାନୁଯାୟୀ, ଶିଶୁଭବନର ନୂତନ ଜିପ୍ଲସ-୬ କୋଠା ୨୦୨୦ ଫେବୃଆରୀରେ ୧୨୭ କୋଟି ୩୫ ଲକ୍ଷ ୫୦,୫୦୯ ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନ ଲିମିଟେଡ୍(ଓବିସିସି) ଏହାର କାମ କରିଥିଲା। ହେଲେ ନିର୍ମାଣ ଶେଷ ହେବାର ୨ବର୍ଷ ଯାଏ ଏହା କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ଏଥିରେ ହାଇକୋର୍ଟ ହସ୍ତକ୍ଷେପ କରିଥିଲେ। ପରେ କୋଠା କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଥିଲା। ଏହି ନୂତନ କୋଠା ଚଳିତବର୍ଷ ଫେବୃଆରୀ ୧୫ରେ କାର୍ଯ୍ୟକାରୀ ହୋଇଥିଲା।

## ଆଜି ରଥକୁ ଆଜ୍ଞାମାଳ ବିଜେ

### ଖଳାରୁ ଶ୍ରୀମନ୍ଦିର ସମ୍ମୁଖକୁ ଟଣାଯିବ ୩ ରଥ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶୁକ୍ରବାର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ତେଣୁ ପରମ୍ପରା ଅନୁଯାୟୀ,ଗୁରୁବାର ପ୍ରତିପଦା ତିଥିରେ ରଥଖଳାରୁ ଶ୍ରୀମନ୍ଦିର ନିକଟକୁ ତିନିରଥ ଟଣାଯିବ। ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ଆଣି ଘଣ୍ଟା, ଛତା, କାହାଳୀ ସହ ରଥଖଳା ନିକଟକୁ ବିଜେ କରିବେ। ପରମ୍ପରା ଅନୁଯାୟୀ, ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଆଜ୍ଞାମାଳ ପ୍ରଦାନ କରାଯିବ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଆଜ୍ଞାମାଳ ଦିଆଯିବ। ପରେ ଭୋଇ ସେବକମାନେ ତେଲ ଦେଇ ରଥରେ ଦଉଡ଼ି ସଂଯୋଗ କରିବେ। ତାଳଧ୍ୱଜ ରଥରେ ବିଜେ କାହାଳୀ ବାଜିବା ପରେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିର ନିକଟକୁ ତିନିରଥ ଟଣାଯିବ। ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଏବଂ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଯିବ।



ପୁରୀ: ୩ ରଥରେ ଗୁରୁବାର କପଡ଼ା ପକାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ବଜ୍ରପାତରେ ୨ ବ୍ୟବସାୟୀ ଗୁରୁତର

ବାରଙ୍ଗ,୨୫।୬(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ-ବାଙ୍କୀ ମୁଖ୍ୟ ରାସ୍ତାର ପାଟପୁର ଗାଁରେ ବଜ୍ରପାତ ଘଟି ୨ ଜଣ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କଟକ ବାଦାମବାଡ଼ି ଅଞ୍ଚଳର ଦୀପ୍ତିରଞ୍ଜନ ଦାସ ଏବଂ ଜିତନ ମାହାର। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ଚିକିତ୍ସା ପାଇଁ କଟକ ମେଡିକାଲକୁ ପଠାଇଛନ୍ତି।

ପ୍ରକାଶ ଯେ, ସବୁଦିନ ଭଳି ବୁଧବାର ଅପରାହ୍ଣରେ ପାଟପୁର ଗାଁ ନିକଟରେ ଦୀପ୍ତିରଞ୍ଜନ ଏବଂ ଜିତନ ରାସ୍ତାକଡ଼ରେ ଲୁଗା ବ୍ୟବସାୟ କରୁଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ୨ ଜଣ ଗୁରୁତର ଆହତ ହୋଇଥିଲେ। ବଜ୍ରପାତରେ ତାଙ୍କ ବଡ଼ଛତା ଏବଂ ଲୁଗାପଟାକୁ ଘୋଡ଼ାଇ ରଖିଥିବା ଜରିପାଲ ମଧ୍ୟ ଜଳିଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି।

## ଚିକିତ୍ସାଧୀନ ଛୁଆ ହାତୀ ମୃତ

ବଡ଼ମ୍ବା, ୨୫।୬(ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବାର ଡାହାଣୀଖଳି ମନ୍ଦିର ନିକଟରେ ଏକ ଅସୁସ୍ଥ ଛୁଆ ହାତୀକୁ ମଙ୍ଗଳବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବଡ଼ମ୍ବା ବନ ବିଭାଗ କର୍ମଚାରୀ ପହଞ୍ଚି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଚିକିତ୍ସା କରାଇଥିଲେ। ଏପରିକି ହାତୀର ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ତେବେ ହାତୀଟିର ବୁଧବାର ଭୋରୁ ମୃତ୍ୟୁ ହୋଇଛି। ପରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ସଦର ଫରେଷ୍ଟର ଶୁଭେନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ହର୍ପିସ ଓ ନିମୋନିଆ ଯୋଗୁ ଉକ୍ତ ହାତୀଟିର ମୃତ୍ୟୁ ହୋଇଛି ବୋଲି ପରୀକ୍ଷା ରିପୋର୍ଟରୁ ଜଣାପଡିଛି ବୋଲି ସେ କହିଛନ୍ତି। ଏଠାରେ ହାତୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ କର୍ମଚାରୀ ନିୟୋଜିତ ହୋଇଛନ୍ତି। ତେବେ ଉକ୍ତ ହାତୀ କେବେଠାରୁ ଅସୁସ୍ଥ ଥିଲା, ତାହା ବନ ବିଭାଗ କିପରି ଜାଣିପାରିଲା ନାହିଁ। ହୁଏତ କିଛିଦିନ ପୂର୍ବରୁ ଚିକିତ୍ସା କରାଯାଇଥିଲେ ହାତୀଟି ସୁସ୍ଥ ହୋଇପାରି ଥାଆନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଉମର ଅଲ୍ଲୀ



@ ଜୁଲି



@ ବର୍ଷା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ଥର ବୋର୍ଡ ପରୀକ୍ଷା, ଶିକ୍ଷାକ୍ଷେତ୍ରରେ ବଡ଼ ପରିବର୍ତ୍ତନ

**ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷା ୨୦୨୬ରୁ ବର୍ଷକୁ ଦୁଇଥର ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀରେ ଏବଂ ଦ୍ୱିତୀୟ ପରୀକ୍ଷା ମେ'ରେ କରାଯିବ। ପ୍ରଥମ ପରୀକ୍ଷା ବାଧ୍ୟତାମୂଳକ ଥିବାବେଳେ ଦ୍ୱିତୀୟଟି ଇଚ୍ଛାଧୀନ ରହିଛି। ତେବେ ବୁଧବାର ସିବିଏସ୍ଇ ପକ୍ଷରୁ ଏନେଇ ଘୋଷଣା କରାଯିବା ପରେ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଶିକ୍ଷା କ୍ଷେତ୍ରରେ ଦୀର୍ଘବର୍ଷର ଧାରାରେ ବଡ଼ ପରିବର୍ତ୍ତନ ଆସୁଥିବାରୁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମତକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା**

-ରିପୋର୍ଟ: ସୁଚିସ୍ମିତା ସାହୁ, ଭୁବନେଶ୍ୱର

### ସୁରକ୍ଷିତ ପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ



ବର୍ଷକୁ ଦୁଇଥର ସିବିଏସ୍ଇ ଦଶମ ପରୀକ୍ଷା ହେଲେ ପିଲାଙ୍କୁ ସୁବିଧା ହେବ। ପ୍ରଥମ ପରୀକ୍ଷାରେ ଯଦି ପିଲାମାନେ ଭଲ ପ୍ରଦର୍ଶନ ନ କରିଥିବେ, ଦ୍ୱିତୀୟଥର ପରୀକ୍ଷା ଦେବାକୁ ସୁଯୋଗ ପାଇପାରିବେ। ସିବିଏସ୍ଇର ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ମେ' ମାସରେ ଓଡିଶାରେ ପ୍ରବଳ ଗରମ ଅନୁଭୂତ ହୋଇଥାଏ। ସେଥିପାଇଁ ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ଥାଏ। ଏହି ସମୟରେ ପିଲାମାନେ ସୁରକ୍ଷିତ ଭାବେ ବସି ପରୀକ୍ଷା ଦେଇପାରିବେ କି ନାହିଁ ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପିଲାମାନେ ଯେପରି ସୁରକ୍ଷିତ ଭାବେ ପରୀକ୍ଷା ଦେଇପାରିବେ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଦରକାର।

-ସନ୍ଧ୍ୟା ଜେନା, ପ୍ରିନ୍ସିପାଲ, ବିଜେଇଏମ୍ ସ୍କୁଲ

### ୨ ଥର ପରୀକ୍ଷା କରିବାର ଆବଶ୍ୟକତା ନ ଥିଲା



ସିବିଏସ୍ଇର ଦୁଇଥର ଦଶମ ପରୀକ୍ଷାକୁ ବିରୋଧ କରାଯାଉଛି। ଏନ୍ଇପିରେ ଦଶମ ପରୀକ୍ଷା ପରିବର୍ତ୍ତେ ଦ୍ୱାଦଶ ପରୀକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ତେଣୁ ଦଶମରେ ଦୁଇଥର ପରୀକ୍ଷା କରିବାର ଆବଶ୍ୟକତା ନ ଥିଲା। ଅଭିଭାବକମାନେ ପିଲାଙ୍କୁ ଦୁଇଟି ପରୀକ୍ଷା ଦେବାକୁ ବାଧ କରିବେ। ଦୁଇଟି ପରୀକ୍ଷା ଦେବା ଦ୍ୱାରା ପିଲାଙ୍କ ମାନସିକ ଚାପ ବଢ଼ିବା ଆଶଙ୍କା ରହିଛି।

-ବାସୁଦେବ ଭଟ୍ଟ, ସଭାପତି, ଅଭିଭାବକ ମହାସଂଘ

### ଛାତ୍ରୀଛାତ୍ରଙ୍କ ପାଇଁ ଭଲ ସୁଯୋଗ



ସିବିଏସ୍ଇ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଭଲ ସୁଯୋଗ। ପିଲାମାନେ ପ୍ରଥମଥର ପରୀକ୍ଷାରେ ହିଁ ପରୀକ୍ଷା ଶୈଳୀ, ପ୍ରଶ୍ନପତ୍ରଗୁଡ଼ିକୁ ବୁଝିପାରିବେ। ଏହା ଦ୍ୱାରା ଦ୍ୱିତୀୟ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ପାଇଁ ଚେଷ୍ଟା କରିପାରିବେ। ହେଲେ ସିବିଏସ୍ଇ ପକ୍ଷରୁ ଦୁଇଟି ପରୀକ୍ଷାକୁ ଉତ୍ତମ ଭାବେ ପରିଚାଳନା କରିବାକୁ ପଡିବ। ଦୁଇଥର ପରୀକ୍ଷା ପାଇଁ ପ୍ରଶ୍ନପତ୍ର ତିଆରି କରିବା, ଉତ୍ତରଖାତା ଦେଖାରେ ଶିକ୍ଷକମାନେ ନିୟୋଜିତ ହେଲେ ଯେପରି ଅନ୍ୟ ପିଲାଙ୍କ ପାଠପଢ଼ାରେ କୌଣସି କ୍ଷତି ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ।

-ଶରତ କର, ଶିକ୍ଷାବିତ୍

### ପିଲାମାନେ ଚାପମୁକ୍ତ ଭାବେ ପରୀକ୍ଷା ଦେଇପାରିବେ



ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷା ଦୁଇଥର ହେଲେ ପିଲାମାନେ ପରୀକ୍ଷାରେ ଭଲ କରିପାରିବେ। ପ୍ରଥମ ପରୀକ୍ଷାରେ ପିଲାମାନେ ଚାପଗ୍ରସ୍ତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ଏବେ ଯଦି କୌଣସି ବିଷୟରେ କମ୍ ମାର୍କ ରହିଲା, ତେବେ ସେହି ବିଷୟରେ ହିଁ ଆଉ ଥରେ ପରୀକ୍ଷା ଦେଇପାରିବେ। ପିଲାମାନେ ଏବେ ଚାପମୁକ୍ତ ଭାବେ ପରୀକ୍ଷା ଦେଇପାରିବେ। ନିଜ ଆଶା ଅନୁସାରେ ମାର୍କ ରହିବାର ସୁଯୋଗ ପାଇପାରିବେ।

-ଅଭିଲିପ୍ସା ବେହେରା, ଦଶମ ଶ୍ରେଣୀ ଛାତ୍ରୀ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ

### ସମସ୍ତେ ସ୍ୱାଗତ କରିବା ଦରକାର



ମେଧାବୀ ଛାତ୍ରୀଛାତ୍ର ପରୀକ୍ଷାରେ ଖରାପ କରିଦେଲେ ମାନସିକ ଚାପରେ ରୁହନ୍ତି। ଏପରିକି କିଛି ପିଲାମାନେ ମଧ୍ୟ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନିଅନ୍ତି। ଏଭଳି ପରିସ୍ଥିତିକୁ ରୋକିବା ପାଇଁ ସିବିଏସ୍ଇ ପକ୍ଷରୁ ଦୁଇଥର ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଗୋଟିଏ ପରୀକ୍ଷା ଖରାପ ହେଲେ ଛାତ୍ରୀଛାତ୍ରମାନେ ଆଉଥରେ ପରୀକ୍ଷା ଦେଇ ତାକୁ ସୁଧାରି ପାରିବେ। ଉତ୍ତମ ପ୍ରଦର୍ଶନ କରିପାରିବେ। ପିଲାମାନେ ଚାପମୁକ୍ତ ହୋଇ ପରୀକ୍ଷା ଦେଇପାରିବେ। ଏହାକୁ ଶିକ୍ଷାବିତ, ଅଭିଭାବକ ଏବଂ ଛାତ୍ରୀଛାତ୍ର ସମସ୍ତେ ସ୍ୱାଗତ କରିବା ଦରକାର।

-ପ୍ରଫେସର କମଳା ପ୍ରସାଦ ମହାପାତ୍ର, ଶିକ୍ଷାବିତ୍

## ଅଭିନେତା ନାରାୟଣ ପତିଙ୍କ ପରଲୋକ

### କଳାକାର ଚୟନ କରୁଥିବାବେଳେ ହୃଦ୍‌ଘାତର ଶିକାର

ଭୁବନେଶ୍ୱର, ୨୫।୬ (ସୌମ୍ୟରଞ୍ଜନ ରାଉତ)



ସିନେ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି(୭୨)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ସାହିତ୍ୟକୃତି 'ଡାକମୁନସୀ' ଉପରେ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସିନେମାର କଳାକାର ଚୟନ ଚାଲିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଥିଲା। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସେ ଆଖିବୁଜିଛନ୍ତି। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଯାଜପୁରସ୍ଥିତ ପ୍ରୀତିପୁରଠାରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ପତି ଜାତୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି) ଦିଲ୍ଲୀରୁ ସ୍ନାତକ କରିଥିଲେ। ୧୯୭୧ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା। ୧୯୭୯ରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ସମର ସଲିମ ସାଇମନ'ରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। ବିଶେଷକରି ଏହି ସିନେମାର ଟାଇଟଲ୍ ଗୀତ ପାଇଁ ସେ ବେଶ୍ ପ୍ରଶଂସା ସାଉଁଟି ଥିଲେ। ପରେ ୧୯୯୪ରେ ବସନ୍ତ ନାୟକଙ୍କ ପ୍ରଯୋଜିତ ତଥା ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ 'ଲକ୍ଷେ ଶିବ ପୂଜି ପାଇଛି ପୁଅ' ଏବଂ 'ବାଟ ଅବାଟ' ଭଳି ସିନେମାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। ଏଥିସହିତ ସେ ହିନ୍ଦୀ ସିନେମା 'ଦୟାବାନ୍'ରେ ମଧ୍ୟ ନିଜ ଅଭିନୟର ଯାଦୁ ଦେଖାଇଥିଲେ। ଅଭିନୟ ଜଗତରେ ତାଙ୍କର ଗଭୀରତା, ଭିନ୍ନଭିନ୍ନ ଭୂମିକାରେ ନିପୁଣତା ଓ ନୈପୁଣ୍ୟ ପାଇଁ ସେ ବିଶେଷଭାବେ ପରିଚିତ ଥିଲେ। ତାଙ୍କର ଶେଷ ଚଳଚ୍ଚିତ୍ର ଥିଲା 'ବୋଉର ହାତ ବାକ୍ସ'। ଆରତୀ ପାଟଯୋଶୀ ଏହାର କାହାଣୀ ଲେଖିଥିବାବେଳେ ସ୍ୱର୍ଗତ ପତି ନିଜେ ଚିତ୍ରନାଟ୍ୟ ରଚନା ସାଙ୍ଗକୁ ନିର୍ଦ୍ଦେଶନା ଦେବା ସହ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

ଓଡ଼ିଆ ସାହିତ୍ୟର ଜଣେ ସଚ୍ଚା ପାଠକ ଭାବେ ସେ ସବୁବେଳେ ନିଜର ଫିଲ୍ମ ପାଇଁ ମୌଳିକ ଓଡ଼ିଆ କାହାଣୀ ସନ୍ଧାନ କରୁଥିଲେ। ତେବେ ବ୍ୟାସକବିଙ୍କ କାଳଜୟୀ ସାହିତ୍ୟକୃତି 'ଡାକମୁନସୀ' ଉପରେ ସିନେମା ନିର୍ମାଣ କରିବା ପୂର୍ବରୁ ତାଙ୍କର ଏପରି ଦେହାନ୍ତ ସମଗ୍ର ଓଡ଼ିଆ ସିନେମା ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଶେଷ ଦର୍ଶନ କରିବାକୁ ଭୁବନେଶ୍ୱର କୋରଡକଣ୍ଟାସ୍ଥିତ ତାଙ୍କ ବାସଭବନରେ ବହୁ ସିନେତାରକା, ରାଜନେତାଙ୍କ ସହ ବହୁ ବ୍ୟକ୍ତି ବିଶେଷଙ୍କ ଭିଡ ଲାଗିଥିଲା।

# ଜିଓରେ ନିବେଶ ମୋ ଜୀବନର ସବୁଠାରୁ ବଡ଼ ରିସ୍କ ଥିଲା: ମୁକେଶ

**ମୁମ୍ବାଇ,୨୫।୬ (ଅଭୟ ଦାଶ)**


ମୁକେଶ ଅମ୍ବାନୀ

ବର୍ତ୍ତମାନ ଭାରତ ୫ଜିରୁ ୬ଜି ଆଡ଼କୁ ଅଗ୍ରସର ହେଉଛି। ଏପରିକି ଦେଶର ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓ ମଧ୍ୟ କିଛି ନୂଆ କରିବ ବୋଲି ସାରା ବିଶ୍ୱ ଅପେକ୍ଷା କରିଛି। ସେହିଭଳି ଜିଓର ଇନ୍-ହାଉସ୍ ୫ଜି ପ୍ରଯୁକ୍ତି ବିଶ୍ୱର ସର୍ବୋତ୍ତମ ପ୍ରଯୁକ୍ତି ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ଏ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କହିଛନ୍ତି, ଟେଲିକମ୍ କ୍ଷେତ୍ରରେ ରିଲାଏନ୍ସ ଜିଓ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ସୁଦ୍ଧା ଜିଓରେ ବିପୁଳ ନିବେଶ କରିବା ତାଙ୍କ କ୍ୟାରିୟରର 'ସବୁଠାରୁ ବଡ଼ ରିସ୍କ' ଥିଲା। ସେତେବେଳେ ଅନେକ ବିଶ୍ଳେଷକ ଏହାର ସଫଳତା ବିଷୟରେ ସନ୍ଦେହ କରୁଥିଲେ। ଏପରିକି ସେମାନେ କହିଥିଲେ, ଭାରତ ଏପରି ଉନ୍ନତ ଡିଜିଟାଲ ପ୍ରଯୁକ୍ତି ପାଇଁ ପ୍ରସ୍ତୁତ ନୁହେଁ। ଏ ନେଇ ମୁକେଶ କହିଥିଲେ, ଯଦିଓ କୌଣସି କାରଣରୁ ଜିଓରେ ନିବେଶ ଆଶାନୁରୂପ ଲାଭ ଦେଇପାରିବ ନାହିଁ, ତଥାପି ଏହା ଭାରତକୁ ଡିଜିଟାଲ କରିବା ଦିଗରେ ଏକ ବଡ଼ ପଦକ୍ଷେପ ଭାବେ ବିବେଚନା କରାଯିବ। ନିକଟରେ ମ୍ୟାକିନ୍ସେ ଆଣ୍ଡ କୋ(କମ୍ପାନୀ)କୁ ଦେଇଥିବା ଏକ ସାକ୍ଷାତକାରରେ ଅମ୍ବାନୀ ବିସ୍ତୃତ ଭାବେ ଏହା ପ୍ରକାଶ କରିଛନ୍ତି। ସେହିପରି ରିଲାଏନ୍ସ ଜିଓରେ ନିବେଶ କରିବାର ନିଷ୍ପତ୍ତି ସହଜ ନ ଥିଲା। ସେତେବେଳେ ଆମେ ଆମର ନିଜସ୍ୱ ଟଙ୍କା ବିନିଯୋଗ କରୁଥିଲୁ ଏବଂ ମୁଁ ନିଜେ ଅଧିକାଂଶ ଶେୟାର ଧାରକ ଥିଲି। ଏପରିକି ଜିଓରେ ନିବେଶ ପାଇଁ ଆମେ ବହୁ ରିସ୍କ ନେଇଥିଲୁ। କାରଣ ବ୍ୟାପକତା ବା ସ୍କେଲ୍ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ଲକ୍ଷ୍ୟ ମଧ୍ୟ ବହୁତ ଉଚ୍ଚ ଥିଲା। ୫ଜି ପ୍ରଯୁକ୍ତି ସମ୍ପର୍କରେ ମୁକେଶ ଅମ୍ବାନୀ କହିଥିଲେ, ଜିଓର ୫ଜି ପ୍ରଯୁକ୍ତିର ସମ୍ପୂର୍ଣ୍ଣ ଭିତ୍ତିଭୂମି ପୂର୍ଣ୍ଣ ଭାବେ ଇନ୍ ହାଉସ ବା କମ୍ପାନୀ ମଧ୍ୟରେ ବିକଶିତ ହୋଇଛି। ଆମେ ପ୍ରତ୍ୟେକ ଉପାଦାନ-କୋର ହାର୍ଡୱେର, ସଫ୍ଟୱେର୍ ନିଜେ ପ୍ରସ୍ତୁତ କରିଛୁ। ଆମେ କେବଳ ୨୦% ଭାଗରେ ଏରିକସନ ଏବଂ ନୋକିଆକୁ ସାମିଲ କରିଥିଲୁ, ଯାହା ଦ୍ୱାରା ଆମେ ଆମର ନିଜର ସିଷ୍ଟମ ବା ବ୍ୟବସ୍ଥାକୁ ବିଶ୍ୱ ମାନଦଣ୍ଡରେ ପରୀକ୍ଷା କରିପାରିବା। ମୁଁ ମୋ ଟିମ୍‌କୁ କହିଥିଲି, ତୁମକୁ ସେମାନଙ୍କଠାରୁ ଭଲ ହେବାକୁ ପଡିବ ଏବଂ ସେମାନେ ଏହା କରି ଦେଖାଇଲେ। ଆଜି ଆମେ ପ୍ରକୃତରେ ସେମାନଙ୍କଠାରୁ ଭଲ କରିଛୁ ବା ଭଲରେ ରହିଛୁ। ଭବିଷ୍ୟତ ଯୋଜନା ବିଷୟରେ ମୁକେଶ ଅମ୍ବାନୀ କହିଥିଲେ, ମୁଁ ସବୁବେଳେ କହୁଥିଲି, ଆମକୁ ଟେକ୍ନୋଲୋଜି ବା ପ୍ରଯୁକ୍ତିର କେବଳ ବ୍ୟବହାରକାରୀ ନୁହେଁ, ଆମକୁ ପ୍ରଯୁକ୍ତିର ମାଲିକ ହେବାକୁ ପଡିବ। ରିଲାଏନ୍ସ ଆଜି ଏକ ଡିପ୍ ଟେକ ଏବଂ ଆଡ୍‌ଭାନ୍ସଡ ମାନୁଫାକଚରିଂ କମ୍ପାନୀ ହେବା ଆଡ଼କୁ ଗତି କରୁଛି। ବିଶେଷକରି ଦୂରସଞ୍ଚାର କ୍ଷେତ୍ର ସହ ଆମେ ଏହାର ଆରମ୍ଭ କରିଛୁ। ପରିଶେଷରେ ନିଜ ପିତା ଧୀରୁଭାଇ ଅମ୍ବାନୀଙ୍କୁ ମନେପକାଇ ସେ କହିଥିଲେ, ମୋ ବାପା କହୁଥିଲେ, ରିଲାଏନ୍ସ ଏକ ପ୍ରକ୍ରିୟା, ଏକ ସଂସ୍ଥା ଯାହା ଆମ ପରେ ମଧ୍ୟ ଜାରି ରହିବା ଉଚିତ। ମୁଁ ଚାହେଁ ଯେ ରିଲାଏନ୍ସ ଆମ ପରେ ମଧ୍ୟ ବଞ୍ଚିରହୁ। ରିଲାଏନ୍ସ ୨୦୨୭ ରେ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବ, ମୋର ସ୍ୱପ୍ନ ହେଉଛି ଯେ ରିଲାଏନ୍ସ ୧୦୦ବର୍ଷ ଭାରତ ଏବଂ ମାନବତାର ସେବା କରିଚାଲିବ।

# ଉପଭୋକ୍ତାଙ୍କ ଆବଶ୍ୟକତାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୫।୬**

ରିପବ୍ଲିକ୍ ଅଫ୍ ଗେମର୍ସ (ରଗ୍)ର ନିର୍ମାତା ଓ ଭାରତର ଏକ ନମ୍ବର ଗେମିଂ ବ୍ରାଣ୍ଡ ଆସସ୍ ଇଣ୍ଡିଆ ପକ୍ଷରୁ ଗେମିଂ ଶୃଙ୍ଖଳାକୁ ବିସ୍ତାର କରାଯାଇଛି। ଏପରିକି ଏନ୍‌ଭିଡିଆ ଜିଫୋର୍ସ ଆର୍‌ଟିଏକ୍ସଟିଏମ୍ ୫୦୫୦ ଗ୍ରାଫିକ୍ସ ଦ୍ୱାରା ପରିଚାଳିତ ନୂଆ ଟିୟୁଭି ଗେମିଂ ଏଫ୍୧୬ ଓ ରଗ୍ ଷ୍ଟ୍ରିକ୍ସ ଜି୧୬ର ଶୁଭାରମ୍ଭ ହୋଇଛି। ଏହାବ୍ୟତୀତ ଆସସ୍ ରଗ୍ ଏହାର ବିଦ୍ୟମାନ ୨୦୨୪ ରଗ୍ ଷ୍ଟ୍ରିକ୍ସ ଜି୧୬ (ଜି୬୧୪) ଶୃଙ୍ଖଳାକୁ ନୂଆ ଆର୍‌ଟିଏକ୍ସଟିଏମ୍ ୫୦୫୦ ଜିପିୟୁ ସହ ସୁସଜ୍ଜିତକରି ଅପ୍‌ଗ୍ରେଡ୍ କରିଛି। ଏ ସମ୍ପର୍କରେ ଆସସ୍ ଇଣ୍ଡିଆର ଭିପି (କଞ୍ଜ୍ୟୁମର ଆଣ୍ଡ ଗେମିଂ ପିସି ବିଭାଗ) ଆର୍ନୋଲ୍ଡ ସୁ କହିଛନ୍ତି, ଆମେ ପ୍ରତିଯୋଗୀପୂର୍ଣ୍ଣ ଗେମରଙ୍କଠାରୁ ଆରମ୍ଭକରି ସାଧାରଣ କ୍ରିଏଟରଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଧରଣର ଉପଭୋକ୍ତାଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେବା ବା ପୂରଣ କରିବା ପାଇଁ ଆମର ଗେମିଂ ଶୃଙ୍ଖଳାକୁ ସମ୍ପ୍ରସାରିତ ଓ ବିକଶିତ କରିବା ପାଇଁ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛୁ।


**INVITATIONS FOR BIDS (IFB)**
**ODISHA STATE CASHEW DEVELOPMENT CORPORATION LIMITED, KAJU BHAWAN, GHATIKIA, BHUBANESWAR**
E-Mail : contact@oscdc.com

No.CAD-902

**e-Procurement Notice**
**Bid Identification Number - OSCDC-03 of 2025-26**

Tender Call Notice No. : 1845 Date : 25.06.2025

| | | |
|---|---|---|
| Name of the work | : | 1. Costruction of 11Kv line, LT Line and installation of 1 x 25 KVA 11/0.4KV S/S for 3Phase power supply at Kathagada nursery Ganjam, Huma under Khordha Division. |
| Total No. of Projects | : | 1 (One) number |
| Estimated cost of projects | : | Varies from Rs.5.74 lakhs (Excluding GST) |
| Class of contractor | : | Electrical (HT) |
| Period of Completion | : | As per TCN |

Other details

| Procurement Officer | Bid Identification Number | Availability of Tender online for bidding | | Submission of Original Documents | Date & Place of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD. BHUBANESWAR | OSCDC - 03 of 2025-26 | 25.06.2025 from 11.00 A.M. | 07.07.2025 up to 5.00 P.M. | During office hours of working days from dt.26.06.2025 from 11.00 A.M. to 08.07.2025 upto 05.00 P.M. in the Office of Executive Engineer, OSCDC, Kaju Bhawan, Bhubaneswar, 751029 (To be dropped in the sealed Box) | Dt.09.07.2025 at 11.30 A.M. in the conference hall OSCDC, Kaju Bhawan, Bhubaneswar - 751029 |

Further details can be seen from the website www.tendersodisha.gov.in

OIPR-01049/11/0037/2526 Sd./- Managing Director


# ୩ ବିଶ୍ୱବିଦ୍ୟାଳୟ ସହ ପତଞ୍ଜଳି ସମୂହର ଚୁକ୍ତି


ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ବିଶ୍ୱବିଦ୍ୟାଳୟଗୁଡିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୫।୬**

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ସମୂହ ( ପତଞ୍ଜଳି ବିଶ୍ୱବିଦ୍ୟାଳୟ ଏବଂ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ) ଏବଂ ଦେଶର ୩ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ବିଶେଷକରି ଶିକ୍ଷା, ଔଷଧ , ଯୋଗ, ଆୟୁର୍ବେଦ, ଦକ୍ଷତା ବିକାଶ, ଭାରତୀୟ ଜ୍ଞାନ ଓ ପରମ୍ପରା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପାରସ୍ପରିକ ସହଯୋଗ ପାଇଁ ଏହି ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଭିସି ଡ. ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ସମେତ ମଧ୍ୟପ୍ରଦେଶର ଛିନ୍ଦୱାଡ଼ାର ରାଜା ଶଙ୍କର ଶାହ ବିଶ୍ୱବିଦ୍ୟାଳୟର ଭିସି ପ୍ରଫେସର ଇନ୍ଦ୍ର ପ୍ରସାଦ ତ୍ରିପାଠୀ, ଛତିଶଗଡର ଦୁର୍ଗ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟର ଭିସି ଡ. ସଞ୍ଜୟ ତିୱାରୀ ଏବଂ ମଧ୍ୟପ୍ରଦେଶର ଚିତ୍ରକୂଟ ମହାତ୍ମା ଗାନ୍ଧୀ ଚିତ୍ରକୂଟ ଗ୍ରାମୋଦୟ ବିଶ୍ୱବିଦ୍ୟାଳୟର ଭିସି ପ୍ରଫେସର ଭାରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଭିସି ଡ. ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ଦେଶର ୩ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ବୁଝାମଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ପତଞ୍ଜଳି ଦ୍ୱାରା କରାଯାଉଥିବା ଇତିହାସ ଲେଖା, ଉଦ୍ଭିଦ ବିଜ୍ଞାନ ଲେଖା, ନିଦାନ ପୁସ୍ତକ, ବିଶ୍ୱ ଭେଷଜ ସଂହିତା ଏବଂ ଅନ୍ୟାନ୍ୟ ଶାସ୍ତ୍ର ବିଷୟରେ ଆଚାର୍ଯ୍ୟ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ।

# ଜେନ୍ ଏଆଇ କ୍ଷେତ୍ରରେ ନିବେଶ

**ଭୁବନେଶ୍ୱର,୨୫।୬**

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ସବୁ କ୍ଷେତ୍ର ଡିଜିଟାଲ ଓ ସ୍ମାର୍ଟ ଟେକ୍ନୋଲୋଜିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି କମ୍ ସମୟରେ ଅଧିକ କାର୍ଯ୍ୟ ହାସଲ ପାଇଁ ସବୁ ବର୍ଗର ଉପଭୋକ୍ତ ଜେନେରେଟିଭ ଏଆଇ (ଜେନ୍ ଏଆଇ) କ୍ଷେତ୍ରରେ ନିବେଶ/କାର୍ଯ୍ୟଧାରାକୁ ପସନ୍ଦ ସହିତ ନିବେଶ ମଧ୍ୟ କରୁଛନ୍ତି। ସେହିଭଳି ଭାରତରେ ମଧ୍ୟ ଜେନେରେଟିଭ ଏଆଇ (ଜେନ୍ ଏଆଇ)ର ଗ୍ରହଣୀୟତା କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ପକ୍ଷରୁ କରାଯାଇଥିବା ଏକ ସର୍ଭେ ଓ ଷ୍ଟଡିରୁ ଜଣାପଡିଛି। ବିଶେଷକରି ଆକ୍‌ସେସ୍ ପାର୍ଟନରଶିପ ସହଭାଗିତାରେ ପରିଚାଳନା କରାଯାଇଥିବା ଏକ ଅଧ୍ୟୟନର ଫଳାଫଳରୁ ଏହି ତଥ୍ୟ ପ୍ରକାଶ ହୋଇଥିବା ଜଣାପଡ଼ିଛି। ଏହା ମଧ୍ୟରୁ ଏକ ଶୀର୍ଷ ନିଷ୍କର୍ଷ ହେଉଛି, ଭାରତର ୮୩% ସଂସ୍ଥା ଜେନ୍ ଏଆଇର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ଓ କାର୍ଯ୍ୟାନ୍ୱୟନ ଜଟିଳତାକୁ ପରିଚାଳନା କରିବା ପାଇଁ ଜଣେ ଉତ୍ସର୍ଗୀକୃତ ଏଆଇ ଏକ୍‌ଜିକ୍ୟୁଟିଭ ବା ଚିଫ୍ ଏଆଇ ଅଫିସର (ସିଏଆଇଓ)ଙ୍କୁ ନିଯୁକ୍ତ କରୁଛନ୍ତି। ଏପରିକି ୨୦୨୬ ସୁଦ୍ଧା ଏଭଳି କରିବାକୁ ଅନ୍ୟ ୧୫% ସଂସ୍ଥା ଯୋଜନା ରଖିଛନ୍ତି। ଅପରପକ୍ଷରେ 'ଜେନେରେଟିଭ ଏଆଇ ଆଡପ୍ସନ ଇଣ୍ଡେକ୍ସ' ନାମକ ଏହି ରିସର୍ଚ୍ଚ ଷ୍ଟଡି, ଜେନ୍ ଏଆଇର ପରୀକ୍ଷଣରୁ ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ସଫଳତାର ସହ ସ୍ଥାନାନ୍ତର ହୋଇଥିବା ସଂସ୍ଥାଗୁଡିକର ଶୈଳୀ ଓ ତଥ୍ୟକୁ ସୂଚିତ କରିଛି, ଯାହା ବ୍ୟବସାୟ ମୂଲ୍ୟକୁ ବୃଦ୍ଧିକରିବା ପାଇଁ କାର୍ଯ୍ୟକ୍ଷମ ରଣନୀତିଗୁଡିକୁ ଉନ୍ମୋଚନ କରୁଛି।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୨୫।୬**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୦୦ (୭୦୦.୪୦) ପଏଣ୍ଟ ବୃଦ୍ଧିଘଟି ୮୨,୭୫୫ (୮୨,୭୫୫.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୦୦ (୨୦୦.୪୦) ପଏଣ୍ଟ ବଢି ୨୫,୨୪୫ (୨୫,୨୪୪.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବଜାଜ୍ ଚେତକ ୩୦୦୧ର ଅନାବରଣ

**ଭୁବନେଶ୍ୱର,୨୫।୬**



ବଜାଜ୍ ଅଟୋ ଲିମିଟେଡ୍‌ର ପ୍ରମୁଖ ସ୍କୁଟର ବ୍ରାଣ୍ଡ ତଥା ଦୁଇ ଚକିଆ ବୈଦ୍ୟୁତିକ ଯାନ (ଇଭି) 'ନ୍ୟୁ ବଜାଜ୍ ଚେତକ ୩୦୦୧'ର ଅନାବରଣ ବୁଧବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହାର ଲୋକପ୍ରିୟ ମଡେଲ 'ଚେତକ ୨୯୦୩'ର ଏକ ଅପ୍‌ଗ୍ରେଡ୍ ମଡେଲ ଏବଂ ଅତ୍ୟନ୍ତ ସଫଳ ଚେତକ ୩୫ ସିରିଜ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଅତ୍ୟାଧୁନିକ ଇଭି ପ୍ଲାଟ୍‌ଫର୍ମ ବ୍ୟବହାର କରାଯାଇଥିବା ଏହି ମଡେଲରେ ଫ୍ଲୋରବୋର୍ଡ-ମାଉଣ୍ଟେଡ ୩.୦କିଲୋୱାଟ ବ୍ୟାଟେରି ମଧ୍ୟ ସାମିଲ ରହିଛି,ଯାହା ଅଧିକ ଷ୍ଟୋରେଜ ସ୍ପେସ୍ ଏବଂ ରେଞ୍ଜ ବୃଦ୍ଧିକାରୀ ପ୍ରଯୁକ୍ତିବିଦ୍ୟା ସହ ଅଧିକ ଅଭିଜ୍ଞ ଭାବେ ଗାଡ଼ି ଚଳାଇବାର ଅନୁଭୂତି ପ୍ରଦାନ କରିଥାଏ। ସେହିପରି ନ୍ୟୁ ବଜାଜ୍ ଚେତକ ୩୦୦୧ ଏକ ନୂତନ ପ୍ଲାଟ୍‌ଫର୍ମରେ ନିର୍ମିତ ଏବଂ ବାସ୍ତବ ଜୀବନର ଅନୁଭୂତି ପାଇଁ ପ୍ରସ୍ତୁତ ହୋଇଛି। ଯେଉଁଥିରେ ନୂତନ ଫ୍ଲୋରବୋର୍ଡ ବ୍ୟାଟେରି ଢାଞ୍ଚା ସହ ଉତ୍ତମ ସ୍ଥିରତା, ଅଧିକ ସ୍ଥାନ, ନିମ୍ନ ଗୁରୁତ୍ୱାକର୍ଷଣ କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ବର୍ଗରେ ସର୍ବୋତମ ୧୨୭ କିଲୋମିଟର ରେଞ୍ଜ ସହ ଏକ ବୃହତ୍ ୩୫ ଲିଟର ବୁଟ୍ ସ୍ପେସ୍ ରହିଛି। ଅପରପକ୍ଷରେ ଦ୍ରୁତ ଚାର୍ଜ ପାଇଁ ଏକ ୭୫୦ୱାଟ ଚାର୍ଜର ଏବଂ ମାତ୍ର ୩ ଘଣ୍ଟା ୫୦ମିନିଟ୍‌ରେ ୦% ରୁ ୮୦% ଚାର୍ଜ ହୋଇପାରିବ।

ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ପ୍ରେସିଡେଣ୍ଟ (ଅର୍ବାନାଇଟ ବିଜ୍‌ନେସ୍ ୟୁନିଟ୍) ଏରିକ ଭାସ୍ କହିଛନ୍ତି, ଇଲେକ୍ଟ୍ରିକ ସ୍କୁଟରର ବ୍ୟାପକ ବ୍ୟବହାର ପାଇଁ ଚେତକ ୩୦୦୧ ଏକ ମାନଦଣ୍ଡ ସ୍ଥାପନ କରିଛି। ପରବର୍ତ୍ତୀ ପିଢ଼ିର ପ୍ଲାଟ୍‌ଫର୍ମରେ ନିର୍ମିତ ଏହି ଗାଡ଼ି ଭାରତୀୟ ସ୍କୁଟର ଆରୋହୀମାନଙ୍କ ପସନ୍ଦ ଅନୁଯାୟୀ ଓ ଆବଶ୍ୟକ ରେଞ୍ଜ ଏବଂ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ଅପରପକ୍ଷରେ ମାତ୍ର (ଏକ୍ସ-ଶୋ'ରୁମ ମୂଲ୍ୟ) ୯୯,୯୯୦ ଟଙ୍କା ରହିଛି।

# ବଜାରରେ ଭାସ୍‌ମଲ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର,୨୫।୬**



ନୂତନ ଉତ୍ପାଦର ଶୁଭାରମ୍ଭ ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ହାଇଜେନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍।ଆର୍।ଆଇପିଏଲ୍)ର ପ୍ରମୁଖ ହେୟାର କଲର ବ୍ରାଣ୍ଡ ତଥା ଭାସ୍‌ମଲ୍‌ର ନୂତନ ଉତ୍ପାଦ 'ହେନା କ୍ରିମି ହେୟାର କଲର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍‌ଆର୍‌ଆଇପିଏଲ୍ ବା ଭାସ୍‌ମଲ୍ ପକ୍ଷରୁ ବୁଧବାର ଭୁବନେଶ୍ୱରରେ ମେ ଫେୟାର ଲାଗୁନଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବ୍ରାଣ୍ଡ ନୂତନ ଉତ୍ପାଦ 'ହେନା କ୍ରିମି ହେୟାର କଲର'ର ଶୁଭାରମ୍ଭ ସହ କ୍ୟାମ୍ପେନିଂ ରୁଟେଡ୍ ଇନ୍ ଭାସ୍‌ମଲ ହେନା ଦର୍ଶନ ତତ୍ତ୍ୱ ଉପରେ ଆଧାରିତ ହୋଇଛି। ଏହି ଅବସରରେ ଏଚ୍‌ଆର୍‌ଆଇପିଏଲ୍‌ର ସିନିୟର ଭିପି (ମାର୍କେଟିଂ) ପ୍ରିୟଙ୍କା ପୁରୀ ଏବଂ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ଆଭିମୁଖ୍ୟ ଓ ଉତ୍ପାଦର ଗୁଣବତ୍ତା ଓ ଅନ୍ୟାନ୍ୟ ଦିଗ ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଏ ସମ୍ପର୍କରେ ଏଚ୍‌ଆର୍‌ଆଇପିଏଲ୍‌ର ଏମ୍‌ଡି ତଥା ସିଇଓ ଧୀରଜ ଆରୋରା କହିଥିଲେ, ଆମେ ଆମର ନୂତନ ଉତ୍ପାଦକୁ ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ବେଶ ଉତ୍ସାହିତ ଅଛୁ। ଏପରିକି ଦୀର୍ଘ ୬ ଦଶନ୍ଧିରୁ ଅଧିକ ସମୟ ଧରି ଭାସ୍‌ମଲ ଭାରତୀୟ ପରିବାରଗୁଡିକର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି। ଆମର ନବୀନତମ ଉତ୍ପାଦ ଭାସ୍‌ମଲ ହେନା କ୍ରିମି ହେୟାର କଲର ଆଗକୁ ଆଉ ଏକ ଅର୍ଥ ପୂର୍ଣ୍ଣ ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରୁଛି। ସେହିଭଳି ଏଚ୍‌ଆର୍‌ଆଇପିଏଲ୍‌ର ସିନିୟର ଭିପି (ମାର୍କେଟିଂ) ପ୍ରିୟଙ୍କା ପୁରୀ କହିଥିଲେ, ଓଡ଼ିଶା ବଜାରରେ ଭାସ୍‌ମଲର ନୂତନ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ଆମେ ଆନନ୍ଦିତ ଅଛୁ। ଏପରିକି ବ୍ରାଣ୍ଡ ଏହି ପ୍ରଚାର ଅଭିଯାନର ମୂଳ ପରମ୍ପରା, ଆତ୍ମ-ଅଭିବ୍ୟକ୍ତି ଏବଂ ପିଢି ପରେ ପିଢି ସୌନ୍ଦର୍ଯ୍ୟର ଭାବପ୍ରବଣ ଭାଷାରେ ରହିଛି।

ନୂଆ ଭାସ୍‌ମଲ ହେନା କ୍ରିମିର ଶୁଭାରମ୍ଭ ସେହିଯାତ୍ରାରେ ଆଉ ଏକ ଅଗ୍ରଣୀ ପ୍ରୟାସ ହୋଇଛି। ଏହା ଏକ ନବସୃଜନ ଯାହା ପରମ୍ପରାର ଯତ୍ନ ଏବଂ ଆଧୁନିକତାର ସହଜକୁ ଏକତ୍ରିତ କରୁଛି। ଏଥିସହ ପ୍ରତ୍ୟେକ ନାରୀ ଦର୍ଶନ ପୂର୍ବରୁ ଏବଂ ତାହାର ଦୀର୍ଘ ସମୟ ପରେ ବଜାୟ ରହୁଥିବା ସେହି ସୌନ୍ଦର୍ଯ୍ୟ ସହିତ ଏବେ କହିପାରିବେ, 'ସୁରକ୍ଷିତ ରହେ ମେରେ ବାଲ, ଭାସ୍‌ମଲ ହେନା କ୍ରିମି ହେୟାର କଲର କା କମାଲ'। ବର୍ତ୍ତମାନକୁ ଗର୍ବର ସହ ଆପଣେଇବା ବେଳେ ନିଜର ମୂଳସ୍ତରରେ ସାମର୍ଥ୍ୟକୁ ସମ୍ମାନ କରୁଥିବା ପ୍ରତ୍ୟେକ ନାରୀଙ୍କ ସହ ଏହା ବାର୍ତ୍ତାଳାପ କରୁଛି।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAA-MBJ-0028/2024-1068/R&DM** **Dated: 09.04.2025**

No. XXI-05: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ପଥରଚାଟିଆ ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ପଥରଚାଟିଆ, ଥାନା: ବୈଶିଙ୍ଗା, ନଂ. ୧୯୧, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩.୬୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ପଥରଚାଟିଆ ସବ୍-ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ପଥରଚାଟିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୬.୭୪ | ଏ.୩.୬୩ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୨୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା-୧୧୨/ ୨୦୨୩
ଏ.୩.୬୩ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ପଥରଚାଟିଆ ସବ୍-ମାଇନର ନିମନ୍ତେ**
**ମୌଜା: ପଥରଚାଟିଆ, ଥାନା: ବୈଶିଙ୍ଗା, ନଂ. ୧୯୧, ତହସିଲ: ରସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୭ | ୫୭୭ | ୦.୫୪ | ୦.୧୮ | ଶାରଦ ଦୁଇ | କାର୍ତ୍ତିକ ରାମ, ଗିରିଧାରି ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ |
| ୮ | ୩୩୧ | ୦.୮୭ | ୦.୨୫ | ଶାରଦ ଏକ | କାର୍ତ୍ତିକ ରାମ, ଗିରିଧାରୀ ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ, ଗୁହିଆ ରାମ, ପି.: ଜଟିଆ ରାମ, ଜା: ଉରାଣ, ବା: ଭଗବାନପୁର |
| ୯ | ୭୨୦ | ୦.୧୬ | ୦.୦୬ | ଶାରଦ ଦୁଇ | କାଳନ୍ଦି ରାମ, ପି.: ବିଜିଲା ରାମ, ଜା: ଉରାଣ, ବା: ବଧି |
| | ୭୨୬ | ୦.୨୦ | ୦.୦୩ | ଶାରଦ ଦୁଇ | |
| ୧୨ | ୬୯୫ | ୦.୭୪ | ୦.୨୪ | ଶାରଦ ଦୁଇ | କୃଷ୍ଣ ରାମ, ରାମ ଚନ୍ଦ୍ର ରାମ, ଭରତ ଚନ୍ଦ୍ର ରାମ, ପି.: ମୁଥୁ ରାମ, ରାଜେନ୍ଦ୍ର ରାମ, ନାଲୁ ରାମ, ପି.: ସୁନି ରାମ, ହାରା ରାମ, ସ୍ୱା.: ସୁନି ରାମ, ଜା: ଉରାଣ, ବା: ବଧି |
| ୧୮ | ୩୬୦/ ୮୭୧ | ୦.୦୮ | ୦.୦୧ | ଶାରଦ ଏକ | ଗିରିଧାରୀ ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ |
| ୨୦ | ୭୨୩ | ୦.୫୦ | ୦.୧୦ | ଶାରଦ ଦୁଇ | ଗିରିଧାରି ରାମ, ହଗୁରୁ ରାମ, ପି.: ଭରତ ରାମ, ଚାମ୍ପି ରାମ, ସ୍ୱା.: ଭରତ ରାମ, ଜା: ଉରାଣ, ବା: ବଧି |
| ୨୪ | ୭୨୧ | ୦.୧୩ | ୦.୦୪ | ଶାରଦ ଦୁଇ | ଗୁରୁବାରି ରାମ, ପୁନିଆ ରାମ, ସ୍ୱା.: ଗୁହିନ ରାମ, ଶଙ୍ଖ ରାମ, ବଦ ରାମ, ବୁଦ୍ଧିଆ ରାମ, ପି.: ଗୁହିନ ରାମ, ଦଶରଥ ରାମ, ସନିଆ ରାମ, ପି.: ଗୌରି ରାମ, ଜା: ଉରାଣ, ବା: ନିଜଗାଁ |
| | ୭୩୯ | ୦.୧୫ | ୦.୦୪ | ଶାରଦ ଦୁଇ | |
| | ୫୮୭ | ୦.୪୪ | ୦.୦୫ | ଶାରଦ ଦୁଇ | |
| | ୫୮୮ | ୦.୪୬ | ୦.୦୩ | ଶାରଦ ଦୁଇ | |
| ୩୭ | ୫୧୪/ ୯୦୯ | ୦.୧୭ | ୦.୦୪ | ଶାରଦ ଦୁଇ | ଛଟା ରାମ, ପି.: ବୁଟୁଭିଲା ରାମ, ଜା: ଉରାଣ, ବା: ନିଜଗାଁ |
| | ୩୬୧ | ୦.୧୩ | ୦.୦୧ | ଶାରଦ ଦୁଇ | |
| ୬୦ | ୫୮୫ | ୦.୧୪ | ୦.୦୧ | ଶାରଦ ଦୁଇ | ଶ୍ରୀ ଗ୍ରାମ ଦେବତୀ ଚକଡ଼ା ଶୁଣି ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା:, ଦୁର୍ଜୁଧନ ଦେହୁରୀ, ପି.: ହାଡ଼ିଆ ଦେହୁରୀ, ଚନ୍ଦ୍ରୀ ମଣୀ ବେହେରା, ସ୍ୱା.: ହାଡ଼ିଆ ଦେହୁରୀ, ବେଣୁଧର ଦେହୁରୀ, କାଙ୍ଗାଳି ଦେହୁରି, ପି.: ଯୋଗୀ ଦେହୁରି, ମତୀ ଦେହୁରୀ, ସ୍ୱା.: ଯୋଗୀ ଦେହୁରି, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| ୬୬ | ୩୫୯/ ୯୨୨ | ୦.୧୭ | ୦.୦୨ | ଶାରଦ ଏକ | ନାଥ ରାମ, ପି.: ବିଜିଲା ରାମ, ଜା: ଉରାଣ, ବା: ବଧି |
| | ୭୧୮/ ୮୯୭ | ୦.୧୬ | ୦.୦୨ | ଶାରଦ ଦୁଇ | |
| ୬୭ | ୬୯୭/ ୮୭୯ | ୦.୦୮ | ୦.୦୨ | ଶାରଦ ଦୁଇ | ନାଥ ସିଂ, ହାଡ଼ିଆ ସିଂ, ଗୁରୁ ଚରଣ ସିଂ, ପି.: ବଦ୍ୟନାଥ ସିଂ, କାଳନ୍ଦି ସିଂ, ରାମ ଚନ୍ଦ୍ର ସିଂ, ପି.: ଗୁନା ସିଂ, ଗୌରୀ ସିଂ, ସ୍ୱା.: ସୋମନାଥ ସିଂ, ଗୋବିନ୍ଦ ସିଂ, ପି.: ରଘୁ ସିଂ, ଜା: ଉରାଣ, ବା: ବଧି |
| | ୬୯୭ | ୦.୨୫ | ୦.୧୪ | ଶାରଦ ଦୁଇ | |
| | ୬୯୭/ ୮୮୦ | ୦.୦୯ | ୦.୦୨ | ଶାରଦ ଦୁଇ | |
| ୭୩ | ୭୧୯ | ୦.୨୦ | ୦.୦୧ | ଶାରଦ ଦୁଇ | ପାଗିଲି ରାମ, ପି.: ସାନ ରମା ରାମ, କାନ୍ଦୁ ରାମ, ପି.: ବୁଧିଆ ରାମ, ଭାଗିରଥି ରାମ, ପରବାସିଆ ରାମ, ପି.: ପାଣ୍ଡିଆ ରାମ, ଜା: ଉରାଣ, ବା:ନିଜଗାଁ |
| ୭୫ | ୫୧୪/ ୯୧୦ | ୦.୧୫ | ୦.୦୧ | ଶାରଦ ଦୁଇ | ପୂର୍ଣ୍ଣ ରାମ, ପି.: ବୁଟୁଭିଲା ରାମ, ଜା: ଉରାଣ, ବା: ନିଜଗାଁ |
| ୯୬ | ୭୩୩ | ୦.୮୪ | ୦.୦୧ | ଶାରଦ ଦୁଇ | ବୁଧିଆ ରାମ, ପି.: ଭୁଣ୍ଡାବାରିଆ ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୪ | ୫୧୪/ ୯୦୮ | ୦.୨୭ | ୦.୧୫ | ଶାରଦ ଦୁଇ | ଭାଗିରଥି ରାମ, ପି.: ମଙ୍ଗୁଲି ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୫ | ୭୧୪/ ୮୩୮ | ୦.୪୦ | ୦.୧୪ | ଶାରଦ ଦୁଇ | ଭାଗିରଥି ରାମ, ପି.: ପାଣ୍ଡିଆ ରାମ, ବାରୁଣି ରାମ, ପି.: କାନ୍ଦୁ ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୯ | ୫୮୬ | ୦.୫୬ | ୦.୦୮ | ଶାରଦ ଦୁଇ | ମଙ୍ଗଲ ମାଝୀ, ପି.: ହରି ମାଝୀ, ଜା: ସାନ୍ତାଳ, ବା: ବ୍ରାହ୍ମଣପଟକା |
| ୧୨୫ | ୭୪୦ | ୦.୭୫ | ୦.୦୭ | ଶାରଦ ଦୁଇ | ରାମହରି ରାମ, ଭୀମ ରାମ, ପି.: ପଚା ରାମ, ସୁରୁଜ ରାମ, ସ୍ୱା.: ପଚା ରାମ, ଜା: ଉରାଣ, ବା: ନିଜଗାଁ |
| ୧୨୮ | ୫୬୪ | ୦.୫୨ | ୦.୦୯ | ଶାରଦ ଦୁଇ | ରାମ ଚନ୍ଦ୍ର ରାମ, ଅର୍ଜୁନ ରାମ, ହରି ରାମ, ମଦନ ରାମ, ରାଧା ରାମ, ରବିନ୍ଦ୍ର ରାମ, ମଧୁ ରାମ, ପି.: ପଞ୍ଚାନନ ରାମ, ଜା: ଉରାଣ, ବା: ନିଜଗାଁ |
| ୧୩୩ | ୩୫୫ | ୦.୨୦ | ୦.୦୩ | ଶାରଦ ଏକ | ଲକ୍ଷିଆ ରାମ, ଭୀମ ରାମ, ଚୁକା ରାମ, ପି.: ମହନ୍ତ ପଡ଼ା ରାମ, ଡୁମା ରାମ, ସୁକୁର ରାମ, ପି.: କାଳା ରାମ, କଣ୍ଟୁରୁ ରାମ, ନବା ରାମ, ସାରିଆ ରାମ, ପି.: ରାୟା ରାମ, ଗନ୍ଦି ରାମ, ପି.: ଶୁକୁରା ରାମ, ଜା: ଉରାଣ, ବା: ନିଜଗାଁ |
| | ୫୬୭ | ୦.୨୪ | ୦.୦୯ | ଶାରଦ ଦୁଇ | |
| | ୩୫୬ | ୦.୧୦ | ୦.୦୩ | ଶାରଦ ଦୁଇ | |
| | ୧୮୪ | ୦.୮୦ | ୦.୧୨ | ଡାହି ଦୁଇ | |
| ୧୪୦ | ୧୮୯ | ୦.୪୨ | ୦.୧୮ | ଡାହିଦୁଇ | ସନି ରାମ, ପି.: ଗୁହିନ ରାମ, ଜା: ଉରାଣ, ବା: ବଧି |
| ୧୪୨ | ୬୯୪ | ୦.୫୮ | ୦.୦୧ | ଶାରଦ ଦୁଇ | ସରସ୍ୱତୀ ରାମ, ସ୍ୱା: ମୁନି ରାମ, ରାଧାନାଥ ରାମ, ପି.: ନନ୍ଦିଆ ରାମ, ବୈଶାଖୀ ରାମ, ସ୍ୱା.: ନନ୍ଦିଆ ରାମ, ଜା: ଉରାଣ, ବା: ନିଜଗାଁ |
| | ୧୮୫ | ୦.୪୨ | ୦.୦୩ | ଡାହି ଦୁଇ | |
| ୧୪୩ | ୩୬୦ | ୦.୧୪ | ୦.୦୮ | ଶାରଦ ଏକ | ସହଦେବ ରାମ, ପି.: ରାମହରି ରାମ, ରାମ ହରି ରାମ, ପି.: ପଚା ରାମ, ଜା: ଉରାଣ, ବା:ନିଜଗାଁ |
| ୧୪୭ | ୭୨୮ | ୦.୮୨ | ୦.୦୬ | ଶାରଦ ଦୁଇ | ସାମା ରାମ, ପି.: ହାଉଡ଼ା ରାମ, ଜା: ଉରାଣ, ବା: ନିଜଗାଁ |
| | ୭୨୭ | ୦.୧୧ | ୦.୧୧ | ଶାରଦ ଦୁଇ | |
| | ୧୭୭ | ୦.୬୮ | ୦.୧୬ | ଡାହି ଦୁଇ | |
| | ୧୯୩ | ୦.୪୧ | ୦.୦୮ | ଶାରଦ ଦୁଇ | |
| | ୧୯୨ | ୦.୩୫ | ୦.୦୮ | ଡାହି ଦୁଇ | |
| ୧୬୮/ ୩୧ | ୧୭୬ | ୦.୩୪ | ୦.୧୪ | ଡାହି ଦୁଇ | ଗୋପିନ୍ଦ୍ର ରାମ, ପି.: ରାୟାଁ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୪୪ | ୬୯୭/ ୮୭୮ | ୦.୦୮ | ୦.୦୨ | ଶାରଦ ଦୁଇ | ସାଧୁ ଚରଣ ରାମ, ପି.: ବୁଧିଆ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୪୭ | ୭୧୯/ ୯୪୫ | ୦.୨୩ | ୦.୦୮ | ଶାରଦ ଦୁଇ | ରବିନ ରାମ, ବିମଳ ରାମ, ଶ୍ୟାମଳ ରାମ, ପି.: ବାରୁଣୀ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୭୯ | ୩୨୯/ ୯୮୩ | ୦.୭୬ | ୦.୧୧ | ଶାରଦ ଏକ | ରଣଜିତ୍ ସିଂ, ମାନଗୋବିନ୍ଦ ସିଂ, ଅଜିତ ସିଂ, ପି.: ରାମଚନ୍ଦ୍ର ସିଂ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୧୦୭ | ୭୧୪/ ୮୩୮/୧୦୩୧ | ୦.୦୬ | ୦.୦୧ | ଶାରଦ ଦୁଇ | ସୁରେନ ରାମ, ପି.: ମଦନ ରାମ, ଜା: ଓରାଣ, ବା: ନିଜଗାଁ |
| ୧୭୧/୧ | ୫୮୪ | ୦.୮୫ | ୦.୧୪ | ଶାରଦ ଦୁଇ | ଶ୍ରୀ ଗ୍ରାମଦେବତୀ ଚଞ୍ଚଳା ଶୁଣି ଠାକୁରାଣୀ ବିଜେ ନିଜଗାଁ ମା, ବା:, ଦୁର୍ଯ୍ୟୋଧନ ଦେହୁରୀ, ପି.: ହାଡ଼ିଆ ଦେହୁରୀ, ଚନ୍ଦ୍ରିମଣୀ ଦେହୁରୀ, ସ୍ୱା.: ହାଡ଼ିଆ ଦେହୁରୀ, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୬୯ | ୧୭୪ | | ୦.୧୨ | ଡାହି ଦୁଇ | ନିତ୍ୟାନନ୍ଦ ଗିରି, ପି.: ସନେଇ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୬୮/ ୩୧ | ୧୭୬ | | ୦.୦୮ | ଡାହି ଦୁଇ | ଗୋପିନ୍ଦ୍ର ରାମ, ପି.: ରାୟାଁ ରାମ, ଜା: ଓରାଣ, ବା: ନିଜଗାଁ |
| ମୋଟ | ୪୬ ପ୍ଲଟକୁ | ଏ. ୧୬.୭୪ ଡେ.ମି. | ଏ. ୩.୬୩ ଡେ.ମି. | | |

Sd./- Amin, Bahalda Zone
Sd./- Revenue Inspector, Bahalda Zone
Sd./- Zone Officer -cum-L.A., Collector S.I.P., Bahalda Zone
Sd./- Spl. Land Acquisition Office S.I.P., Baripada

OIPR-24001/14/0185/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହୋଟେଲ ବୁକିଂ ଠକେଇ, ୧୧ ଫେକ୍ ୱେବ୍‌ସାଇଟ୍ ହଟିଲା

ଭୁବନେଶ୍ୱର,୨୫।୬
(ସତ୍ୟଜିତ୍ ରାଉତ)

## ରଥଯାତ୍ରା ପୂର୍ବରୁ କ୍ରାଇମବ୍ରାଞ୍ଚର କାର୍ଯ୍ୟାନୁଷ୍ଠାନ

ହୋଟେଲ ବୁକିଂ ଆଳରେ ସାଇବର ଅପରାଧୀମାନେ ପର୍ଯ୍ୟଟକଙ୍କଠାରୁ ବହୁ ଟଙ୍କା ଠକେଇ କରୁଛନ୍ତି। ପୁରୀ, ଭୁବନେଶ୍ୱର ଓ କଟକ ଆଦି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସହରରେ ପ୍ରତିଷ୍ଠିତ ହୋଟେଲଗୁଡ଼ିକର ଅବିକଳ ନକଲି ୱେବସାଇଟ୍ କରି ଠକମାନେ ଇଣ୍ଟରନେଟରେ ଜାଲ ବିଛାଉଛନ୍ତି। ଅତି କମ୍ ମୂଲ୍ୟରେ ଆକର୍ଷଣୀୟ ରୁମ୍, ଗ୍ୟାରେଣ୍ଟି ବୁକିଂ ଓ ଆକର୍ଷଣୀୟ ଅଫର ସଂକ୍ରାନ୍ତରେ ସୋସିଆଲ ମିଡିଆରେ ବିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକେଇ କରୁଥିବା ନଜର ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରାଇମବ୍ରାଞ୍ଚ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ସାଇବର ଠକମାନେ ପ୍ରସ୍ତୁତ କରିଥିବା ୧୧ଟି ଫେକ୍ ହୋଟେଲ ବୁକିଂ ୱେବ୍‌ସାଇଟ୍‌କୁ କ୍ରାଇମବ୍ରାଞ୍ଚ ଟିମ୍ ଚିହ୍ନଟ କରି ହଟାଇଥିବା ବୁଧବାର ସୂଚନା ଦେଇଛି। ବିଶେଷକରି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ କ୍ରାଇମବ୍ରାଞ୍ଚ ଏହି ସ୍ୱତନ୍ତ୍ର ପଦକ୍ଷେପ ନେଇଛି। କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ, ସାଇବର କ୍ରାଇମ୍ ହେଲ୍ପଲାଇନ୍ ନଂ.୧୯୩୦ ଜରିଆରେ ଏଯାଏ ହୋଟେଲ ବୁକିଂ ଠକେଇ ନେଇ ୩୧୭ଟି ଅଭିଯୋଗ ଆସିଛି। କ୍ରାଇମବ୍ରାଞ୍ଚର ସୋସିଆଲ ମିଡିଆ ଟିମ୍ ନକଲି ୱେବ୍‌ସାଇଟ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗୁଗଲ ଓ ଅନ୍ୟାନ୍ୟ ପ୍ଲାଟ୍‌ଫର୍ମ ସହିତ ଯୋଗାଯୋଗ କରି ଏଭଳି ନକଲି ୱେବ୍ ସାଇଟଗୁଡିକୁ ହଟାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ଦିଆଯାଇଛି।

### ପର୍ଯ୍ୟଟକଙ୍କ ପାଇଁ ସଚେତନତା ବାର୍ତ୍ତା

ହୋଟେଲ ବୁକିଂ ଠକେଇ ନେଇ ପର୍ଯ୍ୟଟକଙ୍କୁ ସତର୍କ କରିଛି କ୍ରାଇମବ୍ରାଞ୍ଚ। ପର୍ଯ୍ୟଟକମାନେ ମେକ୍ ମାଇଟ୍ରିପ୍, ଗୋଇବିବୋ, ବୁକିଂ ଡଟ୍‌କମ୍, ଟ୍ରିଭାଗୋ ଆଦି ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନ ୱେବ୍‌ସାଇଟ ଜରିଆରେ ହୋଟେଲ ବୁକ୍ କରିବାକୁ ସଚେତନ କରାଯାଇଛି। ଗୁଗଲ ମ୍ୟାପ୍ ବ୍ୟବହାର କରି ହୋଟେଲର ଠିକଣା ଓ ନମ୍ବର ଯାଞ୍ଚ କରିବା ସହ ସିଧାସଳଖ କଲ୍ କରି ବୁକିଂ ସୁନିଶ୍ଚିତ କରିବାକୁ କୁହାଯାଇଛି। ବୁକିଂ ସମୟରେ ସମସ୍ତ ଅର୍ଥ ଆଗୁଆ ପୈଠ ନ କରିବାକୁ ପରାମର୍ଶ ଦିଆଯାଇଛି। ହୋଟେଲ ଭଡ଼ା ଦେବାକୁ ୟୁପିଆଇ ଓ ୱେଲେଟ ଟ୍ରାନ୍ସଫର୍ ପରିବର୍ତ୍ତେ ସୁରକ୍ଷିତ ପେମେଣ୍ଟ ଗେଟୱେ ବ୍ୟବହାର ଏବଂ ବୁକିଂ ସୁନିଶ୍ଚିତ ପାଇଁ ଏସ୍‌ଏମ୍‌ଏସ୍ କିମ୍ବା ଇମେଲ ଜରିଆରେ ବୈଧ ବୁକିଂ ଆଇଡି କିମ୍ବା ଇନ୍‌ଭଏସ୍ ମାଗିବାକୁ କୁହାଯାଇଛି। ତେବେ ରଥଯାତ୍ରା ସମୟରେ ପୁରୀ ନିକଟରେ ଅପେକ୍ଷାକୃତ କମ୍ ଦର ଦେଖି ଲୋଭରେ ହୋଟେଲ ବୁକ୍ କରନ୍ତୁ ନାହିଁ। ବୁକିଂ ପୂର୍ବରୁ ହୋଟେଲର ଗୁଗଲ କିମ୍ବା ଟ୍ରିପ୍‌ଆଡ୍‌ଭାଇଜର୍‌ରେ ଦିଆଯାଇଥିବା ରିଭ୍ୟୁ ପଢ଼ିବାକୁ ପରାମର୍ଶ ଦିଆଯାଇଛି। ଫେକ୍ ୱେବସାଇଟ୍ ନଜରକୁ ଆସିଲେ ଏ ସମ୍ପର୍କରେ ୧୯୩୦ରେ କଲ୍ କରି ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି।

# ୩ ଦୋଷୀଙ୍କୁ ୨୦ବର୍ଷ ଲେଖାଏ ଜେଲ

ବାରିପଦା,୨୫।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ନାବାଳିକା ଗଣବଳାତ୍କାର ମାମଲା

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ନାବାଳିକା ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସୁଦୀପ୍ତ ଆଚାର୍ଯ୍ୟ ୩ ଦୋଷୀଙ୍କୁ ୨୦ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ରାଜେଶ ଜେନା, ରାକେଶ ଜେନା ଓ ଦୀକ୍ଷିତ ଜେନା ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅକ୍ଟୋବର ୧୬ରେ ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକା ଏକ ସ୍କୁଟିରେ ଘରକୁ ଫେରୁଥିଲେ। ଏହିସମୟରେ ଏକ ବାଇକ୍‌ରେ ଅଭିଯୁକ୍ତମାନେ ନାବାଳିକାଙ୍କୁ ଅଟକାଇ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ବୈଶିଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

# ବନ୍ଧୁକ ମୁନରେ ସୁନା ଦୋକାନରୁ ଲୁଟ

କେନ୍ଦୁଝର,୨୫।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

## ଜଙ୍ଗଲରେ ଲୁଚିଛନ୍ତି ଲୁଟେରା

କେନ୍ଦୁଝର ଜିଲା ହରିଚନ୍ଦନପୁର ବଜାରରେ ଥିବା ଏକ ସୁନା ଦୋକାନରୁ ବୁଧବାର ସନ୍ଧ୍ୟା ୬ଟା ୪୫ରେ ବଡ଼ଧରଣର ଡକାୟତି ହୋଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆର ତଳମହଲାରେ ଥିବା ନାରାୟଣ ଜୁଏଲେରିରୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ସମସ୍ତ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ତଦନ୍ତ ପରେ ପ୍ରକୃତ ଲୁଟ୍ ପରିମାଣ ଜଣାପଡ଼ିବ। ଜୁଏଲେରି ମାଲିକ ନାରାୟଣ ସାହୁ ଏନେଇ ପୋଲିସକୁ ଜଣାଇଥିଲେ। ଦୁର୍ବୃତ୍ତମାନେ ପାଖ ଜଙ୍ଗଲରେ ଲୁଚିଥିବାବେଳେ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ସନ୍ଧ୍ୟା ସମୟରେ ୫ ଜଣ ଦୁର୍ବୃତ୍ତ ଆପାଚି ଓ ପଲ୍‌ସର ମୋଟରସାଇକେଲରେ ଆସି ଜୁଏଲେରି ମାଲିକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଲକର ଚାବି ମାଗି ଦୋକାନ ଓ ଲକରରେ ଥିବା ସୁନାଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ହରିଚନ୍ଦନପୁର ପୋଲିସ ଦୁର୍ବୃତ୍ତଙ୍କ ପିଛା କରିଥିଲା। ଦୁର୍ବୃତ୍ତ ପାଖ ଜଙ୍ଗଲରେ ପଶିଯିବାରୁ ପୋଲିସ ଘେରାଉକରି ସେମାନଙ୍କୁ ଖୋଜାଖୋଜି ଜାରି ରଖିଛି। ଆଖପାଖ ଅଞ୍ଚଳର ଲୋକେ ପୋଲିସକୁ ସହାୟତା କରି ଉକ୍ତ ଜଙ୍ଗଲକୁ ଘେରାଉ କରିଥିବା ଜଣାପଡ଼ିଛି।


16th Marriage Anniversary



SUDHIR (Lulu)
With
MADHUMITA (Geeta)
With best complimentary from Khushi (Daughter), Family Members, Friends, Relatives and others.

ଧ- ୧୦୭୩


# ହାତଗୋଡ଼ ବନ୍ଧା ଅବସ୍ଥାରେ ଡ୍ୟାମ୍‌ରୁ ଯୁବକଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି,୨୫।୬
(ଗିରିଧାରୀ ପରିଛା)

## ହତ୍ୟା ଅଭିଯୋଗ ଆଣିଲେ ପରିବାର

ଗଜପତି ଜିଲା ରାମଗିରି ଥାନା ଅନ୍ତର୍ଗତ ନୁଆସାହି ଡ୍ୟାମରୁ ଜଣେ ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ବୁଧବାର ପୋଲିସ ଜବତ କରିଛି। ମୃତକ ହେଲେ ମୋହନା ବ୍ଲକ କଡ଼ମାସିଂ ଗାଁର ରାମଚନ୍ଦ୍ର ନାୟକ(୩୫)। ସେ ସୋମବାରଠାରୁ ନିଖୋଜ ଥିଲେ। ଏନେଇ ତାଙ୍କ ବଡ଼ଭାଇ ବରୁଣ ରାମଗିରି ଥାନାରେ ଅଭିଯୋଗ କରିଥିଲେ। ମୃତଦେହ ଜବତ ପରେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି।

ଖବରରୁ ଜଣାପଡ଼ିଛି, ରାମଚନ୍ଦ୍ର ସୋମବାର କିଛି କାର୍ଯ୍ୟରେ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ଫେରିବା ବିଳମ୍ବ ହେବା ଦେଖି ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଏନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଏକ ନିଖୋଜ ମାମଲା (୩/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗାଁଠାରୁ ପ୍ରାୟ ଦୁଇ କି.ମି. ଦୂରରେ ଥିବା ନୂଆସାହି ଡ୍ୟାମ୍‌ରେ ଏକ ମୃତଦେହ ଭାସୁଥିବା ସୂଚନା ପାଇ ଆର୍. ଉଦୟଗିରି ଏସ୍‌ଡିପିଓ ଅମିତାଭ ପଣ୍ଡା, ସାଇଣ୍ଟିଫିକ ଟିମ୍, ଅଗ୍ନିଶମ କର୍ମଚାରୀ ଓ ରାମଗିରି ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ରାମଚନ୍ଦ୍ରଙ୍କ ମୁହଁରେ ଗାମୁଛା ବନ୍ଧା ଯାଇଥିବା ବେଳେ ହାତ ଓ ଗୋଡ଼ରେ ଦଉଡ଼ି ବନ୍ଧା ଯାଇଥିବା ଓ ଏକ ଠେଙ୍ଗାରେ ମୃତଦେହ ବନ୍ଧାଯାଇ ବଡ଼ ପଥର ବନ୍ଧାଯାଇଥିବା ଦେଖିବାକୁ ମିଳିଥିଲା। ମୃତଦେହ ଦେଖି ରାମଚନ୍ଦ୍ରଙ୍କ ମୁଣ୍ଡରେ ଗୁଳିବିଦ୍ଧ ହୋଇଥିବା ପରିବାର ଲୋକେ ସନ୍ଦେହ କରି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ଛାନ୍‌ଭିନ୍ ଚଳାଇଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଅଣାଯାଇଛି। ତାଙ୍କୁ କିଏ, କାହିଁକି ହତ୍ୟା କଲେ ତାହାର ତଦନ୍ତ କରାଯାଉଥିବା ଏସ୍‌ଡିପିଓ ପଣ୍ଡା କହିଛନ୍ତି। ମୃତଦେହ ଜବତ ପରେ ରାମଗିରି ପୋଲିସ ନଂ.୨୯/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ବସ୍‌ରେ ଯାତ୍ରୀ ବେଶରେ ଚୋରି

ଭୁବନେଶ୍ୱର,୨୫।୬(ସତ୍ୟଜିତ୍ ରାଉତ)

## ଆନ୍ତଃ ରାଜ୍ୟ ଗ୍ୟାଙ୍ଗ୍‌ର ୨ ମହିଳା ଗିରଫ

ବସ୍‌ରେ ଯାତ୍ରୀ ବେଶରେ ଚୋରି କରୁଛନ୍ତି ମହିଳା ଗ୍ୟାଙ୍ଗ୍। ଏକ ମାମଲାର ତଦନ୍ତବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ସମ୍ପୃକ୍ତ ଦୁଇ ଆନ୍ତଃରାଜ୍ୟ ମହିଳାଙ୍କୁ ଗିରଫ କରିବା ସହ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିହାର ପାଟଣା ଜିଲା ଗର୍ଦ୍ଦାନିବାଗ ଥାନା ଅଞ୍ଚଳର ଜ୍ୟୋତି ଦେବୀ (୨୫) ଓ ରାଣୀ ଦେବୀ (୨୦)। କୋର୍ଟ ଚାଲାଣ ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, କ୍ରିଷ୍ଣାମୟୀ ନାୟକ ବୁଧବାର ସକାଳ ପ୍ରାୟ ୧୦ଟା ୩୦ରେ ପୁରୀରୁ କଟକ ଅଭିମୁଖେ ଦୁର୍ଗା ବସ୍‌ରେ ଯାତ୍ରା କରୁଥିଲେ। ବସଟି କଳ୍ପନା ଛକ ଲସି ଦୋକାନ ନିକଟରେ ପହଞ୍ଚିବା ସମୟରେ ପାଖରେ ବସିଥିବା ଦୁଇ ଅଭିଯୁକ୍ତାଙ୍କ ମଧ୍ୟରୁ ଜଣେ କ୍ରିଷ୍ଣାମୟୀଙ୍କ ଭ୍ୟାନିଟି ବ୍ୟାଗ୍ ଭିତରେ ହାତ ବୁଲାଉଥିବା ଦେଖିଥିଲେ। ଏହି ସମୟରେ କ୍ରିଷ୍ଣାମୟୀ ଅଭିଯୁକ୍ତାଙ୍କ ହାତ ଧରି ଚିତ୍କାର କରିଥିଲେ। ଏହାପରେ ସେ ଭାନିଟି ଯାଞ୍ଚ କରିବାରୁ ତାଙ୍କର ଗୋଟିଏ ସୁନା ମୁଦି, ଗୋଟିଏ ସୁନାଚେନ୍, ଗୋଟିଏ ସୁନାହାର ଏବଂ ୨୦୦୦ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସହଯାତ୍ରୀଙ୍କ ସହାୟତାରେ ମହିଳାଦ୍ୱୟଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଯାଞ୍ଚବେଳେ ଜ୍ୟୋତିଙ୍କ ପର୍ସରୁ ଗୋଟିଏ ସୁନା ମୁଦି, ଗୋଟିଏ ସୁନା ଚେନ ଏବଂ ଗୋଟିଏ ସୁନା ହାର ଏବଂ ରାଣୀଙ୍କ ବ୍ଲାଉଜ ଭିତରୁ ୨ ହଜାର ଟଙ୍କା ଜବତ କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୩୩୬/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ନିଯୁକ୍ତି ଆଳରେ ନ୍ୟାଶନାଲ ଆଭିଏଶନ ଏକାଡେମୀରେ ଠକେଇ

ଭୁବନେଶ୍ୱର,୨୫।୬(ସତ୍ୟଜିତ୍ ରାଉତ)

## ପ୍ଲେସ୍‌ମେଣ୍ଟ କୋଅର୍ଡିନେଟର ଗିରଫ



ସୁପ୍ରଭାତ ଭଟ୍ଟାଚାର୍ଯ୍ୟ

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ନ୍ୟାଶନାଲ୍ ଆଭିଏଶନ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଯୋଗାଇବା ଆଳରେ ଠକେଇ କରାଯାଇଛି। ଏହି ମାମଲାରେ ପ୍ରତିଷ୍ଠାନର ପ୍ଲେସ୍‌ମେଣ୍ଟ କୋଅର୍ଡିନେଟରଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ହୱଡା ଜିଲାର ସୁପ୍ରଭାତ ଭଟ୍ଟାଚାର୍ଯ୍ୟ ଓରଫ ରାହୁଲ ରଏ (୨୯)। କୋର୍ଟ ଚାଲାଣ ପରେ ସୁପ୍ରଭାତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇର ଶିକାର କଟକର ଶୁଭଶ୍ରୀ(୨୩)ଙ୍କ ଏତଲାକୁ ଆଧାର କରି ପୋଲିସ ମଙ୍ଗଳବାର ମାମଲା (ନଂ.୩୫୪/୨୦୨୫) ରୁଜୁ କରି ତଦନ୍ତ କରୁଛି। ଏହି ମାମଲାରେ ଏରିଆ ମ୍ୟାନେଜର ଶ୍ରୁତି ଦତ୍ତ ଅଭିଯୁକ୍ତ ଥିବାବେଳେ ଅନ୍ୟ ପରିଚାଳନା ଅଧିକାରୀମାନଙ୍କୁ ପୋଲିସ ତଦନ୍ତ ପରସରକୁ ଆଣିଛି।

ମାମଲା ଅନୁଯାୟୀ, ଶୁଭଶ୍ରୀ ତାଙ୍କ ବ୍ୟାଚମେଟ୍ ସଂଘମିତ୍ରା ଓ ରତିକାନ୍ତ ଉକ୍ତ ପ୍ରତିଷ୍ଠାନରେ ଆଇଟି ଚାକିରି ପାଇଁ ପ୍ରଶିକ୍ଷଣ ନେବାକୁ ନାମ ଲେଖାଇଥିଲେ। ମାର୍ଚ୍ଚ ୧୨ରୁ ଏପ୍ରିଲ ୪ ମଧ୍ୟରେ ତାଲିମ ଅବଧି ମଧ୍ୟରେ ଅଭିଯୁକ୍ତ ସୁପ୍ରଭାତ, ଶ୍ରୁତି ଓ ଅନ୍ୟମାନେ ଛାତ୍ରମାନଙ୍କୁ ଚାକିରି ନିଯୁକ୍ତିର ପ୍ରତିଶ୍ରୁତି ଦେବା ସହ ଜାଲ୍ କାଗଜପତ୍ର ଜରିଆରେ ଠକେଇ କରିଥିଲେ। ଆଇଟି କମ୍ପାନୀରେ ଚାକିରି ଯୋଗାଇବା ଆଳରେ ସୁପ୍ରଭାତ ଏବଂ ତାଙ୍କ ସହଯୋଗୀମାନେ ଶୁଭଶ୍ରୀଙ୍କଠାରୁ ୫୬ ହଜାର ୧୨୦ ଟଙ୍କା ଏବଂ ସଂଘମିତ୍ରାଙ୍କଠାରୁ ୧.୧୦ ଲକ୍ଷ ଟଙ୍କା ନେଇଯାଇଥିଲେ। ତେବେ ଏହି ଠକେଇ ଜଣାପଡ଼ିବା ପରେ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ଉକ୍ତ ଏକାଡେମୀ ଦ୍ୱାରା ଠକେଇର ଶିକାର ହୋଇଥିବା ଛତ୍ରପୁର, ପୁରୀ ଓ ଗଞ୍ଜାମରୁ ୩ଜଣ ବୁଧବାର ଥାନାକୁ ଯାଇ ଅଭିଯୋଗ କରିଛନ୍ତି। ସଂସ୍ଥାର ମୁଖ୍ୟଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିବ ବୋଲି ଜଣାପଡିଛି। ତେବେ ଏହି ମାମଲାରେ ଅଧିକ ତଦନ୍ତ ଚାଲିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି।

# ରେଳ ଧାରଣାରୁ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଜବତ

ମୋହନା,୨୫।୬(ମନ୍ମଥ ମିଶ୍ର)

## କେରଳକୁ ଦାଦନ ଖଟିବାକୁ ଯାଇଥିଲେ

କେରଳର ଏର୍ନାକୁଲମ ଜିଲା ଆଲୁଆ ରେଳ ଷ୍ଟେଶନ ନିକଟସ୍ଥ ରେଳ ଧାରଣାରୁ ମଙ୍ଗଳବାର ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଗରଡମା ଗାଁର ମହେନ୍ଦ୍ର ବଳିଆରସିଂ (୪୦)। ମହେନ୍ଦ୍ର ଗତ ୬ ଦିନ ତଳେ ଏର୍ନାକୁଲମକୁ କାମ କରିବାକୁ ଯାଇଥିଲେ। ସେଠାକୁ ଯିବା ପରେ ସେ ଦୁଇଦିନ ହେଲା ନିଖୋଜ ଥିଲେ। ମଙ୍ଗଳବାର ଆଲୁଆ ରେଳ ଷ୍ଟେଶନ ନିକଟସ୍ଥ ରେଳ ଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସୂଚନା ପାଇ ରେଳବାଇ ପୋଲିସ ମୃତଦେହ ଜବତ କରିଥିଲା। ମହେନ୍ଦ୍ର ବଳିଆରସିଂ ବୋଲି ତାଙ୍କ ପରିଚୟ ପାଇବା ପରେ ଏନେଇ ପୋଲିସ ପରିବାର ଲୋକଙ୍କୁ ଜଣାଇଥିଲା। ଏର୍ନାକୁଲମ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛି। ତେବେ ମୃତଦେହ ଗାଁକୁ ଆଣିବା ପାଇଁ ପରିବାର ଲୋକଙ୍କ ପାଖରେ ସମ୍ବଳ ନାହିଁ। ପ୍ରଶାସନ ମହେନ୍ଦ୍ରଙ୍କ ମୃତଦେହକୁ ଗାଁକୁ ଆଣିବା ପାଇଁ ସହାୟତା କରିବାକୁ ପରିବାର ଲୋକେ ମୋହନା ବିଡ଼ିଓ ରାଜୀବ ଦାସଙ୍କୁ ଅନୁରୋଧ କରିବା ଲାଗି ବୁଧବାର ଯାଇଥିଲେ। ମାତ୍ର ବିଡିଓ ନ ଥିବାରୁ ଏବିଡିଓ ରମାକାନ୍ତ ଚୌଧୁରୀଙ୍କୁ ଲିଖିତ ରୂପେ ଜଣାଇ ଫେରିଛନ୍ତି।


# Classified Everyday
0674-2580101, 9692975378




2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298
D-990

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391




Positively health benefits SPA expert female therapist homely atmosphere. 8658088274. D-974

Newly open Jyoti SPA positively health benefits (expert therapist). 8458067955. D-76923

Newly open health benefits SPA by expert therapist. Contact- 8280961126. D-76924

## LOST

I Rajesh Kumar Swain, S/o Ramesh Chandra swain lost my ICICI Bank id- Card No.- 2525107 lost around Palasuni on 20.06.25, if found please contact- 7064366816 D-1070

## AFFIDAVIT

By virtue of an affidavit sworn before Notary Public, dated- 24th June 2025, I, Chandra Hianl, Address At- Nakiti, P.O.- Kutuli, Dist.- Rayagada, Odisha, 765002, declare that I have changed my son's name from Laxman Hianl to Lachhaman Hial. Henceforth, he shall be known as Lachhaman Hial for all purposes.
Chandra Hianl
D-1065

By virtue of an affidavit sworn before the Notary Public, Dharmasala, dated- 25.06.2025, I, Kamala Nayak, Address: At- Kustira, P.O.- Antia, P.S.- Jenapur, Dist.- Jajpur, Odisha- 755023, declare that I have changed my daughter's name from Ratree Nayak to Smaranika Nayak. Henceforth, she shall be known as Smaranika Nayak for all purposes.
D-1066

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Boudh, No.- 983, date- 23.06.25, I, Ghasi Giri, R/o. Village- Mahibahal, P.O.- Ramgarh, P.S./ Dist.- Boudh declare that I have changed my name from Ghasiram Giri to Ghasi Giri. Henceforth I shall be known as Ghasi Giri for all purposes.
Ghasi Giri
D-1067

By virtue of an affidavit sworn before Notary Public, Bhubaneswar, dated- 24.06.2025, I, Subha Darsan Dash, Vill- Basudebpur, P.O.- Gobara, Ganjam Odisha, 761124, declare that I have changed the name of my son from Asish Kumar Dash to Priyesh Dash. Henceforth, he shall be known as Priyesh Dash for all purposes.
Subha Darsan Dash
D-1068

By virtue of an affidavit sworn before the Executive Magistrate, Badamba, dated- 23.06.2025, I, Santosh Kumar Das, S/o- Debaraj Das, Address: At- Satakudia, P.O.- Mugagahira, P.S.- Badamba, Dist.- Cuttack, Odisha- 754031, declare that I have changed my name from Abhisek Das to Santosh Kumar Das. Henceforth, I shall be known as Santosh Kumar Das for all purposes.
Santosh Kumar Das
D-1069

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୁରମା ପାଢ଼ୀ**
ଦେଉଳସାହି, ଢେଙ୍କାନାଳ
ଆବିର୍ଭାବ: ୧୫।୧୦।୧୯୪୫
ତିରୋଧାନ: ୦୭।୦୭।୨୦୨୪
(ଶ୍ରୀଗୁଣ୍ଡିଚା, ଦ୍ୱିତୀୟା ତିଥି)
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:- ସ୍ୱାମୀ: ଇଂ ବିନୟ କୁମାର ପାଢୀ, ପୁତ୍ର: ସରୋଜ, ମଳୟ, ପୁତ୍ରବଧୂ: ସୁଜାତା,ମାମାଳି, କନ୍ୟା ଓ ଜାମାତା: ଅରୁଣା, ଶକ୍ତି ଶଙ୍କର(ମୁନା), ନାତିନାତୁଣୀ: ଶିବୁ,ବିଭୁ, ଶୁଭମ, କୁକୁ, ପିକୁ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୦୭୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଚନ୍ଦ୍ର ଶେଖର ପଟ୍ଟନାୟକ**
ଟିକିରା ସାହି, କୋରାପୁଟ
ଆବିର୍ଭାବ: ୧୧।୦୮।୧୯୭୧
ତିରୋଧାନ: ୧୮।୦୬।୨୦୨୫
ତୁମ ଦୟାଳୁ ସ୍ୱଭାବ, ସେବାଭାବ ଓ ନିଷ୍ଠାପୂର୍ଣ୍ଣ ଜୀବନ ଆମ ପାଇଁ ସଦା ପ୍ରେରଣା ଦାୟକ। ତୁମ ଅଭାବ ସଦା ଅନୁଭବ କରିବୁ। ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ- ୧୦୭୧




ଜେମ୍ସ ୱେବ୍ ଟେଲିସ୍କୋପ୍ ଶନି ଆକୃତି ଏକ ଗ୍ରହର ଚିତ୍ରକୁ କଏଦ୍ କରିଛି। ୭ ନିୟୁତ ବର୍ଷ ପୁରୁଣା ଏକ ଭିନ ସୌରଜଗତର ଏହି ଏକ୍ସୋପ୍ଲାନେଟ୍ 'ଟିଡବ୍ଲୁଏ ୭ବି' ପୃଥିବୀଠାରୁ ୧୧୦ ଆଲୋକବର୍ଷ ଦୂରରେ ରହିଥିବା ପ୍ୟାରିସ୍ ଅବ୍ଜର୍ଭେଟୋରୀର ଆଷ୍ଟ୍ରୋଫିଜିସିଷ୍ଟ ଡ. ଅନେ-ମାରିଏ ଲଗରାଞ୍ଜେ ବୁଧବାର ସୂଚନା ଦେଇଛନ୍ତି।

# ୫% ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବ ନାଟୋ

## ମେଣ୍ଟ ସଦସ୍ୟ ପାରସ୍ପରିକ ପ୍ରତିରକ୍ଷା ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ

**ହେଗ,୨୫।୬** ନର୍ଥ ଆଟ୍ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍ (ନାଟୋ) ନେତାମାନେ ବୁଧବାର ସାମରିକ ମେଣ୍ଟର ପ୍ରତିରକ୍ଷା ବ୍ୟୟରେ ଏକ ବଡ଼ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ସହଯୋଗୀଗୁଡ଼ିକ ୨୦୩୫ ସୁଦ୍ଧା ସେମାନଙ୍କ ବାର୍ଷିକ ପ୍ରତିରକ୍ଷା ବ୍ୟୟରେ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୫% ବୃଦ୍ଧି ପାଇଁ ବୁଧବାର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏଥିସହ 'ଗୋଟିଏ ଦେଶ ଉପରେ ଆକ୍ରମଣକୁ ସମସ୍ତଙ୍କ ଉପରେ ଆକ୍ରମଣ' ରୂପେ ଅଭିହିତ କରି ସାମୂହିକ ପ୍ରତିରକ୍ଷା ପ୍ରତି ରହିଥିବା ନିଜ ନିଜ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ ନାଟୋ ସମିଗ୍ର ଅଧିକକୁ ସାମାନ୍ୟ ବଢ଼ାଯାଇଥିଲା। ହେଗରେ ଅନୁଷ୍ଠିତ ଏହି ସମ୍ମିଳନୀର ଘୋଷଣାନାମାରେ ସାମରିକ ମେଣ୍ଟର ନେତାମାନେ କହିଛନ୍ତି, ପ୍ରତିରକ୍ଷା ପ୍ରତିଶ୍ରୁତିବଦ୍ଧତାରେ ଜିଡିପିର ଅନ୍ୟୂନ ୩.୫% ବାର୍ଷିକ ନିବେଶ ମୂଳ ପ୍ରତିରକ୍ଷା ଆବଶ୍ୟକତା ପାଇଁ କରାଯିବ। ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ଏବଂ ମେଣ୍ଟର ପ୍ରତିରକ୍ଷା ଶିଳ୍ପାଞ୍ଚଳ ଭିତ୍ତି ସମେତ ନିରାପତ୍ତା ସମ୍ପର୍କିତ ବ୍ୟୟରେ ଜିଡିପିର ୧.୫% ଖର୍ଚ୍ଚ କରାଯିବ। ସୁରକ୍ଷା କ୍ଷେତ୍ରରେ ରହିଥିବା ପର୍ଯ୍ୟାପ୍ତ ବିପଦକୁ ମୁକାବିଲା ଦୃଷ୍ଟିରୁ ଏହି ନିବେଶ ଆବଶ୍ୟକ ହୋଇଥିବା ନେତାମାନେ କହିଛନ୍ତି। ୱାଶିଂଟନ୍ ଟ୍ରିଟିର ଆର୍ଟିକଲ ୫ରେ ଉଲ୍ଲେଖ କରାଯାଇଥିବା ସାମୂହିକ ପ୍ରତିରକ୍ଷା ପ୍ରତିଶ୍ରୁତିବଦ୍ଧତାକୁ ସମ୍ମିଳନୀରେ ଦୋହରାଯାଇଛି। ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ ତାକୁ ସମସ୍ତ ୩୨ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ବୋଲି ବିବେଚନା କରି ପରସ୍ପରକୁ ସହଯୋଗ କରିବେ ବୋଲି ନାଟୋ ନେତାମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ବିଶେଷକରି ରୁଷିଆ ପକ୍ଷରୁ ୟୁରୋ-ଆଟ୍ଲାଣ୍ଟିକ୍ ନିରାପତ୍ତା ପ୍ରତି ରହିଥିବା ବିପଦ ଏବଂ ବର୍ତ୍ତମାନର ଆତଙ୍କବାଦଜନିତ ବିପଦକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଜିଡିପିର ୨% ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରାଯାଉଥିବାବେଳେ ବର୍ଦ୍ଧିତ ବ୍ୟୟ ଲକ୍ଷ୍ୟ ନେଇ ଅଗ୍ରଗତି ସମ୍ପର୍କରେ ୨୦୨୯ରେ ସମୀକ୍ଷା କରାଯିବ। ୟୁକ୍ରେନ୍କୁ ସମର୍ଥନ ନେଇ ସହଯୋଗୀ ରାଷ୍ଟ୍ରଗୁଡ଼ିକ ସାର୍ବଭୌମ ପ୍ରତିବଦ୍ଧ ଉଦ୍ୟମକୁ ଦୋହରାଇଛନ୍ତି। କିନ୍ତୁ ନାଟୋରେ ୟୁକ୍ରେନ୍ର ସମ୍ଭାବ୍ୟ ସଦସ୍ୟତା ସମ୍ପର୍କରେ କିଛି ଉଲ୍ଲେଖ କରିନାହାନ୍ତି, ଯାହାକି ମେଣ୍ଟର ପୂର୍ବ କେତୋଟି ସମ୍ମିଳନୀର ଘୋଷଣାନାମାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସଦ୍ୟ ସମିଗ୍ର ତ୍ରୁଟାର ବିବୃତ୍ତିକୁ ସଂକ୍ଷିପ୍ତ ରଖିବା ସାଙ୍ଗକୁ ଟ୍ରମ୍ପଙ୍କ ସହ କୌଣସି ପ୍ରକାର ବିବାଦକୁ ଏଡ଼ାଇବା ପାଇଁ ଉଦ୍ୟମ କରିଛନ୍ତି। ଏହି ଅବସରରେ ଟ୍ରମ୍ପ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କୁ ଭେଟିଛନ୍ତି। ବର୍ଦ୍ଧିତ ପ୍ରତିରକ୍ଷା ବ୍ୟୟ ରୁଷିଆର ଆକ୍ରମଣକୁ ପ୍ରତିହତ କରିବାରେ ସହାୟକ ହେବ ବୋଲି ଟ୍ରମ୍ପ୍ କହିଛନ୍ତି।

# ଗଣତନ୍ତ୍ରକୁ ବନ୍ଦୀ ରଖିଥିଲା କଂଗ୍ରେସ: ମୋଦି

## ଏମର୍ଜେନ୍ସିର ୫୦ତମ ବର୍ଷପୂର୍ତ୍ତି

**ନୂଆଦିଲ୍ଲୀ,୨୫।୬** କଂଗ୍ରେସ ସରକାର ଗଣତନ୍ତ୍ରକୁ ବନ୍ଦୀ କରି ରଖିଥିଲା ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଏମର୍ଜେନ୍ସିର ୫୦ତମ ବର୍ଷପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଜରୁରିକାଳୀନ ପରିସ୍ଥିତି ଭାରତୀୟ ଗଣତାନ୍ତ୍ରିକ ଇତିହାସର 'ସବୁଠୁ ଅନ୍ଧକାରମୟ ଅଧ୍ୟାୟ'। ଏହି ସମୟରେ ସମ୍ବିଧାନର ଯେପରି ଉଲ୍ଲଂଘନ କରାଯାଇଥିଲା, ତାକୁ କୌଣସି ଭାରତୀୟ କେବେହେଲେ ଭୁଲିପାରିବେ ନାହିଁ। ବର୍ତ୍ତମାନର ସରକାର ସାମ୍ବିଧାନିକ ସିଦ୍ଧାନ୍ତଗୁଡ଼ିକୁ ସୁଦୃଢ଼ କରିବାରେ ଲାଗିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏମର୍ଜେନ୍ସି ବିରୋଧରେ ଏକ ସଂକଳ୍ପନାମା ପାରିତ ହୋଇଛି। ଏଥିରେ ଜରୁରୀ ପରିସ୍ଥିତି ବେଳେ ଭାରତୀୟ ସମ୍ବିଧାନର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଅଗଣିତ ବ୍ୟକ୍ତିଙ୍କ ତ୍ୟାଗକୁ ସମ୍ମାନ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏକ୍ସ'ରେ ଲେଖିଛନ୍ତି, ୫୦ ବର୍ଷ ପୂର୍ବେ ଜଣେ ଏକଛତ୍ରବାଦୀ ନେତ୍ରୀଙ୍କ ଦ୍ୱାରା ଜାରି ହୋଇଥିବା ଜରୁରିକାଳୀନ ପରିସ୍ଥିତି ଭାରତୀୟ ଇତିହାସର ସବୁଠୁ କଳା ଅଧ୍ୟାୟ। ଅନ୍ୟପକ୍ଷେ କଂଗ୍ରେସ ମୋଦି ସରକାରଙ୍କ ଗତ ୧୧ ବର୍ଷର ଶାସନକୁ ଅଘୋଷିତ ଏମର୍ଜେନ୍ସି ବୋଲି ଅଭିହିତ କରିଛି। ଉଲ୍ଲେଖଯୋଗ୍ୟ, ୧୯୭୫ ଜୁନ୍ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଏମର୍ଜେନ୍ସି ଜାରି କରିଥିଲେ। ଏହାର ୫୦ ବର୍ଷ ପୂର୍ତ୍ତି ଅବସରରେ ମୋଦି ସରକାର 'ସମ୍ବିଧାନ ହତ୍ୟା ଦିବସ' ପାଳନ କରୁଛନ୍ତି।

# ଅକାଳୀ ନେତା ବିକ୍ରମ ମାଜିଥିଆ ଗିରଫ

## ୫୪୦ କୋଟିର ଡ୍ରଗ୍ ମନି



**ଚଣ୍ଡିଗଡ଼,୨୫।୬** ପଞ୍ଜାବ ଭିଜିଲାନ୍ସ ବ୍ୟୁରୋ ବୁଧବାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଅକାଳୀ ନେତା ବିକ୍ରମ ସିଂ ମାଜିଥିଆଙ୍କୁ ୫୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି। 'ଡ୍ରଗ୍ ମନି' ମାମଲାରେ ଭିଜିଲାନ୍ସ ଟିମ୍ ବିକ୍ରମଙ୍କ ଅମୃତସର ବାସଭବନରେ ଚଢ଼ାଉ କରିବାର କିଛି ସମୟ ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିକ୍ରମ ଅନେକ ଚ୍ୟାନେଲ ଦେଇ ଡ୍ରଗ୍ ମନି ଲଣ୍ଡରିଂ କରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଭିଜିଲାନ୍ସ ବ୍ୟୁରୋ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବିକ୍ରମ ଏବଂ ତାଙ୍କ ସ୍ତ୍ରୀ ଜେନିଏଭେ ମାଜିଥିଆଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରେ ଘଟିଥିବା ବୃଦ୍ଧିର କୌଣସି ଆଇନଗତ ଉତ୍ସ ସମ୍ପର୍କରେ ଉଭୟେ ସୂଚନା ଦେଇପାରିନାହାନ୍ତି। ଶିରୋମଣି ଅକାଳୀ ଦଳ (ଏସ୍ଏଡି) ମୁଖ୍ୟ ସୁଖବୀର ସିଂ ବାଦଲଙ୍କ ଶାଳକ ବିକ୍ରମଙ୍କ ବିରୋଧରେ ୨୦୨୧ରୁ ଏକ ଡ୍ରଗ୍ ମାମଲା ଚାଲିଛି। ସୁଖବୀର ଓ ତାଙ୍କ ସ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲ ପଞ୍ଜାବର ଆପ୍ ସରକାର ଉପରେ ବର୍ଷିଛନ୍ତି। ମାଜିଥିଆଙ୍କ ଘରେ ଚଢ଼ାଉ ଓ ତାଙ୍କ ଗିରଫଦାରିକୁ ଅକାଳୀ ଦଳ ନେତାମାନେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସମାଲୋଚନା କରିଛନ୍ତି।

# ହିମାଚଳରେ ବାଦଲଫଟା ବର୍ଷା: ୨୦ ଭାସିଗଲେ



**ଶିମଲା, ୨୫।୬** ହିମାଚଳ ପ୍ରଦେଶର କୁଲୁ, ମଣ୍ଡି ଏବଂ କାଙ୍ଗ୍ରାରେ ବୁଧବାର ବାଦଲଫଟା ବର୍ଷା ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କାଙ୍ଗ୍ରାସ୍ଥିତ ଏକ ଜଳ ପ୍ରକଳ୍ପ ନିକଟରେ ହଠାତ୍ ବନ୍ୟା ଆସିଯିବାରୁ ୧୫ରୁ ୨୦ ଶ୍ରମିକ ଭାସିଯାଇଥିବା ନେଇ ସ୍ଥାନୀୟ ପ୍ରଶାସନ କହିଛି। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨ ଜଣ ଶ୍ରମିକଙ୍କର ମୃତଦେହ ମିଳିଛି। ଏନେଇ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖ୍ବିନ୍ଦର ସିଂ ସୁକ୍ଖୁ ଏକ୍ସ'ରେ ସୂଚନା ଦେଇଛନ୍ତି। ଉଦ୍ଧାରକାରୀ ଦଳ ପକ୍ଷରୁ ଅନ୍ୟ ନିଖୋଜ ଶ୍ରମିକମାନଙ୍କୁ ଖୋଜିବା ପ୍ରୟାସ ଜାରି ରହିଛି। ସେପଟେ ରାଜ୍ୟରେ ଖରାପ ପାଗ ଯୋଗୁ ଦିଲ୍ଲୀରୁ ଶିମ୍ଲା ଏବଂ ଶିମ୍ଲାରୁ ଦିଲ୍ଲୀ ଯିବାକୁ ଥିବା ବିମାନ ଉଡ଼ାଣକୁ ବାତିଲ କରାଯାଇଛି।

GOVERNMENT OF ODISHA
DISTRICT PLANNING AND MONITORING UNIT, RAYAGADA
(STATISTICAL WING)
E-mail: dpmustatistics.rayagada@gmail.com, Phone:06856-224730

Office Order No.443/ Dated 25.06.25

No.X-26:Applications are invited from Local Youths of the Rayagada District to be engaged as Enumerator for conduct of field Work pertaining to 7th Minor Irrigation Census and 2nd Census of Water Bodies under the supervision of the undersigned.

| Post | No. of Post | Remuneration (In Rs.) | Qualification(s) and Experience |
|---|---|---|---|
| Enumerator | 54 | a) Field Allowance @Rs.900/- & Rs.720/- per village for conduct of 7th MI Census and 2nd Census of Water bodies respectively. b) Patwari Allowance @300/- per village for conduct of 7th MI Census. c) Charges for use of personal mobile devices @Rs.750/- for conduct of 2nd Census of Water bodies. d) Allowance for attending Training @Rs.165/- per day. e) No TA/DA for conduct of field Work. | Essential: Candidates must have passed the 10+2 exam conducted by CHSE, CBSE, ICSE or diploma in Engineering from a recognized institution of the government. Candidates must read, write and speak with Odia & English Language. Candidate must have basic Computer Skill. Should have a smart phone (Android 10.0 above with access to internet connection RAM should be minimum 6 GB, ROM should be minimum 128 GB, Battery should be minimum 5000 MaH. **Desirable:** Preference will be given to the candidates having experience in conducting data collection by using Digital App of any Govt./ Non- Govt./ Educational / Banking Institutions. |

**How to Apply:** The candidates will apply for the post of enumerator through Speed Post/Registered Post or by dropping the application in the Box available in the O/o the Deputy Director, DPMU, Rayagada-765001.The detailed advertisement is available at District website **https://rayagada.odisha.gov.in.**
The Application after due date will not be considered. The starting date of submission of the application 27.06.2025 and date of Closing of receipt of application is 04.07.2025 (6PM). The candidates should submit their application duly filled in along with self-attested Photo, copies of the educational qualification; experience, if any within the stipulated dateline. All terms & condition is available in DPMU, Rayagada Office interested candidate may collect the same.
**Mode of Selection:**
i. Eligible Candidates may be selected through Scrutiny and evaluation of their certificates. ii. A provisional list of candidates may be prepared on the basis of the highest percentage of marks secured in both Matriculation and Intermediate (+2) Examination with 40% and 60% weightage respectively. In case of tie, preference will be given to the candidates having highest education qualification. iii.The provisional list of the candidates will be placed before the District level Sub-Committee for approval and engagement order will be issued by the DD, DPMU, Rayagada as per the terms of reference and conditions of the SOP. Type and Period of engagement: the nature of the work of the enumerators are temporary in nature and will not be considered as the contractual employees of the DPMU, Rayagada. They will not claim for the regularization after completion of the census work. During the time engagement, the enumerator will have to submit the formal agreement in Non-Judicial Stamp Paper of @Rs.10/-(Rupees Ten only) which will be executed between the Deputy Director (P&S),District Planning & Monitoring Unit,(Ist Party) and the selected youths (2nd Party). The enumerators will be engaged for a period from his date engagement to till completion of field survey under the Irrigation and Waterbody census. The other terms and conditions for engagement for enumerators will be as per the standard operating procedure approved by Govt. in P&C Department. The authority has reserved the rights to the cancel the advertisement without assigning any reason thereof.

OIPR-21043/11/0001/2526 Sd./- Deputy Director (P&S), D.P.M.U, Rayagada

# ଅଭିନନ୍ଦନ ବର୍ଥମାନଙ୍କୁ ବନ୍ଦୀ କରିଥିବା ପାକିସ୍ତାନୀ ମେଜର ମୃତ



ଅବ୍ବାସ ଶାହ ଓ ଅଭିନନ୍ଦନ ବର୍ଥମାନ।

**ଇସ୍ଲାମାବାଦ୍, ୨୫।୬** ପାକିସ୍ତାନର ଖାଇବର ପାଖତୁନଖ୍ୱା ରାଜ୍ୟର ଦକ୍ଷିଣ ୱାଜିରସ୍ଥାନ ଜିଲାର ସରଗୋଧାଠାରେ ତେହେରିକ-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ମେଜର ଅବ୍ବାସ ଶାହଙ୍କର ମୃତ୍ୟୁ ଘଟିଛି। ୨୦୧୯ରେ ଭାରତର ବାଲାକୋଟ ଷ୍ଟ୍ରାଇକ୍ ବେଳେ ମେଜର ଅବ୍ବାସ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ବନ୍ଦୀ କରିଥିଲେ। ପାକିସ୍ତାନ ସେନାରେ ସୂଚନା ଅନୁଯାୟୀ, ଏହି ଗୁଳି ବିନିମୟରେ ମେଜର ଅବ୍ବାସ ଶାହାଙ୍କ ସହ ମେଜର ନାୟକ ଜିବ୍ରାନଙ୍କର ମଧ୍ୟ ମୃତ୍ୟୁ ଘଟିଛି। ସେହିପରି ଏନ୍କାଉଣ୍ଟରରେ ଟିଟିପିର ୧୧ ସଦସ୍ୟ ପ୍ରାଣ ହରାଇଛନ୍ତି।

# ଡେଣା ତୁମର, ଉଡ଼ିବାକୁ ଅନୁମତି ଲୋଡ଼ନାହିଁ: ଥରୁର

**ନୂଆଦିଲ୍ଲୀ,୨୫।୬** କଂଗ୍ରେସ ନେତା ଶଶୀ ଥରୁର ଏକ ଜାତୀୟ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶଂସା କରିବାର କିଛି ଘଣ୍ଟା ପରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଥିରୁଭାନନ୍ତପୁରମ୍ ଏମ୍ପିଙ୍କୁ ସମାଲୋଚନା କରିଛନ୍ତି। ଆମ ପାଇଁ ଦେଶ ଆଗ। କିନ୍ତୁ କେତେଜଣଙ୍କ ପାଇଁ ପ୍ରଥମେ ମୋଦି ଓ ପରେ ଦେଶ। ଥରୁର ଏକ୍ସ'ରେ ଲେଖିଛନ୍ତି, ଡେଣା ତୁମର, ଉଡ଼ିବା ପାଇଁ କାହାଠାରୁ ଅନୁମତି ନେବା ଅନାବଶ୍ୟକ। କାରଣ ଆକାଶ କୌଣସି ଜଣେ ବ୍ୟକ୍ତିଙ୍କର ନୁହେଁ। ଏପରି ଉଲ୍ଲେଖ କରି ଥରୁର ଏକ ପକ୍ଷୀର ଫଟୋକୁ ନିଜ ପୋଷ୍ଟରେ ସଂଲଗ୍ନ କରିଛନ୍ତି। ଥରୁରଙ୍କ ଏପରି ମନ୍ତବ୍ୟ ଉପରେ ଖାର୍ଗେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

# ଆଇଏଇଏ ସହ ସମ୍ପର୍କ ଛିନ୍ନକଲା ଇରାନ୍

**ତେହରାନ୍,୨୫।୬** ଇସ୍ରାଏଲ୍ ଓ ଆମେରିକା ଆକ୍ରମଣର ଶିକାର ହୋଇଥିବା ଇରାନ୍ ବୁଧବାର ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସହ ସମ୍ପର୍କ ଛିନ୍ନ କରିଛି। ଇରାନ୍ ପାର୍ଲାମେଣ୍ଟରେ ପାରିତ ଏକ ବିଲ୍ ଅନୁସାରେ ଆଇଏଇଏ ସହିତ ଦେଶର ସବୁ ସହଯୋଗ ବନ୍ଦ ରହିବ। ଅନ୍ୟପକ୍ଷେ ଆମେରିକାର ଏୟାରଷ୍ଟ୍ରାଇକ୍ ଯୋଗୁ ଇରାନ୍ର ଆଣବିକ କେନ୍ଦ୍ରଗୁଡ଼ିକ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଥିବା ପ୍ରଥମ ଥର ପାଇଁ ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସ୍ୱୀକାର କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଷ୍ଟ୍ରାଇକ୍କୁ ହିରୋଶିମା ଉପରେ ପରମାଣୁ ବୋମା ପକାଇବା ସଦୃଶ ବୋଲି କହିଛନ୍ତି।

ବିଜ୍ଞପ୍ତି
No. G-23: ଆସନ୍ତା ତା୨୮।୦୬।୨୦୨୫ରିଖ ଶନିବାର ଦିନ ବାରଙ୍ଗ ତହସିଲ ଅନ୍ତର୍ଗତ ବିଦ୍ୟାଧରପୁର ମଉଜାରେ (ସିଡିଏ-୧୧ସ୍ଥିତ ବିଦ୍ୟାଧରପୁର ବାଲିଘାଟ ନିକଟସ୍ଥ ତଥା ଖାତା: ୩୩୪, ପ୍ଲଟ: ୫୮, ୧୩୦), ୨୦୫୨୩.୨୪୫ ଘନମିଟର ଜବତ ବାଲିକୁ ନିଲାମ କରାଯିବ। ଆଶାୟୀ ପ୍ରାର୍ଥୀମାନେ ତା ଉପରୋକ୍ତ ସ୍ଥାନରେ ୧୦.୦୦ ଘଟିକାରେ ଉପସ୍ଥିତ ରହି ନିଲାମ ଡାକି ପାରିବେ। ଏହି ସମ୍ବନ୍ଧୀୟ ସମସ୍ତ ସୂଚନା ଖଣି ଉପ-ନିର୍ଦ୍ଦେଶକ, କଟକ ମଣ୍ଡଳଙ୍କ କାର୍ଯ୍ୟାଳୟ ତଥା କଟକ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ଅଛି।
ସ୍ୱା./- ଖଣି ଅଧିକାରୀ
OIPR-30056/11/0002/2526 କଟକ ଖଣି ମଣ୍ଡଳ

DIRECTORATE OF MEDICAL EDUCATION & TRAINING, ODISHA
WALK-IN-INTERVIEW FOR THE POST OF
ASSISTANT PROFESSOR/TUTOR/JUNIOR RESIDENTS
No. 11242 Dt.: 24 Jun 2025
No. E-194: Eligible candidates are invited to Walk-in-Interview for recruitment for the posts of Assistant Professor/Tutor/Junior residents on contractual/deployment basis in Govt. Medical Colleges of the State. The details of Posts, Mode of recruitment, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in** in recruitment of Govt. Medical Colleges Section/Link.
Sd./- Director Medical Education & Training, Odisha
OIPR-10016/11/0025/2526

ROURKELA MUNICIPAL CORPORATION
Udit Nagar, Rourkela, Pin - 769012
Mail Id : rourkelamunicipality@gmail.com, Telephone : (0661) 2500388
No. 7967 Date : 23.06.2025
TENDER CALL NOTICE
**No.C-584** : Sealed tenders are invited from the reputed firms / Agencies for "Supply & Installation of 13 Nos. Water Purifier of 120 Liter Storage Capacity along with 3 Years of Comprehensive AMC after 01 Year of Warranty".
Detail technical specifications along with terms & conditions etc. may be seen from the Web site www.tendersorissa.gov.in and the website of Rourkela Municipal Corporation i.e. www.rmc.nic.in. Date of issue of tender documents is 24.06.2025. The last date for receipt of tender is 07.07.2025 till 05.00 P.M. through www.tendersorissa.gov.in portal.
Sd./- Commissioner
OIPR-13131/11/0144/2526 Rourkela Municipal Corporation

OFFICE OF THE COLLECTOR & DISTRICT MAGISTRATE, SUNDARGARH
(ST & SC Dev. Section)
E-mail Id : dwosundargarh@gmail.com
Notification No. 1934/Dt.20.06.2025
**No.g-50** : Applications in prescribed form are invited from the deserving / eligible Lady candidates from native or Sundargarh District for engagement as Lady Matron in ST / SC Girls Hostels functioning under the ST & SC Development Department and the Hostels of SSD Deptt. functioning in S & ME Deptt. Schools of Sundargarh District purely on contractual basis. The detail advertisement and the selection criteria may be obtained from office Notice Board of District Welfare Office, Sundargarh and District Website www.sundergarh@nic.in. The candidates may download the advertisement and application format accordingly. The last date of receipt of application in the office of the District Welfare Office, Sundargarh is **11.07.2025 up to 5.30 P.M.** by Regd. Post / Speed Post only.
By Order of the Collector, Sundargarh
Sd./- District Welfare Officer
OIPR-19222/11/0005/2526 Sundargarh

ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL),
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006, ODISHA
PHONE:- (06854) 242001, Fax:- (06854) 242093
e-mail: sgmel.ukhep@gmail.com, CIN: U40101OR1995SGC003963
NOTICE INVITING TENDER NO.UKHEP-14/2025-26, DT.21.06.2025
**No.CAD-890:** Sealed tenders are invited in sealed envelopes from the reputed suppliers/agencies for "Supply of Ornamental & Flowering Plants for PH Garden alongwith up keeping and maintenance at Upper Kolab Hydro Electric Project, Bariniput, Dist: Koraput, Odisha.

| Sl. No. | Description of Item | Cost of Tender Paper (non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|---|
| 1 | Supply of Ornamental & Flowering Plants for PH Garden alongwith up keeping and maintenance at Upper Kolab Hydro Electric Project, Bariniput, Dist: Koraput, Odisha | Rs.2360/- (2000/-+ 18% GST) | Rs.2400/- |

- Period of Sale/ Download of tender document : From Dt.26.06.2025 upto 11.00 Hrs. of Dt.15.07.2025
- Last date & Time of receipt of tender document: Upto 12.00 Hrs. of Dt.15.07.2025
- Date & Time of Opening of tender document: At 12.30 Hrs of 15.07.2025

For details of tender documents/ terms & conditions/ corrigendum/ errata / addendum. If any please visit our website www.ohpcltd.com
OIPR-04002/11/0101/2526 Sd./- C&P Head, UKHEP, Bariniput

ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
No. CAD-891 Email-hpschiplima@yahoo.in, Fax No. (0663) 2460505
No.-CHEP/TW-74 (Vol.-III)/2368 Date: 24.06.2025
TENDER CALL NOTICE NO.-CHEP-20/2025-26
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Service Contractors / Agencies for the following work as mentioned below;

| Description | Cost of Tender Paper (Non-Refundable) | Estimated Cost / EMD |
|---|---|---|
| Running of Power House Canteen on Job Contract Basis of CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,36,766.00 / EMD = Rs.4,370.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.26.06.2025 up to 12:30 PM of dtd.10.07.2025.
OIPR-04006/11/0092/2526 Sd/- C & P Head, CHEP, Chiplima

Bhadrak Autonomous College, Bhadrak
ADMISSION NOTICE 2025-26
Offers Following Self-Financing Courses for the
No.CAD-901 Academic Session 2025-26
**B.Sc. (Hons.) Data Science**
Eligibility: Passed with minimum 40% marks in aggregate in Higher Secondary (+2) Examination in Science Stream or Equivalent.
**B.Sc. (Hons.) Mathematics & Computing**
Eligibility: Passed with minimum 40% marks in aggregate in Higher Secondary(+2) Examination in Science stream with Mathematics as a subject in +2 exam. Or Equivalent.
**PGDCA: (Post Graduate Diploma in Computer Application)**
**Eligibility:** Graduate in any Stream from a recognized University.
**Offline Application Forms and Information Bulletins are available at College Counter on all working days OR you may download the form from the college website www.bhadrakcollege.ac.in.**
**Last Date for receipt of offline application form: 04/07/2025**
Sd /- Principal
For Details, Call: 8260894249, 9178614739, 7483057599, 8327745840
OIPR-11028/11/0015/2526

ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in
TENDER CALL NOTICE
Bid identification No:- VI-07(10)/SERIFED/2025-26/ 787
**No.CAD-883** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website: www.tendersodisha.gov.in. during the period dt. 27.06.2025 to 5.00 P.M. up to 05.07.2025. Tender shall be received till 5.00 PM on 05.07.2025 & shall be opened at 11.30 A.M. on 07.07.2025. Any addendum / corrigendum / cancellation of tender can also be seen in the said website.
OIPR-39036/11/0058/2526 Sd./- MANAGING DIRECTOR

ପୌର ପରିଷଦ ହିଞ୍ଜିଳିକାଟୁ
HINJILICUT MUNICIPAL COUNCIL
ହିଞ୍ଜିଳିକାଟୁ, ଜିଲ୍ଲା - ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ - ୦୬୮୧୧ - ୨୮୦୦୨୫, ଟୋଲ୍ଫ୍ରି - ୧୪୪୨୦
At - Hinjilicut, Dist. - Ganjam, Pin - 761102, Contact : 06811-280025, Toll Free No. : 14420
Email : hinjilicutmunicipality@gmail.com, hinjilimunicipality@gmail.com
: Hinjilicut Municipality, : Hinjilicutmunicipality
Letter No. 1573/2025, Date : 23.06.2025
QUOTATION CALL NOTICE
**No.C-589** : The Executive Officer, Hinjilicut Municipality on behalf of Governor of Odisha invites Quotation / Tenders are invited from interested reputed Travel Agencies/Tour Operators / Private Individuals having GST registration for providing 01(one) no. of A.C Petrol/ Diesel driven Vehicle (i.e. Mahindra Bolero / Tuv 300 / Tata Sumo Gold etc.) having seating capacity not more than 7 Nos. including driver, which shall confirm to the terms and conditions (Annexure-A) for Official use in Office of the Executive Officer, Hinjilicut Municipality, Dist- Ganjam on monthly rent basis.
1. Sale of Quotation Paper — Dt : 25.06.2025 to 07.07.2025 During Office Hour
2. Last Date of submission of Quotation — Dt : 08.07.2025, 5.00 P.M.
3. Date of opening of Quotation — Dt : 09.07.2025, 11.00 A.M.
4. Security Deposit — Rs. 10,000/- (Rupees Ten Thousand only)
5. Cost of Quotation Paper — Rs. 1000/- (Rupees One Thousand only)

All the quotation shall be opened in the Chamber of the Executive Officer, Hinjilicut Municipality in presence of the tenderers or their authorized representatives. The office is not responsible for absence of any contractors / representatives during opening of the tenders.
The Authority reserves the right to reject or cancel any or all tenders without assigning any reason thereof
Sd./- Executive Officer
OIPR-13105/11/0021/2526 Hinjilicut Municipality

ଓଡ଼ିଶା ସରକାର, କ୍ରୀଡ଼ା ଓ ଯୁବସେବା ବିଭାଗ
SYS-SPW-AWARD-0002-2025-15557 Dt.25.06.2025
ବିଜ୍ଞାପନ
'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪' ନିମନ୍ତେ ବ୍ୟକ୍ତିବିଶେଷ/ ଅନୁଷ୍ଠାନଙ୍କଠାରୁ ନିମ୍ନୋକ୍ତ ବର୍ଗରେ ମନୋନୟନ ପତ୍ର ଆହ୍ୱାନ କରାଯାଉଅଛି।
No. TT-: ପୁରସ୍କାର ବର୍ଗ: (୧) କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, (୨) କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, (୩) କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, (୪) କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, (୫) କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, (୬) ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍, (୭) ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ (୮) ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତ୍ତା। ନିୟମାବଳୀ: (୧) ବିଭିନ୍ନ ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ପାଇଁ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍‌ରେ **(https://sports.odisha.gov.in)** ଉପଲବ୍ଧ ଅଛି। (୨) ମନୋନୟନପତ୍ର ଉଭୟ ଅଫଲାଇନ ଓ ଅନଲାଇନ (ଉପରୋକ୍ତ ବିଭାଗୀୟ ୱେବସାଇଟ୍ ମାଧ୍ୟମରେ) ପଦ୍ଧତିରେ ତା୦୫।୦୮।୨୦୨୫ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଗ୍ରହଣ କରାଯିବ। (୩) ଏହି ସମୟସୀମା ବାହାରେ ପ୍ରାପ୍ତ ମନୋନୟନ ପତ୍ର ଗ୍ରହଣଯୋଗ୍ୟ ହେବ ନାହିଁ। (୪) ଆବେଦନକାରୀ ଅଫଲାଇନ୍ ପଦ୍ଧତିରେ ମନୋନୟନ ପତ୍ର ଦାଖଲ କରୁଥିଲେ ମନୋନୟନ ପତ୍ର ଓ ସମସ୍ତ ସମ୍ପର୍କିତ କାଗଜପତ୍ର ସହିତ 'ନିର୍ଦ୍ଦେଶକ, କ୍ରୀଡ଼ା, କ୍ରୀଡ଼ା ଓ ଯୁବସେବା ବିଭାଗ, କଳିଙ୍ଗ ଷ୍ଟାଡ଼ିୟମ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨' ଠିକଣାରେ ଡାକ (Speed Post)/କୋରିଅରସେବା/e-mail: **bijupattnaikawards@gmail.com** ଯୋଗେ ପ୍ରେରଣ କରିପାରିବେ। (୫) ଆବେଦନପତ୍ର ଲଫାଫା ଉପରେ ପ୍ରେରକ ତାହାଙ୍କର ସମ୍ପୂର୍ଣ୍ଣ ନାମ, ଡାକ ଠିକଣା, ମୋବାଇଲ ନମ୍ବର, ଇ-ମେଲ୍ ଆଇ.ଡି ଲେଖିବେ। ତତ୍ ସହିତ, ଲଫାପାର ଉପର ଭାଗରେ ସ୍ପଷ୍ଟ ଭାବରେ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪' ଲେଖିବେ। (୬) ମନୋନୟନ ପତ୍ର ଦାଖଲ ତଥା ପରବର୍ତ୍ତୀ ଯେ କୌଣସି ପରିସ୍ଥିତିରେ କ୍ରୀଡ଼ା ଓ ଯୁବସେବା ବିଭାଗଙ୍କ ନିଷ୍ପତ୍ତି ସର୍ବଦା ଚୂଡ଼ାନ୍ତ ରହିବ।
OIPR-29001/11/0094/2526 ସ୍ୱା./- ନିର୍ଦ୍ଦେଶକ, କ୍ରୀଡ଼ା

# ଆଶା ରଖିଛନ୍ତି ଜାହ୍ନବୀ

**କ**ଥାରେ ଅଛି–ଆଶା ଅସୁମାରୀ। ହେଲେ ସବୁ ଆଶା କ'ଣ ପୂରଣ ହୁଏ? ବେଳେବେଳେ କେତେକ ନିଜ ଆଶା ପୂରଣ କରିବାକୁ ଚାତକ ପରି ଚାହିଁ ବସିଥାଆନ୍ତି। ଆଉ ଏଥିରୁ ବା ଜାହ୍ନବୀ କପୁର ବାଦ୍ ପଡିବେ କେମିତି କହୁନାହାନ୍ତି ! କଥା କ'ଣ କି ତାଙ୍କର ଏକ ଆଶା ରହିଛି। ଯଦି ଭବିଷ୍ୟତରେ ତାହା ପୂରଣ ହୁଏ, ତେବେ ତାହା ହିଁ ହେବ ତାଙ୍କ ଜୀବନରୁ ସବୁଠାରୁ ଖୁସିର ମୁହୂର୍ତ୍ତ। ହେଲେ ଏମିତି ସେ ଆଶାଟା କ'ଣ କି? ଏ ନେଇ ଜାହ୍ନବୀ କହନ୍ତି, ''ଆଗକୁ ମୁଁ ତ ଘର ସଂସାର କରିବି। ସେତେବେଳେ ମୋର ଏକ ଆଶା ରହିଛି। ମୋର ବିବାହ ଉତ୍ସବ କେଉଁଠି ହେଲେ ମୁଁ ବେଶି ଖୁସି ହେବି ଜାଣନ୍ତି? ତିରୁପତିରେ। ବିବାହ ସମୟରେ ମୁଁ ପାରମ୍ପରିକ ଗେଟ୍ଅପ୍ ନେବି। ଆଉ ଯେଉଁ ଶାଢ଼ି ପିନ୍ଧିବି ତାହା କାଞ୍ଜିବରମ ହୋଇଥିବ। ଏକଥା ଯଦି ପୂରଣ ହୁଏ ତେବେ ମୁଁ ବେଶି ଖୁସି ହେବି।'' ଜାହ୍ନବୀ ଯେତେ ପ୍ରକାର ମନଲାଖି ଖାଦ୍ୟ ଖାଇଲେ କ'ଣ ହେବ ତାଙ୍କର ପାପା ତଥା ବଲିଉଡ୍ର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ ବୋନି କପୁରଙ୍କ ହାତ ରନ୍ଧା ଖାଦ୍ୟ ତାଙ୍କର ବେଶି ପସନ୍ଦ। ଏବେ ସେ କୁଆଡେ ଭଲ ଭାବରେ ତେଲୁଗୁ କହି ପାରୁଛନ୍ତି। 'ଦେବରା–୧'ର ଶୁଟିଂ ସମୟରେ ସେ ଏହି ଭାଷାକୁ ଭଲ ଭାବରେ ଶିଖିପାରିଛନ୍ତି ବୋଲି କହି ବୁଲୁଛନ୍ତି।


ଜାହ୍ନବୀ

# ପାଖେଇ ଆସୁଛି ଦିନ

**ଚ**ନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ହିଟ୍ଲର' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନାୟକ ସାଜିଛନ୍ତି ଦୀପକ। ଅନ୍ୟପକ୍ଷରେ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର–କମ୍–ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଆର୍ଲିନ ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା,ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। ''ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ। ଖୁବ୍ ଶୀଘ୍ର ରିଲିଜ ହେବାକୁ ଥିବା 'ହିଟଲର' ଫିଲ୍ମଟି ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ।''


ଦୀପକ–ଆର୍ଲିନ

# ପ୍ରଥମେ ରାଜେଶ, ପରେ ଶଶୀ


ରାଜେଶ ଖାନ୍ନା

**ବ**ଲିଉଡ୍ର ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରେ ରାଜେଶ ଖାନ୍ନା ଅନ୍ୟତମ। ସେ ଥିଲେ ହିନ୍ଦୀ ସିନେମା ଜଗତର ପ୍ରଥମ ସୁପରଷ୍ଟାର। ତାଙ୍କର ଅଭିନୟ ଅନେକ ଅଭିନେତାଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିଲା। ନିଜ କ୍ୟାରିୟର ମଧ୍ୟରେ ସେ ଅନେକ ସୁପରହିଟ୍ ଫିଲ୍ମରେ ଅଭିନୟ କରିଛନ୍ତି। ଏକଦା ବିଶିଷ୍ଟ ନିର୍ଦ୍ଦେଶକ ତଥା ପ୍ରଯୋଜକ ରାଜ୍ କପୁର ତାଙ୍କର ଫିଲ୍ମ 'ସତ୍ୟମ ଶିବମ ସୁନ୍ଦରମ୍'ର ନାୟକ କିଏ ହେବ ସେ ନେଇ ଚିନ୍ତାରେ ପଡିଯାଇଥିଲେ। ହଠାତ୍ ତାଙ୍କ ମନକୁ ଆସିଲା ଯେ ଏହି ରୋଲ୍ ପାଇଁ ରାଜେଶ ଖାନ୍ନା ହିଁ ଫିଟ୍। ତେଣୁ ବିଳମ୍ବ ନ କରି ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ କେତେକ କାରଣରୁ ରାଜେଶ ଏହି ଅଫରଟିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଶେଷରେ ଉକ୍ତ ଭୂମିକା ପାଇଁ ଶଶୀ କପୁରଙ୍କୁ ସାଇନ୍ କରାଯାଇଥିଲା। ରାଜେଶ ଅଭିନୟରେ କେତେ ପରିପକ୍ୱ ଥିଲେ ତାହାର ଅନେକ ଉଦାହରଣ ରହିଛି। ଏକଦା ତାଙ୍କ ଅଭିନୀତ ୧୫ଟି ସିନେମା ଲଗାତର ସୁପରହିଟ୍ ସାବ୍ୟସ୍ତ ହୋଇଥିଲା, ଯାହା ଏପର୍ଯ୍ୟନ୍ତ ଏକ ରେକର୍ଡ ହୋଇ ରହିଛି। ସେ ଅଭିନୟ କରିଥିବା ହିଟ୍ ସିନେମା 'ଆରାଧନା'ରେ ଏକ ଗୀତ 'ରୂପ ତେରା ମସ୍ତାନା' ବେଶ୍ ଶ୍ରୋତାଦୃତ ହୋଇଥିଲା। ଶୁଣିବାକୁ ମିଳେ ଯେ ଏହାର ଶୁଟିଂ ବିନା କଟ୍ରେ ତଥା ଗୋଟିଏ ଟେକ୍ରେ ଶେଷ ହୋଇଥିଲା।

# ମନେରହିବେ ଉମା ପଟ୍ଟନାୟକ



**କ**ଳାକାରର ମୃତ୍ୟୁ ନାହିଁ। ସେ ଚିର ଅମର। ଆମ ରାଜ୍ୟର ସୌଖୀନ ଅଭିନେତାଙ୍କ ମଧ୍ୟରେ ଉମା ପଟ୍ଟନାୟକ ଅନ୍ୟତମ। ଅଭିନୟ ବଳରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ହେଲେ ମୃତ୍ୟୁ ଯେ ତାଙ୍କୁ ଏମିତି କବଳିତ କରିବ ତାହା ବିଶ୍ୱାସ କରିବା କଷ୍ଟ। ନିଜ ଘରେ ଠାକୁର ଘର ଖୋଲୁ ଖୋଲୁ ସେଇଠାରେ ହୃଦ୍ଘାତରେ ତାଙ୍କର ପରଲୋକ ହୋଇଯାଇଥିଲା। ମାତ୍ର ୫ ମାସ ପୂର୍ବରୁ ତାଙ୍କର ଧର୍ମପତ୍ନୀ ବାସନ୍ତୀ ପଟ୍ଟନାୟକଙ୍କର ମୃତ୍ୟୁ ହୋଇଥିଲା। ଭୁବନେଶ୍ୱରସ୍ଥ ବଡଗଡ ଗାଁରେ ଜନ୍ମିତ ଉମା ଭାଇ ଥିଲେ ଜଣେ ମେଳାପୀ ଏବଂ ଭଦ୍ର ଲୋକ। ତାଙ୍କ ଅଭିନୀତ ଦର୍ଶକାଦୃତ ନାଟକଗୁଡିକ ମଧ୍ୟରେ ରହିଛି–ଅଭିଶପ୍ତ ଘୁଙ୍ଗୁର, ମାଂସର ବିଳାପ, ଥ୍ୟାଙ୍କ୍ୟୁ ମିଷ୍ଟର ଗ୍ଲାଏଡ୍, ଫାଶ ଏବଂ ପ୍ରତୀକ୍ଷା ଅନ୍ୟତମ। ସମାଜସେବା କ୍ଷେତ୍ରରେ ସେ ମଧ ଜଣେ ଆଗଧାଡିର ବ୍ୟକ୍ତିତ୍ୱ ଥିଲେ। ଦେବୁ ବୋଷଙ୍କ ଦିଗନ୍ତ ନାଟ୍ୟସଂସ୍ଥା ସହ ଉମା ଭାଇ ଜଡିତ ଥିଲେ। ସବୁଠାରୁ ଖାସ୍ କଥା ହେଲା, ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କର ସେ ଥିଲେ ସହପାଠୀ।

ବଡଗଡ ଗାଁର ନେତାଜୀ କ୍ଲବ ସହ ସେ ପ୍ରାରମ୍ଭରୁ ଜଡିତ ଥିଲେ। ଏହି କ୍ଲବର ସଦସ୍ୟଙ୍କ ଦ୍ୱାରା ମଞ୍ଚସ୍ଥ ନାଟକରେ ସେ ମଧ ଅଭିନୟ କରିଛନ୍ତି। ଉକ୍ତ କ୍ଲବ୍ର ନାଟକ ବାଉଁଅ ଝିଅ, ଜରା ଶବର, ମହାସମର, ଦିପଟ ଚୁଡି ଆଦିରେ ଉମା ଭାଇଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ସରକାରୀ ଚାକିରି (ପ୍ରୋଭିଡେଣ୍ଟ ଫଣ୍ଡ ଅଫିସ) କରିଥିଲେ ମଧ ସେ ନିଜକୁ ଜଣେ ଦକ୍ଷ ଅଭିନେତା, ସମାଜସେବୀ ଭାବରେ ପରିଚିତ କରାଇ ପାରିଥିଲେ। ଆମ ଗାଁରେ କୌଣସି ସମସ୍ୟାର ସମାଧାନ ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହୁଥିଲା। ବଡଗଡ ପ୍ରତି ଉମା ଭାଇଙ୍କର ଯାହା ଅବଦାନ ରହିଛି ତାହା ଚିର ସ୍ମରଣୀୟ ହୋଇ ରହିବ। ତାଙ୍କର ଆତ୍ମା ଶାନ୍ତିରେ ରହୁ–ଏତିକି ପ୍ରାର୍ଥନା।

**–ଦୀଲିପ ହାଲି,** ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଚିର ସ୍ମରଣୀୟ ହୋଇ ରହିବ


'ଶ୍ରୀଜଗନ୍ନାଥଙ୍କ ନବକଳେବର' ଫିଲ୍ମରେ ଶ୍ରୀତମ

**ସେ** ଏକାଧାରରେ ଜଣେ ଅଭିନେତା ଏବଂ ନିର୍ଦ୍ଦେଶକ। 'ତୁ ଥା ମୁଁ ଯାଉଛି ରୁଷି'ରୁ ଆରମ୍ଭ ହୋଇଥିଲା ତାଙ୍କର ନିର୍ଦ୍ଦେଶନା କ୍ୟାରିୟର। ଦୀର୍ଘ ୩୦ ବର୍ଷର ଅଭିନୟ ଜୀବନରେ ସେ ଅନେକ ସିନେମାରେ ଆକ୍ଟିଂ କରିବା ସହ କେତେକ ଚିତ୍ରର ନିର୍ଦ୍ଦେଶନା ଦେଇ ନିଜର ଦକ୍ଷତା ପ୍ରତିପାଦନ କରିସାରିଛନ୍ତି। ସେ ହେଲେ ଅଲରାଉଣ୍ଡର ଶ୍ରୀତମ ଦାସ। ହେଲେ ଏକ ସିନେମା ତାଙ୍କର ଚିର ସ୍ମରଣୀୟ ହୋଇ ରହିବ। ଏହି ଚଳଚ୍ଚିତ୍ରଟିର ଟାଇଟଲ ରହିଛି 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଏଥିରେ ସେ ମୁକୁନ୍ଦ ଦେବ ଚରିତ୍ରରେ ଅଭିନୟ କରିଛନ୍ତି। ଅବଶ୍ୟ ଏହାପୂର୍ବରୁ ସେ 'ବାହୁଡିବେ ମୋ ଜଗା ବଳିଆ', 'ଶ୍ରୀଜଗନ୍ନାଥ' ଏବଂ 'ମହାବାହୁ' ଶୀର୍ଷକ ସିନେମାରେ ଅଭିନୟ କରିସାରିଛନ୍ତି। ତେବେ ଏଥର ଏହି ନୂଆ ସିନେମା ତାଙ୍କର ପାଇଁ ଏକ ନିଆରା ଅନୁଭୂତି ଆଣି ଦେଇଛି। ''ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ତୁଲାଇବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଅନ୍ୟପକ୍ଷରେ ଏକଦା ଏହାର ଶୁଟିଂ ସମୟରେ ମୁଁ ଘୋଡାରୁ ଖସି ପଡି ଆହତ ହୋଇଥିଲି। ଏହି ଚଳଚ୍ଚିତ୍ରର କାହାଣୀ ଏବଂ ଉପସ୍ଥାପନା ଯେପରି ହୋଇଛି ମୋର ଦୃଢ଼ ବିଶ୍ୱାସ ଯେ ଏହା ନିଶ୍ଚୟ ଦର୍ଶକାଦୃତ ହେବ ବୋଲି କହନ୍ତି ଶ୍ରୀତମ।'' ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି)ଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଚିତ୍ରଟିର ଅନ୍ୟତମ ପ୍ରଯୋଜକ ଅଛନ୍ତି ଦିଲୀପ କୁମାର ଜେନା। କାର୍ଯ୍ୟନିର୍ବାହୀ ପ୍ରଯୋଜକ ହେଉଛନ୍ତି ପ୍ରଣୟ ଜେଠୀ। ଏଥିରେ ମୁକୁନ୍ଦ ଦେବଙ୍କ ରାଣୀ ପଦ୍ମାବତୀ ଭୂମିକାରେ ଅଭିନୟ କରିଛନ୍ତି ପିଙ୍କି ପ୍ରଧାନ। ଏହି ମଲ୍ଟି ଷ୍ଟାରର ଫିଲ୍ମରେ ଶ୍ରୀତମଙ୍କ ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି, ସୂର୍ଯ୍ୟମୟୀ, ଶିବାନୀ, କୁନା ତ୍ରିପାଠୀ, ଅଂଶୁମାନ, ପିଙ୍କି ପ୍ରଧାନ, ଅଶ୍ରୁମୋଚନ ମହାନ୍ତି, ଏବଂ ରବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।

# ଅନିଦ୍ରାରେ ରାତି କଟିଥିଲା

**ଜ୍ୟା**କଲିନ୍ ଫର୍ନାଡିସ ଏକଦା ଏଭଳି ପରିସ୍ଥିତିର ସାମନା କରିଥିଲେ ଯେଉଁଥି ପାଇଁ ତାଙ୍କୁ ୨–୩ ଦିନ ଅନିଦ୍ରା ରହିବାକୁ ପଡିଥିଲା। ସେ ପ୍ରଥମେ ଏକ ଶ୍ରୀଲଙ୍କା ଚ୍ୟାନେଲରେ ରିପୋର୍ଟର ଭାବରେ କିଛି ଦିନ କାମ କରିଥିଲେ। ୨୦୦୬ରେ 'ଶ୍ରୀଲଙ୍କା ସୁନ୍ଦରୀ' ମୁକୁଟ ପିନ୍ଧିବା ପରେ ସେ ଅଭିନୟ ପ୍ରତି ମନ ବଳାଇଥିଲେ। ଜ୍ୟାକଲିନ୍ଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଆଲ୍ଲାଦିନ୍'। ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। କାରଣ ଏହାର କାଷ୍ଟିଂରେ ଅମିତାଭ ବଚ୍ଚନ ଏବଂ ରିତେଶ ଦେଶମୁଖଙ୍କ ପରି ଅଭିନେତା ଥିଲେ। କିନ୍ତୁ ରିଲିଜ ପରେ ଏହାର ଅବସ୍ଥା ଯାହା ହେଲା ତାହା ନ କହିବା ଭଲ। ଫିଲ୍ମଟିକୁ ଫ୍ଲପ୍ ତାଲିକାଭୁକ୍ତ ହୋଇଥିଲା। କିନ୍ତୁ ଜ୍ୟାକଲିନ୍ ଆଶା ରଖିଥିଲେ ଯେ ନିଜର ପ୍ରଥମ ସିନେମା ବକ୍ସ ଅଫିସରେ ଭଲ ବିଜନେସ କରିବ। ହେଲେ ତାହା ସମ୍ଭବ ହୋଇ ନଥିଲା। ''ଯେତେବେଳେ ମୋ ଅଭିନୀତ ପ୍ରଥମ ହିନ୍ଦୀ ସିନେମା 'ଆଲ୍ଲାଦିନ୍' ଫ୍ଲପ୍ ହେଲା ସେତେବେଳେ ତାହାକୁ ମୁଁ ବିଶ୍ୱାସ କରି ପାରି ନ ଥିଲି। ଭଲ କାହାଣୀ, କାଷ୍ଟିଂ ସତ୍ତ୍ୱେ ଦର୍ଶକ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାର ସଫଳତାକୁ ନେଇ ମୁଁ ଏତେ ଆଶାବାଦୀ ଥିଲି ଯେ, ଫିଲ୍ମଟି ଫ୍ଲପ୍ ହେବା ପରେ ମୁଁ ୨–୩ ଦିନ ଶୋଇ ପାରି ନ ଥିଲି। ତା'ପରେ ମନକୁ ବୁଝାଇ ଆଗକୁ ଆଗେଇଥିଲି ବୋଲି କହନ୍ତି ଜ୍ୟାକଲିନ୍।'' ଚଳିତ ମାସ ୬ ତାରିଖରେ ସାଜିଦ ନାଦିଓ୍ୱାଦଓ୍ୱାଲାଙ୍କ ପ୍ରଯୋଜିତ ଏବଂ ଜ୍ୟାକଲିନ୍ଙ୍କ ଅଭିନୀତ 'ହାଉସଫୁଲ ୫' ବକ୍ସ ଅଫିସରେ ଭଲ ବିଜନେସ୍ କରିବାରେ ସକ୍ଷମ ହୋଇଛି।


ଜ୍ୟାକଲିନ୍

# ମଡେଲିଂରୁ ଅଭିନେତ୍ରୀ


ରକୁଲ୍

**ର**କୁଲ ପ୍ରୀତ ସିଂ ନିଜ କ୍ୟାରିୟର ଜଣେ ମଡେଲର ଭାବରେ ଆରମ୍ଭ କରିଥିଲେ। ସେତେବେଳେ ସେ କଲେଜରେ ପଢୁଥିଲେ। ଆଉ ସେହି ସମୟରେ ତାଙ୍କର ବୟସ କେତେ ଥିଲା ଜାଣନ୍ତି ? ମାତ୍ର ୧୮ ବର୍ଷ। ହେଲେ ତା'ପରେ ତାଙ୍କୁ ବଡ ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ବେଶ୍ କିଛି ଚିନ୍ତା କରିବା ପରେ ଆକ୍ଟିଂ ଲାଇନ୍ରେ ପାଦ ଥାପିଥିଲେ ରକୁଲ୍। କାରଣ ଏହାକୁ ଯେ ଭବିଷ୍ୟତରେ କ୍ୟାରିୟର କରିବେ ତାହା ସେ କଦାପି କଳ୍ପନା କରି ନ ଥିଲେ। ''କଲେଜରେ ପଢ଼ିବା ସମୟରେ ମୁଁ ମଡେଲିଂ କରୁଥିଲି। ଆଶା ଥିଲା ପାଠ ପଢ଼ି ଚାକିରି କରିବି। ହେଲେ ସେତିକି ବେଳେ ମୋତେ ଏକ କନ୍ନଡ ଫିଲ୍ମ 'ଗିଲି' (୨୦୦୯)ରେ ଅଭିନୟ କରିବାକୁ ଅଫର ମିଳିଥିଲା। ଏ ନେଇ ହଠାତ୍ କିଛି ନିଷ୍ପତ୍ତି ନେଇ ପାରି ନ ଥିଲି। ଶେଷରେ ଭାବିଥିଲି ଯେ ହଉ, ଆକ୍ଟିଂ ଦ୍ୱାରା ଯଦି କିଛି ପକେଟ ମନି ମିଳିଯାଏ ତା'ହେଲେ ଭଲ କଥା। ହେଲେ ଭାଗ୍ୟଦେବୀ ମୋ ପ୍ରତି ଏମିତି ପ୍ରସନ୍ନ ହେଲେ ଯେ ପରବର୍ତ୍ତୀ ସମୟରେ ଅଭିନୟ ମାୟାରୁ ମୁଁ ନିଜକୁ ମୁକୁଳାଇ ପାରି ନ ଥିଲି। ସେଲଭାରାଘବନଙ୍କ 'ସେଭେନଜି ରେନ୍ବୋ'ର ଏହା ଥିଲା ରିମେକ୍। ତେବେ ମୋ ପ୍ରଥମ ଫିଲ୍ମ ଯେଉଁଭଳି ସଫଳତା ହାସଲ କଲା, ତା'ପରେ ମୁଁ ସ୍ଥିର କରି ନେଲି ଯେ ଭବିଷ୍ୟତରେ ଆକ୍ଟିଂକୁ ମୁଁ ନିଶ୍ଚୟ କ୍ୟାରିୟର କରିବି ବୋଲି କହନ୍ତି ରକୁଲ୍।'' ୨୦୧୩ରେ ତାଙ୍କୁ ବଲିଉଡ୍ରେ ବ୍ରେକ୍ ମିଳିଥିଲା ଆଉ ଫିଲ୍ମଟି ଥିଲା 'ୟାରିୟାଁ'। ଇତି ମଧ୍ୟରେ ସେ ବାସୁ ଭଗନାନିଙ୍କ ପୁଅ ଜ୍ୟାକିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇସାରିଛନ୍ତି।

# ନିଷିଦ୍ଧ ଔଷଧ ଆଇନ ଆହୁରି କଠୋର ହେବା ଆବଶ୍ୟକ

ଔଷଧ ଆମ ପାଇଁ କେତେ ଜରୁରୀ ତାହା କହିବା ଅନାବଶ୍ୟକ। ହେଲେ ଏଭଳି କେତେକ ଔଷଧ ରହିଛି ଯାହାର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ଏହି ଔଷଧଗୁଡିକ ଯେଭଳି ଲୋକଙ୍କ ପାଖରୁ ଦୂରେଇ ରଖାଯାଇପାରିବ ସେ ବିଷୟରେ ସଚେତନତା ସୃଷ୍ଟି କରାଯାଉଛି। ଏଥିପାଇଁ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ 'ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧୀ ଦିବସ' ଭାବରେ ପାଳନ କରାଯାଇଥାଏ। ଏହାକୁ ମଧ୍ୟ 'ନିଷିଦ୍ଧ ଔଷଧ ଦିବସ' କୁହାଯାଏ। ନିଷିଦ୍ଧ ଔଷଧ ଯେପରି ନିଜର କାୟା ବିସ୍ତାର କରି ନ ପାରେ ସେଥିପାଇଁ କେତେକ ଆଇନ ପ୍ରଣୟନ କରାଯାଇଛି। ଏଗୁଡ଼ିକ ଯେତେ ଦୃଢ଼ ଭାବରେ କାର୍ଯ୍ୟ କରିବ ନିଷିଦ୍ଧ ଔଷଧ ପ୍ରତି ଲୋକମାନେ ସେତେ ଦୂରତା ଅବଲମ୍ବନ କରିବେ। ବିଶେଷଭାବରେ କେତେକ ନିଷିଦ୍ଧ ଔଷଧରେ ନିଶା କରାଇବା ଶକ୍ତି ଥାଏ। ଏହା ଅଳ୍ପ ସମୟ ମଧ୍ୟରେ ଯନ୍ତ୍ରଣା ଲାଘବ କରିପାରେ, ହେଲେ ତାହାର ପାର୍ଶ୍ୱପ୍ରତିକ୍ରିୟା ଶରୀର ଉପରେ ପଡ଼ିବାର ଆଶଙ୍କା ରହିଛି। ଏଭଳି ଔଷଧର ଚୋରାଚାଲାଣ ମଧ୍ୟ ଦେଖିବାକୁ ମିଳୁଛି। ତେଣୁ ଏହା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହେବା ଦରକାର। ଏସବୁ ଔଷଧର ମାରାତ୍ମକ ଦିଗକୁ ଦୃଷ୍ଟିରେ ରଖି ଏଥିପାଇଁ କଠୋର ଆଇନ ପ୍ରଣୟନ କରାଯାଇଛି।

**ଆଜି ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧୀ ଦିବସ**



ଅନ୍ୟପକ୍ଷରେ ନିୟମିତ ବ୍ୟବଧାନରେ ସେହି ଆଇନଗୁଡିକରେ ସଂଶୋଧନ କରାଯାଉଛି। ତେଣୁ ଜନସାଧାରଣ ଏ ନେଇ ସଚେତନ ରହିବା ନିହାତି ଦରକାର। ଏଭଳି ଔଷଧ ବିଷୟରେ ଭଲ ଭାବେ ଅବଗତ ହେବା ଏହା ବିରୋଧରେ ସଚେତନତା ସୃଷ୍ଟି କରିପାରିଲେ ୧୯୮୯ ମସିହାରୁ ପାଳିତ ହୋଇଆସୁଥିବା ଏହି ଦିବସର ଲକ୍ଷ୍ୟ ସାଧନ ହୋଇପାରିବ।

# ନବଯୌବନ ଲୀଳାରୁ ପାବନ ମଣିଷ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିବର୍ଷ ଅଣସର ଲୀଳା ପରେ 'ନବଯୌବନ' ରୂପରେ ଦର୍ଶନ ଦିଅନ୍ତି। ଶ୍ରୀଜଗନ୍ନାଥ ଧାମ ବ୍ୟତୀତ ବର୍ଷକୁ ଥରେ ଦାରୁଦିଅଁ 'ନବଯୌବନ' ରୂପରେ ଦର୍ଶନ ଦେବା ପରମ୍ପରା ଅନ୍ୟତ୍ର ପ୍ରଚଳିତ ଥିବାର ପ୍ରସିଦ୍ଧି ନାହିଁ। ତେବେ ଶ୍ରୀଜଗନ୍ନାଥଙ୍କ ଉପାସନାରେ ପ୍ରତ୍ୟେକ ଲୀଳାର ସାମାଜିକ ବାର୍ତ୍ତା ରହିଥିବା ପରି 'ନବଯୌବନ' ରୂପରେ ଦର୍ଶନ ଦେବା ପଛରେ ମଧ୍ୟ ସାମାଜିକ ବାର୍ତ୍ତା ରହିଛି। ଏହି ବାର୍ତ୍ତା ଖୁବ୍ ରହସ୍ୟମୟ।



ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, 'ଯୌବନ' ଶବ୍ଦ ପ୍ରଥମେ ଅଥର୍ବ ବେଦ (୧୮/୪/୫୦)ରେ ବ୍ୟବହୃତ ହୋଇଛି। ମଣିଷ ଜନ୍ମର ୧୬ ବର୍ଷରୁ ୭୦ ବର୍ଷ ପର୍ଯ୍ୟନ୍ତ ଯୌବନକାଳ ବୋଲି ବହୁ ପ୍ରାଚୀନ ଆଲୋଚକ ସିଦ୍ଧାନ୍ତରେ ଏକମତ ହୋଇଛନ୍ତି। ଧର୍ମଶାସ୍ତ୍ରରେ କୁହାଯାଇଛି ମଣିଷର ୧୬ବର୍ଷ ପୂର୍ବର ସମୟ ହେଉଛି 'ବାଳ ଅବସ୍ଥା', ଯାହାକୁ ସଂସ୍କୃତରେ କୁହାଯାଏ ବାଲ୍ୟକାଳ। ବାଲ୍ୟ କାଳର ଶେଷ ୪ ବର୍ଷକୁ ବହୁ ଆଲୋଚକ 'କିଶୋର' ଅବସ୍ଥା ବା କିଶୋର କାଳ ବୋଲି ମତ ଦେଇଛନ୍ତି। ଷୋହଳ ବର୍ଷ ପରର କାଳକୁ 'ତରୁଣ' ସମୟ ବା ତରୁଣକାଳ ମଧ୍ୟ କୁହାଯାଇଥାଏ। ସତୁରି ବର୍ଷ ପରେ ମଣିଷର 'ବୃଦ୍ଧକାଳ' ବୋଲି ବିଚାର କରାଯାଏ। ଯୌବନ କାଳରେ ମଣିଷ ଶରୀରରେ କେତେକ ବିଚାରଗତ ପରିବର୍ତ୍ତନ ହୁଏ। ଏହାକୁ ସେ ସମୟର 'ଲକ୍ଷଣ' ବୋଲି କହି ସେହି କାଳକୁ ପାରି ହୋଇସାରିଥିବା ଆମେ ଅନୁଭବ କରିପାରିବା। ସେ ସମୟରେ ଦେଖିବାର କଳାଟି ଭାରି ସରାଗପୂର୍ଣ୍ଣ ହୁଏ। ପୁରୀ ଭାଷାରେ 'ସରାଗିଆ ଚାହାଣି' କୁହାଯାଏ। ପୁରୁଷଟିଏ ହୋଇଥିଲେ ସ୍ୱାଭାବିକ ପ୍ରକୃତି (ନାରୀ) ସହିତ ମିଶିବାକୁ ଅନ୍ତରର କେଉଁ ଅନ୍ଧାରିଆ କୋଣରେ ଇଚ୍ଛାଟିଏ ଉଙ୍କିମାରେ। ପ୍ରକୃତି ହୋଇଥିଲେ ସେହିପରି ପୁରୁଷ ପ୍ରତି ସୃଷ୍ଟି ହୁଏ। ଉପଭୋଗର ଏକ ମୃଗତୃଷ୍ଣା ନିଛାଟିଆ ବେଳାରେ ବାଦଲ ଭଳି ମନ ଆକାଶରେ ଭାସିଯାଏ। ଖାଲି ସେତିକି ନୁହେଁ, ବଡ଼ବଡ଼ିଆମାନେ ମଣିଷର ଇନ୍ଦ୍ରିୟକୁ ହରିଣ ସହିତ ତୁଳନା କରିଛନ୍ତି। ସେଇ ହରିଣଟି କେମିତି ଏକ ଲଗାମହୀନ ଭାବେ ନିଜ ଇଚ୍ଛାରେ ସମ୍ରାଟ ହୋଇଯାଏ, ନିଜ ଭିତରେ ସେ ନିଜେ ଏକାଙ୍ଗ ଚକ୍ରବର୍ତ୍ତୀର ଭାବନାରେ ବୁଡ଼ିରହେ, ଏହାକୁ ମହାଜନମାନେ ଭାରତୀୟ ଧାରାରେ 'ମୋହ' ବୋଲି କହିଛନ୍ତି। ତାରୁଣ୍ୟର ମୋହ। ଏଇ ମୋହ ସାମାଜିକ ତଥା ପାରିବାରିକ ବନ୍ଧନ ଭିତରେ ଦିଗହୀନର ରୂପ ସହଜରେ ନେଇପାରେ ନାହିଁ। ଦୁଇଟିଯାକ ବନ୍ଧନ ହୁଗୁଳା ଥାଏ, ତେବେ ଏଇ 'ମୋହ' ଦିଗ ଭାଙ୍ଗି କୂଳ ଲଂଘନ କରେ। ଜୀବନ ନଦୀରେ ଘାଇ ସୃଷ୍ଟି କରିଦିଏ। ଏହାର ପ୍ରାଚୀନ ଉଦାହରଣଟିଏ ଦେଇଛନ୍ତି ମହାକବି ବାଣଭଟ୍ଟ। କାଦମ୍ବରୀ ଗଦ୍ୟକାବ୍ୟରେ ଚନ୍ଦ୍ରାପୀଡ଼ଙ୍କ ପ୍ରତି ଶୁକନାଶଙ୍କର ଉପଦେଶ ତାହାର ଜ୍ୱଳନ୍ତ ଉଦାହରଣ। ବାସ୍ତବରେ ଯୌବନର ଲକ୍ଷଣ ହେଲା ଲାବଣ୍ୟ। ଏଇ ଲକ୍ଷଣ ହିଁ ଆମର କାମ୍ୟ। ଲାବଣ୍ୟର ଉପାସକ ହେବା ସାଧନାର କଥା। ଲାବଣ୍ୟର ମୋହରେ ଆକାଶ କୁସୁମ ତୋଳିବାର ନକାରାତ୍ମକ ପ୍ରଚେଷ୍ଟା ମୂଳରୁ ଜୀବନଧାରାକୁ ବିଗିଡେଇ ଦିଏ। ଦିନେ ବିଗିଡେଇ ଦେଇଥିଲା ସଂସ୍କୃତ ମହାଭାରତ କାଳରେ ଉତ୍ତରାପଥର ଏକ ଜାତିବିଶେଷକୁ। ଯୌବନ କାଳର ଯୌବନ ପାପ କରିବାରୁ ସେମାନେ ପରିଚିତ ହୋଇଥିଲେ ଯବନ ଭାବେ। ଏଠି ପାପର ବିଚାର ହୋଇଥିଲା ନିଷିଦ୍ଧ ଜନନେନ୍ଦ୍ରିୟ ସହିତ ସମ୍ପର୍କ ରଖିବା। ବାସ୍ତବରେ ମହାପ୍ରଭୁଙ୍କ ନବଯୌବନ ଲୀଳା ଏକ ଲାବଣ୍ୟମୟ ଲୀଳା, ଦେଖିଲେ ମନ ଭରିଯାଏ, ପାଟିରୁ ବାହାରି ଆସେ ଆହା କି ଦିବ୍ୟରୂପ ଦର୍ଶନ! ଏହି ଦିବ୍ୟ ଦର୍ଶନ ହିଁ ଉପଭୋଗର ମୃଗତୃଷ୍ଣାରୁ ମନକୁ ଅଜାଣତରେ ବାହୁଡ଼େଇ ନିଏ, ମୋହମୁକ୍ତ କରିଦିଏ ଚିତ୍ତକୁ, ବିପଥଗାମୀ ଇଚ୍ଛାକୁ ଲେଉଟେଇ ଆଣେ। ଜୀବନ ନଦୀରେ ଆଉ ଘାଇ ସୃଷ୍ଟି ହୁଏ ନାହିଁ। ମଣିଷ 'ଯବନ'ରେ ପରିଣତ ନ ହୋଇ 'ପାବନ'ରେ ପରିଣତ ହୁଏ ବୋଲି ଡ. ମିଶ୍ର କହିଛନ୍ତି।

# ୨୦୩୬ ସୁଦ୍ଧା ୫୦% ଇଭି ପଞ୍ଜୀକରଣ ଲକ୍ଷ୍ୟ

**ନୀତିରେ ଆସିବ ସଂଶୋଧନ**

ଭୁବନେଶ୍ୱର, ୨୫।୬ (ରବିନାରାୟଣ ଜେନା)

୨୦୩୬ ସୁଦ୍ଧା ବୈଦ୍ୟୁତିକ ଯାନ (ଇଭି) ପଞ୍ଜୀକରଣ ହାର ଯେଭଳି ୫୦% ଛୁଇଁବ ସେନେଇ ବୁଧବାର ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଶକ୍ତି ବିଭାଗ ପକ୍ଷରୁ ଯୁଗ୍ମ ଭାବେ ଓଡ଼ିଶା ଇଭି ନୀତି-୨.୦ର ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ଉପସ୍ଥିତ ଥିଲେ। ବୈଠକର ସୂଚନା ଅନୁଯାୟୀ, ୨୦୨୧ରେ ମୋଟ ଯାନ ମଧ୍ୟରୁ ୧.୧୬% ଇଭି ପଞ୍ଜୀକୃତ ହୋଇଥିଲା। ଚଳିତବର୍ଷ ଜୁନ୍ ୨୦ ସୁଦ୍ଧା ଏହି ପଞ୍ଜୀକରଣ ୮.୭୧% ହୋଇଛି। ଓଡ଼ିଶାରେ ବର୍ତ୍ତମାନ ୫୫୦ରୁ ଅଧିକ ପବ୍ଲିକ୍ ଚାର୍ଜିଂ ଷ୍ଟେଶନ ରହିଛି, ଯେଉଁଥିରେ ଦୁଇଚକିଆ ଓଇଏମ୍, ଡିସ୍କମ୍ ଏବଂ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ କ୍ୟାପ୍ଟିଭ୍ ଭିତ୍ତିଭୂମି ଅନ୍ତର୍ଭୁକ୍ତ। ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପୂର୍ବରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଇଭି ଚାର୍ଜିଂ ଷ୍ଟେଶନ ବିକାଶ ପାଇଁ ପ୍ରସ୍ତାବ ରଖିଥିଲା। ଏହାକୁ ନେଇ ଆଗାମୀ ଦିନରେ ଇଭି ନୀତିରେ ସଂଶୋଧନ ଅଣାଯିବାକୁ ରହିଛି। ସହରାଞ୍ଚଳ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଚାର୍ଜିଂ ପଏଣ୍ଟ ସ୍ଥାପନ ତ୍ୱରାନ୍ୱିତ ହେଲେ ଏହି ଲକ୍ଷ୍ୟ ହାସଲ ହୋଇପାରିବ। ଇଭି ପାଇଁ ଆର୍ଥିକ ସହାୟତା ପ୍ରଦାନ ଲାଗି ପ୍ରଧାନମନ୍ତ୍ରୀ ଇ-ଡ୍ରାଇଭ୍ ଯୋଜନାକୁ ସକ୍ରିୟ ଭାବେ ରାଜ୍ୟ ବ୍ୟବହାର କରିବ। ଇଭି ନୀତିରେ କେତେକ ପରିବର୍ତ୍ତନ ଅଣାଯିବାକୁ ରହିଛି, ଯାହାକି ସବୁଜ ଗତିଶୀଳତାକୁ ପ୍ରୋତ୍ସାହିତ କରିବ।

# ରଥଯାତ୍ରା ପାଇଁ ପୁରୀ ରେଳଷ୍ଟେଶନରେ ପ୍ରସ୍ତୁତି ଅନୁଧ୍ୟାନ କଲେ ଫୁଙ୍କୱାଲ

- ୬୯ ଅତିରିକ୍ତ ଟିକେଟ୍ କାଉଣ୍ଟର ବ୍ୟବସ୍ଥା
- ଭିଡ଼ ନିୟନ୍ତ୍ରଣ, ଯାତ୍ରୀ ସୁରକ୍ଷାକୁ ଗୁରୁତ୍ୱ
- ଦିବ୍ୟାଙ୍ଗ, ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ସେବା

ଭୁବନେଶ୍ୱର,୨୫।୬ (ଅନୁରାଧା ମହାରଣା)

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ତୀର୍ଥଯାତ୍ରୀଙ୍କ ସୁଗମ ପରିବହନ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବାକୁ ପୂର୍ବତଟ ରେଳପଥ ବ୍ୟାପକ ପ୍ରସ୍ତୁତି କରିଛି। ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବୁଧବାର ପୁରୀ ରେଳଷ୍ଟେଶନରେ ପହଞ୍ଚି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପୁରୀକୁ ୩୬୫ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ପୁରୀରେ ସମର୍ପିତ ତୀର୍ଥଯାତ୍ରୀ ପ୍ରତୀକ୍ଷା କ୍ଷେତ୍ର ଏବଂ ମେଳା ଶେଡ୍ ପ୍ରତିଷ୍ଠା କରାଯାଇଛି। ମଡ୍ୟୁଲାର ଶୌଚାଳୟ ଓ ପାନୀୟ ଜଳ ବୁଥ୍ ସହ ମୋବାଇଲ ଚାର୍ଜିଂ ଷ୍ଟେଶନ, ଛାଇଯୁକ୍ତ ବିଶ୍ରାମ କ୍ଷେତ୍ର, ଆମ୍ବୁଲାନ୍ସ, ପ୍ରାଥମିକ ଚିକିତ୍ସା ସୁବିଧା ଏବଂ ମୋବାଇଲ ଏଟିଏମ୍ ବ୍ୟବସ୍ଥା କରାଯାଇଛି। ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ, ସ୍ୱେଚ୍ଛାସେବୀଙ୍କ ସହିତ ଆରପିଏଫ୍ ଓ ଜିଆର୍‌ପି ନିୟୋଜନ, ଦ୍ୱିସ୍ତରୀୟ ଟିକେଟ ଯାଞ୍ଚ ଏବଂ ରଣନୈତିକ ବ୍ୟାରିକେଡିଂ ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ ସୁନିଶ୍ଚିତ କରାଯିବ। ଅନ୍ୟପଟେ ଇକୋର୍ ଯାତ୍ରା ଆପ୍ ଏବଂ ୟୁଟିଏସ୍ ଆପ୍ ମାଧ୍ୟମରେ ମୋବାଇଲ ଟିକେଟିଂ ସୁବିଧା ଉପଲବ୍ଧ କରାଯାଇଥିବାବେଳେ ପୁରୀ ଷ୍ଟେଶନରେ ୩୪ଟି ବୁକିଂ କାଉଣ୍ଟର, ଭୁବନେଶ୍ୱର, ଖୋର୍ଦ୍ଧାରୋଡ୍, କଟକ, ବ୍ରହ୍ମପୁର, ଭଦ୍ରକ ଭଳି ଜଙ୍କ୍ସନରେ ୩୫ଟି ଅତିରିକ୍ତ କାଉଣ୍ଟର ରହିବ। ସ୍ଥାନୀୟ ହସ୍ତଶିଳ୍ପ, ହସ୍ତତନ୍ତ ପ୍ରଦର୍ଶନ କରୁଥିବା 'ଗୋଟିଏ ଷ୍ଟେଶନ ଗୋଟିଏ ଉତ୍ପାଦ' ଷ୍ଟଲ୍ ସହ ପ୍ଲାଟ୍‌ଫର୍ମ ଏବଂ ମେଳା ଶେଡ୍‌ରେ ଅସ୍ଥାୟୀ ଖାଦ୍ୟଷ୍ଟଲ୍ ସ୍ଥାପନ କରାଯାଇଛି। ସମସ୍ତ ପ୍ରବେଶ, ପ୍ରସ୍ଥାନ ଏବଂ ବୁକିଂ ଜୋନ୍‌ରେ ଆରପିଏଫ୍ ଏବଂ ଜିଆର୍‌ପି ନିୟୋଜନ କରାଯାଇଛି। ୨୫୦ ସିସିଟିଭି କ୍ୟାମେରା, ଡ୍ରୋନ୍, ସ୍ନିଫର କୁକୁର ଏବଂ ଅଗ୍ନିଶମ କର୍ମଚାରୀ ମୁତୟନ କରାଯାଇଛି। ମୁହଁ ଚିହ୍ନଟ ପ୍ରଯୁକ୍ତିବିଦ୍ୟା, ମାନୁଆଲ ଯାଞ୍ଚ ଏବଂ ଡୁଆଲ-ଷ୍ଟେଜ୍ ଟିକେଟ ଯାଞ୍ଚ ସହିତ ୧୦ ପ୍ରବେଶ ଫାଟକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ୍ ଏବଂ କଟକ ଭଳି ପ୍ରମୁଖ ଜଙ୍କ୍ସନରେ କଡ଼ାକଡ଼ି ଯାଞ୍ଚ ଉପରେ ଗୁରୁତ୍ୱାରୋପ କରାଯାଇଛି। ବୟସ୍କ, ମହିଳା, ପିଲା ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦୁର୍ବଳ ଲୋକଙ୍କ ପାଇଁ ବିଶେଷ ସୁବିଧା କରାଯାଇଛି। ପ୍ଲାଟଫର୍ମକୁ ଯାତାୟାତ ପାଇଁ ବ୍ୟାଟେରି ଗାଡ଼ି, ସଂରକ୍ଷିତ ଆସନ, ଛାଇଯୁକ୍ତ ବିଶ୍ରାମ କ୍ଷେତ୍ର ଏବଂ ସମସ୍ତ ପ୍ରମୁଖ ସ୍ଥାନରେ ମେଡିକାଲ କିଓସ୍କ କରାଯାଇଛି। ଯାତ୍ରୀମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟକର ଭୋଜନ ସେବା ଏବଂ ପାନୀୟଜଳ ଇତ୍ୟାଦି ଯୋଗାଇବା ପାଇଁ ପୂର୍ବତଟ ରେଳପଥ ବିଭିନ୍ନ ଏନ୍‌ଜିଓକୁ ସହଯୋଗ କରୁଛି।


# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଘୋଷଣା**

ନଥି ସଂଖ୍ୟା- IX (C)- 04/2025-130 ତା.29.03.2025

**No. V-10:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଜରୋଳି, ଥାନା-ଯୋଡ଼ା, ତହସିଲ-ବଡ଼ବିଲ, ଜିଲ୍ଲା-କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା - ବାମେବାରି, ରଣସାଳ ଘାଟି, ଭାୟା ଯୋଡ଼ା-ବାମେବାରି ଏକ୍ସପ୍ରେସ-୨ ରାସ୍ତାର ଉନ୍ନତୀକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୫୯, ତା.୨୧-୧୨-୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଜରୋଳି, ଥାନା-ଯୋଡା, ଜିଲ୍ଲା-କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.revenueodisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-କେନ୍ଦୁଝର ତହସିଲ-ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜରୋଳି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ.୩.୯୧୫ | ଏ.୧.୪୯୦ | ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କେନ୍ଦୁଝର ତହସିଲ-ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୯.୦୨.୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, କେନ୍ଦୁଝର

## ଭୂମି ଅନୁସୂଚୀ

**ପ୍ରକଳ୍ପର ନାମ- ବାମେବାରି, ରଣସାଳ ଘାଟି, ଭାୟା ଯୋଡ଼ା-ବାମେବାରି ଏକ୍ସପ୍ରେସ-୨ ରାସ୍ତାର ଉନ୍ନତୀକରଣ ମୌଜା-ଜରୋଳି, ଥାନା ନଂ-୪୧, ଥାନା-ଯୋଡ଼ା, ତହସିଲ-୨(୭୩), ତହସିଲ-ବଡ଼ବିଲ, ଜିଲ୍ଲା-କେନ୍ଦୁଝର**

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ଲଛମନ ପେଣ୍ଢେଇ, ପି-ଦୁଃଖୁ ପେଣ୍ଢେଇ, ଲକ୍ଷ୍ମଣ ପେଣ୍ଢେଇ, ପି-ନରୋତ୍ତମ ପେଣ୍ଢେଇ, ଜା-କମାର, ବା-ନିଜଗାଁ | ୭୮ | ଶାରଦ-୨ | ୦.୧୧୦ | ୦.୦୨୦ | |
| ୨ | ୬ | ଆର୍ତ୍ତ ବେହେରା, କାଳିଆ ବେହେରା, ଦୁଃଖୁ ବେହେରା, ପି-ବିଟା ବେହେରା, ଜା-ଗୋପାଳ, ବା-କମଳପୁର | ୩୩୮ | ବାଜେଫସଲ -୨ | ୦.୦୩୦ | ୦.୦୧୦ | |
| ୩ | ୨୫ | ଚରଣ ବିଶ୍ୱାଳ, ପି-ଅଚ୍ଯୁତ ବିଶ୍ୱାଳ, ଜା-ଖଣ୍ଡାୟତ, ବା-ନିଜଗାଁ | ୧୭୪ | ଘରବାରି | ୦.୧୧୦ | ୦.୦୨୦ | |
| ୪ | ୨୬ | ଚତୁର୍ଭୁଜ ଶର୍ମା, ପି-ଆଶୁରାମ ଶର୍ମା, ଜା-ବ୍ରାହ୍ମଣ, ବା-ନିଜଗାଁ | ୧୧୦ | ଘରବାରି | ୦.୦୮୦ | ୦.୦୨୦ | |
| | | | ୨୯୫ | ଘରବାରି | ୦.୧୧୦ | ୦.୦୨୦ | |
| ୫ | ୨୭ | ଚୈତନ୍ୟ ଚରଣ ମହାନ୍ତ, ପି-କୃଷ୍ଣ ଚନ୍ଦ୍ର ମହାନ୍ତ, ଜା-କୁଡୁମି, ବା-ନିଜଗାଁ | ୧୭୫/୪୨୭ | ଘରବାରି | ୦.୦୫୦ | ୦.୦୨୦ | |
| ୬ | ୩୪ | ଧନିଆଁ ପାତ୍ର, ପି-ବିଦା ପାତ୍ର, ଜା-ପାଣ, ବା-ଜଳହରି | ୨୨୭/୪୫୧ | ଶାରଦ-୨ | ୦.୦୫୦ | ୦.୦୧୦ | |
| ୭ | ୩୮ | ନରୋତ୍ତମ ବେହେରା, ପି-ବାସୁ ବେହେରା, ଜା-ଗୋପାଳ, ବା-କମଳପୁର | ୩୩୯ | ବାଜେଫସଲ -୨ | ୦.୧୬୦ | ୦.୧୫୦ | |
| | | | ୩୫୮ | ରାସ୍ତା | ୦.୫୦୦ | ୦.୨୬୦ | |
| ୮ | ୪୧ | ଦୁଃଖିଶ୍ୟାମ ପେଣ୍ଢେଇ, ଦବେନ୍ଦ୍ର ପେଣ୍ଢେଇ, ଗୋଲାପ ପେଣ୍ଢେଇ, ଉଲାସି ପେଣ୍ଢେଇ, ଗୁଲାଚି ପେଣ୍ଢେଇ, ପି-ନୀର ପେଣ୍ଢେଇ, ଜେଗା ପେଣ୍ଢେଇ, ସ୍ୱା-ଗୋପାଳ ପେଣ୍ଢେଇ, ସୁକୁମାରି ପେଣ୍ଢେଇ, ବାସନ୍ତୀ ପେଣ୍ଢେଇ, ପି-ଗୋପାଳ ପେଣ୍ଢେଇ, ଶରତ ପେଣ୍ଢେଇ, ସୀତା ପେଣ୍ଢେଇ, ସାରଥୀ ପେଣ୍ଢେଇ, ପି-ବୈଷ୍ଣବ ପେଣ୍ଢେଇ, ଅଶାଢ଼ି ପେଣ୍ଢେଇ, ପି-ଶିର ପେଣ୍ଢେଇ, ବାପି ପେଣ୍ଢେଇ, ସୁଲୋଚନା ପେଣ୍ଢେଇ, ପି-ବଇଦା ପେଣ୍ଢେଇ, ହୀରା ପେଣ୍ଢେଇ, ସ୍ୱା-ବଇଦା ପେଣ୍ଢେଇ, ରତ୍ନା ପେଣ୍ଢେଇ, କର ପେଣ୍ଢେଇ, ପି-ବିଦ୍ୟାଧର ପେଣ୍ଢେଇ, ଭଗବାନ ପେଣ୍ଢେଇ, ଅର୍ଜୁନ ପେଣ୍ଢେଇ | ୨୯୮/୪୮୫ | ଘରବାରି | ୦.୦୧୦ | ୦.୦୦୫ | |
| | | ଶଙ୍କର ପେଣ୍ଢେଇ, ଜଗା ପେଣ୍ଢେଇ, ଗୁରୁ ପେଣ୍ଢେଇ, ପି-ଇନ୍ଦା ପେଣ୍ଢେଇ, ଦୈତାରୀ ପେଣ୍ଢେଇ, ଶରତ ପେଣ୍ଢେଇ, ଦୁର୍ଗା ପେଣ୍ଢେଇ, ହେମନ୍ତି ପେଣ୍ଢେଇ, ପି-ହରିଆ ପେଣ୍ଢେଇ, ଶଶିଳା ପେଣ୍ଢେଇ, ପି-ରଙ୍ଗା ପେଣ୍ଢେଇ, ନେତ ପେଣ୍ଢେଇ, ପି-ଶଙ୍କର ପେଣ୍ଢେଇ, ଜା-କମାର, ବା-ନିଜଗାଁ | ୨୯୮/୫୨୦ | ଘରବାରି | ୦.୧୫୦ | ୦.୦୧୦ | |
| ୯ | ୪୨ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ, ପି-କୃଷ୍ଣଚନ୍ଦ୍ର ମହାନ୍ତ, ଜା-କୁଡୁମି, ବା-ନିଜଗାଁ | ୧୭୪/୪୨୬ | ଘରବାରି | ୦.୦୬୦ | ୦.୦୨୦ | |
| ୧୦ | ୮୬/୩୫୩ | ସୁରେନ୍ଦ୍ର ମହାନ୍ତି, ପି-ବାସୁଦେବ ମହାନ୍ତି | ୩୩୭/୮୨୧ | ଘରବାରି | ୦.୧୧ | ୦.୦୨୦ | |
| ୧୧ | ୬୬ | ଲଛମନ ପେଣ୍ଢେଇ, ପି-ଦୁଃଖୁ ପେଣ୍ଢେଇ, ବେନୁକା ପେଣ୍ଢେଇ, ସ୍ୱା-ଦୁଃଖୁ ପେଣ୍ଢେଇ, ଲକ୍ଷ୍ମଣ ପେଣ୍ଢେଇ, ବିଦ ପେଣ୍ଢେଇ, ସାବିତ୍ରୀ ପେଣ୍ଢେଇ, କସ୍ତୁରି ପେଣ୍ଢେଇ, ପି-ନରୋତ୍ତମ ପେଣ୍ଢେଇ, ଇନ୍ଦେଇ ପେଣ୍ଢେଇ, ସ୍ୱା-ନରୋତ୍ତମ ପେଣ୍ଢେଇ, ଭଗବାନ ପେଣ୍ଢେଇ, ରାଧି ପେଣ୍ଢେଇ, ପି-ପିତେଇ ପେଣ୍ଢେଇ, ବାସ ପେଣ୍ଢେଇ, ଗୁରୁବାରି ପେଣ୍ଢେଇ, ପି-କାହ୍ନୁ ପେଣ୍ଢେଇ, ଶୁକ୍ରା ପେଣ୍ଢେଇ, ଧନୁ ପେଣ୍ଢେଇ, ପି-ନରି ପେଣ୍ଢେଇ, ଗୋପ ପେଣ୍ଢେଇ, ସାଗର ପେଣ୍ଢେଇ, କୁସୁନ ପେଣ୍ଢେଇ, ପି-ରତନ ପେଣ୍ଢେଇ, ଜା-କମାର, ବା-ନିଜଗାଁ | ୬୪ | ତଇଳା-୨ | ୦.୦୭୦ | ୦.୦୨୦ | |
| | | | ୭୮/୩୯୮ | ଶାରଦ-୨ | ୦.୦୧୦ | ୦.୦୦୫ | |
| ୧୨ | ୬୯ | ମହେଶ କୁମାର ଶର୍ମା, ଗଣେଶ କୁମାର ଶର୍ମା, ଜୟନ୍ତି ଶର୍ମା, ପଦ୍ମା ଉପାଧ୍ୟାୟ, ପି-ଲକ୍ଷ୍ମୀ ନାରାୟଣ ଶର୍ମା, ଶକୁନ୍ତଳା ଦେବୀ, ସ୍ୱା-ଲକ୍ଷ୍ମୀ ନାରାୟଣ ଶର୍ମା, ଜା-ବ୍ରାହ୍ମଣ, ବା-ଜରୋଳି | ୨୧୫/୪୪୨ | ଘରବାରି | ୦.୧୬୦ | ୦.୦୨୦ | |
| ୧୩ | ୭୧ | ଲକ୍ଷ୍ମୀ ନାରାୟଣ ଶର୍ମା, ଓମ୍ ପ୍ରକାଶ ଶର୍ମା, ପି-ଆଶୁରାମ ଶର୍ମା, ଜା-ବ୍ରାହ୍ମଣ, ବା-ନିଜଗାଁ | ୨୨୫ | ଘରବାରି | ୦.୧୦୦ | ୦.୦୧୦ | |
| ୧୪ | ୮୩ | ସଂଜୀବ କୁମାର ମହାନ୍ତି, ରାଜୀବ କୁମାର ମାହାନ୍ତି, ପ୍ରବଣ କୁମାର ମହାନ୍ତି, ଶୁଭ୍ରାରାଣୀ ମହାନ୍ତି, ସୁପ୍ରାରାଣୀ ମହାନ୍ତି, ପି-ସୁରେନ୍ଦ୍ର କୁମାର ମହାନ୍ତି, କାନନମୟୀ ମହାନ୍ତି, ସ୍ୱା-ସୁରେନ୍ଦ୍ର କୁମାର ମହାନ୍ତି, ଜା-କରଣ, ବା-ନିଜଗାଁ | ୩୫୬ | ତଇଳା-୨ | ୦.୧୫୦ | ୦.୦୬୦ | |
| ୧୫ | ୮୬/୨୧ | ସୁରେଶ କୁମାର ସେଦା ରାମେକା, ପି-ବ୍ରିଜିମୋହନ ସେଦା ରାମେକା, ଜା-ମାରୁଆଡି, ବା-ଜରୋଳି | ୩୩୫ | ଘରବାରି | ୦.୧୨୦ | ୦.୦୦୫ | |
| ୧୬ | ୮୬/୩୦ | ଶ୍ରୀମତୀ ଲାଲି ଜୟସୁଆଲ, ସ୍ୱା-ସାଲିକାରାମ ଜୟସୁଆଲ, ବା-ଜରୋଳି | ୩୫୯ | ଘରବାରି | ୦.୧୮୦ | ୦.୦୮୦ | |
| ୧୭ | ୮୬/୩୧୬ | ଜଗନ୍ନାଥ ମଜୁମଦାର, ପି-ରବୀନ୍ଦ୍ର ମଜୁମଦାର, ଜା-କାୟସ୍ଥ, ବା-କମାରେଯାଡା | ୨୯୪ | ଘରବାରି | ୦.୦୭୦ | ୦.୦୧୦ | |
| ୧୮ | ୮୬/୬୩ | ଇସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ, ବଡବିଲ, ବା-ବଡବିଲ | ୨୨୩ | ଘରବାରି | ୦.୦୮୦ | ୦.୦୧୦ | |
| | | | ୨୨୪/୪୫୦ | ଘରବାରି | ୦.୦୬୦ | ୦.୦୦୫ | |
| ୧୯ | ୮୬/୭୧ | କାମତା ପ୍ରସାଦ ଜୟସୁଆଲ, ପି-ଅମ୍ରିତ ଲାଲ ଜୟସୁଆଲ, କଳାବତି ଜୟସୁଆଲ, ସ୍ୱା-ଅମ୍ରିତଲାଲ ଜୟସୁଆଲ, ବା-ଜରୋଳି | ୬୧ | ଘରବାରି | ୦.୧୫୦ | ୦.୦୫୦ | |
| ୨୦ | ୮୬/୮୨ | ଦୈତାରି ବିଶ୍ୱାଳ, ପି-ପହଲଦ ବିଶ୍ୱାଳ, ବା-ଜରୋଳି | ୮୨ | ଶାରଦ-୩ | ୦.୦୪୦ | ୦.୦୨୦ | |
| ୨୧ | ୮୬/୧୨୩ | ଲକ୍ଷ୍ମୀ ନାରାୟଣ ଶର୍ମା, ଜା-ବ୍ରାହ୍ମଣ, ବା-ଜରୋଳି ରେ, ମି କେସ୍ ନମ୍ବର-୦୨/୨୦୦, ହୁକୁମ ମୁତାବକ ଓମ ପ୍ରକାଶ ଶର୍ମାଙ୍କ ନାମ କର୍ତନ କରାଗଲା ଓ ଖାତା, ସତ୍ର ପ୍ଲଟ, ଏରିଆ ପୂର୍ବପରି ଜାଏମ ରହିଲା | ୨୨୬ | ଘରବାରି-୧ | ୦.୪୬୦ | ୦.୧୬୦ | |
| ୨୨ | ୮୬/୧୩୩ | ହରିହର ବେହେରା, ପି-ଆର୍ତ୍ତ ବେହେରା, ବା-କମଳପୁର, ଥା-ଯୋଡା | ୩୩୮/୬୪୭ | ଘରବାରି | ୦.୧୦୦ | ୦.୦୫୦ | |
| ୨୩ | ୮୬/୧୪୧ | ସନାତନ ପେଣ୍ଢେଇ, ପି-ପଣ୍ଡୁ ପେଣ୍ଢେଇ, ଜା-କମାର, ବା-ଜରୋଳି | ୧୭୩ | ଘରବାରି | ୦.୦୪୫ | ୦.୦୧୦ | |
| ୨୪ | ୮୬/୧୪୫ | ନେପାଳ ଚନ୍ଦ୍ର କର୍ମକାର, ପି-ନିରଞ୍ଜନ କର୍ମକାର, ଜା-ଲୋହାର, ବା-ନିଜଗାଁ | ୩୩୮/୬୫୬ | ବାଜେ ଫସଲ-୨ | ୦.୧୧୦ | ୦.୦୫୦ | |
| ୨୫ | ୮୬/୨୪୦ | ସଂଜୀବ କୁମାର ମହାନ୍ତି, ପି-ସୁରେନ୍ଦ୍ର କୁମାର ମହାନ୍ତି, ଜା-କରଣ, ବା-ଜରୋଳି | ୩୩୯/୫୩୭ | ଘରବାରି | ୦.୧୫୦ | ୦.୧୪୦ | |
| ୨୬ | ୮୬/୨୬୮ | ଜୟ ଶଙ୍କର ପ୍ରସାଦ ସିଂ, ପି-ରାଧାକାନ୍ତ ସିଂ, ଜା-ବ୍ରାହ୍ମଣ, ବା-ନିଜଗାଁ | ୭୯ | ଘରବାରି | ୦.୦୫୦ | ୦.୦୩୦ | |
| ୨୭ | ୮୬/୨୮୩ | ଅନିଲ ଜୟସୁଆଲ, ପି-ଅସରଫିଲାଲ ଜୟସୁଆଲ, ଜା-ବଣିଆ, ବା-ନିଜଗାଁ | ୩୩୯/୫୩୦ | ଘରବାରି | ୦.୧୦୦ | ୦.୦୯୦ | |
| ୨୮ | ୯୦/୧ | ସୁରେଶ ଜୟସୁଆଲ, ପି-ଶିବ ମୋହନ ଜୟସୁଆଲ, ଜା-କାଲୁଆର, ବା-ନିଜଗାଁ | ୩୩୮/୬୦୮ | ଘରବାରି | ୦.୦୬୦ | ୦.୦୨୦ | |
| ୨୯ | ୯୦/୪ | ହରିଶଙ୍କର ଜୟସୁଆଲ, ପି-ମୋହନ ପ୍ରସାଦ ଜୟସୁଆଲ, ବା-ଜରୋଳି | ୩୩୮/୫୭୫ | ଘରବାରି | ୦.୧୦୦ | ୦.୦୫୦ | |
| ୩୦ | ୮୬/୪୧୦ | ସନ୍ତୋଷ ଆପଟ, ପି-କଳାକାର ଆପଟ, ଜା-ଗୋପାଳ, ବା-ନିଜଗାଁ | ୮୧ | ଶାରଦ-୩ | ୦.୦୩୦ | ୦.୦୧୦ | |
| | | | | ମୋଟ | ୩.୯୧୫ | ୧.୪୯୦ | |

Sd./-
AMIN
L.A. (Gen.) Section
Collectorate, Keonjhar

Sd./-
Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./- ଭୂ-ଅର୍ଜନ ଅଧିକାରୀ,
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,
କେନ୍ଦୁଝର

OIPR-24045/14/0025/2526

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୬/୨୦୨୫ Bhubaneswar, Thursday, June 26/ 2025

# ୫ ଶତକ ସତ୍ତ୍ୱେ ପରାଜୟରେ ଭାରତ ପ୍ରଥମ

ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଇଂଲଣ୍ଡର ଲିଡ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂଲଣ୍ଡ ୫ ଉଇକେଟରେ ବିଜୟୀ ହୋଇଛି।

● ୧: ୫ ଶତକ ହାସଲ ସତ୍ତ୍ୱେ ଟେଷ୍ଟ ମ୍ୟାଚ ହାରିବାରେ ଭାରତ ପ୍ରଥମ ଦଳ ହୋଇଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ୧୯୨୮ରେ ମେଲବୋର୍ନଠାରେ ଇଂଲଣ୍ଡ ବିପକ୍ଷରେ ୪ ଶତକ ସତ୍ତ୍ୱେ ପରାଜିତ ହୋଇଥିଲା। ମାତ୍ର ଭାରତ ଏବେ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ଲିଡ୍ସରେ ରିଷଭ ପନ୍ତ ୨ଟି ଏବଂ ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଗୋଟିଏ ଲେଖାଏ ଶତକ ହାସଲ କରିଥିଲେ।

## ପ୍ରଥମ ଟେଷ୍ଟ ପରିସଂଖ୍ୟାନ

● ୩୭୧: ଇଂଲଣ୍ଡ ଏହି ମ୍ୟାଚରେ ୩୭୧ ରନକୁ ସଫଳତାର ସହ ଚେଜ୍ କରିଥିଲା। ଇଂଲଣ୍ଡ ପାଇଁ ଚତୁର୍ଥ ଇନିଂସରେ ଏହାଥିଲା ଦ୍ୱିତୀୟ ସର୍ବାଧିକ ଚେଜ୍ ଏବଂ ଭାରତ ବିପକ୍ଷରେ କୌଣସି ଦଳ ଲାଗି ଦ୍ୱିତୀୟ ବୃହତ୍। ୨୦୨୨ରେ ଏଜବାଷ୍ଟନଠାରେ ଭାରତ ବିପକ୍ଷରେ ଇଂଲଣ୍ଡ ସର୍ବାଧିକ ୩୭୮ ରନ ଚେଜ୍ କରିଥିଲା।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ବେନ୍ ଡକେଟ।

● ୩୫୦: ପଞ୍ଚମ ତଥା ଅନ୍ତିମ ଦିବସରେ ଇଂଲଣ୍ଡ ମ୍ୟାଚ ଜିତିବାକୁ ୩୫୦ ରନ ଆବଶ୍ୟକ କରୁଥିଲା। ଅନ୍ତିମ ଦିବସରେ ଏହାଠାରୁ ଅଧିକ ରନ ଗୋଟିଏ ମାତ୍ର ଦଳ ଚେଜ୍ କରିବାରେ ସକ୍ଷମ ହୋଇଛି। ୧୯୪୮ ହେଡିଂଲେ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଅନ୍ତିମ ଦିବସରେ ୪୦୪ ରନ ସଂଗ୍ରହ କରି ଏହି ରେକର୍ଡର ଅଧିକାରୀ ରହିଛି।

● ୮୩୫: ଲିଡ୍ସ ଟେଷ୍ଟରେ ଭାରତ ୮୩୫ ରନ କରିବା ସତ୍ତ୍ୱେ ପରାଜିତ ହୋଇଥିଲା। ଏତେ ରନ କରିବା ସତ୍ତ୍ୱେ ପରାସ୍ତ ହେବା ଭାରତ ପାଇଁ ଏହା ପ୍ରଥମ। ପୂର୍ବରୁ ୨୦୧୪ରେ ଆଡିଲେଡ୍‌ଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୭୫୯ ରନ କରିବା ସତ୍ତ୍ୱେ ପରାଜୟ ସ୍ୱାଦ ଚାଖିଥିଲା। ଏବେ ଏହାକୁ ଟପିଯାଇଛି। ଏହି ତାଲିକାରେ ଇଂଲଣ୍ଡ ଶୀର୍ଷରେ ରହିଛି। ୧୯୪୮ରେ ଲିଡ୍ସଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୮୬୧ ରନ କରିବା ସତ୍ତ୍ୱେ ପରାଜିତ ହୋଇଥିଲା।

● ୩: ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟର ୪ଟି ଯାକ ଇନିଂସରେ ୩୫୦ରୁ ଅଧିକ ସ୍କୋର ହୋଇଥିଲା। ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟରେ ଏହା ତୃତୀୟ ଦୃଷ୍ଟାନ୍ତ। ପୂର୍ବରୁ ଆଶେସ ସିରିଜର ୧୯୨୧ ଆଡିଲେଡ ଓ ୧୯୪୮ ହେଡିଂଲେ ଟେଷ୍ଟରେ ଏହା ହୋଇଥିଲା।

● ୧୬୭୩: ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟରେ ମୋଟ ୧୬୭୩ ରନ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ କୌଣସି ଟେଷ୍ଟରେ ଏହା ସର୍ବାଧିକ। ପୂର୍ବରୁ ୧୯୯୦ରେ ମାଞ୍ଚେଷ୍ଟରଠାରେ ୧୬୧୪ ରନ ସ୍କୋର ହୋଇଥିଲା। ମାତ୍ର ସେତେବେଳେ ଏହି ମ୍ୟାଚ ଡ୍ର ରହିଥିଲା।

● ୫: ହେଡିଂଲେରେ ଏହାକୁ ମିଶାଇ ୫ ଥର ଚତୁର୍ଥ ଇନିଂସରେ ୩୦୦+ ରନ ଚେଜ୍ ହୋଇଛି। ଡର୍ବାନର କିଙ୍ଗ୍ସମିଡ୍‌ରେ ଦ୍ୱିତୀୟ ସର୍ବାଧିକ ୩ ଥର ଏହା ହୋଇପାରିଛି।

● ୧୪୯: ବେନ୍ ଡକେଟଙ୍କ ୧୪୯ ରନ ଭାରତ ବିପକ୍ଷରେ ଚତୁର୍ଥ ଇନିଂସରେ କୌଣସି ବ୍ୟାଟରଙ୍କ କ୍ଷେତ୍ରରେ ସର୍ବାଧିକ। ୨୦୨୨ରେ ଏଜବାଷ୍ଟନଠାରେ ଜୋ ରୁଟ୍ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ୧୪୨ ରନକରି ଅପରାଜିତ ରହିଥିଲେ।

● ୧୮୮: ଡେକଟ ଓ ଜ୍ୟାକ କ୍ରଲିଙ୍କ ଓପନିଂ ଯୋଡ଼ିରେ ୧୮୮ ରନର ଭାଗୀଦାରି କୌଣସି ଟେଷ୍ଟ ମ୍ୟାଚର ୪ର୍ଥ ଇନିଂସରେ ୫ମ ସର୍ବାଧିକ। ଇଂଲଣ୍ଡ ପାଇଁ ଏହା ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍। ୧୯୯୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ଆଥର୍ଟନ ଓ ଗ୍ରାହାମ ଗୁଚ୍ ୨୦୩ ରନ ଯୋଡ଼ିଥିଲେ।

● ୧୨: ଉଭୟ ଇନିଂସରେ ଶତକ ସତ୍ତ୍ୱେ କୌଣସି ଟେଷ୍ଟରେ ପରାଜୟ ସ୍ୱାଦ ଚାଖିବାରେ ରିଷଭ ପନ୍ତ ହେଉଛନ୍ତି ଦ୍ୱାଦଶ ଖେଳାଳି। ଏହା ପୂର୍ବରୁ ୧୧ଶ ଖେଳାଳିଭାବେ ଜିମ୍ବାୱେର ବ୍ରେଣ୍ଡନ ଟେଲର ୨୦୧୮ରେ ବାଂଲାଦେଶ ବିପକ୍ଷରେ ଏହି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ।

## ପନ୍ତଙ୍କୁ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଂ

ଦୁବାଇ,୨୫।୬(ପି.ଟି.)

ଆଇସିସି ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ନୂଆ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଭାରତର ଉଇକେଟ୍‌କିପର ବ୍ୟାଟର ରିଷଭ ପନ୍ତ ବ୍ୟାଟରଙ୍କ ର୍ୟାଙ୍କିଙ୍ଗ୍‌ରେ ସପ୍ତମ ପୋଜିଶନ ଅଧିକାର କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଉଭୟ ଇନିଂସରେ ଶତକ ହାସଲ କରିବା ପରେ ତାଙ୍କ ର୍ୟାଙ୍କିଙ୍ଗ୍‌ରେ ଏଭଳି ଉନ୍ନତି ଆସିଛି। ବିଶ୍ୱର ଦ୍ୱିତୀୟ ଉଇକେଟ୍‌କିପର ବ୍ୟାଟର ଭାବେ ପନ୍ତ ଗୋଟିଏ ଟେଷ୍ଟରେ ଦୁଇଟି ଶତକ ହାସଲ କରିଥିଲେ। ଲିଡ୍ସ ଟେଷ୍ଟରେ ପନ୍ତ ଯଥାକ୍ରମେ ୧୩୪ ଓ ୧୧୮ ରନ୍‌ର ଇନିଂସ ଖେଳିଥିଲେ। ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ଶତକ କରିଥିବା ଭାରତର ନୂଆ ଟେଷ୍ଟ ଅଧିନାୟକ ଶୁବମନ ଗିଲ ୫ ସ୍ଥାନ ଉପରକୁ ଉଠି ୨୦ତମ ସ୍ଥାନରେ ରହିଛନ୍ତି। ୫ ଉଇକେଟ ନେଇଥିବା ଭାରତର ଯଶପ୍ରୀତ ବୁମ୍‌ରା ଟେଷ୍ଟ ବୋଲରଙ୍କ ତାଲିକା ଶୀର୍ଷରେ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେନ୍ ଡକେଟ ୫ଟି ସୋପାନ ଉପରକୁ ଉଠି ୮ମ ସ୍ଥାନ ଅଧିକାର କରିଛନ୍ତି। ସେ ପ୍ରଥମ ଇନିଂସରେ ୬୨ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିସରେ ୧୪୯ ରନ୍ ପାଳି ଖେଳି ଇଂଲଣ୍ଡକୁ ଜିତାଇଥିଲେ। ଭେଟେରାନ ଜୋ ରୁଟ୍ ବ୍ୟାଟରଙ୍କ ତାଲିକାରେ ନଂ-୧ ପୋଜିଶନରେ ରହିଛନ୍ତି।

## ଜୁନିୟର ପୁରୁଷ ହକି

## ଭାରତ ୨-୧ରେ ଅଷ୍ଟ୍ରେଲିଆକୁ ହରାଇଲା

**ବର୍ଲିନ,୨୫।୬(ପି.ଟି.):** ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ନେଶନ୍ସ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଦୁଇ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ହେଲେ କୌଣସି ଦଳ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଅଧିନାୟକ ଟୋବି ମାଲନ(୪୦ତମ ମିନିଟ୍)ଙ୍କ ଗୋଲ ବଳରେ ଅଷ୍ଟ୍ରେଲିଆ ଅଗ୍ରଣୀ ହାସଲ କରିଥିଲା। ୪୫ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ରୋହିତ ଗୋଲରେ କନଭର୍ଟ କରିଥିଲେ। ଏଥିଯୋଗୁ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ମ୍ୟାଚ୍‌ର ସ୍କୋର ଲାଇନ ୧-୧ରେ ବରାବର ରହିଥିଲା। ଚତୁର୍ଥ କ୍ୱାର୍ଟରରେ ଅଜିତ୍ ଯାଦବ (୫୨ତମ)ଙ୍କ ଗୋଲ୍ ଭାରତର ବିଜୟ ନିଶ୍ଚିତ କରିଥିଲା। ଏହି ବିଜୟ ସହ ଭାରତୀୟ ଦଳର ବର୍ଲିନ୍ ଟୁର ଶେଷ ହୋଇଛି। ପୁଲ୍ ପର୍ଯ୍ୟାୟରେ ଭାରତ ପ୍ରଥମ ମ୍ୟାଚ୍‌ରେ ୧-୭ ଗୋଲରେ ଆୟୋଜକ ଜର୍ମାନୀଠାରୁ ପରାଜିତ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୩-୧ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ୧-୫ ଗୋଲରେ ସ୍ପେନ୍‌ଠାରୁ ପରାଜିତ ହୋଇଥିଲା।

# ପ୍ରତ୍ୟାଶା ରାୟଙ୍କୁ ବ୍ରୋଞ୍ଜ ପଦକ



ବ୍ରୋଞ୍ଜ ପଦକ ସହ ପ୍ରତ୍ୟାଶା ରାୟ।

ଭୁବନେଶ୍ୱର, ୨୫।୬ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ୭୮ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ବୁଧବାର ଚତୁର୍ଥ ଦିବସରେ ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ଓଡ଼ିଶାର ପ୍ରତିଷ୍ଠିତ ସନ୍ତରଣକାରୀ ପ୍ରତ୍ୟାଶା ରାୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହିଟ୍ସରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତ୍ୟାଶା ଫାଇନାଲ୍ସରେ ୨:୨୪.୭୭ ସେକେଣ୍ଡ ସମୟ ନେଇ ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ୪x୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ଓଡ଼ିଶା ଦଳ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛି। ପ୍ରତ୍ୟାଶା ରାୟ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ଅଂଶିକା ଆରାଧନା ସାହୁ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୧୨.୭୬ ସେକେଣ୍ଡ ସମୟ ନେଇ ୫ମ ସ୍ଥାନ ହାସଲ କରିଥିଲା। ମହିଳା ୫୦ ମିଟର ବଟରଫ୍ଲାଏରେ ସୃଷ୍ଟି ୨୮.୭୬ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନରେ ରହିବାରୁ ଅଳ୍ପକେ ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି।

ପ୍ରକାଶଯୋଗ୍ୟ, ଓଡ଼ିଶା ଏପର୍ଯ୍ୟନ୍ତ ମୋଟ ୪ଟି ପଦକ ହାସଲ କରିଛି। ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ୧:୦୩.୫୦ ସେକେଣ୍ଡ ସମୟ ନେଇ ସୃଷ୍ଟି ଉପାଧ୍ୟାୟ ରାଜ୍ୟ ପାଇଁ ପଦକ ଅଭିଯାନ ଆରମ୍ଭ କରିଥିଲେ। ତୃତୀୟ ଦିବସରେ ଅନୁଷ୍ଠିତ ମହିଳା ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସୃଷ୍ଟି ୨:୨୩.୧୧ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ

## ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍

ହାସଲ କରିଥିବାବେଳେ ମହିଳା ୪x୧୦୦ ମିଡ୍‌ଲେ ରିଲେରେ ଓଡ଼ିଶା ଦଳ ରୌପ୍ୟ ପଦକ ହାସଲ କରିଥିଲା। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୨୭.୧୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା।

### ୪ ଜାତୀୟ ରେକର୍ଡ

ଚତୁର୍ଥ ଦିବସରେ ୪ଟି ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ମହାରାଷ୍ଟ୍ରର ରିଷବ ଅନୁପମ ଦାସ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ତାମିଲନାଡୁର ବି.ରୋହିତ ୫୦ ମିଟର ବଟରଫ୍ଲାଏ, କର୍ଣ୍ଣାଟକର ଧିନିଧି ଦେସିଙ୍ଘୁ ମହିଳା ୧୦୦ ମିଟର ଫ୍ରିଷ୍ଟାଇଲ ଏବଂ ତାମିଲନାଡୁ ଦଳ ୪x୧୦୦ ଫ୍ରିଷ୍ଟାଇଲ ରିଲେ ନୂଆ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି।

## ରଗ୍‌ବୀ ପ୍ରିମିୟର ଲିଗ୍

## କଳିଙ୍ଗ ବ୍ଲାକ ଟାଇଗର୍ସ ପରାସ୍ତ

ମୁମ୍ବାଇ,୨୫।୬

ଚଳିତ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ରେ ବୁଧବାର ଖେଳାଯାଇଥିବା ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ରେ କଳିଙ୍ଗ ବ୍ଲାକ ଟାଇଗର୍ସ ୨୬-୩୪ ପଏଣ୍ଟରେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସଠାରୁ ପରାସ୍ତ ହେଇଛି। ଏହି ବିଜୟ ସହ ବେଙ୍ଗାଲୁରୁ ପ୍ଲେଅଫ୍ ଲାଗି ଯୋଗ୍ୟତା ହାସଲ କରିଛି। ବେଙ୍ଗାଲୁରୁ ବର୍ତ୍ତମାନ ୯ ମ୍ୟାଚ୍‌ରେ ୨୧ ପଏଣ୍ଟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ହାଇଦ୍ରାବାଦ ହିରୋଜ ଓ ଚେନ୍ନାଇ ବୁଲ୍ସ ପ୍ଲେଅଫ୍ ଲାଗି ଯୋଗ୍ୟତା ହାସଲ କରିଥିଲେ। ଅନ୍ୟପକ୍ଷରେ ପରାଜୟ ଯୋଗୁ କଳିଙ୍ଗ ବ୍ଲାକ ଟାଇଗର୍ସର ପ୍ଲେଅଫ୍ ଖେଳିବା ଆଶା କ୍ଷୀଣ ହୋଇଯାଇଛି। ବର୍ତ୍ତମାନ କଳିଙ୍ଗ ଦଳ ୯ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି। ପଏଣ୍ଟ ଟେବୁଲର ଟପ୍-୪ ଦଳ ପ୍ଲେଅଫ୍‌କୁ କ୍ୱାଲିଫାଏ କରିବାକୁ ଥିବା ବେଳେ ଦିଲ୍ଲୀ ରେଡ୍‌ଜ ୭ ମ୍ୟାଚ୍‌ରୁ ୧୧ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। କଳିଙ୍ଗଠାରୁ ଦିଲ୍ଲୀ ଦୁଇଟି କମ୍ ମ୍ୟାଚ୍ ଖେଳିଛି, ହେଲେ ଦୁଇ ଦଳ ପାଖରେ ସମାନ ୧୧ ପଏଣ୍ଟ ରହିଛି। ମାତ୍ର ଲିଗ୍ ପର୍ଯ୍ୟାୟରେ କଳିଙ୍ଗକୁ ଗୋଟିଏ ମ୍ୟାଚ୍ ଖେଳିବାକୁ ଥିବା ବେଳେ ଦିଲ୍ଲୀକୁ ୩ ମ୍ୟାଚ୍ ଖେଳିବାର ଅଛି। ମ୍ୟାଚ୍‌ରେ କଳିଙ୍ଗ ପକ୍ଷରୁ ଏଥନ ଟର୍ନର ଦୁଇଟି ଟ୍ରାଇ ସ୍କୋର କରିଥିବା ବେଳେ ଲୁକାସ ଲାକାମ୍ପ ଓ ପେରୀ ବେକର ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ବିଜୟୀ ଦଳ ପାଇଁ ଫିଲିପ ୱୋକୋରଚ ଓ ଲିଆମ ପୁଲଟନ ଦୁଇଟି ଲେଖାଏ ସ୍କୋର କରିଥିବା ବେଳେ ଅର୍ପଣ ଛେତ୍ରୀ ଗୋଟିଏ ଟ୍ରାଇ କରିଥିଲେ।

## ଦ୍ୱିତୀୟ ଟେଷ୍ଟ: ବାଂଲାଦେଶ ୨୨୦/୮

**କଲମ୍ବୋ,୨୫।୬:** ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ବୁଧବାରଠାରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂକରି ୮ ଉଇକେଟ ହରାଇ ୨୨୦ ରନ୍ କରିଛି। ଦଳ ପକ୍ଷରୁ ଶଦମାନ ଇସ୍ଲାମ ୪୬, ମୁଶ୍‌ଫିକୁର ରହିମ ୩୫, ଲିଟନ ଦାସ ୩୪ ଓ ମେହିଦୀ ହାସନ ମିରାଜ ୩୧ ରନ୍‌କରି ଆଉଟ୍ ହୋଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ତାଇଜୁଲ ଇସ୍ଲାମ ୯ ଓ ଇବାଦତ ହୋସେନ ୫ ରନ୍‌ରେ ଅପରାଜିତ ଅଛନ୍ତି। ଘରୋଇ ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ନାଣ୍ଡୋ, ବିଶ୍ୱ ଫର୍ନାଣ୍ଡୋ ଓ ପଦାର୍ପଣକାରୀ ସୋନାଲ ଦିନୁଶା ୨ଟି ଲେଖାଏ ଉଇକେଟ ନେଇଛନ୍ତି।

# 'ଅଧିନାୟକ ଭାବେ ଗିଲ୍ ପ୍ରଭାବୀ ନ ଥିଲେ'

ଲିଡ୍ସ, ୨୫।୬ (ପି.ଟି.)



ଯଶପ୍ରୀତ୍ ବୁମ୍‌ରାଙ୍କ ସହ ଆଲୋଚନା ଅବସରରେ ଶୁବମନ ଗିଲ୍।

ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ନିକଟରୁ ଭାରତ ପରାଜୟ ପରେ ଟିମ୍ ଇଣ୍ଡିଆର ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ କୌଶଳକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଶୁବମନ ଗିଲ୍ ଅଧିନାୟକ ଭାବେ ପଡ଼ିଆ ଭିତରରେ ପ୍ରଭାବୀ ହୋଇପାରି ନ ଥିଲେ ବୋଲି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସିର ହୁସେନ ପ୍ରକାଶ କରିଛନ୍ତି। ''ଏହି ଯୁବ ଖେଳାଳି ନେତୃତ୍ୱ ନେବା କ୍ଷେତ୍ରରେ ସକ୍ରିୟ ରହିବା ପରିବର୍ତ୍ତେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଥିଲେ। ଫଳରେ ବିଶେଷ ପରିସ୍ଥିତିରେ ଅନ୍ୟ ଖେଳାଳିମାନେ ନିଜ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିପାରିଥିଲେ। ଯେତେବେଳେ ରୋହିତ କିମ୍ବା କୋହଲି ଅଧିନାୟକ ଥିଲେ ସେମାନେ ଦଳର ନେତୃତ୍ୱ ନେଉଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। ମାତ୍ର ଗତ ପ୍ରଥମ ଟେଷ୍ଟବେଳେ ଭାରତ ପକ୍ଷରୁ ଦୁଇ କିମ୍ବା ତିନିଜଣ ଅଧିନାୟକ କିମ୍ବା ଅଧିନାୟକଙ୍କ ଏକ କମିଟି ନିଷ୍ପତ୍ତି ନେଉଥିବା ପରିଲକ୍ଷିତ ହୋଇଥିଲା। ଗିଲ୍ ଦଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିପାରି ନ ଥିଲେ'' ବୋଲି ହୁସେନ କହିଛନ୍ତି। ଦଳ ଉପରେ ଗିଲଙ୍କ ନିୟନ୍ତ୍ରଣ ନ ରହିବା, କ୍ୟାଚ୍ ଡ୍ରପ୍ ଏବଂ ବ୍ୟାଟିଂ କୋଲାପ୍ସ ପାଇଁ ଭାରତୀୟ ଦଳ ହାରିଲା ବୋଲି ୫୭ ବର୍ଷୀୟ ହୁସେନ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତର ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟରେ ମୁଁ ଚିନ୍ତିତ। ଘରୋଇ ପରିବେଶରେ ଭାରତ ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡରଙ୍କୁ ନେଇ ଖେଳିଥାଏ। ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ପ୍ରମୁଖ ଭଲ ପ୍ରଦର୍ଶନ କରିଥାନ୍ତି। ମାତ୍ର ଇଂଲଣ୍ଡରେ ସେମାନେ ସିମ୍-ବୋଲିଂ ଅଲ୍‌ରାଉଣ୍ଡରଙ୍କ ଉପରେ ଭରସା କରୁଛନ୍ତି। ଯିଏକି ବ୍ୟାଟିଂ କରିପାରିବେ।

ପୂର୍ବତନ ଭାରତୀୟ କୋଚ୍ ରବି ଶାସ୍ତ୍ରୀ କିନ୍ତୁ ଗିଲ୍ ଆଶାଠାରୁ ଅଧିକ କିଛି କରିଛନ୍ତି ବୋଲି କହିଛନ୍ତି। ସେ ପ୍ରଥମ ଇନିଂସରେ ଶତକ ହାସଲ କରିଛନ୍ତି। ତେବେ କ୍ୟାଚ୍ ଡ୍ରପ୍ ଏବଂ ବ୍ୟାଟିଂ ବିପର୍ଯ୍ୟୟ ତାଙ୍କ ନିୟନ୍ତ୍ରଣରେ ନାହିଁ। ଏ କ୍ଷେତ୍ରରେ କୋଚିଂ ଷ୍ଟାଫ୍‌ଙ୍କୁ ବଡ଼ ଭୂମିକା ନେବାକୁ ପଡ଼ିବ। ଜୁଲାଇ ୨ରୁ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ଟେଷ୍ଟରେ ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବା ଉଚିତ ବୋଲି ଶାସ୍ତ୍ରୀ କହିଛନ୍ତି। ଯଦି ତାଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନିଆ ଯାଉଥାଏ ତେବେ ଆଉଥରେ ଚିନ୍ତା କରିବାକୁ ପଡ଼ିବ। ଯଦି ସେ ନ ଖେଳନ୍ତି ଏବଂ ଭାରତ ସିରିଜରେ ୦-୨ରେ ପଛୁଆ ହୋଇଯାଏ ତେବେ ଭାରତ ପାଇଁ ପ୍ରତ୍ୟାବର୍ତ୍ତନ କଷ୍ଟକର ହୋଇଯିବ ବୋଲି ଶାସ୍ତ୍ରୀ କହିଛନ୍ତି। ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିବା ବୁମ୍‌ରା ନିକଟରେ ବ୍ୟାକ୍ ଇଞ୍ଜୁରିରୁ ଫେରିଥିବାରୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜର ୩ଟି ଟେଷ୍ଟ ଖେଳିବାକୁ ଯୋଜନା କରୁଛନ୍ତି। ଇଂଲଣ୍ଡର ପୂର୍ବତନ ଫାଷ୍ଟବୋଲର ଷ୍ଟୁଆର୍ଟ ବ୍ରଡ୍ ମଧ୍ୟ ଭାରତ ବିଜୟ ସୁଯୋଗ ହାତଛଡ଼ା କଲା ବୋଲି ପ୍ରକାଶ କରିଛନ୍ତି। ଭାରତ ପାଇଁ ମ୍ୟାଚ ଜିତିବାକୁ ଅନେକ ସୁଯୋଗ ଥିଲା ବୋଲି ସେ କହିଛନ୍ତି।

## ଭାରତୀୟ ଦଳରୁ ହର୍ଷିତ ରିଲିଜ୍

ହେଡିଂଲେ,୨୫।୬: ଇଂଲଣ୍ଡ ବିପକ୍ଷ ୫ ଟେଷ୍ଟ ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ହର୍ଷିତ ରାଣାଙ୍କୁ ଭାରତୀୟ ଦଳରୁ ରିଲିଜ୍ କରାଯାଇଛି। ଏହି ଯୁବ ପେସରଙ୍କୁ ବ୍ୟାକ୍‌ଅପ୍ ବୋଲର ଭାବେ ଦଳରେ ରଖାଯାଇଥିଲା। ସେ ଦଳର ଅନ୍ୟ ଖେଳାଳିଙ୍କ ସହ ଦ୍ୱିତୀୟ ଟେଷ୍ଟ ଲାଗି ବର୍ମିଂହାମ ଅଭିମୁଖେ ଯାତ୍ରା କରି ନ ଥିଲେ। ଭାରତୀୟ ଦଳ ବୁଧବାର ଅପରାହ୍ନ ୧୧.୩୦ରେ ଲିଡ୍ସରୁ ୩ ଘଣ୍ଟାର ବସ୍ ଯାତ୍ରା ଆରମ୍ଭ କରିଥିଲା। ଆଗାମୀ ଦୁଇଦିନ ବିଶ୍ରାମ କରିବା ପରେ ଭାରତୀୟ ଦଳ ଦ୍ୱିତୀୟ ଟେଷ୍ଟ ଲାଗି ଟ୍ରେନିଂ ଆରମ୍ଭ କରିବ। ହେଡିଂଲେରେ ନୈରାଶ୍ୟଜନକ ପରାଜୟର ସମ୍ମୁଖୀନ ହୋଇଥିବା ଭାରତୀୟ ଦଳ ବର୍ମିଂହାମରେ ସିରିଜ୍‌କୁ ବରାବର କରିବା ଲକ୍ଷ୍ୟରେ ରହିଛି। ମୁଁ ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକରଙ୍କ ସହ କଥା ହେବି। କାରଣ ଦଳରେ ଏକ ଛୋଟ ସମସ୍ୟା ରହିଥିଲା। ଏଥିଯୋଗୁ ରାଣାଙ୍କୁ ଦଳରେ ବ୍ୟାକ୍‌ଅପ୍ ଭାବେ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନ ଦଳରେ ସମସ୍ତେ ଠିକ୍ ଅଛନ୍ତି। ଏଣୁ ତାଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିବ ବୋଲି ଗମ୍ଭୀର ମ୍ୟାଚ୍ ପରେ କହିଥିଲେ।



ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଅନୁଷ୍ଠିତ ୨୩ତମ ଜାତୀୟ ଜୁନିୟର ଫେଡେରେଶନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ପ୍ରତୀକ ମହାରଣା।

# ଜାତୀୟ ମହିଳା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୫।୬(ତପନ ସ୍ୱାଇଁ)

ଗୁଜରାଟର ଭୁଜ୍‌ଠାରେ ଚଳିତ ମାସ ୨୮ରୁ ଜୁଲାଇ ୩ ପର୍ଯ୍ୟନ୍ତ ୫୪ତମ ଜାତୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଚୟନ ହୋଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସଲ୍‌ମା ମୁର୍ମୁ, ଜୁଲ୍‌ଫା ମଲିକ, ସୁଶୀଳା ମାଝି, ଟ୍ୱିଙ୍କଲ ପ୍ରଧାନ, ଝରଣା ସାହୁ, ଆଲିସା ପ୍ରିୟଦର୍ଶିନୀ, ଲକ୍ଷ୍ମୀପ୍ରିୟା ଦାସ, ସୋନାଲିକା ବରାଳ, ଲକ୍ଷ୍ମୀପ୍ରିୟା ସାହୁ, ଦୁର୍ଗା ସେଠୀ, ମୋନାଲିସା ଦଳାଇ, ଦୀପ୍ତିମୟୀ ଦାସ, ସରିୟା ସାହୁ, ଶୁଭଶ୍ରୀ ଦାସ ମହାପାତ୍ର, ମଧୁସ୍ମିତା ପରିଡ଼ା, ଶୁଭଶ୍ରୀ ସ୍ୱାଇଁ ଓ ରାଜଲକ୍ଷ୍ମୀ ପୃଷ୍ଟି। କୋଚ୍ ମନୋଜ କୁମାର ନିଶଙ୍କ ଓ ମ୍ୟାନେଜର ପ୍ରଭାତୀ ପରିଡ଼ା ବୁଧବାର ଦଳସହ ଭୁଜ୍ ଯାତ୍ରା କରିଛନ୍ତି। ପ୍ରତିଯୋଗିତା ପରିଚାଳନା ପାଇଁ ଓଡ଼ିଶାର ବରିଷ୍ଠ ରେଫରି ଅର୍ଣ୍ଣବ କୁମାର ସିହ୍ନା ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳକୁ ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ରନାଥ ଦାସ, ଚୟନ କମିଟି ସଦସ୍ୟ ପ୍ରେମାନନ୍ଦ ବିହାରୀ ଓ ଯଶୋବନ୍ତ ପରମ୍‌ଗୁରୁ, ପ୍ରଭାତ ଦଳାଇ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ